ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୮/୨୦୨୩ (୧୪ ପୃଷ୍ଠା) Bhubaneswar, Thursday, December 28/2023 Page 14 ₹ 7.00
୫୦ଶ ଭାଗ ୩୫ ସଂଖ୍ୟା www.orissaksshabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 35 ମୂଲ୍ୟ₹୭/-



## ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତାକୁ ରୁଷିଆର ସମର୍ଥନ

ମସ୍କୋ,୨୭।୧୨

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ଭାରତର ସ୍ଥାୟୀ ସଦସ୍ୟତାକୁ ବୁଧବାର ରୁଷିଆର ସମର୍ଥନ ମିଳିଛି। ଏଥିସହ ନୂଆଦିଲ୍ଲୀ ପକ୍ଷରୁ ଜି୨୦ର ସଫଳ ଆୟୋଜନକୁ ମଧ୍ୟ 'ସତ୍ୟର ବିଜୟ' ଭାବେ ଅଭିହିତ କରି ମସ୍କୋ ପ୍ରଶଂସା କରିଛି। ସୁରକ୍ଷା ପରିଷଦରେ ବର୍ତ୍ତମାନ ୫ ସ୍ଥାୟୀ ଓ ୧୦ ଅସ୍ଥାୟୀ ସଦସ୍ୟ ରହିଛନ୍ତି। ୫ ସ୍ଥାୟୀ ସଦସ୍ୟ ହେଲେ ଆମେରିକା, ବ୍ରିଟେନ୍, ଚାଇନା, ରୁଷିଆ ଓ ଫ୍ରାନ୍ସ। ବିଶ୍ୱର ପରିବର୍ତ୍ତିତ ବାସ୍ତବତାକୁ ଦୃଷ୍ଟିରେ ରଖି ଜାତିସଂଘରେ ସଂସ୍କାର ଏବଂ ୟୁଏନ୍ଏସ୍‌ସି ସ୍ଥାୟୀ ସଦସ୍ୟତା ପାଇଁ ଭାରତ ଦୀର୍ଘ ସମୟ ଧରି ଦାବି କରିଆସୁଛି। ଏହି ପରିପ୍ରେକ୍ଷୀରେ ଭାରତର ସ୍ଥାୟୀ ସଦସ୍ୟତା ଦାବିକୁ ଆମେ ଦୃଢ଼ ଭାବେ ସମର୍ଥନ କରୁଛୁ ବୋଲି ୫ ଦିନିଆ ମସ୍କୋ ଗସ୍ତରେ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା ପରେ ରୁଷିଆ ପ୍ରତିପକ୍ଷ ସର୍ଗେଇ ଲାଭ୍ରୋଭ କହିଛନ୍ତି।

# ୧୪ରୁ ରାହୁଲଙ୍କ 'ନ୍ୟାୟ ଯାତ୍ରା'

ନୂଆଦିଲ୍ଲୀ,୨୭।୧୨



■ମଣିପୁରରୁ ମୁମ୍ବାଇ ୬,୨୦୦ କି.ମି.

■ଓଡ଼ିଶା ସମେତ ୧୪ ରାଜ୍ୟ ବୁଲିବେ

କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' ଭଳି ଆଉ ଏକ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ସେ ଜାନୁଆରୀ ୧୪ରୁ ମଣିପୁରରୁ ମୁମ୍ବାଇ ଅଭିମୁଖେ ବାହାରିବେ। ଏହା ମଧ୍ୟରେ ସେ ୧୪ ରାଜ୍ୟର ୮୫ ଜିଲା ଦେଇ ଯାତ୍ରା କରିବେ। ୬୭ ଦିନ ଧରି ଏହା ଚାଲିବ। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଜନ ସମର୍ଥନ ହାସଲ ପାଇଁ ଏହାକୁ କଂଗ୍ରେସର ଉଦ୍ୟମ ରୂପେ ଦେଖାଯାଉଛି।

ୱାୟନାଡ୍ ଏମ୍‌ପି ରାହୁଲ ଗାନ୍ଧୀ 'ଭାରତ ନ୍ୟାୟ ଯାତ୍ରା'ରେ ୬,୨୦୦ କି.ମି. ବୁଲିବେ। ଏଥିରୁ ଅଧିକାଂଶ ପଥ ସେ ବସ୍‌ରେ ଯାତ୍ରା କରିବେ। ଯେଉଁଠି ଆବଶ୍ୟକ ପଡ଼ିବ ପଦଯାତ୍ରା ମଧ୍ୟ କରିବେ। ଏହା ମାର୍ଚ୍ଚ ୨୦ରେ ଶେଷ ହେବ। ଏହା ପୂର୍ବରୁ ୨୦୨୨ ସେପ୍ଟେମ୍ବର ୭ରେ କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା' ଆରମ୍ଭ ହୋଇଥିଲା। ଉକ୍ତ ଅଭିଯାନରେ ରାହୁଲ କନ୍ୟାକୁମାରୀରୁ କଶ୍ମୀର ପର୍ଯ୍ୟନ୍ତ ୪,୦୦୦ରୁ ଊର୍ଦ୍ଧ୍ୱ କି.ମି. ୧୩୬ ଦିନ ଧରି ପଦଯାତ୍ରା କରିଥିଲେ। 'ଭାରତ ଯୋଡ଼ୋ ଯାତ୍ରା' ବେଳେ ସେ ଆର୍ଥିକ ଅସମାନତା, ଧ୍ରୁବୀକରଣ ଓ ଏକଛତ୍ରବାଦ ଭଳି ପ୍ରସଙ୍ଗ ଉଠାଇଥିଲେ। ଏଥର 'ନ୍ୟାୟ ଯାତ୍ରା'ରେ ରାହୁଲ ସାମାଜିକ, ଦେଶବାସୀଙ୍କ ପାଇଁ ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଉପରେ ଗୁରୁତ୍ୱ ଦେବେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଜାନୁଆରୀ ୧୪ରେ ମଣିପୁର ରାଜଧାନୀ ଇମ୍ଫାଲରେ 'ନ୍ୟାୟ ଯାତ୍ରା'ର ଶୁଭାରମ୍ଭ କରିବେ। ଏହି ଯାତ୍ରା ନାଗାଲାଣ୍ଡ, ଆସାମ, ମେଘାଳୟ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ର ଦେଇ ଗତିଶୀଳ ହେବ। ଆସନ୍ତା ଏପ୍ରିଲ-ମେ' ଆଡ଼କୁ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଏହି ଯାତ୍ରାରୁ ବିଶେଷ ରାଜନୈତିକ ଲାଭ ପାଇବା ନେଇ ଆଶାବାଦୀ। କାରଣ ଏହି ଯାତ୍ରା ଶେଷ ହେବା ବେଳକୁ ନିର୍ବାଚନ ତାରିଖ ଘୋଷଣା କରାଯାଇପାରେ। ଏହା ବ୍ୟତୀତ ଡିସେମ୍ବର ୨୮ରେ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ନାଗପୁରରେ ଦଳ ପକ୍ଷରୁ ଏକ ମେଗା ରାଲି କରାଯିବ। ହେଁ ତୈୟାର ହମ୍ ନାମରେ (ଆମେ ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ) କଂଗ୍ରେସର ନିର୍ବାଚନୀ ବିଗୁଲ ଏଇଠୁ ବାଜିବ। ଅନ୍ୟପକ୍ଷେ କଂଗ୍ରେସ ଲୋକଙ୍କୁ ଭକୁଆ ବନାଇବା ପାଇଁ 'ଭାରତ ନ୍ୟାୟ ଯାତ୍ରା'ର ଆୟୋଜନ କରୁଛି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ନଳିନ କୋହଲି ସମାଲୋଚନା କରିଛନ୍ତି। ଭାଜପା ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତଙ୍କ ପାଇଁ ବିକାଶ କରିଛନ୍ତି। ଏଥିରୁ ସଭିଏ ନ୍ୟାୟ ପାଉଛନ୍ତି। କଂଗ୍ରେସ ଅନେକ ଦଶନ୍ଧି ଧରି କ୍ଷମତାରେ ଥିବାବେଳେ ଏକ ଅନ୍ୟାୟ ବ୍ୟବସ୍ଥା ଚଳାଇଥିଲା। ସବୁ ପ୍ରକାର ଲୋକଙ୍କ ପ୍ରତି ଅନ୍ୟାୟ କଂଗ୍ରେସ ଅମଳରେ ହୋଇଛି।

## ୩୦ରେ ଭାରତ ବନ୍ଦ

### ସରନା ଧର୍ମକୁ ସ୍ୱୀକୃତି ଦାବି

ଜାମସେଦପୁର,୨୭।୧୨

ସରନା ଧର୍ମକୁ ସ୍ୱୀକୃତି ପ୍ରଦାନ ଦାବିରେ ଡିସେମ୍ବର ୩୦ରେ ଆଦିବାସୀ ସେଙ୍ଗେଲ ଅଭିଯାନ (ଏଏସ୍ଏ) ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। ସରନା ଧର୍ମାବଲମ୍ବୀମାନେ ଦୀର୍ଘବର୍ଷ ଧରି ଏହି ଦାବି କରିଆସୁଥିବାରୁ ଆଦିବାସୀ ସଙ୍ଗଠନ ଏଏସ୍ଏ ସେମାନଙ୍କ ସମର୍ଥନରେ ବାହାରିଛି। ଏଏସ୍ଏ ସଭାପତି ସଲଖାନ୍ ମୁର୍ମୁ କହିଛନ୍ତି, ସରନା ଧର୍ମ ଦେଶର ୧୫ କୋଟି ଆଦିବାସୀଙ୍କ ପରିଚୟ। ଏହି ଆଦିବାସୀ ଧର୍ମକୁ ସ୍ୱୀକୃତି ନ ଦେବା ଏକ ସାମ୍ବିଧାନିକ ଅପରାଧ ସଦୃଶ। ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଅନ୍ୟ ଧର୍ମ ଗ୍ରହଣ ପାଇଁ ବାଧ୍ୟ କରାଯିବାର ତାତ୍ପର୍ଯ୍ୟ ହେଉଛି ସେମାନଙ୍କୁ ଦାସତ୍ୱର ଧର୍ମ ଆପଣାଇବାକୁ ବାଧ୍ୟ କରିବା। ଉଭୟ କଂଗ୍ରେସ ଓ ଭାଜପା ଆଦିବାସୀମାନଙ୍କୁ ସେମାନଙ୍କ ଧର୍ମରୁ ବଞ୍ଚିତ କରୁଛନ୍ତି ବୋଲି ସେ କହିଛନ୍ତି। ମୁର୍ମୁ ଆହୁରି କହିଛନ୍ତି, ୧୯୫୧ ଜନଗଣନାରେ ଏହି ଧର୍ମ ପାଇଁ ସ୍ୱତନ୍ତ୍ର ସଂହିତା ରହିଥିଲା। କିନ୍ତୁ କଂଗ୍ରେସ ଏହାକୁ ହଟାଇ ଦେଇଥିଲା। ଏବେ ଭାଜପା ଆଦିବାସୀମାନଙ୍କୁ ବନବାସୀ ଓ ହିନ୍ଦୁ ରୂପେ ଧର୍ମାନ୍ତରଣ କରୁଛି। ତେଣୁ ଆଦିବାସୀ ସମ୍ପ୍ରଦାୟ ସ୍ୱାର୍ଥର ସୁରକ୍ଷା ପାଇଁ ଏଏସ୍ଏ ଉଦ୍ୟମ ଚଳାଇଛି। ଯେଉଁ ଦଳ ସରନାକୁ ଧର୍ମର ସ୍ୱୀକୃତି ଦେବ, ଆମେ ସେହି ପାର୍ଟିକୁ ଭୋଟ ଦେବୁ ବୋଲି ମୁର୍ମୁ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ସରନା ଧର୍ମାବଲମ୍ବୀ ଆଦିବାସୀମାନେ ପ୍ରକୃତି ପୂଜକ। ସେମାନେ ପର୍ବତ, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ପୂଜା କରିଥାଆନ୍ତି। ଜାତୀୟ ତଫସିଲଭୁକ୍ତ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି) ମଧ୍ୟ ଏହାକୁ ଧର୍ମର ମାନ୍ୟତା ପ୍ରଦାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଅନେକ ଆଦିବାସୀ ସଙ୍ଗଠନ ଓ ଖ୍ରୀଷ୍ଟିଆନ୍ ମିଶନାରି ସରନାଇଜମ୍ ପାଇଁ ଏକ ସୁସ୍ପଷ୍ଟ ଜନଗଣନା କରାଯାଉ ବୋଲି ଦାବି କରିଛନ୍ତି। ୨୦୨୦ରେ ଏହା ସପକ୍ଷରେ ଝାଡ଼ଖଣ୍ଡ ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ସଂକଳ୍ପନାମା ପାରିତ ହୋଇଥିଲା।

# ମସ୍‌ରତ୍ ଆଲାମ୍ ଗୋଷ୍ଠୀ ନିଷିଦ୍ଧ

ନୂଆଦିଲ୍ଲୀ,୨୭।୧୨


ମସରତ୍ ଆଲାମ ଭଟ୍ଟ

ବିଚ୍ଛିନ୍ନତାବାଦୀ ମସ୍‌ରତ୍ ଆଲାମ ଭଟ୍ଟଙ୍କ ନେତୃତ୍ୱାଧୀନ ମୁସ୍‌ଲିମ୍ ଲିଗ୍ ଜମ୍ମୁ-କଶ୍ମୀର (ଏମ୍ଏଲ୍‌ଜେକେ) ଗୋଷ୍ଠୀ ଉପରେ ବୁଧବାର କେନ୍ଦ୍ର ସରକାର ନିଷିଦ୍ଧାଦେଶ ଜାରି କରିଛନ୍ତି। ଇସଲାମୀୟ ଶାସନ ପ୍ରତିଷ୍ଠା ପାଇଁ ମସରତ୍ ଲୋକଙ୍କୁ ଉସୁକାଉଥିବାରୁ ତାଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ଆଇନ ବଳରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ କହିଛନ୍ତି, ଏମ୍ଏଲ୍‌ଜେକେ କଶ୍ମୀରରେ ଦେଶବିରୋଧୀ କାର୍ଯ୍ୟରେ ଜଡ଼ିତ ରହି ଆତଙ୍କର ଶାସନ ଚଳାଇବାକୁ ଉଦ୍ୟମ କରୁଥିଲା। ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିରୋଧରେ ଯିଏ କାର୍ଯ୍ୟ କରିବେ, ତାଙ୍କ ଉପରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହା ମୋଦି ସରକାରଙ୍କ ସ୍ପଷ୍ଟ ସନ୍ଦେଶ। ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ) ବଳରେ ଏହି ନିଷିଦ୍ଧାଦେଶ ଜାରି କରାଯାଇଛି। ମସ୍‌ରତ୍ ଭାରତ ବିରୋଧୀ ଓ ପାକିସ୍ତାନ ସପକ୍ଷବାଦୀ ଅଭିଯାନ ପାଇଁ ଜଣାଶୁଣା। ହୁରିୟାତ୍ କନ୍‌ଫରେନ୍ସ ନେତା ସୟଦ ଅଲୀ ଗିଲାନିଙ୍କ ମୃତ୍ୟୁ ପରେ ସେ ଏହି ସଙ୍ଗଠନର କଠୋରପନ୍ଥୀ ଗୋଷ୍ଠୀର ନେତୃତ୍ୱ ନେଉଥିଲେ। ମସ୍‌ରତ ବର୍ତ୍ତମାନ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି।

# ଦେଶରେ ୧୦୯ ଜେଏନ୍.୧ ଆକ୍ରାନ୍ତ

ନୂଆଦିଲ୍ଲୀ,୨୭।୧୨



### ଦିନକରେ କୋଭିଡ୍ ୫୨୯ ପଜିଟିଭ୍

ଭାରତରେ ଗତ ୨୪ ଘଣ୍ଟା ଭିତରେ ଆଉ ୪୦ ଜଣ କୋଭିଡ୍ ସବ୍-ଭାରିଆଣ୍ଟ ଜେଏନ୍.୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଦେଶରେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତଙ୍କ ସଂଖ୍ୟା ୧୦୯ରେ ପହଞ୍ଚିଛି। ଆକ୍ରାନ୍ତଙ୍କ ମଧ୍ୟରୁ ସର୍ବାଧିକ ୩୬ ଜଣ ହେଉଛନ୍ତି ଗୁଜରାଟର। ସେହିପରି କର୍ନାଟକର ୩୪, ଗୋଆ ୧୪, ମହାରାଷ୍ଟ୍ର ୯, କେରଳ ୬, ରାଜସ୍ଥାନ ୪, ତାମିଲନାଡୁ ୪ ଓ ତେଲଙ୍ଗାନାର ୨ ଜଣ ଚିହ୍ନଟ ହୋଇଛନ୍ତି। ରୋଗୀଙ୍କ ମଧ୍ୟରୁ ଅଧିକାଂଶ ନିଜ ନିଜ ଘରେ ସଙ୍ଗରୋଧରେ ଥିବା କୁହାଯାଇଛି। ନୂଆ ଭାରିଆଣ୍ଟ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ତଥାପି ରାଜ୍ୟଗୁଡ଼ିକ ପକ୍ଷରୁ ଟେଷ୍ଟିଂ ଓ ସର୍ଭିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଆବଶ୍ୟକ ବୋଲି ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ମତ ଦେଇଛନ୍ତି।

ଅନ୍ୟପକ୍ଷେ ଦେଶରେ କୋଭିଡ୍-୧୯ ଦ୍ୱାରା ଦିନକ ମଧ୍ୟରେ ୫୨୯ ଆକ୍ରାନ୍ତ ହୋଇଛନ୍ତି। ଏହାସହ ଦେଶର ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୦୯୩ରେ ପହଞ୍ଚିଛି। ଇତିମଧ୍ୟରେ କର୍ନାଟକର ୩ ଓ ଗୁଜରାଟର ଜଣେ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ସୂଚନା ଦିଆଯାଇଛି।

## ଫୁର୍‌ସତ୍

# ୩୭ ହଜାର ମହିଳାଙ୍କ ମହାରାସ

**ବିଶ୍ୱ ଶାନ୍ତି ପ୍ରତିଷ୍ଠା ଏବଂ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଦ୍ୱାରକାରେ ଦୁଇ ଦିନ ଧରି ମହାରାସର ଆୟୋଜନ କରାଯାଇଥିଲା।**

ଗାନ୍ଧିନଗର



ଦ୍ୱାରିକାରେ ପ୍ରାୟ ୫ ହଜାର ବର୍ଷ ପୂର୍ବର ଶ୍ରୀକୃଷ୍ଣଙ୍କ ସମୟରେ ପାଳିତ ହେଉଥିବା ମହାରାସକୁ ପୁନଃ ଦେଖିବାକୁ ମିଳିଛି। ୨ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ୩୭ ହଜାର ମହିଳା ଏକାଠି ହୋଇ ବ୍ରାହ୍ମ ମୁହୂର୍ତ୍ତରେ ମହାରାସ କରିଛନ୍ତି। ଏହି ଭବ୍ୟ ପରମ୍ପରା ନୃତ୍ୟର ଡ୍ରୋନ୍ ଜରିଆରେ ନିଆଯାଇଥିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଯେଉଁଠାରେ ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ଏହି ୩୭ ହଜାର ମହିଳାଙ୍କ ରାସ ଏବେ ବିଶ୍ୱ ରେକର୍ଡରେ ସ୍ଥାନିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ସାଂସଦ ପୁନମ୍ ବେନ ଉପସ୍ଥିତ ଥିଲେ। ପ୍ରକୃତରେ ଦ୍ୱାରିକାରେ ଅଖିଳ ଭାରତୀୟ ମହାରାସ ସଂଗଠନ ଅନ୍ତର୍ଗତ ଆହିର ସମାଜର ୩୭ ହଜାରରୁ ଅଧିକ ମହିଳା ଏହି ରାସ କରିଥିଲେ। ତେବେ ଏହି ମହିଳାମାନେ ୯ ମାସ ହେବ ଅନ୍‌ଲାଇନ ରେଜିଷ୍ଟ୍ରେଶନ କରିଥିଲେ। ଏଥିରେ ସେମାନେ ପାରମ୍ପରିକ ପୋଷାକ ପିନ୍ଧି ନୃତ୍ୟ କରିଥିଲେ। ଏହି ସମାରୋହରେ ଭାଗ ନେବାକୁ ପୂରା ଗୁଜରାଟରୁ ମହିଳାମାନେ ଆସିଥିଲେ। ଲୋକକଥା ଅନୁସାରେ, ବ୍ରଜୱାନି ଗାଁରେ ଯେତେବେଳେ କୃଷ୍ଣ ଢୋଲ ବଜାଇଥିଲେ, ସେତେବେଳେ ଗାଁର ୧୪୦ ମହିଳା ତାଙ୍କ କାମ ଛାଡ଼ି କୃଷ୍ଣଙ୍କ ସହ ରାସ କରିବାକୁ ଚାଲିଯାଇଥିଲେ। ଏବେ ବି ସେହି ସ୍ଥାନରେ ମହିଳାଙ୍କ ସମାଧି ରହିଛି। ବିଶ୍ୱରେ ଶାନ୍ତି ଆଣିବା ଏବଂ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେବା ଏହି ମହାରାସର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ରଣବୀରଙ୍କ ପରେ କାର୍ତ୍ତିକଙ୍କ ସହ ରୋମାନ୍ସ କରିବେ ତ୍ରିପ୍ତି

ମୁମ୍ବାଇ



'ଆନିମଲ' ଫେମ୍ ତ୍ରିପ୍ତି ଡିମରି ଫିଲ୍ମରେ ରଣବୀର କପୁରଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତ ସିନ୍ ଦେଇ ଲାଇମଲାଇଟ୍‌କୁ ଆସିଥିଲେ। ଏହାପରେ ସେ ଫ୍ୟାନ୍ସଙ୍କ ନ୍ୟାଶନାଲ କ୍ରଶ ପାଲଟିଛନ୍ତି। ତେବେ ବର୍ଷ ଶେଷ ପୂର୍ବରୁ ଆଉ ଏକ ବଡ଼ ଫିଲ୍ମ ତାଙ୍କ ହାତକୁ ଆସିଛି। ତ୍ରିପ୍ତି ଖୁବ୍‌ଶୀଘ୍ର ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଏକ ନୂଆ ପ୍ରୋଜେକ୍ଟରେ କାମ କରୁଥିବା ଦେଖିବାକୁ ମିଳିବେ। ସୂଚନାନୁଯାୟୀ, ଅନୁରାଗ ବସୁ ଏବଂ ଭୂଷଣ କୁମାରଙ୍କ ଆଗାମୀ ଫିଲ୍ମ 'ଆଶିକୀ-୩'ରେ ତ୍ରିପ୍ତି କାର୍ତ୍ତିକଙ୍କ ସହ ରୋମାନ୍ସ କରିବେ। ଫିଲ୍ମ ପାଇଁ କାର୍ତ୍ତିକ ପୂର୍ବରୁ ଫାଇନାଲ ହୋଇଥିବାବେଳେ ଏବେ ନାୟିକା ଭାବେ ତ୍ରିପ୍ତିଙ୍କ ନାମ ସାମ୍ନାକୁ ଆସିଛି। ନିର୍ମାତାଙ୍କ ଅନୁସାରେ 'ଆଶିକୀ- ୩' ପାଇଁ ତ୍ରିପ୍ତି ଏବଂ କାର୍ତ୍ତିକ ଉପଯୁକ୍ତ ପସନ୍ଦ। ଫିଲ୍ମର ଶୁଟିଂ ଆସନ୍ତା ବର୍ଷ ଜାନୁଆରୀରେ ଆରମ୍ଭ ହେବ। ବର୍ତ୍ତମାନ ଫିଲ୍ମର ଅବଶିଷ୍ଟ କଳାକାରଙ୍କ ନାମ ଚୂଡ଼ାନ୍ତ ହୋଇନାହିଁ। ନାମ ଚୟନ ପରେ ଶୀଘ୍ର କାମ ଆରମ୍ଭ ହେବ। ତ୍ରିପ୍ତି ୨୦୧୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। 'ଆଶିକୀ- ୩' ବ୍ୟତୀତ ତାଙ୍କ ପାଖରେ ଆଉ ୨ଟି ଫିଲ୍ମ ମଧ୍ୟ ରହିଛି।

## ୯୦ ବର୍ଷରେ ମାଷ୍ଟର ଡିଗ୍ରୀ

ୱାଶିଂଟନ



ଆମେରିକାର ଜଣେ ୯୦ ବର୍ଷୀୟା ବୃଦ୍ଧା ନିକଟରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ମିନି ପେନି ନାମ୍ନୀ ଉକ୍ତ ବୃଦ୍ଧା ହାଇସ୍କୁଲ ପାଠପଢ଼ା ପୂରା କରିବାର ୭୩ ବର୍ଷ ପରେ ଉତ୍ତର ଟେକ୍ସାସ ବିଶ୍ୱବିଦ୍ୟାଳୟରୁ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଏଥିସହ ସେ ପାଠ୍ୟକ୍ରମ ପୂରା କରିଥିବା ସବୁଠୁ ବୟସ୍କା ଛାତ୍ରୀ ହୋଇଛନ୍ତି। ଗତ ୧୭ ତାରିଖରେ ସେ ହଜାରେ ମାଷ୍ଟର ସାଥୀଙ୍କ ସହିତ ଡିଗ୍ରୀ ପ୍ରାପ୍ତ କରିବା ଓ ଏହାର ଉତ୍ସବ ମନାଇବାକୁ ଷ୍ଟେଜ୍‌ରେ ଉପସ୍ଥିତ ଥିଲେ। ମିନି ୧୯୫୦ରେ ସ୍କୁଲ ପଠାପଢ଼ା ପୂରା କରିବା ପରେ ଏକ ସ୍ଥାନରେ କ୍ଲର୍କ ଭାବେ କାର୍ଯ୍ୟ କରୁଥିଲେ। ଏହାପରେ ୧୯୬୧ ମସିହାରେ ସେ ଡେଲ୍‌ଙ୍କୁ ବିବାହ କରିଥିଲେ। ଦୁହିଁଙ୍କ ୨ଟି ସନ୍ତାନ ହେବା ପରେ ମିନି ଗୃହିଣୀ ଭାବେ କିଛି ବର୍ଷ ଘରେ ରହିଥିଲେ। ପରେ ସେ ୬୮ ବର୍ଷ ବୟସରେ ଟେକ୍ସାସ ମହିଳା ବିଶ୍ୱବିଦ୍ୟାଳୟରେ ଟ୍ରାନ୍ସକ୍ରିପ୍‌ସନିଷ୍ଟ ଏବଂ ୱାର୍ଡ ପ୍ରୋସେସର ଭାବେ ୩୦ ବର୍ଷ କାମ କରିଥିଲେ। ତାଙ୍କ ପାଠପଢ଼ା ଅଧାରେ ରହିଯାଇଥିଲା। ସେ ରିଟାର୍ଡ ହେବା ପରେ ସେହି ବିଶ୍ୱବିଦ୍ୟାଳୟରେ ସ୍ନାତକ ଡିଗ୍ରୀ ପାଇଁ ବ୍ୟବସାୟିକ ପାଠ୍ୟକ୍ରମ ସହିତ ଟ୍ରିଓ ଜର୍ନାଲିଜମ୍‌ରେ ନାମ ଲେଖାଇଲେ। ୨୦୦୬ରେ ସେ ସ୍ନାତକ ଡିଗ୍ରୀ ହାସଲ କରି ଏକ ସ୍ୱତନ୍ତ୍ର ଲେଖକ ରୂପରେ କାମ କଲେ। ମିନି କହିଛନ୍ତ, ସେ ସବୁବେଳେ ନିଜକୁ ଅଧିକ ସ୍ତରରେ ଦେଖିବାକୁ ଚାହୁଁଥିଲେ। ତାଙ୍କୁ ସବୁବେଳେ ଲେଖିବାକୁ ପସନ୍ଦ ଥିଲା। ସେଥିପାଇଁ ସେ ମାଷ୍ଟର ଡିଗ୍ରୀ ହାସଲ କରିବାକୁ ପାଠପଢ଼ା ଆରମ୍ଭ କରିଥିଲେ।

ଧରିତ୍ରୀ DHARITRI 50 Years

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୮/୨୦୨୩ | Bhubaneswar, Thursday, December 28/2023 | ପୃଷ୍ଠା-୧



ହରିୟାଣାର ଝାଜ୍ଜର ଜିଲା ଛାରା ଗ୍ରାମରେ ରେସ୍‌ଲର ବଜରଙ୍ଗ ପୁନିଆଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସାକ୍ଷାତ୍ କରିବା ଅବସରରେ ଉଭୟଙ୍କ ମଧ୍ୟରେ ହୋଇଥିବା କୁସ୍ତିର ଏକ ମୁହୂର୍ତ୍ତ।

# ଖାଦ୍ୟ ମାନ ଗ୍ରାହକଙ୍କୁ ଅଜଣା

**ଭୁବନେଶ୍ୱର,୨୭।୧୨(ଅନିଲ ଦାସ)**

ସପ୍ତାହକୁ ଥରେ କିମ୍ବା ଦୁଇଥର ପରିବାର ସହ ଲୋକମାନେ ନିଜ ପସନ୍ଦର ହୋଟେଲ କିମ୍ବା ରାସ୍ତାକଡ଼ରେ ବିକ୍ରି ହେଉଥିବା ଖାଦ୍ୟ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ବିଶେଷକରି ଯୁବବର୍ଗଙ୍କ ଘର ଖାଦ୍ୟ ଅପେକ୍ଷା ରେଷ୍ଟୁରାଣ୍ଟ କିମ୍ବା ଫାଷ୍ଟଫୁଡ୍ ଷ୍ଟଲ୍‌ରେ ଖାଇବା ଏକ ଟ୍ରେଣ୍ଡ୍ ହୋଇଗଲାଣି। ତେବେ ପାଟିକୁ ସୁଆଦିଆ ଲାଗୁଥିବା ସେହି ଖାଦ୍ୟର ମାନ କ'ଣ ତାହା ଗ୍ରାହକଙ୍କ ପାଇଁ ଅଜଣା। ନିୟମ ଅନୁଯାୟୀ ଖାଦ୍ୟ ମାନ ଯାଞ୍ଚ ହେଉ ନ ଥିବାରୁ ତାହା ସ୍ୱାସ୍ଥ୍ୟୋପଯୋଗୀ କି ନୁହେଁ, ଗ୍ରାହକ ଜାଣିବା ସମ୍ଭବ ହୋଇ ନ ଥାଏ। ଆଗକୁ ନୂଆବର୍ଷ ଆସୁଥିବାରୁ ହାଟବଜାର, ଶପିଂମଲ୍, ହୋଟେଲ ଓ ରେଷ୍ଟୁରାଣ୍ଟରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିବ। ବହୁସଂଖ୍ୟକ ଲୋକ ବାହାର ଖାଦ୍ୟ ଖାଇବେ। ତେବେ ସେହି ଖାଦ୍ୟପଦାର୍ଥର ମାନକୁ ନେଇ ଗ୍ରାହକଙ୍କ ଚିନ୍ତା ବଢୁଛି।

ବଜାରରେ ମିଳୁଥିବା ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ଫୁଡ୍ ସେଫ୍ଟି ଷ୍ଟାଣ୍ଡାର୍ଡ ଆକ୍ଟ, ରୁଲ୍ସ ଓ ରେଗୁଲେଶନ ୨୦୧୧ ଅଗଷ୍ଟ ୫ରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମାତ୍ର ଠିକ୍ ଢଙ୍ଗରେ ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାରୁ ଅନେକ ସମୟରେ ଭେଜାଲ ଖାଦ୍ୟ ସାମଗ୍ରୀ ରାଜ୍ୟରେ କାୟାବିସ୍ତାର କରିଚାଲିଛି। ବିଭିନ୍ନ ସହରରେ ରାସ୍ତାକଡ଼ ଷ୍ଟଲ୍ ଓ ହୋଟେଲରେ ବିକ୍ରି ହେଉଥିବା ଖାଦ୍ୟପଦାର୍ଥର ମାନ ପରୀକ୍ଷା ନିରୁତ୍ସାହଜନକ। ଏନେଇ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଓଡ଼ିଶା ମହାନଗର ନିଗମ ନିୟମ ଧାରା-୫୭୬ ଅନୁଯାୟୀ, ନିଗମ ଅଞ୍ଚଳରେ ଅପମିଶ୍ରତ ଖାଦ୍ୟ କ୍ରୟ କିମ୍ବା ବିକ୍ରୟ ନିଷେଧକୁ ସୁନିଶ୍ଚିତ କରିବା ମହାନଗର ନିଗମଗୁଡ଼ିକର ପ୍ରାଥମିକ ଦାୟିତ୍ୱ। ଖାଦ୍ୟ ନିରାପତ୍ତା ଏବଂ ମାନକ(ଏଫ୍ଏସ୍ଏସ୍) ଅଧିନିୟମ-୨୦୦୬ର ବ୍ୟବସ୍ଥା ଅନୁଯାୟୀ, ଖାଦ୍ୟ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ମହାନଗର ନିଗମ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ କରିବା ବ୍ୟବସ୍ଥା ରହିଛି। ଖାଦ୍ୟ ନିରାପତ୍ତା କମିଶନରଙ୍କ ଅଧୀନରେ ଥିବା ଫୁଡ୍ ସେଫ୍ଟି ଅଫିସର ଖାଦ୍ୟ ନମୁନା ସଂଗ୍ରହ କରିବା ସହିତ ଯାଞ୍ଚ ଓ ଜବତ କରିପାରିବେ। ଏଥିସହିତ ଏଫ୍ଏସ୍ଏସ୍ ନିୟମ ଅନୁଯାୟୀ, ଫୁଡ୍ ସେଫ୍ଟି ଅଫିସରମାନେ ନିଜ ଅଧୀନରେ ଥିବା ସମସ୍ତ ଖାଦ୍ୟ ବ୍ୟବସାୟୀଙ୍କ ଡାଟାବେସ୍ ରଖିବେ। ଯେଉଁ ବ୍ୟବସାୟୀ ନିୟମ ପାଳନ କରୁନାହାନ୍ତି ସେମାନଙ୍କୁ ତୁରନ୍ତ ନୋଟିସ କରିବା କଥା। ମାତ୍ର ଆଶ୍ଚର୍ଯ୍ୟର କଥା, ଫୁଡ୍ ସେଫ୍ଟି ଅଫିସରଙ୍କ ପାଖରେ ଖାଦ୍ୟ ବ୍ୟବସାୟୀମାନଙ୍କ ତଥ୍ୟ ରହୁନାହିଁ। ଏପରି କି ରାସ୍ତାକଡ଼ ବିକ୍ରେତାମାନଙ୍କ ସଂଖ୍ୟା ବିଷୟରେ ମଧ ମହାନଗର ନିଗମ ନିକଟରେ କୌଣସି ସୂଚନା ରହୁନାହିଁ।

ଖାଦ୍ୟ ସୁରକ୍ଷା କମିଶନରଙ୍କ ଦ୍ୱାରା ଧାର୍ଯ୍ୟଲକ୍ଷ୍ୟ ଅନୁଯାୟୀ, ୨୦୧୮-୧୯ରୁ ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକବର୍ଷ ମଧ୍ୟରେ କଟକ ମହାନଗର ନିଗମ (ସିଏମ୍‌ସି) ଏବଂ ସମ୍ବଲପୁର ମହାନଗର ନିଗମ ☞ପୃଷ୍ଠା-୨

# ଆଡ୍‌ହକ କମିଟି ଗଠନ କଲା ଆଇଓଏ

**ନୂଆଦିଲ୍ଲୀ,୨୭।୧୨(ପି.ଟି.)**

## କୁସ୍ତି ମହାସଂଘ କାର୍ଯ୍ୟ ତୁଲାଇବ ୩ ଜଣିଆ ପ୍ୟାନେଲ

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ଦୈନନ୍ଦିନ କାର୍ଯ୍ୟଭାର ପରିଚାଳନା ପାଇଁ ଏକ ଆଡ୍‌ହକ କମିଟି ଗଠନ କରିଛି ଭାରତୀୟ ଅଲିମ୍ପିକ୍ସ ମହାସଂଘ(ଆଇଓଏ)। ବୁଧବାର ଆଇଓଏ ପକ୍ଷରୁ ୩ ଜଣିଆ କମିଟି ଘୋଷଣା କରାଯାଇଛି। ଉଷୁ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ବାଜୱା ଏହି କମିଟିର ମୁଖ୍ୟ ଥିବା ବେଳେ ହକି ଅଲିମ୍ପିଆନ୍ ଏମ୍. ଏମ୍. ସୋମାୟା ଓ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ମଞ୍ଜୁଷା କଓ୍ୱଁର ସଦସ୍ୟ ରହିଛନ୍ତି। ଅଣସାମ୍ବିଧାନିକ ନିଷ୍ପତ୍ତି ନେବା କାରଣରୁ ସଭାପତି ସଞ୍ଜୟ ସିଂଙ୍କ ସମେତ ସମ୍ପୂର୍ଣ୍ଣ କମିଟିକୁ ରବିବାର ନିଲମ୍ବନ କରିଥିଲା କ୍ରୀଡା ମନ୍ତ୍ରଣାଳୟ। ଏହା ସହ ତୁରନ୍ତ ଏକ ଆଡ୍‌ହକ କମିଟି ଗଠନ କରିବା ପାଇଁ ଆଇଓଏକୁ ଅନୁରୋଧ କରାଯାଇଥିଲା। ବୁଧବାର ଆଇଓଏ ସଭାପତି ପି.ଟି. ଉଷା ଆଡ୍‌ହକ କମିଟ ଘୋଷଣା କରିଛନ୍ତି। ଡବ୍ଲ୍ୟୁଏଫ୍ଆଇର ସମସ୍ତ ନିର୍ବାଚିତ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଆଡ୍‌ହକ କମିଟି ଏହାର ଦୈନନ୍ଦିନ କାର୍ଯ୍ୟଭାର ନିରୀକ୍ଷଣ କରିବ। ବିଭିନ୍ନ ପ୍ରତିଯୋଗିତା ପାଇଁ ଆଥ୍‌ଲେଟିକ ଚୟନଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଅର୍ଥନୈତିକ ବ୍ୟାପାରର ନିରୀକ୍ଷଣ ଦାୟିତ୍ୱ ଏହି କମିଟି ଉପରେ ନ୍ୟସ୍ତ ରହିବ। ଏହା ଅଲିମ୍ପିକ୍ସ ବର୍ଷ ଥିବାରୁ କିଭଳି ଖେଳାଳିଙ୍କ ପାଇଁ ଅଧିକରୁ ଅଧିକ କ୍ୟାମ୍ପ ☞ପୃଷ୍ଠା-୨

# ଏମ୍.ଫିଲ୍ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ନୁହେଁ: ୟୁଜିସି

**ନୂଆଦିଲ୍ଲୀ,୨୭।୧୨**

ମାଷ୍ଟର ଅଫ୍ ଫିଲୋସୋଫି (ଏମ୍.ଫିଲ୍) ପାଠ୍ୟକ୍ରମ ଏକ ସ୍ୱୀକୃତିପ୍ରାପ୍ତ ଡିଗ୍ରୀ ନୁହେଁ ବୋଲି ବୁଧବାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ସ୍ପଷ୍ଟ କରିଛି। ଏଭଳି ପ୍ରୋଗ୍ରାମ୍‌ଗୁଡ଼ିକରେ ନାମ ନ ଲେଖାଇବା ପାଇଁ କେତେକ ବିଶ୍ୱବିଦ୍ୟାଳୟ ପକ୍ଷରୁ ବହୁଳ ବିଜ୍ଞାପନ ଦିଆଯାଉଥିବାରୁ ଏନେଇ ଛାତ୍ରୀଛାତ୍ରମାନଙ୍କୁ ୟୁଜିସି ସତର୍କ କରିଛି। ୟୁଜିସି ସେକ୍ରେଟାରି ମନୀଷ ଜୋଷୀ କହିଛନ୍ତି, କିଛି ୟୁନିଭର୍ସିଟି ଏମ୍.ଫିଲ୍ କୋର୍ସରେ ନାମ ଲେଖାଇବା ନିମନ୍ତେ ପିଲାଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଥିବା ଆୟୋଗଙ୍କ ନଜରକୁ ଆସିଛି। ୟୁଜିସିର ରେଗୁଲେଶନ୍ ନଂ.୧୪ (ମିନିମମ୍ ଷ୍ଟାଣ୍ଡାର୍ଡ୍ସ ଆଣ୍ଡ୍ ପ୍ରୋସିଡ୍ୟୁର ଫର୍ ଆୱାର୍ଡ ଅଫ୍ ପିଏଚ୍‌ଡି ଡିଗ୍ରୀ) ରେଗୁଲେଶନ୍ସ, ୨୦୨୨ରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ, ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ କୌଣସି ଏମ୍.ଫିଲ୍ ପାଠ୍ୟକ୍ରମ ଚଳାଇପାରିବେ ନାହିଁ। ତେଣୁ ୨୦୨୩-୨୪ ଶିକ୍ଷାବର୍ଷରେ ଏପରି ଏମ୍.ଫିଲ୍ ପ୍ରୋଗ୍ରାମରେ ତୁରନ୍ତ ନାମଲେଖା ବନ୍ଦ କରିବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ମଧ କୌଣସି ଏମ୍.ଫିଲ୍ କୋର୍ସରେ ନାମ ନ ଲେଖାଇବାକୁ ପରାମର୍ଶ ଦିଆଯାଇଥିବା ମନୀଷ କହିଛନ୍ତି।

# ଓଜେଏସ୍: ସୁଶ୍ରିତା ମିଶ୍ର ଟପ୍ପର

## ୫୫ରୁ ୩୯ ଛାତ୍ରୀ କୃତକାର୍ଯ୍ୟ, ପ୍ରଥମ ୮ ସ୍ଥାନରେ ଝିଅ

**କଟକ,୨୭।୧୨ (କାର୍ତ୍ତିକ ସାହୁ)**

ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷା-୨୦୨୨ ଫଳ ବୁଧବାର ପ୍ରକାଶ ପାଇଛି। ସୁଶ୍ରିତା ମିଶ୍ର ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଛନ୍ତି। କୃତକାର୍ଯ୍ୟ ହୋଇଥିବା ମୋଟ ୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯ ଜଣ ମହିଳା ଅଛନ୍ତି। ତେବେ ପରୀକ୍ଷାଫଳ ମେରିଟ୍ ଲିଷ୍ଟରେ ପ୍ରଥମ ୮ ସ୍ଥାନରେ ସାଧାରଣ ବର୍ଗର ମହିଳାମାନେ ସ୍ଥାନିତ ହୋଇ ଉତ୍ସାହଜନକ ଫଳ ପ୍ରଦାନ କରିଛନ୍ତି। ପ୍ରଥମ ଦଶ ସ୍ଥାନରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ହେଲେ ଯଥାକ୍ରମେ ସୁଶ୍ରିତା ମିଶ୍ର, ନିଲିଶା ପଟ୍ଟନାୟକ, ଅନନ୍ୟା ମିଶ୍ର, ରାନି ରଞ୍ଜିତା ପଟ୍ଟନାୟକ, ଲୋପାମୁଦ୍ରା ଆଚାର୍ଯ୍ୟ, ହର୍ଷିତା ମିଶ୍ର, ପ୍ରଜ୍ଞା ସୁମନ ମହାପାତ୍ର, ଏସ୍. ଆର୍ ତୋଷାଳି, ସତ୍ୟଜିତ ପାଣି ଓ ଲଳିତେନ୍ଦୁ ଦେବତା। ପରୀକ୍ଷାର୍ଥୀମାନେ ନିଜର ଫଳ ୱେବସାଇଟ୍‌ରୁ ପାଇପାରିବେ। ପ୍ରକାଶ ଯେ, ଓପିଏସ୍‌ସି ପକ୍ଷରୁ ଓଡ଼ିଶା ଜୁଡିସିଆଲ ସର୍ଭିସ ୨୦୨୨ର ସିଭିଲ୍ ଜଜ୍ ପରୀକ୍ଷା ନିମନ୍ତେ ୧୯/୨୦୨୨-୨୩ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ପ୍ରିଲିମ ପରୀକ୍ଷା ଗତ ମେ' ୨୧ ତାରିଖରେ ହୋଇଥିବାବେଳେ ୯୯୪ ଜଣ କୃତକାର୍ଯ୍ୟ ହୋଇଥିଲେ।

**ଆଜିର ସମ୍ପାଦକୀୟ**

**କେଉଁ ନାମରେ ପରିଚିତ ହେବା**

# ନନ୍ଦନକାନନକୁ ଚିତା ଆସିବ

**ଭୁବନେଶ୍ୱର,୨୭।୧୨ (ଅସମାପିକା ସାହୁ)**



ରାଜ୍ୟବାସୀଙ୍କ ପାଇଁ ଖୁସି ଖବର। ନୂଆବର୍ଷରେ ନନ୍ଦନକାନନକୁ ଆସିବେ ନୂଆ ଅତିଥି। ପ୍ରଥମ ଥର ଲାଗି ନନ୍ଦନକାନନ ଚିଡ଼ିଆଖାନାକୁ ଚିତାବାଘ ଅଣାଯିବ। କେବଳ ଚିତା ନୁହେଁ, ନୂତନ ବର୍ଷରେ ଧଳା ସିଂହ ଶାବକ, ଜିରାଫ ଓ ନୂଆ ପକ୍ଷୀ ମଧ ଆସିବେ ବୋଲି ବୁଧବାର ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦୁବାଇ ଚିଡ଼ିଆଖାନାରୁ ପ୍ରାଣୀ ଅଦଳବଦଳ କାର୍ଯ୍ୟକ୍ରମ ଅଧୀନରେ ୨୦୨୪ ଜାନୁୟାରୀରେ ବିଭିନ୍ନ ସ୍ଥାନରୁ ନୂଆ ଅତିଥି ଆସିବେ। ଦୁବାଇରୁ ଚିତାବାଘ ଓ ଧଳା ସିଂହ ଶାବକ ଆସିବେ। ଏବେ ନନ୍ଦନକାନନରେ ଥିବା ଜିରାଫ ଏକୁଟିଆ ରହୁଛି। ତେଣୁ ପଶ୍ଚିମବଙ୍ଗର ଆଲିପୁରସ୍ଥିତ କେନ୍ଦ୍ରୀୟ ଚିଡ଼ିଆଖାନାରୁ ପ୍ରାଣୀ ଅଦଳବଦଳ କାର୍ଯ୍ୟକ୍ରମରେ ଆଉ ଏକ ଜିରାଫ ନନ୍ଦନକାନନକୁ ଅଣାଯିବ ବୋଲି ପିସିସିଏଫ୍ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୮ ମେ' ୨୫ରେ ଆଲିପୁରରୁ ଏକ ଜିରାଫ ଅଣାଯାଇଥିଲା। ତେବେ ବାଟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତା'ର ମୃତ୍ୟୁ ଘଟିଥିଲା। ସେହିଭଳି ୨୦୧୬ ଫେବୃୟାରୀରେ ଆଉ ଏକ ଜିରାଫ ସେଠାରୁ ଆସିଥିଲା। ☞ପୃଷ୍ଠା-୨

# ନକଲି ଜାତି ସାର୍ଟିଫିକେଟ୍ ଦେଇ ଡାକ୍ତର

## ନିଶ୍ଚେତକ ବିଶେଷଜ୍ଞ ଗିରଫ

**ସୁନାବେଡ଼ା/ସେମିଳିଗୁଡ଼ା,୨୭।୧୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

ନକଲି ଜାତିଗତ ସାର୍ଟିଫିକେଟ ଦେଇ ବ୍ରହ୍ମପୁର ବଡ଼ମେଡିକାଲରେ ଡାକ୍ତର ଭାବେ କାର୍ଯ୍ୟ କରୁଥିବା ଦୁର୍ଗାଦତ୍ତ ଶାସନୀ ଓରଫ ଯାନୀ (୪୪)ଙ୍କୁ ସେମିଳିଗୁଡ଼ା ପୋଲିସ ବୁଧବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମିଳିଗୁଡ଼ା ସମବାୟ କଲୋନିରେ ରହୁଥିବା ଗିରଫ ଡାକ୍ତରଙ୍କ ବଡ଼ଭାଇ ଅମ୍ବିକା ପ୍ରସାଦ ଶାସନୀ ଗତ ଜୁଲାଇ ୨୦ରେ ସେମିଳିଗୁଡ଼ା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଦୁର୍ଗାଦତ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୋଗରେ ଦର୍ଶାଇଥିଲା, ଦୁର୍ଗାଦତ୍ତ ଜାତିରେ ବ୍ରାହ୍ମଣ ହୋଇଥିବାବେଳେ ଆଦିବାସୀ ସମ୍ପ୍ରଦାୟର ଜାତିଗତ ପ୍ରମାଣପତ୍ର ମାଧ୍ୟମରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ନିଶ୍ଚେତକ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି, ଯାହାକୁ ନେଇ ନଂ. ୯୯/୨୩ ରେ ଏକ ମାମଲା ରୁଜୁକରି ସେମିଳିଗୁଡ଼ା ପୋଲିସ ତଦନ୍ତ ଜାରି ରଖିଥିଲା। ☞ପୃଷ୍ଠା-୨

# ନାସା ଖୋଜୁଛି 'ଧ୍ୱଂସର ଦେବତା'

**ୱାଶିଂଟନ୍,୨୭।୧୨**

ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା 'ଧ୍ୱଂସର ଦେବତା'ଙ୍କୁ ଠାବ କରିବା ପାଇଁ ଅଭିଯାନ ଚଳାଇଛି। ଏହି କ୍ଷୁଦ୍ରଗ୍ରହ ପୃଥିବୀର କକ୍ଷପଥର ନିକଟତର ହେବାରେ ଲାଗିଛି। ନିକଟରେ ଦୂରନ୍ତ ମହାକାଶରୁ ଫେରିଥିବା ନାସାର ଏକ ସ୍ପେସ୍‌କ୍ରାଫ୍ଟ ଏହା ଉପରେ ଗବେଷଣା ଚଳାଇଛି।



୨୦୨୯ରେ କ୍ଷୁଦ୍ରଗ୍ରହ 'ଆପୋଫିସ୍' ନିକଟକୁ ଯାଇ ଅନୁଧ୍ୟାନ କରିବା ପାଇଁ ନାସାର ମହାକାଶଯାନ ଓଏସ୍ଆର୍ଆଇଏସ୍-ରେକ୍ସକୁ ପଠାଯାଇଛି। କାରଣ ଏହି ସ୍ପେସ୍‌କ୍ରାଫ୍ଟ ଆପୋଫିସ୍ ସମ୍ପର୍କରେ ଅନେକ ଅଜଣା ତଥ୍ୟ ହାସଲ କରିବ, ଯାହାକି ଇତିହାସରେ ପୂର୍ବରୁ କେବେ ରେକର୍ଡ କରାଯାଇ ନ ଥିଲା ବୋଲି ନାସା ପକ୍ଷରୁ କୁହାଯାଇଛି। ୭ ବର୍ଷ ଧରି ବେନ୍ନୁ କ୍ଷୁଦ୍ରଗହରେ ଅନୁଧ୍ୟାନ ପରେ ସେଠାରୁ ପଥରର ନମୁନା ଧରି ଗତ ସେପ୍ଟେମ୍ବରରେ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଥିଲା। ଗଡ୍ ଅଫ୍ କେଓସ୍ ବା ଧ୍ୱଂସର ଦେବତା ନାମ ଦିଆଯାଇଥିବା ଆପୋଫିସ୍ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"ଭାରତୀୟ ସେନା ଜମ୍ମୁ-କଶ୍ମୀରରୁ ଆତଙ୍କବାଦର ମୂଳୋତ୍ପାଟନ କରିବ ବୋଲି ପୂର୍ଣ୍ଣ ବିଶ୍ୱାସ ରହିଛି। କିନ୍ତୁ ଦେଶବାସୀଙ୍କୁ ଆଘାତ ଦେବା ଭଳି ଭୁଲ୍ କରିବା ଅନୁଚିତ। -ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥାଉ କି ନ ଥାଉ ବ୍ରାହ୍ମଣ ଖାଉ
ହଉ କି ନ ହଉ ବରଷୁ ଥାଉ।**

ସାଧାରଣତଃ ବ୍ରାହ୍ମଣଙ୍କୁ ଭୂରି ଭୋଜନ ଦେଲେ ଯଜମାନଙ୍କୁ ଆଶୀର୍ବାଦ ମିଳିଥାଏ। ଠିକ୍ ସେହିପରି ଫସଲ ହେଉକି ନ ହେଉ ପଡ଼ିଆ ବା ଜମି ପାଣିରେ ଭିଜି ରହିଲେ ପରବର୍ତ୍ତୀ ସମୟରେ ସେଥିରୁ ଅଧିକ ଫସଲ ଉତ୍ପାଦନ ହେବାର ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥାଳି ଥାଳି ମିଠେଇ
ଗରଜ ବେଳେ ତ ବୁହାଚାଲିଛି
କେତେ ପଚାରୁଛୁ ନିଠେଇ ?**

ହାତରେ ଯେତେବେଳେ କିଛି ଧନ ଆସିଯାଏ ସେତେବେଳେ ବ୍ୟକ୍ତି ଖର୍ଚ୍ଚ କରିବାରେ ପଛଘୁଞ୍ଚା ଦେଇ ନ ଥାଏ। ସେତେ ଆବଶ୍ୟକତା ପଡୁ ନ ଥିଲେ ମଧ୍ୟ ପାଖରେ ଧନ ଥିବା କାରଣରୁ ସେ କାହାରି କଥା ନ ଶୁଣି ନିଜ ମନ ମୁତାବକ ଖର୍ଚ୍ଚ କରି ଚାଲିଥାଏ। ଧନ ପାଖରେ ଥିଲେ ଅପବ୍ୟୟ ବଢିଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଖାଦ୍ୟ ମାନ ...

(ଏସ୍ଏମ୍ସି)ରେ ଯଥାକ୍ରମେ ମାସକୁ ୧୫, ୧୦ ଓ ୭ଟି ନମୁନା ଯାଞ୍ଚ କରାଯିବା କଥା। ସେହିପରି ମାସକୁ ଯଥାକ୍ରମେ ୪, ୪ ଓ ୫ଟି ଆଇନଗତ ନମୁନା ସଂଗ୍ରହ ହେବା କଥା। ମାତ୍ର ତାହା କରାଯାଇ ନାହିଁ। ସେହିପରି ଉଭୟ ମହାନଗର ନିଗମ ରାଜ୍ୟ ଜନସ୍ୱାସ୍ଥ୍ୟ ଲାବୋରେଟୋରିକୁ ବିଶ୍ଳେଷଣ ପାଇଁ ୭୬୮ଟି ଖାଦ୍ୟ ନମୁନା ପଠାଇବାକୁ ଥିବାବେଳେ ମାତ୍ର ୫୧୮ଟି ପଠାଇଥିଲେ। ସେଥିରୁ ୪୬୮ଟି ନମୁନା ପରୀକ୍ଷା ହୋଇଥିବା ସିଏଜି ଯାଞ୍ଚ ବେଳେ ଜାଣିବାକୁ ପାଇଥିଲେ। ତନ୍ମଧ୍ୟରୁ ୧୦୯ଟି ନମୁନା ଅପମିଶ୍ରିତ ହୋଇଥିଲା। ଏହାସତ୍ତ୍ୱେ ଅପମିଶ୍ରିତ ଖାଦ୍ୟ ବିକ୍ରୟ କରୁଥିବା ଷ୍ଟଲ୍‌ଗୁଡ଼ିକୁ କୌଣସି ନୋଟିସ ଜାରି କରାଯାଇ ନ ଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ଏଥିସହିତ ଅଧିକାଂଶ ପୌରସଂସ୍ଥା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଖାଦ୍ୟ ନମୁନା ସଂଗ୍ରହ ପାଇଁ କୌଣସି ଫୁଡ୍ ସେଫ୍ଟି ଅଫିସର ନିଯୁକ୍ତ କରାଯାଇ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି ।

ଖାଦ୍ୟ ନିରାପତ୍ତା କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୨-୨୩ରେ ରାଜ୍ୟରୁ ମୋଟ ୨୩୩୦ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇଥିବାବେଳେ ସେଥିରୁ ୨୧୫୩ଟି ବିଶ୍ଳେଷଣ କରାଯାଇଛି। ୪୬୮ଟି ନମୁନାରେ ଖାଦ୍ୟ ଅପମିଶ୍ରଣ ହୋଇଥିବା ଜଣାପଡ଼ିଛି। ସେହିପରି ୨୦୨୩ ଏପ୍ରିଲରୁ ଏ ଯାଏ ରାଜ୍ୟରେ ୨୩୬୫ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇ ୨୨୯୫ଟିର ବିଶ୍ଳେଷଣ କରାଯାଇଛି। ସେଥିରୁ ୩୬୫ଟି ଖାଦ୍ୟ ନମୁନା ଅପମିଶ୍ରିତ ହୋଇଥିବା ଜଣାପଡ଼ିଛି। ରାଜ୍ୟରେ ୧୧୧ ପୌରସଂସ୍ଥା ଥିବାବେଳେ ମାତ୍ର ୬୨ ଜଣ ଫୁଡ୍ ସେଫ୍ଟି ଅଫିସର ୩୦ ଜିଲାରେ କାର୍ଯ୍ୟରତ ଅଛନ୍ତି। କର୍ମଚାରୀ ଅଭାବ ମଧ୍ୟ ଖାଦ୍ୟ ନମୁନା ସଂଗ୍ରହରେ ବାଧକ ହୋଇଛି।

ଭୁବନେଶ୍ୱର ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ବିଶୋଇ କହିଛନ୍ତି ଯେ ଦୈନିକ ୪ରୁ ୫ଟି ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ କରାଯାଉଛି। ପର୍ବପର୍ବାଣି ସମୟରେ ମୋଇବାଲ ଫୁଡ୍ ଟେଷ୍ଟିଂ ଲାବୋରେଟୋରି ଦ୍ୱାରା ଖାଦ୍ୟ ନମୁନା ସଂଗ୍ରହ କରାଯାଇ ତତ୍‌କ୍ଷଣାତ ଯାଞ୍ଚ କରାଯାଉଛି। ଅପମିଶ୍ରଣ ପ୍ରମାଣ ମିଳିବା ପରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ଫୌଜଦାରି ମକଦ୍ଦମା କରାଯିବା ସହ ଜରିମାନା ମଧ୍ୟ କରାଯାଉଛି। ଅପମିଶ୍ରିତ ଖାଦ୍ୟ ସାମଗ୍ରୀକୁ ନଷ୍ଟ କରାଯାଉଛି।

### ନାସା ଖୋଜୁଛି ...

୨୦୨୯ ଏପ୍ରିଲ ୧୩ରେ ପୃଥିବୀର ନିକଟତର ହୋଇପାରେ। ସେତେବେଳେ ଏହାର ଦୂରତା ପୃଥିବୀଠାରୁ ମାତ୍ର ୨୦,୦୦୦ ମାଇଲ ରହିବ। ଏତିକି ଦୂରତା କୃତ୍ରିମ ଉପଗ୍ରହଗୁଡ଼ିକ ସହ ରହିଥାଏ। ତେଣୁ ଇଷ୍ଟର୍ନ ହେମିସ୍ଫିୟରରେ ଏହା ଦୃଶ୍ୟମାନ ହେବ। ୩୭୦ ୟାର୍ଡ ଆକାରର ଏହି କ୍ଷୁଦ୍ରଗ୍ରହ ପ୍ରତି ୭,୫୦୦ ବର୍ଷରେ ପୃଥିବୀ ନିକଟକୁ ଆସିଥାଏ। କକ୍ଷପଥ ନିକଟକୁ ଆସିଲେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଏହାକୁ ପ୍ରଭାବିତ କରିବ। ଏଥିଯୋଗୁ ପୃଥିବୀ ପୃଷ୍ଠ ଉପରେ କିପରି ପରିବର୍ତ୍ତନ ଆସିବ ତାହା ଓଏସ୍ଆର୍ଆଇଏସ୍-ରେକ୍ସ ବୁଝିବାକୁ ଚେଷ୍ଟା କରିବ ବୋଲି ମିଶନ ପ୍ରୋଜେକ୍ଟ ବୈଜ୍ଞାନିକ ଏମି ସାଇମନ୍ ସୂଚନା ଦେଇଛନ୍ତି।

ଗଡ୍ ଅଫ୍ କେଓସ୍‌ରେ ବର୍ତ୍ତମାନ ଦିନକୁ ୩୦.୬ ଘଣ୍ଟା ରହିଛି। ପୃଥିବୀ ନିକଟକୁ ଆସିଲେ ଦିନର ସମୟରେ ପରିବର୍ତ୍ତନ ଆସିପାରେ। ଏପରି କି ଉକ୍ତ କ୍ଷୁଦ୍ରଗ୍ରହରେ ଭୂସ୍ଖଳନ ଓ ଭୂକମ୍ପ ମଧ୍ୟ ସୃଷ୍ଟି ହୋଇପାରେ। ମହାକାଶ ଓ କ୍ଷୁଦ୍ରଗ୍ରହଗୁଡ଼ିକ ସମ୍ପର୍କରେ ଗବେଷଣା ପାଇଁ ଏହି ମିଶନ ମାଇଲଖୁଣ୍ଟ ହେବ ବୋଲି ଆରିଜୋନା ୟୁନିଭର୍ସିଟିରେ ଓଏସ୍ଆର୍ଆଇଏସ୍-ରେକ୍ସ ପାଇଁ ଗବେଷଣା କରିଥିବା ଡାନି ମେନ୍‌ଡୋଜା ଡେଲ୍ଲା ଗିଉଷ୍ଟିନା କହିଛନ୍ତି।

### ଆଡ୍‌ହକ କମିଟି ଗଠନ...

ଆୟୋଜନ କରାଯିବ ତା' ଉପରେ ଧ୍ୟାନକେନ୍ଦ୍ରିତ କରାଯିବ ବୋଲି କମିଟି ମୁଖ୍ୟ ଭୂପିନ୍ଦର ସିଂ ବାଜଓ୍ୱା ପ୍ରକାଶ କରିଛନ୍ତି। ଦୀର୍ଘଦିନର ବିବାଦ ପରେ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ହୋଇଥିବା ବେଳେ ପୂର୍ବତନ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବା ଦିନ ହିଁ ସେ ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ପାଇଁ ଘୋଷଣା କରିଥିଲେ। ବର୍ଷ ଶେଷ ହେବା ପୂର୍ବରୁ ଗୋଣ୍ଡାସ୍ଥିତ ନନ୍ଦିନୀ ନଗରରେ ଏହି ଟୁର୍ନାମେଣ୍ଟ ପାଇଁ ଏଭଳି ତରବରିଆ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଡବ୍ଲ୍ୟୁଏଫ୍ଆଇ ସମ୍ବିଧାନର ଅନୁଚ୍ଛେଦ-୩ ଅନୁସାରେ ଜାତୀୟ ସିନିୟର/ଜୁନିୟର/ସବ୍‌ଜୁନିୟର ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି କେବଳ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥାଏ। ଏହାକୁ ଉଲ୍ଲଂଘନ କରି ସଞ୍ଜୟ ନିଜେ ଟୁର୍ନାମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ସେହିପରି ଅନ୍ୟୂନ ୧୫ ଦିନ ପୂର୍ବରୁ କାର୍ଯ୍ୟକାରୀ କମିଟିର ବୈଠକରେ ଏହା ପାରିତ ହୋଇଥାଏ। ଜରୁରିକାଳୀନ ପରିସ୍ଥିତି ରହିଥିଲେ ସର୍ବନିମ୍ନ ୭ ଦିନ ପୂର୍ବରୁ ଏହି ନିଷ୍ପତ୍ତିକୁ ପାରିତ କରାଯାଏ। ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ସମର୍ଥନ ମିଳିବା ପରେ ହିଁ ଏହା ପାରିତ ହୋଇଥାଏ। ସଞ୍ଜୟ ସିଂ ଏକପାଖିଆ ଭାବରେ ଏଭଳି ନିଷ୍ପତ୍ତି ନେଇ ନିଜ ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ କରିଥିବାରୁ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା।




# 'ଓଡ଼ିଶାର ବିକାଶକୁ ବିରୋଧୀ ସହି ପାରୁନାହାନ୍ତି'

**ଭଦ୍ରକ/ଚାନ୍ଦବାଲି/ଧାମନଗର,୨୭।୧୨ (ସନାତନ ରାଉତ/ କିଷାନ ପାତ୍ର /ଦେବେନ୍ଦ୍ର ଆଢ଼ିଆ)**

## ୫-ଟି ଅଧ୍ୟକ୍ଷଙ୍କ ଦିନିକିଆ ଭଦ୍ରକ ଗସ୍ତ

- ଆଖଣ୍ଡଳମଣି ମନ୍ଦିରର ୨ୟ ପର୍ଯ୍ୟାୟ ରୂପାନ୍ତରଣ ପାଇଁ ୫୦କୋଟି ଟଙ୍କା ଘୋଷଣା
- ଧାମନଗରକୁ ୫ ମାସରେ ୧୦୦ କୋଟି ଟଙ୍କା ଦିଆଯାଇଛି

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବୁଧବାର ଦିନିକିଆ ଗସ୍ତରେ ଆସି ଭଦ୍ରକ ନେହେରୁ ଷ୍ଟାଡିୟମ, ଅସୁରାଳି ଓ ଆରଡ଼ିରେ ୩ଟି ସଭାରେ ଯୋଗଦେଇ ଫେରିଛନ୍ତି। ଓଡ଼ିଶାର ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରୟାସ ଜାରି ରଖିଛନ୍ତି। ଓଡ଼ିଶାର ବିକାଶ ଦ୍ରୁତଗତିରେ ହେଉଥିବା ଦେଖି ବିରୋଧୀମାନେ ସହିପାରୁନାହାନ୍ତି ବୋଲି ଭଦ୍ରକ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ସାଧାରଣ ସଭାରେ ୫-ଟି ଅଧ୍ୟକ୍ଷ କହିଛନ୍ତି। ପୂର୍ବାହ୍ନ ସାଢ଼େ ୧୦ଟାରେ ହେଲିକପ୍ଟର ଯୋଗେ ଆସି ପ୍ରଥମେ ଚାନ୍ଦବାଲି ବ୍ଲକର ଆରଡ଼ିଠାରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଆରଡ଼ି ବାଇପାସ୍ ଛକଠାରେ ଅନୁଷ୍ଠିତ ସଭାରେ ଯୋଗଦେଇ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଆଖଣ୍ଡଳମଣି ମନ୍ଦିରର ୨ୟ ପର୍ଯ୍ୟାୟ ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ୫୦କୋଟି ଟଙ୍କା ଅନୁମୋଦନ କରିଥିବା ସେ ଘୋଷଣା କରିଛନ୍ତି। ସେହିପରି ଗମନାଗମନ, ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଧାର୍ମିକ ଅନୁଷ୍ଠାନର ଉନ୍ନତୀକରଣ ଲାଗି ୫ ମାସରେ ୩୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ସେ କହିଥିଲେ। ଏହାପରେ ୫-ଟି ଅଧ୍ୟକ୍ଷ ଧାମନଗର ବ୍ଲକ ଅସୁରାଳିସ୍ଥିତ ଶହୀଦ ଷ୍ଟାଡିୟମରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିଲେ। ଭଦ୍ରକ ମାଟି ବଳିଦାନର ମାଟି, ସମସ୍ତଙ୍କୁ ପ୍ରେରଣା ଦେବା ମାଟି। ଆପଣମାନଙ୍କ ଭଲପାଇବା, ସ୍ନେହ ମୋତେ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଇଛି ବୋଲି ସେ କହିଥିଲେ। ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୫ ମାସରେ ୧୦୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଧାମନଗରକୁ ଦେଇଛନ୍ତି। ୨୦୨୨ ଧାମନଗର ଉପନିର୍ବାଚନ ଜିତିବା ପରେ ପ୍ରଚାର ମଙ୍ଗ ଧରିଥିବା ଲୋକ କ'ଣ ପ୍ରତିଶ୍ରୁତି ଦେଇଥିଲେ, କ'ଣ କରିଛନ୍ତି ବୋଲି କହି ପରୋକ୍ଷରେ ନାଁ ନ ନେଇ ଭାଜପା ରାଜ୍ୟ ସଭାପତିଙ୍କୁ ଟାର୍ଗେଟ କରିଥିଲେ। ସେମାନେ ଭୋଟ୍ ରାଜନୀତି କରନ୍ତି, ଭୋଟ ସରିଗଲେ ଭୁଲିଯିବେ। ନବୀନ ପଟ୍ଟନାୟକ ଭୋଟ ପାଇଁ ରାଜନୀତି କରନ୍ତି ନାହିଁ। ଆପଣମାନଙ୍କ ଭଲପାଇବା ସ୍ନେହ, ଓଡ଼ିଶାବାସୀଙ୍କୁ ପରିବାର ଭାବି କାମ କରନ୍ତି ବୋଲି କହିଥିଲେ।



ଆରଡ଼ି ବାଇପାସ୍ ଛକଠାରେ ଅନୁଷ୍ଠିତ ସଭାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି।

ଶେଷରେ ଭଦ୍ରକ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ସାଧାରଣ ସଭାରେ ସେ ଯୋଗଦେଇ ଭଦ୍ରକ ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଅନୁଦାନ ବିଷୟରେ ଲୋକଙ୍କୁ କହିଥିଲେ। ୫-ଟି ସଚିବ ଥିବାବେଳେ ଗତ ଜୁନ୍ ୧୧ରେ ଭଦ୍ରକ ଆସି ଲୋକଙ୍କଠାରୁ ଅଭିଯୋଗପତ୍ର ନେଇଥିଲି। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ମାତ୍ର ୫ ମାସରେ ଭଦ୍ରକ ନିର୍ବାଚନମଣ୍ଡଳୀକୁ ୨୫୦ କୋଟି ଟଙ୍କା ଦିଆଯାଇଥିବା ସେ ପ୍ରକାଶ କରିଥିଲେ। ଏହାବ୍ୟତୀତ ଜିଲାର ସବୁ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ଓ ଜିଲାରେ ଲକ୍ଷ୍ମୀ ଯୋଜନାରେ ପ୍ରତି ପଞ୍ଚାୟତରୁ ଜିଲା ସଦର ମହକୁମାକୁ ବସ୍ ସେବା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି।

# ଭିନ୍ନ ମନ୍ଦିରରେ ପହଞ୍ଚିଲା ପରିକ୍ରମା ପ୍ରକଳ୍ପ ନିମନ୍ତ୍ରଣପତ୍ର

**ଭୁବନେଶ୍ୱର,୨୭।୧୨(ଅନିଲ ଦାସ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ସାମିଲ ହେବା ପାଇଁ ବିଭିନ୍ନ ମନ୍ଦିରରେ ନିମନ୍ତ୍ରଣପତ୍ର ପହଞ୍ଚିଛି। ଏହି ବଣ୍ଟନ କାର୍ଯ୍ୟ ମଙ୍ଗଳବାରଠାରୁ ୩୦ଟି ଟିମ୍ ମାଧ୍ୟମରେ ଆରମ୍ଭ ହୋଇଛି। ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ଥିବା ମନ୍ଦିରଗୁଡ଼ିକୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ବୁଧବାର ଦ୍ୱିତୀୟ ଦିବସରେ ଓଡ଼ିଶା ବାହାରେ କେରଳର ପଦ୍ମନାଭସ୍ୱାମୀ ମନ୍ଦିର, ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିର, ଅହମ୍ମଦାବାଦର ଜଗନ୍ନାଥ ମନ୍ଦିର, କାଳୀଘାଟର କାଳୀ ମନ୍ଦିର ଓ ଖିଦିରପୁର ଜଗନ୍ନାଥ ମନ୍ଦିର, ରାମେଶ୍ୱରମ୍ ଶ୍ରୀ ରାମନାଥସ୍ୱାମୀ ମନ୍ଦିର, ଚେନ୍ନାଇର ଜଗନ୍ନାଥ ମନ୍ଦିର, ମହୀଶୂର ଚାମୁଣ୍ଡେଶ୍ୱରୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ମଥୁରା କୃଷ୍ଣ ଜନ୍ମଭୂମି ସ୍ଥଳ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀଜଗନ୍ନାଥ ମନ୍ଦିର, ତିରୁମାଲା ତିରୁପତି, ମଧ୍ୟପ୍ରଦେଶର ଓଁକାରେଶ୍ୱର ଜ୍ୟୋତିର୍ଲିଙ୍ଗ, ବିଜୟୱାଡାର କନକଦୁର୍ଗା ମନ୍ଦିର, ବୃନ୍ଦାବନର ବାଙ୍କେବିହାରୀ ମନ୍ଦିର ମୁଖ୍ୟମାନଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ସେହିପରି ରାଜ୍ୟ ମଧ୍ୟରେ ଫୁଲବାଣୀର ଶ୍ରୀଜଗନ୍ନାଥ ମନ୍ଦିର, ଦଧିବାମନଜୀଉ ମନ୍ଦିର, ଯାଜପୁରର ବିରଜା ମନ୍ଦିର ଓ ବରାହ ମନ୍ଦିର, କଟକ ସାଲେପୁରର ରାମକୃଷ୍ଣପୁର ଦାରୁସ୍ଥଳୀ, ଢେଙ୍କାନାଳର କପିଳାସ ଚନ୍ଦ୍ରଶେଖର ମନ୍ଦିର ଓ ବଳଦେବଜୀ ମନ୍ଦିର, କଳାହାଣ୍ଡିର ଭଣ୍ଡାରଘରିଆଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର, ଅସ୍ତରଙ୍ଗ ମାଳଦାର ଦାରୁକ୍ଷେତ୍ର, ସାକ୍ଷୀଗୋପାଳସ୍ଥିତ ରାଇଚକ୍ରଧରପୁର ମନ୍ଦିର, ବାରିପଦା ଶ୍ରୀ ଶ୍ରୀ ହରି ବଳଦେବ ମନ୍ଦିରରେ ନିମନ୍ତ୍ରଣପତ୍ର ଦିଆଯାଇଛି। ସେହିପରି ସମ୍ବଲପୁର ମା' ସମଲେଶ୍ୱରୀ ମନ୍ଦିର, ରେଢ଼ାଖୋଲ ଜଗନ୍ନାଥ ମନ୍ଦିର, କେନ୍ଦ୍ରାପଡ଼ା ବଳଦେବ ଜୀଉ ମନ୍ଦିର, ବୌଦ୍ଧର ଚନ୍ଦ୍ରଚୂଡ଼ ମନ୍ଦିର, ପୁରୁଣା କଟକ ଭୈରବୀ ମନ୍ଦିର, ଆଠଗଡ଼ ଶରଣ କ୍ଷେତ୍ର, ଖଲ୍ଲିକୋଟ ଚକ୍ରତୀର୍ଥ, ଅନୁଗୋଳର ଜଗନ୍ନାଥ ମନ୍ଦିର ଓ ମା' ହିଙ୍ଗୁଳା ମନ୍ଦିର, ଜଗତ୍‌ସିଂହପୁର ଅଡ଼ଙ୍ଗଗଡ଼ ଦାରୁକ୍ଷେତ୍ର, ଖଡ଼ିପଡ଼ିଆ ଦାରୁକ୍ଷେତ୍ର ଓ ଗଞ୍ଜାମ ମା' ତାରାତାରିଣୀ ମନ୍ଦିର, ନବରଙ୍ଗପୁରର ମା' ଭଣ୍ଡାରଘରିଆଣୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ଭଦ୍ରକର ଭଦ୍ରକାଳୀ ଓ ଆରଡ଼ି ଆଖଣ୍ଡଳମଣି ମନ୍ଦିରକୁ ସେବାୟତ ଓ ବରିଷ୍ଠ ଅଧିକାରୀମାନେ ନିମନ୍ତ୍ରଣପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ମନ୍ଦିରର ମୁଖ୍ୟ ନିମନ୍ତ୍ରଣ ଗ୍ରହଣ କରି ମହାପ୍ରଭୁଙ୍କ ଏହି ଅନନ୍ୟ କାର୍ଯ୍ୟରେ ସାମିଲ ହେବା ଏକ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି। ସମସ୍ତ ସ୍ଥାନରେ ନିମନ୍ତ୍ରଣ ପ୍ରଦାନ କରିବାକୁ ଯାଇଥିବା ଟିମ୍‌କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ, ଶଙ୍ଖଧ୍ୱନି ଓ ହରିବୋଲ, ହୁଳହୁଳି ପକାଇ ସମସ୍ତେ ସ୍ୱାଗତ କରିଛନ୍ତି।



### ନନ୍ଦନକାନନକୁ ଚିତା ...

ମାତ୍ର ଦିନକ ପରେ ସେ ରୋଗାକ୍ରାନ୍ତ ହୋଇ ମରିଯାଇଥିଲା। ତେଣୁ ବନ ବିଭାଗର ପୁଣିଥରେ ଜିରାଫ ଆଣିବା ଯୋଜନା କେତେଦୂର ସଫଳ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେପଟେ ପିସିସିଏଫ୍ ଆହୁରି କହିଛନ୍ତି, ନନ୍ଦନକାନନ ଚିଡ଼ିଆଖାନା ବିଶ୍ୱସ୍ତରୀୟ ହେବ। କାରଣ ନନ୍ଦନକାନନ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ମାଷ୍ଟର ପ୍ଲାନକୁ ସେଣ୍ଟ୍ରାଲ ଜୁ ଅଥରିଟି ଅନୁମୋଦନ କରିସାରିଛି। ଜନ୍ତୁ ଖୁଆଡ଼ଗୁଡ଼ିକୁ ଅତ୍ୟାଧୁନିକ କରାଯିବ। ସଫାରିଗୁଡ଼ିକୁ ବୃଢ଼ଙ୍ଗଗଡ଼ ପାର୍ଶ୍ୱରେ ବଡ଼ ଆକାରରେ ତିଆରି କରାଯିବ। ଚଳିତ ଆର୍ଥିକ ବର୍ଷରେ ନନ୍ଦନକାନନ ସମ୍ପ୍ରସାରଣ କାମ ଆରମ୍ଭ ହେବ। ୪ରୁ ୫ ବର୍ଷ ମଧ୍ୟରେ କାମ ସାରିବାକୁ ଯୋଜନା ରହିଛି। ତେବେ ଧାର୍ଯ୍ୟ ସମୟ ପୂର୍ବରୁ କାମ ଶେଷ ହୋଇଯିବ ବୋଲି ପିସିସିଏଫ୍ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ନନ୍ଦନକାନନରେ ଏବେ ୪ ହଜାରରୁ ଊର୍ଦ୍ଧ୍ୱ ପଶୁ, ପକ୍ଷୀ, ସରୀସୃପ ଅଛନ୍ତି। ଏଗୁଡ଼ିକୁ ୨୧୨ଟି ଖୁଆଡ଼ରେ ରଖାଯାଇଛି। ଏହି ଚିଡ଼ିଆଖାନାରେ ମୋଟ ୧୫୬ ପ୍ରଜାତି ପ୍ରାଣୀ ଅଛନ୍ତି। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ସ୍ଥାନରୁ ପ୍ରାଣୀ ଅଣାଯିବା ପାଇଁ ପଦକ୍ଷେପ ନିଆଯାଇଛି।

### ନକଲି ଜାତି ସାର୍ଟିଫିକେଟ୍ ...

ସେମିଲିଗୁଡ଼ା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସମ୍ପୃକ୍ତ ଡାକ୍ତରଙ୍କୁ ଆଣି ଘଟଣା ସମ୍ପର୍କରେ ପଚରାଉଚରା କରିବା ପରେ ତାଙ୍କ ବିରୋଧରେ ପ୍ରମାଣ ପାଇ ତାଙ୍କୁ ବୁଧବାର ଗିରଫ କରିଛନ୍ତି। ୨୦୧୭ରେ ଦୁର୍ଗାଦତ୍ତ ଏମ୍‌କେସିଜି ମେଡିକାଲ କଲେଜରେ ନିଶ୍ଚେତକ ବିଭାଗ ଡାକ୍ତର ଭାବେ ନିଯୁକ୍ତି ପାଇଥିବା ବେଳେ ୨୦୨୦ ରେ ପଦୋନ୍ନତି ପାଇ ସହକାରୀ ପ୍ରଫେସର ଭାବେ ଅବସ୍ଥାପିତ ହୋଇଥିଲେ। ଯଦି ସେ ବ୍ରାହ୍ମଣ ପରିବାରର ତେବେ ତାଙ୍କୁ ଆଦିବାସୀ ଯାନୀ ସମ୍ପ୍ରଦାୟ ଜାତିଗତ ପ୍ରମାଣପତ୍ର ଦେଲା କିଏ। ଡାକ୍ତରୀ ପାଠ ପଢ଼ିବା ସମୟରେ କାହିଁକି ତାଙ୍କ ସାର୍ଟିଫିକେଟ୍ ଠିକ୍ ଭାବେ ଯାଞ୍ଚ ହୋଇ ନ ଥିଲା, ତାହା ତଦନ୍ତ ସାପେକ୍ଷ। ସୂଚନାଯୋଗ୍ୟ, ଦୁର୍ଗାଦତ୍ତଙ୍କ ସ୍ତ୍ରୀ ମଧ୍ୟ ଜଣେ ଡାକ୍ତର। ଜୁଲାଇରୁ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ତତ୍କାଳୀନ ଥାନା ଅଧିକାରୀ କାହିଁକି ଏହାର ତଦନ୍ତ କରି ନ ଥିଲେ, ତାହା ଯାଞ୍ଚ ହେବାର ଆବଶ୍ୟକତା ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ବୃହସ୍ପତିଙ୍କ ନକ୍ଷତ୍ରରେ ଅବସ୍ଥାନ କରି ଆପଣଙ୍କ ସମସ୍ତ ଆଶା ଓ ଅଭିଳାଷ ପୂରଣରେ ସହାୟକ ହେବେ। ହିତୈଷୀଙ୍କ ସାହାଯ୍ୟ, ସହଯୋଗ ମାଧ୍ୟମରେ କର୍ମକ୍ଷେତ୍ର ଓ ପାରିବାରିକ ବ୍ୟତିକ୍ରମର ସମସ୍ୟାକୁ ସୁଧାରି ନେବେ। ଶାରୀରିକ ଓ ମାନସିକ ସୁସ୍ଥତା ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ** ଆର୍ଥିକ ଦିଗଟି ଭଲ ରହିବ, ମଧୁର ବ୍ୟବହାର ଦ୍ୱାରା ଅନ୍ୟମାନଙ୍କୁ ଆପ୍ୟାୟିତ କରିବେ। ଶନିଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସକାଶେ ଅନୁତାପ କରିବେ। ସ୍ୱାର୍ଥ ହାସଲ ସକାଶେ ନିକଟରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମିଥୁନ** ନିଜ ରାଶିରେ ଚନ୍ଦ୍ର ଅବସ୍ଥାନ ହେତୁ ଅନ୍ୟମାନଙ୍କ ମନକୁ ସୁହାଇଲା ଭଳି ନୂତନ କାମ ଆରମ୍ଭ କରି ଖୁସି ରହିବେ। ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ଆକସ୍ମିକ ଭାବରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପାରିବାରିକ କ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ସମସ୍ୟାଗ୍ରସ୍ତ ହୋଇ ପାରନ୍ତି।

**କର୍କଟ** ସ୍ୱଗୃହାଭିମୁଖୀ ରାଶ୍ୟାଧିପତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିବ ଏବଂ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କିନ୍ତୁ କେତେକ କ୍ଷେତ୍ରରେ ଅସଫଳତା ଅତ୍ୟଧିକ ଟେନ୍‌ସନ ହେତୁ ରକ୍ତଚାପ ମଧ୍ୟ ବଢ଼ିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। ବହୁତ ଦିନରୁ ଅଟକି ରହିଥିବା କାର୍ଯ୍ୟ ହାସଲର ସୁଯୋଗ ପାଇବେ।

**ସିଂହ** ରବି ଓ ବୁଧ ସହ ମଙ୍ଗଳଙ୍କ ଏକତ୍ରାବସ୍ଥାନ କାରଣରୁ ଅସ୍ଥିରତା ନିଶ୍ଚିତ ଦୂରୀଭୂତ ହୋଇଯିବ। ତଥାପି ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ସାମାଜିକ ସ୍ତରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କନ୍ୟା** ଚନ୍ଦ୍ର ଏବଂ ବୁଧଙ୍କ ପ୍ରଭାବରେ କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ପାଇବେ। ପରିସ୍ଥିତିବଶତଃ ଆକସ୍ମିକ ଭାବେ ବହୁତ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହୋଇପାରନ୍ତି। ପ୍ରବାସୀମାନେ ପରିବାରକୁ ମନେପକାଇ ନିଃସଙ୍ଗତା ବୋଧ କରିବେ।

**ତୁଳା** ଶୁକ୍ର ଓ ଚନ୍ଦ୍ରଙ୍କ ପାରସ୍ପରିକ ଦୃଷ୍ଟିଜନିତ ଭାବପ୍ରବଣତା ବୃଦ୍ଧି ପାଇବ। ଅନୁକୂଳ ସମୟକୁ ଅପେକ୍ଷା କଲେ ଯାହା ଓ ଯେପରି ଚିନ୍ତା କରୁଛନ୍ତି ଠିକ୍ ସେପରି ହିଁ ହୋଇପାରିବ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା** ମୁଖ୍ୟଭାବରେ ବୁଧ ଓ ମଙ୍ଗଳ ହେତୁ କଠୋର ବାକ୍ୟାଳାପ ଦ୍ୱାରା ପୂର୍ବ ପରିକଳ୍ପିତ ଯୋଜନା ବିଗିଡ଼ି ଯାଇପାରେ। ଠିକ୍ ସମୟରେ ଯାହା ଆଶା କରୁଥିବେ ତାହା ପାଇବେ ନାହିଁ, କିନ୍ତୁ ପରବର୍ତ୍ତୀ ସମୟରେ ପାଇଲେ ମଧ୍ୟ ଖୁସି ହୋଇ ପାରିବେ ନାହିଁ। ବାରମ୍ବାର ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିବ।

**ଧନୁ** କର୍ମାଧିପତିଙ୍କ ସହ ସପ୍ତମାଧିପତିଙ୍କ ସଂଯୋଗ ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟାଇବ। ଅପରିଣାମଦର୍ଶିତା କାରଣରୁ କେତେକ ଗୋପନୀୟ କଥାକୁ ନେଇ ମନ ଅସ୍ଥିର ରହିପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ସକାଶେ ଚେଷ୍ଟା କରିପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ପଛରେ ନାନାଦି କଥା କହିପାରନ୍ତି।

**ମକର** ରାଶି ପ୍ରଭାବରେ ଆକସ୍ମିକ ଥଣ୍ଡାଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ସମ୍ମୁଖରେ ମନ କଥାକୁ ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ୍ ଆଲୋଚନା କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ, ଫଳରେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଅବଶ୍ୟ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**କୁମ୍ଭ** ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ବିଭିନ୍ନ ସମସ୍ୟା ଥିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଶତଭିଷା ନକ୍ଷତ୍ରର କର୍ମକ୍ଷେତ୍ରରେ ସୁଯୋଗ ଆପଣାଛାଏଁ ଆସିବ ଓ କାମ ସମ୍ପନ୍ନ ହେବ।

**ମୀନ** ବୃହସ୍ପତିଙ୍କ ସୁପ୍ରଭାବରୁ ହାତକୁ ନେଇଥିବା କାମଗୁଡ଼ିକ ସୁବିଧାରେ ହାସଲ କରିପାରିବେ। ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇବା ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଲାନ୍ତିବୋଧ କରିପାରନ୍ତି। ପାଖ ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ।

ଆଜି ପୌଷ କୃଷ୍ଣ ଦ୍ୱିତୀୟା ଗୁରୁବାର, ଡିସେମ୍ବର ୨୮ ତାରିଖ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୩ ଗତେ ଘ.୦୭।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୦୯ ମି. ଗତେ ଘ.୦୨।୩୦ ମି. ମଧ୍ୟେ ରାହୁକାଳ।

# ବିଜେପୁର ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
- ପ୍ରସ୍ତାବିତ ପଦ୍ମପୁର ଜିଲାରେ ସାମିଲ ନ ହେବାକୁ ଦାବି
- ଗୁରୁବାର ବରପାଲିରେ ବନ୍ଦ ପାଳନ

ବରଗଡ଼,୨୭।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ପଦ୍ମପୁରକୁ ନୂତନ ଜିଲା ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ଯୋଜନା କରୁଥିବା ଜଣାପଡ଼ିଛି। ପଦ୍ମପୁର ଓ ବିଜେପୁର ନିର୍ବାଚନମଣ୍ଡଳୀକୁ ନେଇ ଏହି ନୂତନ ଜିଲା ଗଠନ ହେବ ବୋଲି ଚର୍ଚ୍ଚା ଚାଲିଛି। ତେବେ ନୂତନ ଜିଲା ଗଠନକୁ ସ୍ୱାଗତ କରାଯାଉଥିବାବେଳେ ବିଜେପୁର ବ୍ଲକ୍, ଏନ୍ଏସି ଏବଂ ବରପାଲି ବ୍ଲକ୍, ଏନ୍ଏସିବାସୀ ପ୍ରସ୍ତାବିତ ପଦ୍ମପୁର ଜିଲାରେ ସାମିଲ ହେବେ ନାହିଁ ବୋଲି ଦାବି କରିଛନ୍ତି। ଏହି ଦାବି ନେଇ ବୁଧବାର ବିଜେପୁରରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପଟେ ଗୁରୁବାର ବରପାଲିରେ ଅନୁରୂପ ବନ୍ଦ ପାଳନ କରାଯିବ ବୋଲି ସୂଚନା ମିଳିଛି। ସକାଳ ୬ଟାରୁ ବିଜେପୁରର ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ ଦପ୍ତର, ବ୍ୟାଙ୍କ, ସ୍କୁଲ, କଲେଜ ଆଦି ବନ୍ଦ ରହିଥିଲା। ଗାଡ଼ି ଚଳାଚଳ ମଧ୍ୟ ଠପ୍ ପଡ଼ିଥିଲା। ଫଳରେ ରାସ୍ତାଘାଟ ଶୁନ୍ଶାନ୍ ହୋଇଥିଲା। ସ୍ଥାନୀୟ ଶ୍ରୀରାମନଗରରେ ଏକ ସଭା ହୋଇଥିଲା। ବିଜେପୁର ବ୍ଲକ ଅଧ୍ୟକ୍ଷ ମୋତିରାମ ସାହୁ, ଏନ୍ଏସି ଅଧ୍ୟକ୍ଷା ସୀତା ବାରିକ, ବଣିକ ସଂଘ ସଭାପତି ଚିନ୍ମୟ ସାହୁ, ସନତ ଗଡ଼ତିଆ, ପାଣ୍ଡବ ପ୍ରଧାନ, ରଜନୀକାନ୍ତ ଗଡ଼ତିଆ, ରାଜେଶ ଅଗ୍ରୱାଲ, ଅରୁଣ ମାହାଣା ପ୍ରମୁଖ ସେଠାରେ ଉଦ୍‌ବୋଧନ ଦେଇଥିଲେ। ପରେ ଅଞ୍ଚଳବାସୀ ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର କର୍ଣ୍ଣ ସୁନାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଏଥିରେ ଉଲ୍ଲେଖ ରହିଛି, ବିଜେପୁରରୁ ବରଗଡ଼ ଜିଲା ସଦର ମହକୁମା ଅପେକ୍ଷା ପଦ୍ମପୁରକୁ ଦୂରତା ଅଧିକ। ବରଗଡ଼ ଜିଲାରେ ରହି ସ୍ୱାସ୍ଥ୍ୟ, ବ୍ୟବସାୟିକ, ଶିକ୍ଷାକ୍ଷେତ୍ରରେ ଶୀଘ୍ର ସୁବିଧା ମିଳିପାରୁଛି। ଅନ୍ୟପଟେ ବରଗଡ଼ ସଦର ମହକୁମାଠାରୁ ପଦ୍ମପୁରର ଦୂରତା ବହୁ ଅଧିକ ରହିଥିବା ଯୋଗୁ ବିଜେପୁରକୁ ପଦ୍ମପୁର ଉପଖଣ୍ଡରୁ ବାଦ୍ ଦେଇ ବରଗଡ଼ ଉପଖଣ୍ଡରେ ସାମିଲ କରାଯିବା ପାଇଁ ସ୍ମାରକପତ୍ରରେ ଦାବି ହୋଇଛି।


ବିଜେପୁର ତହସିଲଦାର ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ୫ ମାଓବାଦୀଙ୍କ ଆତ୍ମ ସମର୍ପଣ

ମାଲକାନଗିରି, ୨୭।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ଫୋର୍ସ ନିକଟରେ ବୁଧବାର ୫ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ଗଙ୍ଗାଲୁର ମାଓବାଦୀ ପାର୍ଟିର ବୋଲି ଜଣାପଡ଼ିଛି। ସେମାନେ ହେଲେ ଗୁଡୁ ତାଟି, ପାଇକୁ ହେମଲା, ଡେପୁଟି କମାଣ୍ଡର ସନ୍ନୁ ତାଟି, ସାଣ୍ଟୁ ପୋଟମ ଓ ମିଲିସିଆ କମାଣ୍ଡର ସୋନାରୁ ରବି। ସୂଚନା ଅନୁଯାୟୀ, ଏହି ମାଓବାଦୀମାନେ ଦୀର୍ଘଦିନ ଧରି ସଙ୍ଗଠନରେ କାର୍ଯ୍ୟରତ ଥିବାବେଳେ ଅନେକ ବଡ଼ ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିଲେ। ତେବେ ପୋଲିସ ପକ୍ଷରୁ କରାଯାଉଥିବା ମାଓବାଦୀ ଦମନ ଅଭିଯାନ ଓ ସଙ୍ଗଠନ ଦୁର୍ବଳ ହେବା ସହ ନିଜର ନୀତି ଆଦର୍ଶରୁ ଓହରି ଯାଇଥିବାରୁ ଏମାନେ ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏହି ମାଓବାଦୀଙ୍କୁ ସରକାରଙ୍କ ନୀତି ଅନୁଯାୟୀ ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା ପ୍ରୋତ୍ସାହନ ଦିଆଯାଇଥିଲା।

### ନାଳପାଣିରୁ ହାତୀ ଛୁଆର ମୃତଦେହ ଜବତ

ରିଆମାଳ, ୨୭।୧୨ (ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ନୂଆଁଡିହି ଫରେଷ୍ଟ ସେକ୍ସନ କଣ୍ଡିମାଳ ନିକଟସ୍ଥ ନାଳରେ ବୁଧବାର ଏକ ହାତୀ ଛୁଆର ମୃତଦେହ ଜବତ ହୋଇଛି। ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ, ଫରେଷ୍ଟର ଛବିଳ କୁମାର ବେହେରା ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହକୁ ବାହାର କରିଥିଲେ। ରିଆମାଳ ଭିଏସ ରମାକାନ୍ତ ଶତପଥୀ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ପରେ ସେଠାରେ ମୃତଦେହକୁ ପୋତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୩୪ ଟିକିଆ ହାତୀପଲରେ ଏହି ଛୁଆଟି ରହିଥିଲା।


ମୃତ ହାତୀ

# ମଧ୍ୟାହ୍ନଭୋଜନ ଚାଉଳ ଖାଇଲା ହାତୀ


ଏକ ପାଚିଲା ଧାନ କ୍ଷେତରେ ହାତୀପଲ।

ପାଟଣା,୨୭।୧୨(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୩ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ୪ରୁ ୫ ଦିନ ହେବ ଅଞ୍ଚଳରେ ଘର ଭାଙ୍ଗିବା ସହ ଧାନ ଓ ପନିପରିବା ଫସଲ ନଷ୍ଟ କରୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ପାଟଣା ରେଞ୍ଜ ଝଟିପଡ଼ା ପ୍ରାଥମିକ ବିଦ୍ୟାଳୟର ପାଚେରି ଭାଙ୍ଗି ଷ୍ଟୋର ରୁମ୍‌ରେ ଥିବା ମଧ୍ୟାହ୍ନଭୋଜନ ଚାଉଳ ଖାଇବା ସହ ନଷ୍ଟ କରିଦେଇଛନ୍ତି।

ହାତୀପଲ ବିଳମ୍ବିତ ରାତିରେ ପ୍ରଥମେ ସ୍କୁଲ ପାଚେରି ଭାଙ୍ଗି ଭିତରେ ପଶିଥିଲେ। ପରିସରରେ ଥିବା ଅଶୋକ ସ୍ତମ୍ଭକୁ ଭାଙ୍ଗିବା ସହ ଅଙ୍ଗନୱାଡି କେନ୍ଦ୍ର ଝରକା ଭାଙ୍ଗି ଚାଉଳ ଖାଇଥିଲେ। ଏଥିସହ ସ୍ୱାମ ଖସାପିଠା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ ଷ୍ଟୋର ରୁମ୍‌ର କବାଟ ଭାଙ୍ଗି ୨ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଖାଇ ନଷ୍ଟ କରିଛନ୍ତି। ପରେ ଝଟିପଡ଼ା ଗ୍ରାମର ଅର୍ଜୁନ ବାରିକଙ୍କ ସିଝା ଧାନ ଖାଇବା ସହ ଏକ ଧାନ ପୁଡ଼ଗ ଟେକିନେଇ ନଷ୍ଟ କରିଛନ୍ତି। ଏବେ ଝଟିପଡ଼ା ପ୍ରାଥମିକ ବିଦ୍ୟାଳୟ ନିକଟ ଜଙ୍ଗଲରେ ହାତୀପଲ ଡେରା ପକାଇଛନ୍ତି। ହାତୀପଲ ଗାଁ ନିକଟରେ ବୁଲୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି। ମହୁଲ, ଧାନ ଓ ଚାଉଳ ରହୁଥିବା ଘର ହାତୀପଲ ଭାଙ୍ଗୁଛନ୍ତି। ଲୋକେ ନିଆଁ ହୁଳା ଧରି ଘଉଡ଼ାଇବାରୁ ହାତୀ ଉତ୍ତ୍ୟକ୍ତ ହେଉଥିବା ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର କହିଛନ୍ତି।

# ଯୁବକଙ୍କୁ ଦଳିଦେଲା ହାତୀ

ଚମ୍ପୁଆ/ଝୁମ୍ପୁରା/କେନ୍ଦୁଝର, ୨୭।୧୨ (ମହେଶ୍ୱର ଦାସ/ଶଶିଭୂଷଣ ବେହେରା/ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ତଥା ବାଲିବନ୍ଧ ସେକ୍ସନ ଅଧୀନ ହରିଡ଼ାଯୋଡ଼ିଠାରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ହାତୀ ଦଳିଦେଇଛି। ଫଳରେ ଘଟଣାସ୍ଥଳରେ ହରିଡ଼ାଯୋଡ଼ି ଗ୍ରାମର ସୁକୁରା ମୁଣ୍ଡାଙ୍କ ପୁଅ ମିଥୁନ ମୁଣ୍ଡା(୪୦)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମିଥୁନ ତାଙ୍କର ୪ ସାଙ୍ଗଙ୍କ ସହ ମୁରୁସୁଆଁ ହାଟ ସାରି ସନ୍ଧ୍ୟା ୬.୩୦ ସମୟରେ ଘରକୁ ଫେରୁଥିଲେ। ହରିଡ଼ାଯୋଡ଼ିଠାରେ ସେ ହାତୀ ହାବୁଡ଼ରେ ପଡ଼ିଥିଲେ। ସମସ୍ତେ ଦୌଡ଼ି ପଳାଇଥିବା ବେଳେ ମିଥୁନଙ୍କୁ ହାତୀ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ପରେ ମୁଣ୍ଡକୁ ପାଦରେ ଦଳିଦେଇଥିଲା। ବନ ବିଭାଗ ଓ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୫/୨୩) ରୁଜୁ କରିଛି। ଉକ୍ତ ରେଞ୍ଜରେ ବର୍ତ୍ତମାନ ୧୯ ଟିକିଆ ହାତୀପଲ ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ମୃତକଙ୍କ ପରିବାର ଲୋକଙ୍କୁ ପ୍ରାଥମିକ ସ୍ତରରେ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ବାଲିବନ୍ଧ ବନପାଳ ବୁଲୁ ନାହାକ ସୂଚନା ଦେଇଛନ୍ତି। ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# କୋଟିପତି ଇଡ୍‌କୋ ସିଜିଏମ୍ ଗିରଫ

## ୧୫୩ ପ୍ରତିଶତ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୭।୧୨ (ସତ୍ୟଜିତ୍ ରାଉତ)


ସରୋଜକାନ୍ତ ମହାନ୍ତି

ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ (ଇଡ୍‌କୋ)ର ଚିଫ୍ ଜେନେରାଲ୍ ମ୍ୟାନେଜର୍(ପିଏଣ୍ଡଏ) ସରୋଜକାନ୍ତ ମହାନ୍ତିଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ସରୋଜଙ୍କଠାରୁ ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ଆୟ ବହିର୍ଭୂତ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୧୫୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ସରୋଜଙ୍କ ନାମରେ ଏକ ମାମଲା (ନଂ. ୩୮/୨୦୨୩) ରୁଜୁ କରାଯାଇଛି। କୋଟିପତି ଇଡ୍‌କୋ ଅଧିକାରୀ ସରୋଜ ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ମଙ୍ଗଳବାର ସରୋଜଙ୍କ ଘର ସମେତ ଭୁବନେଶ୍ୱର, କଟକ ଓ ଯାଜପୁର ଜିଲାର ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ସରୋଜଙ୍କ କଟକ ନୟାବଜାର ମହାନଦୀ ବିହାରସ୍ଥିତ ଏକ ୩ ମହଲା କୋଠା, ଧର୍ମଶାଳା ବ୍ରହ୍ମବରଦାରେ ଦୁଇମହଲା କୋଠା, ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ ଅମ୍ରିତା ଆଲୟମ୍ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍, କଟକ ବାରଙ୍ଗ ପାଟପୁରସ୍ଥିତ ମେଟ୍ରୋ ଗ୍ରୀନ୍ ଉଡ୍‌ସ ଆପାର୍ଟମେଣ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ ଓ ୧୦ଟି ପ୍ଲଟ୍ ଠାବ ହୋଇଥିଲା। ଏଥିସହ ୭୦୩.୩୮ ଗ୍ରାମ୍ ସୁନା ଅଳଙ୍କାର, ୮୬୯ ଗ୍ରାମ୍ ରୁପା ଅଳଙ୍କାର, ବ୍ୟାଙ୍କ, ଜୀବନବୀମା ଏବଂ ପୋଷ୍ଟାଲ ଜମା ୭୦.୫୫ ଲକ୍ଷ ଏବଂ ୨୦.୮୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୨ଟି ଦୁଇଚକିଆ ଯାନ ଏବଂ ନଗଦ ଟଙ୍କା ଠାବ କରିଥିଲା ଭିଜିଲାନ୍ସ। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।


LIC
ଜୀ. ବୀ. ନି. ସ୍ୱର୍ଣ୍ଣଜୟନ୍ତୀ ଫାଉଣ୍ଡେସନ
LIC GOLDEN JUBILEE FOUNDATION
ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ସ୍କଲାର୍‌ଶିପ୍ ସ୍କିମ୍ 2023
ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ
ସ୍କଲାର୍‌ଶିପ୍‌ସ ବଢ଼ିଛି ଏବେ

ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ଫାଉଣ୍ଡେଶନ୍ ଶିକ୍ଷଣ ବର୍ଷ 2022-23 ରେ ଦଶମ/ଦ୍ୱାଦଶ/ଡିପ୍ଲୋମା କିମ୍ବା ତତ୍‌ସମାନ ପରୀକ୍ଷା ଅନ୍ୟୂନ 60% ବା ତତ୍‌ସମାନ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ଲାଗି ସହର୍ଷେ ଘୋଷଣା କରୁଛି ସର୍ବ ଭାରତୀୟ ସ୍ତରରେ ସ୍କଲାର୍‌ଶିପ୍‌ସ।

- 20 ଜେନେରାଲ୍ ସ୍କଲାର୍‌ଶିପ୍ ଏଲଆଇସି'ର ପ୍ରତି ଡିଭିଜନାଲ୍ ସେଣ୍ଟର ସକାଶେ: (ପୁଅ ଓ ଝିଅଙ୍କ ଲାଗି ପ୍ରତ୍ୟେକ 10ଟି) ଉଚ୍ଚ ଶିକ୍ଷା କରିବା ସକାଶେ, ଏସବୁ ବିଷୟରେ:
  - (i) ମେଡିସିନ, ଇଞ୍ଜିନିଅରିଙ୍ଗ, ଯେକୌଣସି ପାଠ୍ୟକ୍ରମରେ ଗ୍ରାଜୁଏଶନ୍, ଯେକୌଣସି କ୍ଷେତ୍ରରେ ଡିପ୍ଲୋମା କୋର୍ସ ବା ଇଣ୍ଟିଗ୍ରେଟେଡ୍ କୋର୍ସେସ୍।
  - (ii) ସରକାରୀ ମାନ୍ୟତାପ୍ରାପ୍ତ କଲେଜେସ୍/ଇନ୍‌ଷ୍ଟିଚ୍ୟୁଟ୍‌ସ ଜରିଆରେ ଭୋକେଶନାଲ୍ କୋର୍ସ କିମ୍ବା ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍‌ସ (ଆଇଟିଆଇ) ରେ କୋର୍ସେସ୍
- 10 ସ୍ପେଶାଲ୍ ସ୍କଲାର୍‌ଶିପ୍ ଏଲଆଇସି'ର ପ୍ରତି ଡିଭିଜନାଲ୍ ଏରିଆ'ର ଝିଅଙ୍କ ସକାଶେ: 10 + 2 ପ୍ୟାଟର୍ନ ଅନ୍ତର୍ଗତ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ/ଡିପ୍ଲୋମା/ଇଣ୍ଟରମିଡିଏଟ୍‌ରେ ଅଧ୍ୟୟନ କରିବା ସକାଶେ।

ଅନ୍‌ଲାଇନ୍ ଆବେଦନ, ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତ ଏବଂ ସ୍କିମ୍'ର ବିଶଦ ବିବରଣୀ ପାଇଁ ଦେଖନ୍ତୁ https://licindia.in
ଅନ୍‌ଲାଇନ୍ ଆବେଦନ ପଇଠ କରିବାର ଅନ୍ତିମ ଦିନାଙ୍କ 14.01.2024


# ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟରଙ୍କୁ ୨ବର୍ଷ ଜେଲ

## ୪୮.୮୬ ପ୍ରତିଶତ ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ

ଭୁବନେଶ୍ୱର,୨୭।୧୨ (ସତ୍ୟଜିତ୍ ରାଉତ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭୁବନେଶ୍ୱରସ୍ଥିତ ଟେକ୍ସଟ୍ ବୁକ୍ ପ୍ରେସ୍‌ର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ପ୍ରତାପ କିଶୋର ଛୋଟରାୟ(୭୬) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ପ୍ରଦୀପ କୁମାର ମହାପାତ୍ର ବୁଧବାର ଏହି ମାମଲାରେ ରାୟ ପ୍ରକାଶ କରିଛନ୍ତି। ପ୍ରଦୀପଙ୍କୁ ଦୁଇବର୍ଷ ଜେଲଦଣ୍ଡ ସହ ୨ ଲକ୍ଷ ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦେୟ ପ୍ରତାପ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବାରମ୍ବାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ୨୦୦୦ ମସିହା ମାର୍ଚ୍ଚ ୭ରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ପ୍ରତାପଙ୍କ ୟୁନିଟ-୯ସ୍ଥିତ ସରକାରୀ କ୍ୱାର୍ଟର, ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ଘର ଓ ଖୋର୍ଦ୍ଧା ଜିଲା ଜଟଣୀ କୁଶୁମାଟି ଗ୍ରାମସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଇଥିଲା। ଏହି ଯାଞ୍ଚରେ ଭିଜିଲାନ୍ସ ଟିମ୍ ୧୦ ଲକ୍ଷ ୩୭ ହଜାର ୯୬୫ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ଏହା ପ୍ରତାପଙ୍କ ପ୍ରକୃତ ଆୟଠାରୁ ୪୮.୮୬ ପ୍ରତିଶତ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଥିଲା। ଭିଜିଲାନ୍ସ ପକ୍ଷରୁ ଏ ନେଇ ଏକ ମାମଲା (ନଂ. ୧୫/୨୦୦୦) ରୁଜୁ କରାଯାଇ ପ୍ରତାପଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏ ସଂକ୍ରାନ୍ତରେ ଭିଜିଲାନ୍ସ ପକ୍ଷରୁ ଚାର୍ଜଶିଟ୍ ଦାଖଲ ହେବା ପରେ ୨୦୧୨ରୁ ମାମଲାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୨ଜଣଙ୍କ ସାକ୍ଷ୍ୟ ଏବଂ ଅନ୍ୟାନ୍ୟ ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ଅଜିତ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ଏହି ଦଣ୍ଡାଦେଶକୁ ଆଧାର କରି ପ୍ରତାପଙ୍କ ପେନସନ୍ ରାଶି ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଅବଗତ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରକ୍ ଚାପାରେ ୨ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ

## ଉତ୍ତେଜନା, ରାସ୍ତାରୋକୋ

ରେଢ଼ାଖୋଲ,୨୭।୧୨ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ସହର ଉପକଣ୍ଠ ୫୫ନଂ. ଜାତୀୟ ରାଜପଥର ଏବି ରେଷ୍ଟୁରାଣ୍ଟ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରକ୍ ଚାପାରେ ୨ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରେଢ଼ାଖୋଲ ସହର ଖନ୍ଦାଡ଼ିପର ଶୁଭେନ୍ଦୁ ସାହୁ (୨୨) ଓ ରଥସାହିର ଶ୍ୟାମସୁନ୍ଦର ଭିତିରିଆ (୨୩)। ସୂଚନା ଅନୁଯାୟୀ, ଶୁଭେନ୍ଦୁ ଓ ଶ୍ୟାମସୁନ୍ଦର ଏକ ବୁଲେଟ୍ ଯୋଗେ ଫରେଷ୍ଟ ପାର୍କରୁ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୫ଟାରେ ଏବି ରେଷ୍ଟୁରାଣ୍ଟ ନିକଟରେ ଏକ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇ ଫେରାର ହୋଇଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ଫଳରେ ଘଟଣାସ୍ଥଳରେ ଯୁବକ ଦ୍ୱୟଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣାସ୍ଥଳରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ରେଢ଼ାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ଖବର ଲେଖାହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।


ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଛନ୍ତି।


DSPL-491
ଆମ ଓଡ଼ିଶା ନବୀନ ଓଡ଼ିଶା
TRANSPARENCY TECHNOLOGY TEAMWORK TIME TRANSFORMATION

ଭ୍ରୂଣର ଲିଙ୍ଗ ନିରୂପଣ ଏକ ଦଣ୍ଡନୀୟ ଅପରାଧ

ଝିଅଟିଏ ରତ୍ନଟିଏ ଝିଅଟିଏ ଖୁସି ଦିଏ

ସୂଚନାଦାତାଙ୍କୁ ପ୍ରୋତ୍ସାହନ

ଅଣପଞ୍ଜିକୃତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଓ ଅଣପଞ୍ଜିକୃତ ଭ୍ରାମ୍ୟମାଣ ଅଲଟ୍ରାସାଉଣ୍ଡ ମେସିନ୍ ସମ୍ବନ୍ଧରେ ସଠିକ ସୂଚନା ଜଣାଇଲେ ସୂଚନା ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ଟ.୨୫୦୦୦/- ପ୍ରୋତ୍ସାହନ ରାଶି ୩ ଟି କିସ୍ତିରେ ପ୍ରଦାନ କରାଯିବାର ବ୍ୟବସ୍ଥା ଉପଲବ୍ଧ।

ସର୍ତ୍ତାବଳୀ

- ସୂଚନା ପାଇବା ପରେ ଜିଲ୍ଲା ଅଧିକାରୀଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ନିରୀକ୍ଷଣ କମିଟି ଦ୍ୱାରା ତଦନ୍ତ କରାଯାଇ ସତ୍ୟ ପ୍ରମାଣିତ ହେଲେ ସୂଚନାଦାତାଙ୍କୁ ପ୍ରଥମ କିସ୍ତିରେ **ଟ.୧୦,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- ପରବର୍ତ୍ତୀ ପର୍ଯ୍ୟାୟରେ ଦୋଷୀଙ୍କ ବିରୁଦ୍ଧରେ କୋର୍ଟରେ କେସ୍ ହେଲେ ସୂଚନା ଦାତାଙ୍କୁ ଦ୍ୱିତୀୟ କିସ୍ତିରେ **ଟ.୧୦,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।
- କୋର୍ଟ କେସ୍‌ର ଶୁଣାଣି ଶେଷ ହୋଇ ଦୋଷୀକୁ ଦଣ୍ଡବିଧାନ ହେଲେ ସୂଚନା ଦାତାଙ୍କୁ ଶେଷ ତଥା ତୃତୀୟ କିସ୍ତିର **ଟ.୫,୦୦୦/-** ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ।

ସୂଚନା ଦେଇଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ପାଇବାକୁ ଯୋଗ୍ୟ କି ନାହିଁ ତାହା ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ସ୍ଥିର କରିବେ।

PC & PNDT ଆଇନ ଅନୁଯାୟୀ ସୂଚନାଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha http://www.health.odisha.gov.in/ @HFWOdisha
OIPR-10003/13/0152/2324

❝ କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। **-ଶ୍ରୀଅରବିନ୍ଦ**



# କେଉଁ ନାମରେ ପରିଚିତ ହେବା



ଦେବଦତ୍ତ ପଟ୍ଟନାୟକ

ଏକଦା ଇନ୍ଦୁ (ଚନ୍ଦ୍ର) ବା ଇନ୍ଦୁମତି (ପୂର୍ଣ୍ଣଚନ୍ଦ୍ର) ନାମକ ଜଣେ ରାଜକୁମାରୀ ଥିଲେ। ତାଙ୍କ ଭାଇ ଥିଲେ ବିଦର୍ଭର ରାଜା ଭୋଜ। ଇନ୍ଦୁ ଅଯୋଧ୍ୟା ରାଜା ଅଜଙ୍କୁ ତାଙ୍କ ସ୍ୱାମୀ ଭାବରେ ବାଛିଲେ। ସେମାନଙ୍କର ଦଶରଥ ନାମକ ପୁତ୍ର ସନ୍ତାନ ଥିଲେ। କିନ୍ତୁ ତା'ପରେ ଇନ୍ଦୁଙ୍କର ମୃତ୍ୟୁ ଘଟିଲା। ତାଙ୍କ ଉପରେ ସ୍ୱର୍ଗରୁ ପୁଷ୍ପ ବର୍ଷାହେବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ଅଜ ତାଙ୍କ ବିନା ବଞ୍ଚିପାରିଲେ ନାହିଁ। ତେଣୁ ସିଂହାସନରେ ଯୁବାପୁଅ ଦଶରଥଙ୍କୁ ବସାଇବାର କିଛିଦିନ ପରେ ସେ ମୃତ୍ୟୁବରଣ କଲେ। ଦଶରଥଙ୍କ ବଡ଼ ପୁଅ ଥିଲେ ରାମ, ବଡ଼ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ସେ ଜନ୍ମ ନେଇଥିଲେ। ତାଙ୍କର ଦ୍ୱିତୀୟ ପୁତ୍ର ଭରତ ପ୍ରିୟ ରାଣୀ କୈକେଇଙ୍କ ସନ୍ତାନ। କୈକେଇ ନିଜର ଚତୁରତା ବଳରେ ଭରତଙ୍କ ପାଇଁ ଦଶରଥଙ୍କ ସିଂହାସନ ସୁରକ୍ଷିତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭରତ ଏହାକୁ ଗ୍ରହଣ କରିବାକୁ ନାରାଜ ଥିଲେ ଓ ନିୟମ ଅନୁଯାୟୀ ରାମ ରାଜମୁକୁଟର ଉତ୍ତରାଧିକାରୀ ବୋଲି ସେ କହିଥିଲେ। ରାମ ପ୍ରତିଷ୍ଠା କରିଥିଲେ ରାମରାଜ୍ୟ। ଆମେ ଏବେ ଇଣ୍ଡିଆ ବୋଲି କହୁଥିବା ଭୂମିକୁ ତାଙ୍କ ଜେଜେମା ଇନ୍ଦୁମତିଙ୍କ ନାମରେ ଏବଂ ତାଙ୍କ ଭାଇ ଭରତଙ୍କ ନାମରେ ଭାରତ ନାମିତ କରି ସେ ଶାସନ କରିଥିଲେ। ଏହି ନାମଗୁଡ଼ିକ ଆମକୁ ସ୍ମରଣ କରାଇଦିଏ ଯେ ରାମଙ୍କ ରାଜ୍ୟରେ ଥିବା ମହିଳାମାନଙ୍କୁ ସେମାନଙ୍କ ସ୍ୱାମୀ ବହୁତ ଭଲ ପାଉଥିଲେ। ଏହାସହ ସେହି ରାଜ୍ୟରେ ସମ୍ପତ୍ତି ଉପରେ କଳି କରୁ ନ ଥିବା ଭାଇମାନେ ବି ଥିଲେ।

ଏହା ଏକ ହ୍ୱାଟ୍ସଆପ୍ ମେସେଜ ହୋଇପାରେ। ଇଂରାଜୀ ଭାଷାଭାଷୀ ଏବଂ ହିନ୍ଦୁତ୍ୱ ପ୍ରଚାରପ୍ରସାର କରୁଥିବା ଗୁରୁଙ୍କ ଦ୍ୱାରା ଭାରତକୁ ନେଇ ଅନେକ କାଳ୍ପନିକ ଶବ୍ଦଗତ ସମୀକ୍ଷାକୁ ଉତ୍ସାହିତ କରାଯାଉଛି। ଏହିପରି ଏକ ଶାବ୍ଦିକ ସମୀକ୍ଷା ଦାବିକରେ ଯେ, ଭରତ ଭା (ଆଲୋକ) ଏବଂ ରତ (ସନ୍ଧାନ)ରୁ ଉତ୍ପନ୍ନ। ଅନ୍ୟ ଏକ ଦାବି କହେ ଯେ, ଏହା ଭାବ (ଭାବନା), ରାଗ (ସ୍ୱର) ଏବଂ ତାଳ (ଗୀତ)ରୁ ଆସିଛି। ଭାରତ ନାମର ବୋଧହୁଏ ଜୈନ ଧର୍ମ ସହ ସମ୍ପର୍କ ଅଛି। ଏହା ପ୍ରଥମ ତୀର୍ଥଙ୍କର ଋଷଭ ଦେବଙ୍କ ପୁଅ ପ୍ରଥମ ଚକ୍ରବର୍ତ୍ତୀ ଭରତଙ୍କ ନାମରୁ ଉତ୍ପନ୍ନ ହୋଇଛି। ମେରୁ ପର୍ବତରେ ଖୋଦିତ ତାଙ୍କ ଭଳି ଅନେକ ଶହ ବିଶ୍ୱ ବିଜୟୀଙ୍କ ନାମ ନ ଦେଖିବା ପର୍ଯ୍ୟନ୍ତ ଅନୁଭବ କରୁଥିଲେ ସେ ହିଁ କେବଳ ଜଣେ ମାତ୍ର ବିଶ୍ୱ ବିଜୟୀ ଥିଲେ। କାଳଖଣ୍ଡରେ ସେହି ବିଶ୍ୱ ବିଜୟୀଙ୍କୁ ସମସ୍ତେ ଭୁଲିଯାଇଥିଲେ।

ଭାରତର ନାମ ଋଗ୍‌ବେଦରେ ସୂଚିତ ଭରତ ବଂଶରୁ ଆସିଛି ବୋଲି ଅନେକ ହିନ୍ଦୁ କାହାଣୀରେ ବର୍ଣ୍ଣନା ରହିଛି। ଏଭଳି କାହାଣୀଗୁଡ଼ିକ ଜୈନ କାହାଣୀକୁ ଗୌଣ କରିଦେବା ଅନେକ କ୍ଷେତ୍ରରେ ବି ଦେଖିବାକୁ ମିଳେ। ବେଦ ବର୍ଣ୍ଣିତ ଭରତ ସାତୋଟି ନଦୀ (ସପ୍ତସିନ୍ଧୁ) ଅବବାହିକାର ଦେଶ (ଏବକାର କୁରୁକ୍ଷେତ୍ର)ର ୧୦ଜଣ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ। ଖ୍ରୀଷ୍ଟପୂର୍ବ ୧୦୦୦ରେ ଭାରତୀୟ ଶାସ୍ତ୍ରରେ ଏହାକୁ ସର୍ବପ୍ରଥମ ଯୁଦ୍ଧ ଭାବେ ଉଲ୍ଲେଖ କରାଯାଇଛି। ଅନେକ ଶତାବ୍ଦୀ ପରେ ବ୍ୟାସଙ୍କ ମହାଭାରତ ମହାକାବ୍ୟ ସେହି ମହାନ୍ ବଂଶର କାହାଣୀଗୁଡ଼ିକୁ ବର୍ଣ୍ଣନା କରିଥିଲା। କିନ୍ତୁ ଏଥିରେ ଭରତ ଶକୁନ୍ତଳାଙ୍କ ପୁଅ ଭାବେ ବର୍ଣ୍ଣନା କରାଯାଇଛି, ଯିଏ ଜଙ୍ଗଲରେ ଜନ୍ମ ନେଇଥିଲେ। ତାଙ୍କ ପିତା ଦୁଷ୍ମନ୍ତ ତାଙ୍କ ମାତାଙ୍କୁ ମନେରଖିବାରେ ଏବଂ ତାଙ୍କୁ ରାଣୀ ଭାବରେ ଗ୍ରହଣ କରିବାରେ ଅସମର୍ଥ ଥିବାରୁ ଏଭଳି ଘଟିଥିଲା। ଦୁଷ୍ମନ୍ତ ଚନ୍ଦ୍ରବଂଶୀ ରାଜା ଥିଲେ। ଶକୁନ୍ତଳାଙ୍କ ପିତା କୌଶିକ ଥିଲେ ସୂର୍ଯ୍ୟବଂଶୀ। ଭରତ ଏହିପରି ଭାବରେ ତାଙ୍କ ପିତା ଏବଂ ଅଜାଙ୍କ ମାଧ୍ୟମରେ ରାଜାମାନଙ୍କର ଚନ୍ଦ୍ର ଏବଂ ସୂର୍ଯ୍ୟ ବଂଶର ମିଳନକୁ ସୂଚିତ କରନ୍ତି। ସେଥିପାଇଁ ଏହି ବଂଶକୁ ଭରତ ବଂଶ ଏବଂ ସେମାନଙ୍କର ଜମିକୁ ଭାରତବର୍ଷ ବୋଲି କୁହାଯାଇଛି।




ଭରତ ମଧ୍ୟ ଜଣେ ସନ୍ଥଙ୍କ ନାମ, ଯିଏ ରଙ୍ଗମଞ୍ଚ ଓ ନାଟକର ଗ୍ରନ୍ଥ 'ନାଟ୍ୟଶାସ୍ତ୍ର' ରଚନା କରିଥିଲେ। କିନ୍ତୁ ଦେଶର ନାମକରଣ କରିବା ସମୟରେ ସାଧାରଣତଃ ରାଜାମାନେ ପ୍ରାଧାନ୍ୟ ଦେଇଆସିଛନ୍ତି। ହିନ୍ଦୁ ଗ୍ରନ୍ଥଗୁଡ଼ିକ ଭରତବଂଶୀ ରାଜାମାନଙ୍କ ଦ୍ୱାରା ଅଧିକୃତ ଉପମହାଦେଶର ଅଂଶକୁ ଭାରତ ଖଣ୍ଡ ଭାବେ ସୂଚିତକରେ। ମାତ୍ର ୨୩୦୦ ବର୍ଷ ପୂର୍ବେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜଦରବାରକୁ ମେଗାସ୍ଥିନିସ୍ ଆସିଥିଲେ ଓ ସେ ଯେଉଁ ଅଞ୍ଚଳ ପରିଦର୍ଶନ କରିଥିଲେ ତାହା ଥିଲା ସିନ୍ଧୁ ଅବବାହିକାର ଇଣ୍ଡିଆ। ଗ୍ରୀକ୍‌ମାନେ ଏହି ସିନ୍ଧୁ ନଦୀ ପ୍ଲାବିତ ଅଞ୍ଚଳକୁ ସିନ୍ଧ ବୋଲି କହିଲେ। ମେଗାସ୍ଥିନିସ୍ ଇଣ୍ଡିକା ଲେଖିବାର ୨୦୦ ବର୍ଷ ପରେ ଖ୍ରୀଷ୍ଟପୂର୍ବ ୧୦୦ରେ ଜୈନ ରାଜା ଖାରବେଳଙ୍କ ଦ୍ୱାରା ଓଡ଼ିଶାର ହାତୀଗୁମ୍ଫାରେ ଭାରତବର୍ଷ ନାମ ଖୋଦିତ ହୋଇଥିଲା। ତାଙ୍କ ମତରେ ଭାରତବର୍ଷ ହେଉଛି ମଗଧର ପଶ୍ଚିମ(ଆଜିର ବିହାର)ରେ ଥିବା ଗାଙ୍ଗେୟ ସମତଳ ଅଞ୍ଚଳ। ପାରସ୍ୟମାନଙ୍କ ମତରେ, ସିନ୍ଧୁ ନଦୀ ତଥା ଏହାର ବାହାରେ ଥିବା ପ୍ଲାବିତ ଭୂମିର ନାମ ଥିଲା ହିନ୍ଦ୍। ଯେତେବେଳେ ଏହା ଚାଇନିଜରେ ଲେଖା ହେଲା ତାହାର ନାମ ହେଲା ତିଆନ୍‌ଝୁ। ଉଭୟ ଭାରତ ଏବଂ ଇଣ୍ଡିଆ ଆର୍ଯ୍ୟଦେଶକୁ ସୂଚିତ କରିଥିଲେ, ଯାହା ପ୍ରାଚୀନ ଧର୍ମଶାସ୍ତ୍ର ଅନୁଯାୟୀ ହିମାଳୟ ଓ ବିନ୍ଧ୍ୟ ମଧ୍ୟରେ ଅବସ୍ଥିତ ଏବଂ ଏହା ଥିଲା କୃଷ୍ଣସାରଙ୍କ ଭୂମି। ଇଣ୍ଡିଆ କିମ୍ବା ଭାରତ, ନର୍ମଦା ନଦୀର ଦକ୍ଷିଣରେ ଥିବା ଦକ୍ଷିଣ ଭାରତର (ଦ୍ରାବିଡ଼ ଦେଶ) କିମ୍ବା ଗଣ୍ଡକ ନଦୀର ପୂର୍ବଭାଗରେ ଥିବା ପୂର୍ବ ଭାରତ (ପ୍ରାଚୀ ଦେଶ)କୁ ସୂଚିତ କରେନାହିଁ।

ଯେପର୍ଯ୍ୟନ୍ତ ଆମେ ଇନ୍ଦୁମତିର କାହାଣୀ ଗ୍ରହଣ କରୁନାହୁଁ, ସେଯାଏ ଇଣ୍ଡିଆ ନାମକୁ ବିଦେଶୀମାନେ କପା, ଲୁହା ଓ ମସଲାର ଦେଶ ଭାବେ ଦେଖୁଥିଲେ ବୋଲି ଗ୍ରହଣ କରିବାକୁ ହେବ। ତେବେ ଗାଙ୍ଗେୟ ସମତଳ ଅଞ୍ଚଳରେ ଥିବା ଓ ମନୁସ୍ମୃତିକୁ ଗୁରୁତ୍ୱ ଦେଉଥିବା ସଂସ୍କୃତ ଭାଷାଭାଷୀ ଆଭିଜାତ୍ୟ ବ୍ରାହ୍ମଣଙ୍କ ଦ୍ୱାରା ଦିଆଯାଇଥିବା ନାମ ଭାରତକୁ ଗ୍ରହଣ କରିବା। ଏକବିଂଶ ଶତାବ୍ଦୀରେ ଆମେ ନିଜକୁ କିପରି ପରିଚିତ କରିବା? ଉତ୍ତର ଭାରତୀୟ ଆଭିଜାତ୍ୟ ବର୍ଗଙ୍କ ଦ୍ୱାରା ଆମକୁ ଦିଆଯାଇଥିବା ନାମ ଦ୍ୱାରା? ଅଥବା ଆମକୁ ପ୍ରଶଂସା କରିଥିବା ଓ ଆମ ସହ ବାଣିଜ୍ୟ ସ୍ଥାପନ କରି ଉପନିବେଶ ସ୍ଥାପନ କରିଥିବା ପାରସ୍ୟ ଏବଂ ୟୁରୋପୀୟମାନଙ୍କ ପରି ବିଦେଶୀମାନେ ଦେଇଥିବା ନାମରେ ଆମେ ପରିଚିତ ହେବା?

କେହି ନିଜ ନାମ ସ୍ଥିର କରନ୍ତି ନାହିଁ। ପିତାମାତା, ଗୁରୁଜନ ଓ ଶିକ୍ଷକମାନେ ଆମ ନାମ ଦେଇଛନ୍ତି। ଯେତେବେଳେ ଲୋକମାନେ ସେମାନଙ୍କର ଧର୍ମ ପରିବର୍ତ୍ତନ କରନ୍ତି କିମ୍ବା ଏକ କଳ୍ପିତ ଅତୀତ ସହିତ ସମ୍ପର୍କ ଭାଙ୍ଗିବାକୁ ଇଚ୍ଛା କରନ୍ତି ସେତେବେଳେ ସେମାନଙ୍କର ନାମ ପରିବର୍ତ୍ତନ କରନ୍ତି। କିନ୍ତୁ ରାମଙ୍କ ଭୂମି ନିଶ୍ଚିତ ଭାବରେ ତାଙ୍କ ଭାଇ ଭରତଙ୍କ ପାଇଁ ସ୍ଥାନ ସୃଷ୍ଟି କରିପାରିବ, ଯିଏ କି ସମ୍ପତ୍ତି ଉପରେ ଲଢ଼ି ନ ଥିଲେ ଏବଂ ଯାହାଙ୍କ ଜେଜେମା ଇନ୍ଦୁମତି ଚନ୍ଦ୍ର ପରି ଉଜ୍ଜ୍ୱଳ ଥିଲେ ଓ ଯାହାଙ୍କୁ ତାଙ୍କ ଜେଜେବାପା ବହୁତ ଭଲପାଉଥିଲେ।

-devduttofficial@gmail.com

## ଏଇ ଭାରତରେ

ସେବାର ଇଚ୍ଛାଶକ୍ତିକୁ ବୟସ ଅଟକାଇପାରେନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଗୁଜରାଟର ୩୦ ବର୍ଷୀୟା ଆଶା ରାଜପୁରୋହିତଙ୍କ ଜୀବନରେ। ଆଶା ଏବେ ଅସହାୟ ବୃଦ୍ଧାମାନଙ୍କ ଆଶାବାଡ଼ି ପାଲଟିଛନ୍ତି। ସେ ଡିସାରେ 'ସୁଦାମା ବୃଦ୍ଧାଶ୍ରମ' ଚଳାଉଛନ୍ତି ଓ ସେଠାରେ ୨୨ ଜଣ ବୃଦ୍ଧାଙ୍କ ଯତ୍ନ ନେଉଛନ୍ତି। ସେ ମଧ୍ୟ ସେହି ଆଶ୍ରମର ସେମାନଙ୍କ ଝିଅ ଭଳି ରହୁଛନ୍ତି, ସାରା ଜୀବନ ଏଭଳି ସେବାରେ ରହିବେ ବୋଲି କହିଛନ୍ତି। ଆଶାଙ୍କୁ ୧୬ ବର୍ଷ ବୟସ ହୋଇଥିଲାବେଳେ ତାଙ୍କ ପିତା କାନ୍ତିଲାଲ ରାଜପୁରୋହିତ ଏହି ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେ ଏହାକୁ ନିଜ ଆୟରେ ଚଳାଉଥିଲେ। ଏହାକୁ ୧୦ ବର୍ଷ ଚଳାଇବା ପରେ ତାଙ୍କର ଦେହାନ୍ତ ହୋଇଥିଲା। କିନ୍ତୁ ଶେଷ ସମୟରେ ସେ ଏହି ଆଶ୍ରମର ଦାୟିତ୍ୱ ଆଶାଙ୍କୁ ଦେଇଥିଲେ। ସେବେଠାରୁ ଆଶା ଏହି ବୃଦ୍ଧାଶ୍ରମ ପରିଚାଳନା କରି ଆସୁଛନ୍ତି। ନିଜ ପରିବାରର ଆୟ ତଥା ବଦାନ୍ୟ ବ୍ୟକ୍ତିଙ୍କ ଅନୁଦାନରେ ସେ ଏହାକୁ ଚଳାଉଛନ୍ତି। ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନିୟମିତ ଚିକିତ୍ସା ସେବା ଯୋଗାଇଦେବା ସହ ସେମାନଙ୍କ ପାଇଁ ବହୁ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୮ ଡିସେମ୍ବର ୧୯୭୪

- ଜଷ୍ଟିସ୍ ସୁଶୀଳ କୁମାର ଝା ପାଟଣା ହାଇକୋର୍ଟର ଜଜ୍ ଏବଂ ବୀରେନ୍ଦ୍ର ପ୍ରସାଦ ସିହ୍ନା ଅତିରିକ୍ତ ଜଜ୍ ନିଯୁକ୍ତ ହୋଇଛନ୍ତି।
- ବାଙ୍ଗାଲୋର ନିକଟରେ ଅବସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ରର ମାନମନ୍ଦିରରୁ ରୁଷିଆର କାଜାଖ ଅଞ୍ଚଳରେ ଭୂଗର୍ଭରେ କରାଯାଇଥିବା ଏକ ପରମାଣୁ ବିସ୍ଫୋରଣର ସୂଚନା ମିଳିଛି।
- ଲେପ୍‌ଟନାଣ୍ଟ ଜେନେରାଲ ମହମ୍ମଦ ଆବଦେଲ ଘାନୀ ଗାମାସୀ ମିଶରର ନୂଆ ଯୁଦ୍ଧମନ୍ତ୍ରୀ ରୂପେ ରାଷ୍ଟ୍ରପତି ଅନଓ୍ୱାର ସାଦତଙ୍କ ଦ୍ୱାରା ନିଯୁକ୍ତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | | |
| | 8 | 4 | | 9 | | | | |
| | | 7 | 2 | | | 3 | | 6 |
| | 6 | | | 2 | | 5 | | |
| | | | | 4 | 9 | | 8 | 1 |
| 7 | | | | | | | | |
| | | 6 | | | | 9 | 7 | |
| 8 | | | | 5 | 4 | | | |
| | 4 | | 9 | 6 | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 4 | 9 | 5 | 7 | 2 | 6 | 3 |
| 5 | 3 | 9 | 6 | 4 | 2 | 1 | 7 | 8 |
| 7 | 2 | 6 | 1 | 3 | 8 | 4 | 5 | 9 |
| 9 | 7 | 5 | 3 | 1 | 4 | 8 | 2 | 6 |
| 3 | 8 | 2 | 7 | 9 | 6 | 5 | 1 | 4 |
| 6 | 4 | 1 | 8 | 2 | 5 | 3 | 9 | 7 |
| 2 | 5 | 8 | 4 | 6 | 9 | 7 | 3 | 1 |
| 1 | 9 | 7 | 5 | 8 | 3 | 6 | 4 | 2 |
| 4 | 6 | 3 | 2 | 7 | 1 | 9 | 8 | 5 |

ଗତକାଲିର ଉତ୍ତର

# ସୁଶାସନର ଏକ ନମୁନା



ଡ. ସନ୍ତୋଷ କୁମାର ମହାପାତ୍ର

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ୨୦୨୩ ବର୍ଷ ପାଇଁ 'ଗଭର୍ନର ଅଫ ଦ ଇୟର' ପୁରସ୍କାର ପ୍ରଦାନ କରାଯାଇଛି। ଏହି ସମ୍ମାନ ଲଣ୍ଡନ ସେଣ୍ଟ୍ରାଲ ବ୍ୟାଙ୍କିଙ୍ଗ ଦ୍ୱାରା ଦେଶର କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ନରଙ୍କୁ ପ୍ରଦାନ କରାଯାଇଛି। ଜଣେ ଓଡ଼ିଆ ହିସାବରେ ଆମେ ଗର୍ବ କରିଛୁ। ରିଜର୍ଭ ବ୍ୟାଙ୍କର ଗଭର୍ନର ଦାୟିତ୍ୱ ଗ୍ରହଣ କରିବା ପରେ ଶକ୍ତିକାନ୍ତ ଅନେକ ବଡ଼ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ସମୟରେ ବ୍ୟାଙ୍କର ମୋଟ ଅଚଳ ସମ୍ପତ୍ତି ବା ଖରାପ ଋଣ ଏବଂ ନିଟ୍ ଅଚଳ ସମ୍ପତ୍ତି ଯାହା ମାର୍ଚ୍ଚ ୨୦୧୮ରେ ଯଥାକ୍ରମେ ୧୧.୫% ଓ ୬.୧% ଥିଲା, ତାହା ୨୦୨୩ ମାର୍ଚ୍ଚ ସୁଦ୍ଧା ଯଥାକ୍ରମେ ୩.୯% ଓ ୧%କୁ ହ୍ରାସ ପାଇଛି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଯଦି କିପରି ହ୍ରାସ ପାଇଲା ଓ କିଏ ଲାଭବାନ୍ ହେଲେ ଏବଂ କିଏ କ୍ଷତିଗ୍ରସ୍ତ ହେଲେ ବିଚାର କରାଯାଏ, ତେବେ ମନରେ ନିଶ୍ଚୟ ଆନ୍ଦୋଳନ ସୃଷ୍ଟି ହେବ। ଋଣ ନେଇ ନ ଶୁଝିବା ଧନୀ ଓ କର୍ପୋରେଟ, ବ୍ୟବସାୟୀ ଲାଭବାନ୍ ହେଲାବେଳେ ଜମାକାରୀ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଗରିବ, ଚାଷୀ, ଶ୍ରମିକ, ଜମାକାରୀଙ୍କ ସ୍ୱାର୍ଥକୁ ଉପେକ୍ଷା କରାଯାଇଛି। ପୁନଶ୍ଚ କରୋନା ପ୍ୟାକେଜ୍ ଦ୍ୱାରା ବିଶେଷକରି ସୁଧହାର ହ୍ରାସ ଦ୍ୱାରା ବେଶି ଶିଳ୍ପପତି ଓ ପୁଞ୍ଜିପତି ଲାଭବାନ୍ ହୋଇଥିଲେ।

ଅଚଳ ସମ୍ପତ୍ତି ପରିମାଣ ହ୍ରାସ ପାଇବାର କାରଣ ନୁହେଁ ଋଣ ଆଦାୟ ହେବା ବରଂ ରିଜର୍ଭ ବ୍ୟାଙ୍କ ବହୁ ପରିମାଣରେ 'ଋଣ' 'ରାଇଟ ଅଫ୍' କରିବା। ଚିନ୍ତାର ବିଷୟ ହେଉଛି ଇଚ୍ଛାକୃତ ଡିଫଲ୍ଟର ବା ଋଣ ଖିଲାପକାରୀଙ୍କ 'ଋଣ' 'ରାଇଟ ଅଫ୍' କରିବା। ଜଣେ ଠକ, ଯିଏ ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା ଦଲିଲ/ ସୂଚନା ସହିତ ବ୍ୟାଙ୍କକୁ ଠକିଥାଏ ଏବଂ ଟଙ୍କାକୁ ଅପବ୍ୟବହାର କରିଥାଏ। କିନ୍ତୁ ଏକ ଡିଫଲ୍ଟର୍ ଏବଂ ଇଚ୍ଛାକୃତ ଡିଫଲ୍ଟର୍ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ଋଣ ପରିଶୋଧ କରିବାରେ ଅସାମର୍ଥ୍ୟତା ହେତୁ ଜଣେ ଡିଫଲ୍ଟର ହୋଇପାରେ। କିନ୍ତୁ ଏକ ଇଚ୍ଛାକୃତ ଡିଫଲ୍ଟର ହେଉଛି, ଯିଏକି ଏପରି କରିବାର କ୍ଷମତା ସତ୍ତ୍ୱେ ବ୍ୟାଙ୍କ ପ୍ରତି ଥିବା ଦାୟିତ୍ୱକୁ ସମ୍ମାନ ନ କରିବାକୁ ବାଛିଛନ୍ତି। ସେମାନେ ଯେଉଁଥିପାଇଁ ଋଣ କରିଥା'ନ୍ତି, ସେହି କାର୍ଯ୍ୟରେ ବିନିଯୋଗ ନ କରି ଅନ୍ୟ କାର୍ଯ୍ୟରେ ଲଗାନ୍ତି ବା ଅନ୍ୟ ନାମରେ ନିବେଶ କରନ୍ତି, ଯେପରି ବ୍ୟାଙ୍କ ଚାହିଁଲେ ବି ଉଦ୍ଧାର କରିପାରିବ ନାହିଁ। କିଛି ବିଦେଶରେ ତାଙ୍କ ଆକାଉଣ୍ଟକୁ ଋଣ ଅର୍ଥକୁ ହସ୍ତାନ୍ତର କରି ସେଠାରେ ଯାଇ ଅୟସ କରୁଛନ୍ତି। ବିନା ବାଧାବିଘ୍ନରେ ଏ ପ୍ରକାର ଠକିବା ପାଇଁ ସେମାନେ କ୍ଷମତାଶାଳୀ ଓ ପ୍ରଶାସକଙ୍କ ହାତ ଚିକ୍କଣ କରିଥା'ନ୍ତି ଓ ରାଜନୈତିକ ଦଳକୁ ମଧ୍ୟ ଚାନ୍ଦା ଦେଇଥା'ନ୍ତି।

ଏକ ଋଣକୁ ଅଚଳ ସମ୍ପତ୍ତି ବା ଖରାପ ଋଣ କୁହାଯାଏ, ଯଦି ଏହା ଉପରେ ୯୦ ଦିନ ମଧ୍ୟରେ କୌଣସି ଋଣ କିସ୍ତି ବା ସୁଧ ଦିଆଯାଏ ନାହିଁ। କିନ୍ତୁ ଯଦି ଋଣରାଶି ଋଣଗ୍ରହୀତା ନ ଶୁଝେ ତଥାପି ବ୍ୟାଙ୍କଗୁଡ଼ିକ ସମ୍ଭାବ୍ୟ ସୁଧ ଆୟ ଉପରେ ଟିକସ ଦେଇଥା'ନ୍ତି। ଯେତେବେଳେ ବ୍ୟାଙ୍କ ଋଣ ଅଚଳ ସମ୍ପତ୍ତି ଭାବେ ୪୮ ମାସରୁ ଅଧିକ ହୋଇଯାଏ, ସେତେବେଳେ ବ୍ୟାଙ୍କଗୁଡ଼ିକୁ ଶତ ପ୍ରତିଶତ ପ୍ରୋଭିଜିୟୋନିଂ କରିବାକୁ ପଡ଼େ, ଯାହା ନିଟ୍ ଲାଭ ହ୍ରାସ କରିଥାଏ। ଏଣୁ ଯେତେବେଳେ ଋଣ ରାଶି ମିଳିବାର ସମ୍ଭାବନା ନ ଥାଏ, କିନ୍ତୁ ଟିକସ ଓ ପ୍ରୋଭିଜିୟୋନିଂ ବାବଦରେ ବ୍ୟୟ କରିବାକୁ ପଡ଼ିଥାଏ, ସେତେବେଳେ ଋଣ 'ରାଇଟ ଅଫ୍' ଆବଶ୍ୟକ ପଡ଼େ। ଏଣୁ ଋଣ ଓ ସୁଧ ୪୮ ମାସରୁ ଅଧିକ ସମୟ ଧରି ଆଦାୟ ନ ହେଲେ ବ୍ୟାଙ୍କଗୁଡ଼ିକ ଋଣ 'ରାଇଟ ଅଫ୍' କରନ୍ତି। କିନ୍ତୁ ଏହି ଋଣ 'ରାଇଟ ଅଫ୍' ପରିମାଣ ପ୍ରତିବର୍ଷ ବୃଦ୍ଧି ପାଉଛି, ଯାହା ବ୍ୟାଙ୍କ ଲୁଟିବାର ଏକ ମାଧ୍ୟମ ହୋଇଛି। ପୁନଶ୍ଚ ୫ ବର୍ଷ ପରେ ବ୍ୟାଙ୍କଗୁଡ଼ିକ ଋଣ ଆଦାୟ ପାଇଁ କୌଣସି ଆଇନର ଆଶ୍ରୟ ନେଇପାରିବେ ନାହିଁ। ୟୁପିଏର ୧୦ ବର୍ଷର ଶାସନ (୨୦୦୪-୧୪) ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ପ୍ରାୟ ୨,୨୦,୩୨୮ କୋଟି ଟଙ୍କା ଋଣ ରାଇଟ ଅଫ୍ କରାଯାଇଥିଲା ବେଳେ ୨୦୧୪-୧୫ ରୁ ୨୦୨୨-୨୩ ଗତ ନଅ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡିକ ୧୪.୫୬ ଲକ୍ଷ କୋଟି ଟଙ୍କାର ଖରାପ ଋଣ 'ରାଇଟ ଅଫ୍' କରାଯାଇଛି। ଗତ ୫ବର୍ଷରେ ଏହା ୧୦.୫୭ ଲକ୍ଷ କୋଟି ଟଙ୍କା ହୋଇଥିଲାବେଳେ କେବଳ ୨୦୨୨-୨୩ରେ ଏହି ପରିମାଣ ୨.୦୯ ଲକ୍ଷ କୋଟି ଟଙ୍କା। ୧୪.୫୬ ଲକ୍ଷ କୋଟି ଟଙ୍କାରୁ ବୃହତ୍ ଶିଳ୍ପ ଏବଂ ସେବାଗୁଡ଼ିକୁ ଋଣ 'ରାଇଟ ଅଫ୍' କରିବାର ପରିମାଣ ୭.୪୦ ଲକ୍ଷ କୋଟି ଟଙ୍କା। ପ୍ରାୟ ଋଣ ରାଇଟ ଅଫ୍ ପରିମାଣରୁ ୧୫% ରୁ ୧୮% ଫେରୁଛି, ଅବଶିଷ୍ଟ ଫେରୁନାହିଁ। ଏହାର ଅର୍ଥ ଗତ ୯ ବର୍ଷରେ ୧୨ ଲକ୍ଷ କୋଟି ଟଙ୍କା କାହା ପକେଟକୁ ଯାଇଛି।



ଉଲ୍ଲେଖଯୋଗ୍ୟ, ଦେବାଳିଆ ସଂହିତା ଆଇନ ଏବଂ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ (NCLT) ମାଧ୍ୟମରେ ବଡ଼ ବଡ଼ ପରିମାଣର ଋଣକୁ ବହୁତ କମ୍ ମୂଲ୍ୟରେ ପରିଶୋଧ କମ୍ପାନୀମାନେ କରିଛନ୍ତି। କିନ୍ତୁ ବ୍ୟାଙ୍କଗୁଡ଼ିକ ତାଙ୍କ ପ୍ରାପ୍ୟର ହାରାହାରି ୬୯% ପାଉନାହାନ୍ତି। ୨୦୨୨ ଜୁନ ୩୦ ସୁଦ୍ଧା ୫୧୭ଟି ଋଣକାରୀଙ୍କଠାରୁ ବ୍ୟାଙ୍କଗୁଡ଼ିକ ୭.୬୭ ଲକ୍ଷ କୋଟି ଟଙ୍କା ପାଇବା କଥା, କିନ୍ତୁ ମାତ୍ର ୨.୩୫ ଲକ୍ଷ କୋଟି ଟଙ୍କା ପାଇଛନ୍ତି। ସେହିଭଳି ବ୍ୟାଙ୍କ ଠକେଇ, ଜାଲିଆତି ସଂଖ୍ୟା ୨୦୧୩-୧୪ରେ ୪୩୦୬ ଥିଲା। ତାହା ୨୦୨୨-୨୩ରେ ୧୩୦୦୦କୁ ବୃଦ୍ଧି ପାଇଛି। ୨୦୦୪-୦୫ ରୁ ୨୦୧୩-୧୪ରେ ବ୍ୟାଙ୍କ ଠକେଇ, ଜାଲିଆତି ଜନିତ ଅର୍ଥ ୩୪,୯୯୩ କୋଟି ଟଙ୍କା ହୋଇଥିଲାବେଳେ ୨୦୧୪-୧୫ ରୁ ୨୦୨୨-୨୩ ମଧ୍ୟରେ ୫.୮୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ଗତ କିଛି ବର୍ଷ ଧରି ଆର୍‌ବିଆଇ ଜାଣିଶୁଣି ବ୍ୟାଙ୍କଗୁଡିକର ଚାପଗ୍ରସ୍ତ ସମ୍ପତ୍ତି ବିଷୟରେ ଆକଳନ ପ୍ରକାଶ କରୁନାହିଁ, କାରଣ ଏହାଦ୍ୱାରା ଏହାର ତଥା ସରକାରଙ୍କ ବିଫଳତା ଜଣାପଡ଼ିବ। ଚାପଗ୍ରସ୍ତ ସମ୍ପତ୍ତି କହିଲେ ଋଣ ରାଇଟ ଅଫ୍, ପୁନର୍ଗଠିତ ଋଣ ଓ ଅଚଳ ସମ୍ପତ୍ତି/ ଖରାପ ଋଣର ସମ୍ମିଶ୍ରଣକୁ ବୁଝାଇଥାଏ। ପୁନଶ୍ଚ ବର୍ତ୍ତମାନ ବିନା ବନ୍ଧକରେ ଦିଆଯାଇଥିବା ଋଣ ଓ ଏଭରଗ୍ରିନିଂ ଅଫ୍ ଲୋନ ଏକ ବଡ଼ ସମସ୍ୟା ହୋଇଛି। ଏଭରଗ୍ରିନିଂ ଅଫ୍ ଲୋନ କହିଲେ ପୁନର୍ଗଠିତ ଋଣକୁ ବୁଝାଏ। ଜଣେ ପ୍ରଶ୍ନ କରିପାରେ ବ୍ୟାଙ୍କଗୁଡ଼ିକ ଏତେ ମାତ୍ରାରେ 'ଋଣ ରାଇଟ ଅଫ୍' କରି ମଧ୍ୟ କିପରି ଲାଭ କରୁଛନ୍ତି। ବ୍ୟାଙ୍କଗୁଡ଼ିକ ବାସ୍ତବ ଜମା ସୁଧହାର (ସାଙ୍କେତିକ ସୁଧହାର- ମୁଦ୍ରାସ୍ଫୀତି) କମ୍ ବା ବିଯୁକ୍ତାତ୍ମକ ରଖୁଛନ୍ତି। ଯେଉଁ ହାରରେ ରେପୋ ରେଟ୍ ଏବଂ ଋଣ ସୁଧ ହାର ବୃଦ୍ଧି ପାଉଛି, ସେହି ଅନୁସାରେ ଜମା ସୁଧହାର ବୃଦ୍ଧି ପାଉନି। ଜମାକାରୀଙ୍କ ପକେଟ କାଟି ଋଣ ଖିଲାପକାରୀଙ୍କ ସ୍ୱାର୍ଥର ସୁରକ୍ଷା କରାଯାଉଅଛି। ଏହା ବୋଧେ 'ଅମୃତ କାଳ' ଓ ସୁଶାସନର ଏକ ନମୁନା।

**ସ୍ତମ୍ଭକାର ଓ ଅର୍ଥନୀତିଜ୍ଞ**
**ମୋ:୯୪୩୭୨୦୮୭୬୨**

# ଗତାନୁଗତିକ ନୂଆବର୍ଷ ପାଳନ



ଡ. ମନୋରଞ୍ଜନ ପ୍ରଧାନ

ଜାନୁୟାରୀ ପହିଲା ଇଂରାଜୀ ନବ ବର୍ଷ। କେବଳ କ୍ୟାଲେଣ୍ଡର ବଦଳାଇବା ଦିନଟିଏ ବିଶେଷକରି ଭାରତୀୟମାନଙ୍କ ପାଇଁ। କାରଣ ଏ ନୂଆବର୍ଷ ଆମ୍ଭମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ନାହିଁ କି ଏହାର କୌଣସି ଐତିହାସିକ, ସାଂସ୍କୃତିକ, ସାମାଜିକ ବା ଆଧାତ୍ମିକ ପୃଷ୍ଠଭୂମି ନାହିଁ କହିଲେ ଚଳେ। ଉଦାହରଣ ସ୍ୱରୂପ ଓଡ଼ିଆ ନବବର୍ଷ (ପଣା ସଂକ୍ରାନ୍ତି) ଅଥବା ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ଆଦିର ପାଳନ ସାମାଜିକ, ସାଂସ୍କୃତିକ ଓ ଆଧାତ୍ମିକ ପୃଷ୍ଠଭୂମି ଆଧାରିତ ଓ ବିଜ୍ଞାନସମ୍ମତ ମଧ୍ୟ। କିନ୍ତୁ ଜାନୁୟାରୀ ପହିଲାକୁ ଆମେ ଗତାନୁଗତିକ ଭାବରେ ଅତି ଜାକଜମକରେ ପାଳନ କରୁଛେ ଓ କେତୋଟି ଉଦାହରଣ ଉପସ୍ଥାପନ କରୁଛି।

ପ୍ରଥମତଃ, ଅପାଠୁଆଠାରୁ ପାଠୁଆ, ବେରୋଜଗାରରୁ ଚାକିରିଆ, ପିଲାରୁ ବୁଢ଼ା ସମସ୍ତେ ଯାହାକୁ ଦେଖିଲେ ହ୍ୟାପି ନ୍ୟୁ ଇୟର୍ କରି କରମର୍ଦ୍ଦନ ବା ଆଲିଙ୍ଗନ କରିବା। ଅନେକ ଏହାକୁ ଠିକ୍ ଉଚ୍ଚାରଣ ମଧ୍ୟ କରିପାରି ନ ଥା'ନ୍ତି ଲେଖିବା ତ ଦୂରର କଥା। କିନ୍ତୁ ସେଦିନ ସମସ୍ତେ ପରସ୍ପରକୁ ହ୍ୟାପି ନ୍ୟୁ ଇୟର୍ ଜଣାନ୍ତି। ଗ୍ରିଟିଂସ୍ ଯୁଗ ଗଲାପରେ ଆଜିକାଲି ମୋବାଇଲରେ ଡିସେମ୍ବର ଏକତିରିଶ ରାତି ବାରଟାରୁ କୁଢ଼ କୁଢ଼ ମେସେଜ ପାଇ ମୋବାଇଲ ଷ୍ଟୋରେଜ ଭର୍ତ୍ତି।

ଦ୍ୱିତୀୟରେ କାନ୍ଥବାଡ଼, ରାସ୍ତାଘାଟ ସବୁଠି ହ୍ୟାପି ନ୍ୟୁ ଇୟର୍ ଲେଖାଯାଉଛି। ତୃତୀୟରେ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ମାସେ ଆଗରୁ ପ୍ରସ୍ତୁତି। ଏପରିକି ରାତି ବାରଟାରୁ ବାଣ ଫୁଟାଇ, ବାଜା ବଜାଇ, ଡିଜେର ତାଳେ ତାଳେ ଡିସ୍କୋ ଡ୍ୟାନ୍ସ। କେବଳ ସେତିକି ନୁହେଁ, ସବୁଆଡ଼େ ମାଉଁସ ଭୋଜି ଭାତର ଆସର। ସତେ ଯେପରି ଏଇ ନୂଆବର୍ଷଟା ବୁଦ୍ଧିଆ ମଣିଷ ପାଇଁ ହିଁ ହେଇଛି। ବିଚରା ପଶୁପକ୍ଷୀଙ୍କ ପାଇଁ ଏହା ବୋଧହୁଏ ପ୍ରାଣ ବିସର୍ଜନର ଦିନଟିଏ। ପରିବାରର ଯେତେ ସଦସ୍ୟ ସେତେଟା ଦଳ ସହ ଭୋଜି। ସେମିତି ଚାନ୍ଦା ସଂଗ୍ରହ। ଉଦ୍ଦେଶ୍ୟ କ'ଣ ନୂଆ ବର୍ଷକୁ ସ୍ୱାଗତ କରିବା। କିନ୍ତୁ ଏମିତି ନାଚ ଗୀତ କରି ଏକ ନୂତନ ବର୍ଷକୁ ସ୍ୱାଗତ କରିବା ଉଚିତ? ସେଦିନ ଯଦି ନୂଆବର୍ଷ ବୋଲି ମାନୁଛେ ଠିକ୍ ଅଛି, ହେଲେ କୌଣସି ଭଲ କାମର ଶୁଭାରମ୍ଭ କରି ସ୍ୱାଗତ କଲେ କେମିତି ହୁଅନ୍ତା!

ଉଦାହରଣ ସ୍ୱରୂପ ସୂର୍ଯ୍ୟୋଦୟ ପୂର୍ବରୁ ଶଯ୍ୟା ତ୍ୟାଗ କରି ନିଜ ଆରାଧ୍ୟଙ୍କୁ ସ୍ମରଣ କରି ଗୋଟିଏ ଭଲ କାମ କଲେ କେମିତି ହୁଅନ୍ତା? ଗରିବ ବସ୍ତିରେ ପିଲାଙ୍କୁ ସହାୟତା ବା ପାଠ ପଢ଼େଇ ବା କୌଣସି ସ୍ଥାନରେ ବୃକ୍ଷରୋପଣ କରି ବା ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଅବା ଅନ୍ୟ କୌଣସି ଭଲ କାମ ଜରିଆରେ ନୂଆବର୍ଷର ଶୁଭାରମ୍ଭ ହେଲେ ଭଲ ହୁଅନ୍ତାନି! ନୂଆବର୍ଷରେ କିଛି ନୂଆ ଯୋଜନା ବା ମହତ୍ କାମ ଆରମ୍ଭ ହେଉ-କୌଣସି ଖରାପ ଅଭ୍ୟାସ (ମଦ ପିଇବା, ବିଡ଼ି, ଗୁଟ୍‌ଖା ସେବନ)କୁ ପରିହାର କରିବା, ଯଦି ଲାଞ୍ଚ ନେବାର ଅଭ୍ୟାସ ଅଛି ଛାଡ଼ିବା, ଇତ୍ୟାଦି। କିନ୍ତୁ ଆମେ ସେଦିନଟିକୁ ଖାମଖିଆଲ ଭାବେ ନଷ୍ଟ କରୁଛେ। ଭୋଜିଭାତ ନାଁରେ ପରିବେଶ ବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଅପରିଷ୍କାର କରୁଛେ, ଯାହାକି ଆମ ବିଚାର ଓ ସଂସ୍କାରର ପରିପନ୍ଥୀ ମନେହୁଏ।

ପରିତାପର ବିଷୟ, ଆମେ ପାଶ୍ଚାତ୍ୟ ଅପସଂସ୍କୃତିର ଅନୁକରଣ ଯେତେ ବ୍ୟାପକ ଭାବରେ କରୁଛେ, ତାହା ଅନ୍ୟ କୌଣସି ଦେଶରେ ଦେଖିବାକୁ ମିଳୁନଥିବ। ସେମାନେ ଏଭଳି ବିଦେଶାଗତ ପର୍ବପର୍ବାଣିରେ ଭାଗୀଦାରି ହେଲେ ବି ନିଜ ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ। ଜଣେ ଶିକ୍ଷକ ଭାବରେ ଅନେକ ଥର ଅନେକ ପିଲାଙ୍କୁ ଓଡ଼ିଆ ନବବର୍ଷ ବା ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ସମ୍ବନ୍ଧରେ ପଚାରିଛି, କିନ୍ତୁ ପ୍ରାୟ ଠିକ ଉତ୍ତର ଦେଇପାରିନାହାନ୍ତି। ବିଡ଼ମ୍ବନା ହେଉଛି ଯେଉଁ କାର୍ଯ୍ୟ ବା ସଂସ୍କାର ପରିବାର ଓ ବିଦ୍ୟାଳୟରୁ ଶିକ୍ଷାଲାଭ କରାଯିବା କଥା, ତାହା ଆମେ ପ୍ରଦାନ କରିବାରେ ବିଫଳ ହୋଇଛେ। ସେଥିପାଇଁ ଆମ ପିଲାମାନେ ପାଶ୍ଚାତ୍ୟ ଅପସଂସ୍କୃତିର ଗୋଲକ ଧନ୍ଦାର ସ୍ଥାୟୀ ଗରାଖ ପାଲଟି ଯାଉଛନ୍ତି ଏବଂ ନିଜ ପରମ୍ପରା ଓ ସଂସ୍କୃତିକୁ ଅପମାନ କରିବାକୁ ପଛାଉ ନାହାନ୍ତି। ତେଣୁ ବେଳଥାଉ ସାବଧାନ ହେବାକୁ ପଡ଼ିବ। ଅନ୍ୟ ସଂସ୍କୃତି ଯଦି ଗ୍ରହଣୀୟ ଓ ଶିକ୍ଷଣୀୟ ତାହାକୁ ଆଦରି ନେବାରେ ଅସୁବିଧା ନାହିଁ। କିନ୍ତୁ ତା'ର ବିଭିନ୍ନ ପୃଷ୍ଠଭୂମି ସହ ଭଲଭେଲର ସମୀକ୍ଷା କରି ଆପଣେଇବା ଉଚିତ। କାରଣ ଗତାନୁଗତିକ ଅନ୍ଧାନୁକରଣ ନିଜ ଅସ୍ତିତ୍ୱ ଓ ଅସ୍ମିତା ପାଇଁ ଏକ ମହାସଙ୍କଟ ହୋଇପାରେ। ନିଜର ସାମାନ୍ୟ ଖୁସି ଅନ୍ୟ ପାଇଁ (ବ୍ୟକ୍ତି/ସମାଜ/ପରିବେଶ) ହାନିକାରକ ନ ହେଉ, ସେକଥା ଆମ ପ୍ରତ୍ୟେକ କାର୍ଯ୍ୟକଳାପର ଆଧାରବିନ୍ଦୁ ହେବା ଉଚିତ। ସେ ଯା'ହେଉ ନୂଆବର୍ଷଟା ଗତାନୁଗତିକ ନ ହୋଇ ରଚନାତ୍ମକ ବା ସଂସ୍କାରଯୁକ୍ତ ତଥା ସମାଜ ଓ ପରିବେଶ ଅନୁକୂଳ ହେଉ।

**ମୋ: ୯୪୩୭୯୧୪୮୧୮**

## ଚିରନ୍ତନୀ

ତୋଳରେ ସେ ମାଟି ମାଆର ତିଳକ ଲଗାଅ ପଳେ
ଦେଖ ଦେଖ ଆଜି କାହାର ରୁଧିର ପଡିଲା ତଳେ।
ପିଶାଚୀ ବସୁଧା କାହା ଲହୁ ଆଜି ପିଇଲା ବାଛି
ଗୁଣେ ତୀର ଯୋଖ ନବୀନ ଯୁଗର ସବ୍ୟସାଚୀ।
-(ରକ୍ତ-ସ୍ରୋତ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବେକାରି ସମସ୍ୟା ଉତ୍କଟ ହେଲାଣି

ମହାଶୟ,

ରାଜ୍ୟରେ ବେକାରି ସମସ୍ୟା ଉତ୍କଟ ହେଲାଣି। ଯୁବବର୍ଗ ରୋଜଗାର ପାଉନାହାନ୍ତି। ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକେ ସମୟର ପ୍ରତିକୂଳ ସ୍ଥିତିରେ ନିରାଶ ହୋଇ ଫେରୁଛନ୍ତି। ପୁଣି କେତେଜଣ ପଙ୍ଗୁ ହୋଇଯାଉଛନ୍ତି ଜୀବନସାରା। ଏମାନଙ୍କ ଦୁଃଖ ବୁଝିବା ପାଇଁ କେହି ନାହାନ୍ତି। ଦୁରବସ୍ଥା ଏପରି ଯେ, ରୋଜଗାର ପନ୍ଥା ହରାଇବା ହେତୁ ଏମାନଙ୍କ ପାରିବାରିକ ଜୀବନ ଦୁର୍ବିଷହ ହେବାକୁ ବସିଲାଣି। ନାଗରିକମାନଙ୍କୁ ରୋଜଗାର ଯୋଗାଇଦେବା ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ। ବେକାରି ସମସ୍ୟା କେବେ ବି ରାଜ୍ୟର ହିତ ସାଧନ କ୍ଷେତ୍ରରେ ସହାୟକ ହୋଇପାରିବ ନାହିଁ। ସରକାର ଏ ଦିଗରେ ଦୃଢ଼ ପଦକ୍ଷେପ ନିଅନ୍ତୁ।

**-ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବାଲ୍ୟ ବିବାହ, ମା'ର ମମତା ସମ୍ପର୍କିତ ପଥପ୍ରାନ୍ତ ନାଟକ
### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଓଡ଼ଗାଁ, ୨୭।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ନୂଆ ଓ ଯୁବ ଓଡ଼ିଶା– ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସାମାଜିକ ସଚେତନତା ବର୍ଗରେ ବାଲ୍ୟ ବିବାହ ଓ ମା'ର ମମତାର ମୂଲ୍ୟ ସମ୍ପର୍କିତ ପଥପ୍ରାନ୍ତ ନାଟକ ଓଡ଼ଗାଁ କଦମ୍ବ ବଜାରଠାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଯାଇଛି। ନୂଆ ଓ ସଂଯୋଜକ ପ୍ରଦୀପ୍ତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ରାଜକିଶୋର ସାହୁ, ଅଧ୍ୟାପିକା ରୋଜାଲିନ ରଥ ଓ ଅଧ୍ୟାପକ ମନୋଜ କୁମାର ବିଶ୍ୱାଳଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ରାମସାଗର ପାର୍କ ପରିସର ସଫେଇ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ କନ୍ୟାଭ୍ରୂଣ ହତ୍ୟା, ବାଲ୍ୟ ବିବାହ, ନିଶା ସେବନ ସମ୍ପର୍କିତ ବୁକଲେଟ ବଣ୍ଟନ କରିଥିଲେ। ନୂଆ ଓ ନୋଡାଲ ଅଫିସର ଚିତ୍ତରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅର୍ଜୁନ ସାହୁ, ଜିତେନ୍ଦ୍ର କୁମାର ସାହୁ ସହଯୋଗ କରିଥିଲେ।

# ଆଖି ବୁଜିଲା ଅସୁସ୍ଥ ଦନ୍ତା

- ଟ୍ରାଙ୍କୁଲାଇଜ୍ ପରେ ଉଠି ନ ଥିଲା
- ଚିକିତ୍ସାରେ ଅବହେଳା ଅଭିଯୋଗ
- ଖୋର୍ଦ୍ଧା ଡିଏଫ୍ଓ ପହଞ୍ଚି କଲେ ତଦନ୍ତ

ନୟାଗଡ଼/ରଣପୁର,୨୭।୧୨
(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)



ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର କାଞ୍ଚନପୁର କାଜୁ ଜଙ୍ଗଲରେ ବନ ବିଭାଗ ଦ୍ୱାରା ୨ ଦିନ ଧରି ଚିକିତ୍ସିତ ହେଉଥିବା ଅସୁସ୍ଥ ଦନ୍ତାହାତୀର ବୁଧବାର ସକାଳେ ମୃତ୍ୟୁ ହୋଇଛି। ଟ୍ରାଙ୍କୁଲାଇଜ୍ ପରେ ହାତୀର ମୃତ୍ୟୁ ହେବାରୁ ଚିକିତ୍ସାରେ ଅବହେଳା କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଖୋର୍ଦ୍ଧା ଡିଏଫ୍ଓ ପୂର୍ଣ୍ଣିମା ପାଣ୍ଡିଆନ ବୁଧବାର ମଧ୍ୟାହ୍ନରେ କାଞ୍ଚନପୁର କାଜୁ ଜଙ୍ଗଲରେ ପହଞ୍ଚି ହାତୀ ମୃତ୍ୟୁର ତଦନ୍ତ କରିଥିଲେ। ଅନ୍ୟପକ୍ଷେ କାଜୁ ଜଙ୍ଗଲରେ ହାତୀର ପଞ୍ଚନାମା କରାଯାଇ ମାଟି ତଳେ ପୋତି ଦିଆଯାଇଛି। ଡିଏଫ୍ଓ ପାଣ୍ଡିଆନଙ୍କ ସୂଚନା ଅନୁସାରେ, ଦନ୍ତାହାତୀର ଗୋଡଟି ଫୁଲି ଯାଇଥିଲା। ଚିକିତ୍ସା ପାଇଁ ଟ୍ରାଙ୍କୁଲାଇଜ୍ କରିବାକୁ ପଡ଼ିଥିଲା। ଚିକିତ୍ସା ପରେ ହାତୀ ଆପେ ଆପେ ଉଠିବା କଥା। କିନ୍ତୁ ଅସୁସ୍ଥ ଯୋଗୁ ଶକ୍ତି ହ୍ରାସ ପାଇବାରୁ ହାତୀଟି ଉଠି ପାରି ନ ଥିଲା। କ୍ରେନ, ଜେସିବି ପରି ଯନ୍ତ୍ର ନେଇ ଉଠାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲୁ। ହାତୀଟି ବୁଧବାର ସକାଳେ ପ୍ରାଣ ହରାଇଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ିନି। ପ୍ରାଣୀ ଚିକିତ୍ସା ଅଧିକାରୀ ସାମ୍ପୁଲ ସଂଗ୍ରହ କରିଛନ୍ତି। ସାମ୍ପୁଲ ପରୀକ୍ଷଣ ପରେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ଦନ୍ତାହାତୀର ଡାହାଣ ଆଗ ଗୋଡ଼କୁ କେହି ଶିକାରୀ ଗୁଳି କରିଥିଲେ। ଗୁଳିଟି କିଛିଦିନ ରହିବା ପରେ ଗୋଡ଼ଟି ସଂକ୍ରମଣ ହୋଇଯାଇଥିଲା। ଅସୁସ୍ଥ ହାତୀ କାଞ୍ଚନପୁର କାଜୁ ଜଙ୍ଗଲରେ ପ୍ରାୟ ମାସେ ଧରି ଘୂରି ବୁଲୁଥିଲା। କେତେଜଣ ଗ୍ରାମବାସୀ ହାତୀଟିକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କିନ୍ତୁ ଠିକ୍ ସମୟରେ ହାତୀ ପାଖରେ ପହଞ୍ଚି ପାରି ନ ଥିବା ଅଭିଯୋଗ ଉଠିଛି। ଅନ୍ୟପକ୍ଷେ ରଣପୁର ବନ କର୍ମଚାରୀ ଓ ନନ୍ଦନକାନନରୁ ଆସିଥିବା ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ରବିବାର ହାତୀକୁ ଖୋଜାଖୋଜି କରିଥିଲେ ମଧ୍ୟ ଟେର ପାଇ ନ ଥିଲେ। ସୋମବାର ଅସୁସ୍ଥ ହାତୀକୁ ଦେଖିବା ପରେ ଟ୍ରାଙ୍କୁଲାଇଜ୍ କରି ଚିକିତ୍ସା ଆରମ୍ଭ କରିଥିଲେ। ଚିକିତ୍ସା ପରେ ହାତୀଟି ସୁସ୍ଥ ହୋଇଯିବ ବୋଲି ଆଶା କରାଯାଉଥିଲା। ହାତୀର ଗୋଡରେ କ୍ଷତ ସୃଷ୍ଟି ହୋଇ ସଂକ୍ରମଣ ହୋଇଛି ଓ ହାତୀଟି ସୁସ୍ଥ ହେଉଛି ବୋଲି ରଣପୁର ରେଞ୍ଜର ସୁଶାନ୍ତ ଦଳେଇ ଗଣମାଧ୍ୟମକୁ କହିଥିଲେ। ତେବେ ହାତୀର ମୃତ୍ୟୁ ପରେ ଟ୍ରାଙ୍କୁଲାଇଜ୍ ଓ ଚିକିତ୍ସା ଉପରେ ପ୍ରଶ୍ନ ଉଠିଛି। ହାତୀ ଅସୁସ୍ଥ ହୋଇ କାଜୁ ଜଙ୍ଗଲରେ ଘୂରି ବୁଲୁଥିଲା। ଏପରିକି ଲୋକଙ୍କୁ ଦେଖିଲେ ତଡୁଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଦନ୍ତାହାତୀର ଭିଜୁଆଲ ଦେଖିବାକୁ ମିଳିଥିଲା। ହାତୀ ଅସୁସ୍ଥ ଥିଲେ ବି ସୁସ୍ଥ ଥିଲା ପରି ତା'ର ଚାଲି ଚଳଣିରୁ ଜଣାପଡୁଥିଲା। କିନ୍ତୁ ଟ୍ରାଙ୍କୁଲାଇଜ୍ ପରେ ହାତୀଟି ଆଉ ଉଠି ନ ଥିଲା। ଡିଏଫ୍ଓ ପାଣ୍ଡିଆନ ମଧ୍ୟ ଟ୍ରାଙ୍କୁଲାଇଜ୍ ପରେ ହାତୀଟି ଆଉ ଉଠି ନ ଥିଲା ବୋଲି ସ୍ୱୀକାର କରିଛନ୍ତି। ଏଭଳିସ୍ଥଳେ ଟ୍ରାଙ୍କୁଲାଇଜ୍‌ର ୨ ଦିନ ପରେ ହାତୀଟି ପ୍ରାଣ ହରାଇବା ଘଟଣାକୁ ନେଇ ପ୍ରକୃତିପ୍ରେମୀ, ପରିବେଶବିତ୍ ଓ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ହାତୀ ମୃତ୍ୟୁର କାରଣ ଓ ଚିକିତ୍ସାରେ ଅବହେଳା ହୋଇଛି କି ନା ଜାଣିବା ପାଇଁ ବନ ବିଭାଗ ନୁହେଁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଦରକାର ବୋଲି ଦାବି ଉଠିଛି।


## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 847363.41

2) ମଡେଲ ନଂ.
ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 903710.75

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଅବସ୍ଥାରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001**
ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482


# ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

### ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ
### ଶାଶୁ, ଶ୍ୱଶୁର ଖଲାସ

ଓଡ଼ଗାଁ, ୨୭।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ ପଞ୍ଚୁରିଡ଼ା ମାନପୁର ଗାଁରେ ୬।୪।୨୦୧୮ ବିଳମ୍ବିତ ରାତିରେ ଘଟିଥିବା ଯୌତୁକଜନିତ ନିର୍ଯାତନା ଓ ବଧୂହତ୍ୟା ଅଭିଯୋଗରେ ଓଡ଼ଗାଁ ଅତିରିକ୍ତ ଜିଲା ଓ ଦୌରା ଜଜ୍ ମାନସ ରଞ୍ଜନ ରଥ ବୁଧବାର ବିଚାରକରି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିବା ରାୟରେ ଉଲ୍ଲେଖ ରହିଛି।

ଅଭିଯୁକ୍ତ ସ୍ୱାମୀ ଅଶୋକ କୁମାର ସାହୁ (୩୨) ୨୦୧୨ ମସିହାରେ ଗୋଡ଼ିପଡ଼ା ଫାଣ୍ଡି ଅନ୍ତର୍ଗତ ମକରପ୍ରସାଦ ସାହିର ପଞ୍ଚାନନ ସାହୁଙ୍କ ଝିଅ ଝିଲି(୨୫)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଝିଲିଙ୍କ ପରିବାର ଆବଶ୍ୟକ ଯାନିଯୌତୁକ ଦେଇଥିଲେ। ସେମାନଙ୍କର ୪ ବର୍ଷର ପୁତ୍ରସନ୍ତାନ ଥିଲା। ଏହାସତ୍ତ୍ୱେ ଅଶୋକଙ୍କ ପରିବାର ସଦସ୍ୟ ଝିଲିଙ୍କୁ ବାରମ୍ବାର ନିର୍ଯାତନା ଦେବା ସହ ଘରୁ ବାହାର କରିଦେଉଥିଲେ। ପରବର୍ତ୍ତୀ ସମୟରେ ବାପଘର ଲୋକେ ପହଞ୍ଚି ବୁଝାଶୁଝା କରାଇ ଆସୁଥିଲେ। ହେଲେ ଘଟଣା ଦିନ ଝିଅଜ୍ୱାଇଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଅଶୋକ ସନ୍ଧ୍ୟାରେ ଝିଲିଙ୍କୁ ଘରୁ ବାହାର କରିଦେବାରୁ ସେ ବାରଣ୍ଡାରେ ବସି ବାପାଙ୍କୁ ଖବର ଦେଇଥିଲେ। ବାପା ପଞ୍ଚାନନ ସୂଚନା ପାଇ ରାତିରେ ଆସି ଘରୁ ବାହାର କରିଦେଇଥିବା ଝିଅ ଓ ଜ୍ୱାଇଁ ଅଶୋକଙ୍କ ସମେତ ପରିବାର ସଦସ୍ୟଙ୍କୁ ପୁଣିଥରେ ବୁଝାଶୁଝା କରି ଘରକୁ ଫେରିଥିଲେ। ଗଲା ବେଳେ ଝିଲି ବାପାଙ୍କୁ ତାଙ୍କ ପରିବାର ଲୋକେ ତାଙ୍କୁ ମାରିଦେବେ ବୋଲି କହିଥିଲେ। ଏହାକୁ ପଞ୍ଚାନନ ଭ୍ରୂକ୍ଷେପ କରି ନ ଥିଲେ। ହେଲେ ସେହି ରାତିରେ ତାଙ୍କ ଝିଅ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି ବୋଲି ଜ୍ୱାଇଁ ଅଶୋକଙ୍କଠାରୁ ଫୋନ୍ କଲ୍ ପାଇ ଆସିଲା ବେଳକୁ ଝିଲିଙ୍କ ମୃତ୍ୟୁ ହୋଇସାରିଥିଲା। ଏ ନେଇ ପରଦିନ ସକାଳେ ପଞ୍ଚାନନ ଶରଣକୁଳ ଥାନାରେ ଅଶୋକଙ୍କ ସମେତ ଶାଶୁ ସୁଶୀଳା, ଶ୍ୱଶୁର ଭୋବନି ଓ ଅନ୍ୟମାନଙ୍କ ବିରୋଧର ଅଭିଯୋଗ କରିଥିଲେ। ପୋଲିସ ନଂ.୩୬/୨୦୧୮ରେ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା। ପୋଲିସ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ବିରୋଧରେ ଅଦାଲତରେ ଚାର୍ଜଶିଟ ଦାଖଲ କରିଥିଲା। ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ ଅଦାଲତରେ ମାମଲାଟି ୨୨୧/୬୦/୨୦୧୮–୨୦୨୩ରେ ବିଚାର ପ୍ରକ୍ରିୟା ଚାଲିଥିଲା। ୨୨ଜଣ ସରକାରୀ ଓ ୨ ଜଣ ମୁଦାଲାଙ୍କ ପକ୍ଷରୁ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତ ସ୍ୱାମୀ ଅଶୋକଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡାଦେଶର ରାୟ ଶୁଣାଇଛନ୍ତି। ମା' ସୁଶୀଳା ଓ ବାପା ଭୋବନିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ମାମଲା ପରିଚାଳନା କରୁଥିବା ଅତିରିକ୍ତ ସରକାରୀ ଅଧିବକ୍ତା ଇନ୍ଦୁଭୂଷଣ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଆକ୍ରମଣ ଘଟଣାରେ ୨ ଗିରଫ

ଓଡ଼ଗାଁ, ୨୭।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଆଦର୍ଶ ଥାନା ସାକେରୀ ପଞ୍ଚାୟତ ନୂଆ କୁଶଡ଼ିପି ଗ୍ରାମରେ ମଙ୍ଗଳବାର ଘଟିଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୨ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ନୂଆକୁଶଡ଼ିପି ଗ୍ରାମର ଇନ୍ଦୁମତୀ ଦାସ (୪୬)ଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ ୧୬ଘଟିକା ସମୟରେ ପୂର୍ବ ରାଗ ରଖି ବନମାଳି ବେହେରା,ବୁଲୁ ବେହେରା,ରାଜ ବେହେରା ଓ ପ୍ରକାଶ ବେହେରା ସଂଘବଦ୍ଧ ଭାବରେ ଇନ୍ଦୁମତିଙ୍କ ଘର ମଧ୍ୟକୁ ପଶିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏହି ସମୟରେ ସ୍ୱାମୀ ଭଗବାନ ଦାସ ଓ ସାନପୁଅ ସୋମନାଥ ଦାସ ପ୍ରତିବାଦ କରିବାରୁ ଭଗବାନଙ୍କ ମୁଣ୍ଡକୁ କାଠରେ ବାଡେଇବା ସହ ଏକ ମଦ ବୋତଲ ମାଧ୍ୟମରେ ସୋମନାଥଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ସମସ୍ତଙ୍କର ମୁଣ୍ଡ ଫାଟି ଲହୁଲୁହାଣ ହୋଇଥିଲା। ପରେ ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲେ। ସପରିବାର ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ସହ ଇନ୍ଦୁମତି ଏ ନେଇ ଓଡ଼ଗାଁ ଆଦର୍ଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଅଭିଯୋଗକୁ ଆଧାର କରି ୩୦୦/୨୩ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲ ବୁଧବାର ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଅଭିଯୁକ୍ତ ବନମାଳୀ ବେହେରା ଓ ବୁଲୁ ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସେଠାରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ଅନ୍ୟ ଅଭିଯୁକ୍ତ ୨ ଫେରାର ଥିବା ପୋଲିସ କହିଛି।


## ପୂର୍ବ ତଟ ରେଳପଥ

(1) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2023-T-185
**କାର୍ଯ୍ୟର ନାମ :** ସମ୍ବଲପୁର କୋଚିଙ୍ଗ୍ ଡିପୋର EOG ଟାଇପ୍ LHB AC କୋଚ୍ ଏବଂ ବିଦ୍ୟୁତ୍ କାରଗୁଡ଼ିକର ସୁଇଚ୍ ବୋର୍ଡ଼ କ୍ୟାବିନେଟ୍ (SBC)ର HT କମ୍ପାର୍ଟମେଣ୍ଟରେ ରୋଡେଣ୍ଟ (Rodent) ପ୍ରବେଶକୁ ରୋକିବା ପାଇଁ ମଲ୍ଟି ଡାୟାମିଟର ହାଲୋଜେନ ମୁକ୍ତ EPDM ମଡ୍ୟୁଲସ୍ ଦ୍ୱାରା କେବୁଲ ଟ୍ରାଞ୍ଜିଟ୍ ଏଣ୍ଟ୍ରି ସିଲିଙ୍ଗ୍ ଏବଂ ଫୁଲପ୍ରୁଫ (Foolproof) ସୁରକ୍ଷା ସିଷ୍ଟମ୍‌ର ଯୋଗାଣ ଏବଂ ସଂସ୍ଥାପନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 3,65,239.50, EMD/ବିଡ୍ ସୁରକ୍ଷା ଜମା (₹) : 7,300.00।

(2) ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2023-T-186
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ OHE ର ବିଶ୍ୱସନୀୟତାର ଉନ୍ନତିକରଣ ନିମନ୍ତେ ଲାଇଭ ଲାଇନ୍ ଇନ୍‌ସୁଲେଟର ସଫେଇ ସୁବିଧା ନିମନ୍ତେ ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 3,17,603.32, EMD/ବିଡ୍ ସୁରକ୍ଷା ଜମା (₹) : 6,400.00।

କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରି ହେବା ତାରିଖଠାରୁ 03(ତିନି) ମାସ (କ୍ରମ ସଂ.1 ପାଇଁ) ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.15.01.2024 ରିଖ 1100 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତା ମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-922/O/23-24

## ଦ.ପୂ. ରେଳପଥ - ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆର୍‌ଏସ୍-ଆର୍‌ଓୟୁ-୦୩-୨୦୨୩-୨୪, ତାରିଖ: ୨୬।୧୨।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ରାଉରକେଲା, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ବର୍ଣ୍ଣନା:** ଇଏଲ୍‌ଏସ୍/ରାଉରକେଲାର ପୂର୍ବରୁ ପିଯୁ ପେଣ୍ଟ ହୋଇଥିବା ଇଲେକ୍ଟ୍ରିକ ଲୋକୋମୋଟିଭଗୁଡ଼ିକର ପିଯୁ ପେଣ୍ଟିଂ। **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୬୬,୯୩,୧୨୦। **ଅମାନତ ରାଶି:** ₹୧,୩୩,୯୦୦। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୫।୦୧।୨୦୨୪ରିଖ ୧୧.୦୦ ଘଟିକା। **ୱେବ୍‌ସାଇଟ୍ ସବିଶେଷ ଓ ବିବରଣୀ:** http://www.ireps.gov.in। ଇ–ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।
(PR-964)

## Shree Jagannath Temple Office, Puri

**Tender Call Notice Bid Identification No. 35/23 dt.22.12.23 Memo No.16042 dt.22.12.23**
"Double cover system for construction of Branch Office building of SJTA, Puri at Jatni".
Visit Website: www.shreejagannatha.in
**Last date: 12.01.2024 by 3.00 P.M.**
Sd./- Administrator
Shri Jagannath Temple, Puri

## TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଭରତପୁର ଅଞ୍ଚଳରେ ସକାଳ ୯ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

## TPNODL
**TP NORTHERN ODISHA DISTRIBUTION LIMITED**
**(A Tata power and Odisha Govt. Joint Venture)**
Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) December 28th, 2023**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2023-24/2500000546 | Rate Contract for Supply & Installation of Office Furniture under Various Circles at TPNODL |
| 2 | TPNODL/OT/2023-24/2500000551 | RC for Providing Meals, Tea, Coffee, and snacks for TPNODL Corporate Office Canteen, Balasore |
| 3 | TPNODL/OT/2023-24/2500000552 | Rate Contract for Public safety awareness "TPNODL Suraksha Rath" |

* MSMEs registered in the State of Odisha shall pay tender fee of **Rs. 1,180/-** including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website **https://tpnodl.com**. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**


## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅନାମ


@ କୁମାରଜିତ୍


@ ନିଶି


@ ରାଧାରଞ୍ଜନ


@ ସୂର୍ଯ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାମଲାଲାଙ୍କ ଫଟୋକୁ ଭବ୍ୟ ସ୍ୱାଗତ

ଦଶପଲ୍ଲା, ୨୭।୧୨
(ପ୍ରକାଶ କୁମାର ପାଣି)

ବୁଧବାର ଅଯୋଧ୍ୟା ରାମଲାଲାଙ୍କ ଫଟୋ ଏବଂ ଅଭିମନ୍ତ୍ରିତ ଚାଉଳ କଳସକୁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ପ୍ରଥମେ ସାତପାଟଣାସ୍ଥ ରାମମନ୍ଦିରଠାରେ ହୋମଯଜ୍ଞ ସହ ଭବ୍ୟ ସ୍ୱାଗତ ପରେ ସରିଗଣ୍ଡା ପଞ୍ଚାୟତର ଡାଲି ପଦର, କଦମ୍ବ ବେରେନା ଓ ଓଡ଼ିଆ ବୁଢ଼ା ପଦର ପ୍ରଭୃତି ସ୍ଥାନରେ ସ୍ୱାଗତ କରାଯାଇଛି। ଜନସାଧାରଣ ହରି ବୋଲ, ହୁଳ ହୁଳି କୀର୍ତ୍ତନ ମାଧ୍ୟମରେ ସ୍ୱାଗତ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।




## ସଂକ୍ଷେପରେ

### ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ ବରିଷ୍ଠ କିରାଣି

ଯାଜପୁର ଟାଉନ,୨୭।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

୧୦ହଜାର ଲାଞ୍ଚ ନେଲା ବେଳେ ଯାଜପୁର ଜିଲା ମୁଖ୍ୟାଳୟର ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜିଲା ମଙ୍ଗଳ ବିଭାଗର ଭାରପ୍ରାପ୍ତ ବରିଷ୍ଠ କିରାଣୀ ସୁବ୍ରତ କୁମାର କାନୁନଗୋ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ହରିଜନ ଓ ଆଦିବାସୀ କ୍ଷତିପୂରଣ ଅନୁକମ୍ପା ରାଶି ବିଲ ପାସ କରାଇଦେବା ପାଇଁ ସେ ୧୦ ହଜାର ଲାଞ୍ଚ ନେଉଥିଲେ । ସୂଚନା ଅନୁଯାୟୀ, ଯାଜପୁର ବ୍ଲକ ବଡ ସୁଆର ଗ୍ରାମର ଟୁନିଆ ଜେନା ନାମକ ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ଆଟ୍ରୋସିଟି ମାମଲାରେ ସରକାରଙ୍କ ପକ୍ଷରୁ ଜିଲା ମଙ୍ଗଳ ବିଭାଗ ନିକଟକୁ ୭୫ ହଜାର ଟଙ୍କାର କ୍ଷତିପୂରଣ ରାଶି ଆସିଥିଲା। ତେବେ ଏହାକୁ ପାସ କରାଇବା ପାଇଁ କିରାଣୀ ୨୫ ହଜାର ଟଙ୍କା ଦାବି କରିଥିଲେ। ପୂର୍ବରୁ ୧୫ ହଜାର ନେଇଥିବା ବେଳେ ବୁଧବାର ଆଉ ୧୦ହଜାର ଟଙ୍କା ଦାବି କରିଥିଲେ। ଯୋଜନା ମୁତାବକ ବୁଧବାର ଟଙ୍କା ନେଉଥିବା ବେଳେ ଯାଜପୁର ଭିଜିଲାନ୍ସ ଟିମ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ପରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୪୦/୨୦୨୩) ରୁଜୁ କରାଯିବା ସହିତ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଟ୍ରାକ୍ଟର ଚୋରି ନେଇ ଥାନାରେ ଅଭିଯୋଗ

ପାଣିକୋଇଲି, ୨୭।୧୨(ବିକାଶ କୁମାର ମଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଠାରୁ ଏକ ଟ୍ରାକ୍ଟର ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା(ନଂ.୩୮୭/୨୩) ରୁଜୁ କରି ତଦନ୍ତ ଜାରି ରଖିଛି । ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନ୍ଦପୁର ପଞ୍ଚାୟତର ବ୍ରଜନଗର ଗ୍ରାମର ମୋହନ ଚନ୍ଦ୍ର ଧଳଙ୍କ ସ୍ତ୍ରୀ ବିଦ୍ୟାଭାରତୀ ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଟ୍ରାକ୍ଟର (ନଂ.ଓଆର୦୪ଜେ ୪୪୨୯)କୁ ସଠିପୁରର ଦିପୁ ମୁଣ୍ଡା ଚଳାଉଥିଲେ । ଟ୍ରାକ୍ଟରଟିକୁ ଦିପୁ ଆଣି ତାଙ୍କ ସଠିପୁର ଘର ନିକଟରେ ରଖିଥିଲେ । ସକାଳୁ ଦେଖିବା ବେଳକୁ ଟ୍ରାକ୍ଟର ସେଠାରେ ନ ଥିଲା । ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଆକ୍ରମଣରେ ହାତ ଆଙ୍ଗୁଠି କଟିଲା

ପାଣିକୋଇଲି,୨୭।୧୨(ବିକାଶ କୁମାର ମଲିକ): ପାଣିକୋଇଲି ଥାନା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଞ୍ଚାୟତ ରାଧାନଗର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଗ୍ରାମର ଦଶରଥ ପାତ୍ରଙ୍କ ପରିବାର ମଧ୍ୟରେ କୌଣସି କାରଣ ନେଇ ଗଣ୍ଡଗୋଳ ହେଉଥିଲା । ସେ ବଡଭାଇ ଓ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରୁଥିଲେ । ସେମାନେ ଭୟରେ ଦୌଡିଆସି ପଡୋଶୀ ସଂଗ୍ରାମ ସାହୁଙ୍କ ପାଖରେ ପହଞ୍ଚିଥିଲେ । ସଂଗ୍ରାମ ଦଶରଥଙ୍କୁ ବିରୋଧ କରିଥିଲେ । ହେଲେ ସେ ଏକ ଧାରୁଆ ଅସ୍ତ୍ରରେ ସଂଗ୍ରାମଙ୍କୁ ଆକ୍ରମଣ କରିବାରୁ ତାଙ୍କ ଡାହାଣ ହାତ ଆଙ୍ଗୁଠି କଟି ଯାଇଥିଲା । ସଂଗ୍ରାମ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ବାପା ବିଷ୍ଣୁ ସାହୁ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ଏକ ମାମଲା (ନଂ.୩୮୯/୨୩) ରୁଜୁ ହୋଇଛି।

# ପାନୀୟଜଳ ପାଇଁ ଲୋକେ ଡହଳବିକଳ

## ଚମ୍ପାପୁର ପଞ୍ଚାୟତରେ ବସୁଧା ଯୋଜନା କାମ ନିମ୍ନମାନର

ବଡ଼ଚଣା,୨୭।୧୨(ଦିଲୀପ କୁମାର ମହାନ୍ତି)



ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ବସୁଧା ଯୋଜନାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପାଣି ଟାଙ୍କି ନିର୍ମାଣ କରାଯାଇଥିବା ବେଳେ ପାଇପ ବିଛା ଯାଉଛି । ୩ ବର୍ଷ ତଳେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁରଠାରେ ବିଭାଗ ପକ୍ଷରୁ ଜଣେ ଠିକାଦାରଙ୍କ ଦ୍ୱାରା ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା । ସେଥିରୁ ଲୋକମାନଙ୍କୁ ପାଣି ଯୋଗାଇ ଦେବା ପାଇଁ ରାସ୍ତା କଡରେ ପାଇପ୍ ବିଛାଯାଇଥିଲା । କେତେକ ସ୍ଥାନରେ ଛୋଟ ଟାଙ୍କି କରି ଲୋକମାନଙ୍କ ଘରକୁ ପାଣି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା । ମାତ୍ର ଠିକାଦାର ଅତ୍ୟନ୍ତ ନିମ୍ନମାନର କାମ କରିଛନ୍ତି । ରାସ୍ତା କଡରେ ବିଛା ଯାଇଥିବା ପାଇପକୁ ଅଳ୍ପ ଗଭୀରରେ ପୋତିଥିଲେ । ଏହାପରେ ସେ କେତେଜଣ ବିଭାଗୀୟ ଅଧିକାରୀଙ୍କୁ ଲାଞ୍ଚ ଦେଇ ବିଲ୍ କରାଇ ନେବା ପରେ ଫେରାର ହୋଇଯାଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀମାନେ ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରିଥିଲେ । ହେଲେ ପାଣି ଟାଙ୍କି ଓ ବିଭିନ୍ନ ସ୍ଥାନରେ ବିଛା ଯାଇଥିବା ପାଇପ୍‌ରୁ ପାଣି ଲିକେଜ୍ କରୁଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା । ଫଳରେ ଅଧିକାରୀମାନେ ନିଜର ଦୋଷ ଲୁଚାଇବା ପାଇଁ ବିଭିନ୍ନ ସ୍ଥାନରେ ଲୋକ ଲଗାଇ ପ୍ୟାଚ୍ ପକାଇ କାମ ଚଳାଉଛନ୍ତି। ଏହାପରେ ବି ପାଣି ବୋହିବା ବନ୍ଦ ହେଉନାହିଁ । ଏବେ ପୂର୍ତ୍ତ ବିଭାଗ ପକ୍ଷରୁ ଛତିଆଠାରୁ ଚମ୍ପାପୁର ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଛି । ଠିକାଦାର ମେଶିନ ଲଗାଇ କାମ କରୁଛନ୍ତି । ହେଲେ ବସୁଧା ଯୋଜନାରେ ମାତ୍ର ଚାଖଣ୍ଡେ ତଳେ ପାଇପ୍ ବିଛା ଯାଇଥିବାରୁ ବିଭିନ୍ନ ସ୍ଥାନମାନରେ ପାଇପ ଫାଟି ଯାଇଛି । ଫଳରେ ପ୍ରାୟ ୧୫ ଦିନ ହେବ ଲୋକେ ପାଣି ପାଇବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇଛନ୍ତି। ଖବର ପାଇ ବିଭାଗୀୟ ଅଧିକାରୀମାନେ ପହଞ୍ଚି ପାଣି ଝରୁଥିବା ସ୍ଥାନ ମରାମତି କରିବାକୁ ଯୋଜନା ଚଳାଇଛନ୍ତି । ଏ ସମ୍ବନ୍ଧରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଓ ଯନ୍ତ୍ରୀଙ୍କୁ ପଚାରିବାରୁ ସେମାନେ କହୁଛନ୍ତି, ଆମେ ଏବେ ନୂଆ ଦାୟିତ୍ୱ ନେଇଛୁ । ପୂର୍ବରୁ ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନେ ଠିକାଦାରଙ୍କ ସହ ସଲାସୁତୁରା କରି ବିଲ୍ କରିଛନ୍ତି । ଏଣୁ ଆମେ ପୁନଶ୍ଚ ଉକ୍ତ କାମକୁ ଭଲ ଭାବେ କରାଇ ଲୋକମାନଙ୍କୁ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବୁ।

# ଧର୍ମଶାଳା ଖଣ୍ଡର ବିଭିନ୍ନ ପଞ୍ଚାୟତକୁ ଗଲା ଅକ୍ଷତ କଳସ



ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଅକ୍ଷତ କଳସକୁ ଗ୍ରହଣ କରିଛନ୍ତି ।

କାଏମା,୨୭।୧୨(ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତରେ ଅକ୍ଷତ କଳସକୁ ଧର୍ମଶାଳା ଖଣ୍ଡ ତରଫରୁ ସ୍ୱାଗତ କରାଯାଇଛି। ଅଯୋଧ୍ୟା ଠାରେ ନିର୍ମିତ ଶ୍ରୀରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ମନ୍ଦିର ଟ୍ରଷ୍ଟ ତରଫରୁ ନିମନ୍ତ୍ରଣ ପାଇଁ ଆସିଥିବା ଅକ୍ଷତ କଳସକୁ ଧର୍ମଶାଳା ଖଣ୍ଡ ତରଫରୁ ମଙ୍ଗଳବାର କାଏମା ସ୍କୁଲ ପଡିଆ ନିକଟରୁ କୀର୍ତ୍ତନ ସହିତ ପଟୁଆରରେ ନିଆଯାଇ ସରସ୍ୱତୀ ଶିଶୁ ମନ୍ଦିରରେ ରଖାଯାଇଥିଲା । ସେଠାରେ ଧର୍ମଶାଳା ଖଣ୍ଡର ଦଶଟି ମଣ୍ଡଳରୁ ବହୁ ରାମ ଭକ୍ତ ଯୋଗଦେଇ ନିଜନିଜ ପଞ୍ଚାୟତର ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ର ସଂଗ୍ରହ କରି ଶୋଭାଯାତ୍ରା ନେଇଯାଇଥିଲେ । ଏହି ଅକ୍ଷତ କଳସ ଓ ନିମନ୍ତ୍ରଣ ପତ୍ର ରାମଭକ୍ତ ମାନଙ୍କ ଦ୍ୱାରା ଆସନ୍ତା ଜାନୁୟାରୀ ୧ ତାରିଖ ଠାରୁ ପ୍ରତ୍ୟେକ ହିନ୍ଦୁ ପରିବାରରେ ବଣ୍ଟନ କରାଯାଇ ଅଯୋଧ୍ୟାକୁ ନିମନ୍ତ୍ରଣ କରାଯିବ । ଏହି କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଆଜିର ଏହି କାର୍ଯ୍ୟକ୍ରମକୁ ଜିଲା ଧର୍ମ ଜାଗରଣ ସହ ସଂଯୋଜକ ବିଦ୍ୟାଧର ସାହୁ, ଇନ୍ଦ୍ରମଣି ବେହେରା,ରମେଶ ଚନ୍ଦ୍ର ନାୟକ ଏବଂ ଖଣ୍ଡ ପ୍ରମୁଖ ମାନସ ମଲିକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଜେନାପୁର,୨୭।୧୨(ଅଶୋକ ଦାସ)

ଧର୍ମଶାଳା ବ୍ଲକ୍ କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୁରାତନ ଛାତ୍ର ରାମଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ଶର୍ମିଷ୍ଠା ସେଠୀ, ମୁଖ୍ୟବକ୍ତା ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତ ରାୟ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେବା ସହିତ ପୁରାତନ ଛାତ୍ର ସଂସଦର ଛାତ୍ରୀଛାତ୍ର ଏକତ୍ରିତ ହୋଇ ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସଫଳ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିଲି ରାଉତ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ପୁରାତନ ଛାତ୍ର ଦିବ୍ୟଲୋଚନ ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବିକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ସୋରାଇଶ୍ୱର ମନ୍ଦିରରୁ ବାହାରି ସୋରାଇ, ପାଟଣା, ମାର୍ଜିତା ପୁର, କବାଟବନ୍ଧ, ବାରକଣା ଓ ଦଳ ଗାଁ ଦେଇ ସଭାସ୍ଥଳରେ ପହଞ୍ଚିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର , ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀ ଓ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ। ଏହି ଉତ୍ସବ ୩ ଦିନ ଚାଲିବ ବୋଲି ସୂଚନା ମିଳିଛି ।



ଉତ୍ସବରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି ।

# ଉଦ୍ୟାନ କୃଷି କର୍ମଶାଳା

ପାଣିକୋଇଲି,୨୭।୧୨(ବିକାଶ କୁମାର ମଲିକ):

ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଯାଜପୁରଙ୍କ ସୌଜନ୍ୟରେ ପାଣିକୋଇଲି ମା'ତାରିଣୀ ମନ୍ଦିର ପରିସରରେ ଉଦ୍ୟାନ କୃଷି କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିଶନ ଯୋଜନା ମାଧ୍ୟମରେ କୋରେଇ ବ୍ଲକ୍‌ସ୍ତରୀୟ ଏହି କର୍ମଶାଳା କରାଯାଇଥିଲା । ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ପର୍କୀତ ଆଲୋଚନା କରାଯାଇଥିଲା। ଚାଷୀମାନଙ୍କ ପାଇଁ ଉଦ୍ୟାନ କୃଷି ମାଧ୍ୟମରେ ଥିବା ଯୋଜନା ଓ ଚାଷୀ ମାନେ କିପରି ଋଣ ପାଇଁ ସବ୍‌ସିଡ ନେଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାଇ ବ୍ଲକ କୃଷି ଅଧିକାରୀ କବିତା ବେହେରା, ସୁକିନ୍ଦା ସହକାରୀ ଉଦ୍ୟାନ କୃଷି ଅଧିକାରୀ ତପନ ପାତ୍ର, ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଚନ୍ଦ୍ରକାନ୍ତ ଜେଠୀ, ମୃତ୍ତିକା ସଂରକ୍ଷଣ ବିଭାଗ ଅଧିକାରୀ ଅର୍ନ୍ତଯ୍ୟାମୀ ସାହୁ ପ୍ରମୁଖ ଏହି କର୍ମଶାଳାରେ ଯୋଗଦେଇ ଚାଷୀମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। କୋରେଇ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୟଦେବ ମାଝୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

# ଟ୍ରକ୍ ପଛରେ ପିଟିଲା ଟ୍ରକ୍, ଖଲାସୀ ମୃତ

ପାଣିକୋଇଲି,୨୭।୧୨(ବିକାଶ କୁମାର ମଲିକ):

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ପୋଲ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇ ଟ୍ରକ ମଧ୍ୟରେ ଧକ୍କା ହେବ ଫଳରେ ଜଣେ ଖଲାସୀଙ୍କ ମୃତ୍ୟୁ ଘଟିଛି । ଚାଳକଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଶ୍ରୀକାକୁଲମରୁ କଲିକତାକୁ ପ୍ଲାଇ ନେଇ ଯାଉଥିବା ୧୬ ଚକିଆ ଟ୍ରକ (ନଂ.ଏପି୧୬ଟିଇ୩୬୩୬) ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତା ଉପରେ ଛିଡ଼ା ହୋଇଥିଲା । ପାରାଦୀପରୁ ଆଇରନ ଖାଲି କରି ଫେରୁ ଥିବା ଅନ୍ୟ ଏକ ଟ୍ରକ (ନଂ.ଓଡ଼ି୩୪ଏନ୮୫୪୫) ଅଚଳ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଫଳରେ ପଛ ଟ୍ରକର ଖଲାସୀ ଓ ଚାଳକ ଉଭୟ ଚାପି ହୋଇ ଗୁରୁତର ଅବସ୍ଥାରେ ରହିଥିଲେ। କୁଆଖିଆ ଦମକଳ ବାହିନୀ କଟର ସାହାଯ୍ୟରେ ଟ୍ରକର ଆଗ କାଟି ଖଲାସୀ ଓ ଚାଳକଙ୍କୁ ବାହାର କରିଥିଲେ। ହେଲପିଙ୍ଗ ଗ୍ରୁପର ଅଶୋକ କୁମାର ଦାସ, ତାରିଣୀ କୁମାର ପଟ୍ଟନାୟକ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ।

# ଜଗନ୍ନାଥ ଜୀଉ କଲେଜରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ





ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ଚଢ଼େଇଧରା ୨୭।୧୨(ଦିଲୀପ ପରିଡ଼ା)

ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଜଗନ୍ନାଥ ଜୀଉ କଲେଜ ଚଢ଼େଇଧରାଠାରେ ଚାଲିଥିବା ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ସଭାରେ କଲେଜର ଅଧକ୍ଷ ସୁକାନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ତଥା ନୋଡାଲ ଅଫିସର ଅକ୍ଷୟ କୁମାର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗ ଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା କ୍ଷେତ୍ରରେ ଉନ୍ନତ କରିବା ସହିତ ସେମାନଙ୍କ ସାମଗ୍ରୀକ ବିକାଶ ମୁଖ୍ୟମନ୍ତ୍ରୀଙ୍କର ନୂଆ - ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ୧୨ନଂ. ଜୋନ ଜିଲା ପରିଷଦ ସଦସ୍ୟା ପ୍ରଣତୀ ଲେଙ୍କା ଯୋଗ ଦେଇଥିଲେ। ଏଥିରେ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ର ସମୁଦାୟ ୩୦ଟି ବିଭାଗରେ ଭାଗ ନେଇ ଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ସହିତ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସାମାଜିକ କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀପଦ ସେବକ ମହାନ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜକ ବିଭୂତି ଭୂଷଣ ନାୟକ, କ୍ରୀଡା ସଂଯୋଜକ ଉର୍ମିଳା ମୁଦୁଲି ପରିଚାଳନା କରିଥିବା ବେଳେ କଲେଜର ଅଧାପକ ପ୍ରଭାତ କୁମାର ଦାସ, ହରେକୃଷ୍ଣ ମହାପାତ୍ର, ଅନିତା ମହାପାତ୍ର, ବିଧୁ ଭୂଷଣ ସଂଗ୍ରାମ ସିଂ, କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ସାହୁ, ପ୍ରଦୀପ କୁମାର ସିଂହ, ଅଭିମନ୍ୟୁ ଜେନା ସମେତ ଅନ୍ୟ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ। ମଧୁପୁର ଗଡ ସରପଞ୍ଚ ରବିନ୍ଦ୍ର କୁମାର ସେଠୀ, ପଞ୍ଚାୟତ ସଭାପତି ଜଗଦୀଶ ଜେନାମଣି ଉପସ୍ଥିତ ଥିଲେ।

# ଜଳଖିଆ ଖାଉଥିବା ବେଳେ ଶ୍ରମିକ ମୃତ

ପାଣିକୋଇଲି,୨୭।୧୨(ବିକାଶ କୁମାର ମଲିକ):

ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଞ୍ଚାୟତ ଠାକୁରପାଟଣା ଛକ ଠାରେ ଏକ ଶ୍ରମିକଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୁରଭଞ୍ଜ ଜିଲା ରରୁଆଁ ଥାନା ଅନ୍ତର୍ଗତ କାଶିଆ ଗ୍ରାମର ବବୁଲ ବେହେରା(୩୫)। ସେ ଶଙ୍ଖଚିଲା ଓ ଲକ୍ଷ୍ମୀନଗର ଅଞ୍ଚଳରେ ରହି ଶ୍ରମିକ ଭାବେ କାମ କରୁଥିଲେ । ବୁଧବାର ସକାଳେ ସେ ଏକ ଜଳଖିଆ ଦୋକାନରେ ବସି ଖାଉଥିବା ବେବେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଯାଜପୁର ରୋଡ଼ ସରକାରୀ ଚିକିତ୍ସାଳୟକୁ ନେଇଥିଲେ । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୁରୁଣା ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର ।

ବିଞ୍ଝାରପୁର,୨୭।୧୨(ରାମକୃଷ୍ଣ ଦାସ):

ଦୀର୍ଘ ୨୦ ବର୍ଷ ପରେ ଉତ୍ତଙ୍ଗରା ଉଚ୍ଚ ବିଦ୍ୟାଳୟର ୨୦୦୩ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ର ଏକତ୍ରିତ ହୋଇ ଗୁରୁପୂଜନ କରିବା ସହିତ ପୁରୁଣା ସ୍ମୃତିକୁ ସାଉଁଟି ଥିଲେ। ଏହି ଅବସରରେ ଉତ୍ତଙ୍ଗରା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପୁଷ୍ପକାନ୍ତ ମଲିକ, ଦାମୋଦର ପତି, ଭାଗିରଥି ପାଣି, ଶ୍ରୀକୃଷ୍ଣ ଦାସ, ଲୋକନାଥ ଭଦ୍ର, ରମାକାନ୍ତ ପଣ୍ଡା,ବାସୁଦେବ ମହାପାତ୍ର, ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ସର୍ବକୁଶଳ କାମନା କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରିବା ସହ ପଦ ବନ୍ଦନା କରିଥିଲେ। ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କ ସହ ସେମାନଙ୍କ ବିଗତଦିନର ଅନୁଭୂତି ପ୍ରକାଶ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ତନ୍ମୟ ସାମଲ, ବିକ୍ରମଦିତ୍ୟ ପଣ୍ଡା, ପ୍ରିୟବ୍ରତ ରଥ, ଅନିଲ ମଲ୍ଲିକ, ପର୍ଶୁରାମ ବେହେରା, ସୌମ୍ୟା ପ୍ରକାଶ ପରିଡ଼ା ପ୍ରମୁଖ ସେମାନଙ୍କ ବିଦ୍ୟାଳୟ ସମୟର ସ୍ମୃତି ଅନୁଭୂତି ପରିପ୍ରକାଶ କରିଥିଲେ। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ ସମସ୍ତଙ୍କ ମିଳିତ ସହଯୋଗରେ ବିଦ୍ୟାଳୟ ମୁଖ୍ୟ ଫାଟକ ନିକଟରେ ଏକ ଆଇ ଲଭ ମାଇଁ ସ୍କୁଲ ଲେଖା ଥିବା ସୁନ୍ଦର କଳାକୃତି ସ୍ଥାପନ କରିଥିଲେ ।





ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ।

# ଦିଲ୍ଲୀ ପବ୍ଲିକ ସ୍କୁଲରେ ପ୍ରଥମ ବାର୍ଷିକ ଉତ୍ସବ

ରଗଡି,୨୭।୧୨(ଜତିଶ କୁମାର ମଲିକ) :

ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତର ମଳାରିଆ ଠାରେ ଥିବା ଦିଲ୍ଲୀ ପବ୍ଲିକ ସ୍କୁଲରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୋରେଇର ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏସଟି ଜାଭିୟର ସ୍କୁଲର ସଭାପତି ଡ଼. ପ୍ରିୟଦର୍ଶୀ ନାୟକ ସମ୍ମାନିତ ଅତିଥି, ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ଏଚ୍‌ଆର ମୁଖ୍ୟ ପ୍ରକାଶ ପଟ୍ଟନାୟକ ମୁଖ୍ୟବକ୍ତା, ଯାଜପୁର ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, କୋରେଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭିକାରି ଚରଣ ବରାଳ, କୋରେଇ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲିକ, ଡିଆଇଏଟି ଅଧକ୍ଷା ନିବେଦିତା ଗୁରୁ, ଶିକ୍ଷାବିତ୍ ସୁଶାନ୍ତ କୁମାର ନାୟକ, କୋରେଇ ଥାନା ଭାରପ୍ରାପ୍ତ ଅଧିକାରୀ ସୁମିତ ମହାନ୍ତି, ଡ଼ିପିଏସ ଅଧକ୍ଷ ମୋହିନୀ ମୋହନ ସାହୁ, ମ୍ୟାନେଜର ରମେଶ କୁମାର ସାହୁ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଦିଲୀପ କୁମାର ମହାନ୍ତି, ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ରବିନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ବିଭାଗରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# କର୍କଟ ପୀଡ଼ିତ ସଞ୍ଜୟଙ୍କ ଚିକିତ୍ସାରେ ବାଧକ ସାଜିଛି ଅର୍ଥ

ଯାଜପୁରରୋଡ଼,୨୭।୧୨ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ପୌର ପରିଷଦ ଅଧୀନରେ ଥିବା ବିଲ୍ଡିଂ ସେଣ୍ଟରରେ ସ୍ୱଳ୍ପ ଦରମାରେ ଠିକାରେ କାମ କରୁଥିବା ସଞ୍ଜୟ ମିଶ୍ର (୪୭) ଏବେ ଅସ୍ଥି ମଜ୍ଜା (ବୋନ ମ୍ୟାରୋ) କର୍କଟ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ପରିବାର କହିଲେ ସ୍ତ୍ରୀ, ୧୩ ବର୍ଷର ଝିଅ ଓ ୫ ବର୍ଷର ପୁଅକୁ ନେଇ ତାଙ୍କ ତେଲଲୁଣର ସଂସାର । ଦିନେ ତାଙ୍କ ପରିବାର ହସଖୁସିରେ ଚାଲିଥିଲା । ହେଲେ ସଞ୍ଜୟ ଅସୁସ୍ଥ ହେବା ପରେ ସେହି ପରିବାର ଉପରେ ସତେ ଯେମିତି ଦୁଃଖର କଳା ବାଦଲ ଛାଇ ଯାଇଛି। ଗୋଟିଏ ପଟେ ଘରର ଏକମାତ୍ର ରୋଜଗାରିଆ ପୁଅ ରୋଗଗ୍ରସ୍ତ ହେବାପରେ କାମ କରୁଥିବା ସଂସ୍ଥାରୁ ଦରମା ମିଳିବା ବନ୍ଦ ହୋଇଯାଇଛି। ଅନ୍ୟପଟେ ଚିକିତ୍ସା ପାଇଁ ୪ମାସ ହେଲା ନିଜର ସମସ୍ତ ସମ୍ବଳ ସାରିଛନ୍ତି ପରିବାର ଲୋକେ । ଏବେ ଡାକ୍ତର କହୁଛନ୍ତି ଏଠାରେ ଆଉ ଚିକିତ୍ସା ସମ୍ଭବ ନୁହଁ। ଏଥିପାଇଁ ବିଶେଷ ଚିକିତ୍ସା ଷ୍ଟେମ ସେଲ୍ସ ପ୍ରତିରୋପଣ ଆବଶ୍ୟକ ରହିଛି। ଏଥିପାଇଁ ପାଖାପାଖି ୩୫ଲକ୍ଷ ଟଙ୍କା ଆବଶ୍ୟକ । ଏହି କଥା ଶୁଣିବା ପରେ ଘରେ ଚୁଲି ଜଳୁ ନାହିଁ । ଏତେ ଟଙ୍କା କେଉଁଠୁ ଆଣି ଚିକିତ୍ସା କରାଇବେ ବୋଲି ସ୍ତ୍ରୀଙ୍କ ମୁଣ୍ଡରେ ଚଡକ ପଡିଛି। ଏଭଳି ଅବସ୍ଥାରେ କୌଣସି ସରକାରୀ ସହାୟତା ମଧ ତାଙ୍କ ନିକଟରେ ପହଞ୍ଚି ପାରିନାହିଁ । ଅର୍ଥ ଅଭାବରୁ ଚିକିତ୍ସା ପାଇବାରୁ ବଞ୍ଚିତ ଥିବା ସଞ୍ଜୟଙ୍କ ସ୍ତ୍ରୀ ଆର୍ଥିକ ସହାୟତା ପାଇଁ ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତି ଆର୍ଥିକ ସହାୟତା ପ୍ରଦାନ କରନ୍ତି ତାଙ୍କ ସ୍ୱାମୀ ଭଲହୋଇ ଯିବେ ବୋଲି ସେ ଆଶା ବାନ୍ଧିଛନ୍ତି । ରଞ୍ଜନଙ୍କ ବାଲ୍ୟବନ୍ଧୁ ପ୍ରଶାନ୍ତ ବୋଇତାଇ ନିଜ ସାମର୍ଥ୍ୟ ଅନୁଯାୟୀ ତାଙ୍କ ଦେଖାଶୁଣା କରୁଥିବାବେଳେ ତୁରନ୍ତ ତାଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆ ନ ଗଲେ ପରିସ୍ଥିତି ଗମ୍ଭୀର ହେବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଏନେଇ ରଞ୍ଜନଙ୍କ ମୋବାଇଲ ନମ୍ବର ୮୨୪୯୪୯୮୭୪୬ରେ ତାଙ୍କ ସ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।



ପରିବାର ସଦସ୍ୟଙ୍କ ସହ ସଞ୍ଜୟ ମିଶ୍ର ।

**ସଂକ୍ଷେପରେ**

## ଜବରଦଖଲ ଘର ଭଙ୍ଗାଗଲା

କୁଜଙ୍ଗ,୨୭।୧୨(ମନୋଜ ପ୍ରଧାନ)

ଦେବୋତ୍ତର ବିଭାଗର ଜାଗାକୁ ଜବରଦଖଲ କରି ବେଆଇନଭାବେ ତିଆରି ହୋଇଥିବା ଏକ ବାସଗୃହକୁ ବୁଧବାର ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଘଟଣାରୁ ପ୍ରକାଶ କୁଜଙ୍ଗ ତହସିଲ ଅନ୍ତର୍ଗତ ସମାଗୋଳ ଗ୍ରାମର ମା' ବିଲମା ଠାକୁରାଣୀଙ୍କ ଜମିରେ ସେହି ଗ୍ରାମର ପ୍ରଶାନ୍ତ ମହାନ୍ତିଙ୍କ ପରିବାର ଦୀର୍ଘ ୩୦ ବର୍ଷତଳୁ ବେଆଇନଭାବେ ଜବର ଦଖଲ କରି ସେଠାରେ ପକ୍କା ଗୃହ ନିର୍ମାଣ କରି ରହିଆସୁଥିଲେ। ଏନେଇ ଠାକୁରାଣୀ କମିଟି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ୨ ବର୍ଷ ପୂର୍ବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶମତେ ତତ୍କାଳୀନ ତହସିଲଦାର ଏହାକୁ ଉଚ୍ଛେଦ କରିବା ପାଇଁ ଯାଇଥିବା ବେଳେ ପ୍ରଶାନ୍ତ ଓ ତାଙ୍କ ପରିବାର କିରୋସିନ ଢାଳି ଆତ୍ମାହୁତି ଦେବାକୁ ଧମକ ଦେବାରୁ ପ୍ରଶାସନ ଓହରି ଯାଇଥିଲା। ପରବର୍ତ୍ତୀ ସମୟରେ ଠାକୁରାଣୀ କମିଟି ଉଚ୍ଚନ୍ୟାୟାଳୟରେ ଅପିଲ କରିଥିଲେ । ପୁନର୍ବାର ଉଚ୍ଚନ୍ୟାୟାଳୟ ପୂର୍ବ ନିର୍ଦ୍ଦେଶକୁ କାଏମ ରଖିବା ଫଳରେ କୁଜଙ୍ଗ ତହସିଲଦାର ଜାଗା ଖାଲି କରିବା ପାଇଁ ୨ ମାସ ପୂର୍ବରୁ ପ୍ରଶାନ୍ତଙ୍କୁ ନୋଟିସ ଦେଇଥିଲେ। ପ୍ରଶାନ୍ତ ଘର ନ ଭାଙ୍ଗିବା ଫଳରେ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ ପୋଲିସ ଫୋର୍ସ ସହ ଜେସିବି ସହାୟତାରେ ତାଙ୍କ ଘର ସମ୍ମୁଖଭାଗ ଭାଙ୍ଗିଦେଇଛନ୍ତି। ଏଥିସହ ୧୦ ଦିନ ମଧ୍ୟରେ ଉକ୍ତ ଜାଗା ଖାଲି କରିବାକୁ ପ୍ରଶାନ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ୬ ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି

ପାରାଦୀପ/ କୁଜଙ୍ଗ,୨୭।୧୨ (ଶରତ ରାଉତ/ ମନୋଜ ପ୍ରଧାନ)

ପାରାଦୀପ ୫ନ.ଂ ୱାର୍ଡ ବାଲିଝରାରେ ଥିବା ଗଣପତି ଶିଶୁ ବିଦ୍ୟାମନ୍ଦିରର ୨ଜଣ ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି ମିଳିଛି। ସେମାନେ ହେଲେ ତୃତୀୟ ଶ୍ରେଣୀ ଛାତ୍ରୀ ବର୍ଷାରାଣୀ ବାଗ ଓ ପଞ୍ଚମ ଶ୍ରେଣୀ ଛାତ୍ର ଅମିତ ନାୟକ। ଏହି ସଫଳତା ପରେ ଉଭୟଙ୍କୁ ବୁଧବାର ବିଦ୍ୟାମନ୍ଦିର ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ସେହିପରି କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪ ଛାତ୍ରୀଛାତ୍ର ମେଧାବୃତ୍ତି ପାଇଛନ୍ତି। ସେମାନେ ହେଲେ ପଞ୍ଚମ ଶ୍ରେଣୀର ଶୁଭେଦିତା ତ୍ରିପାଠୀ, ଶୁଭ୍ରାଂଶୁ ସ୍ୱାଇଁ ଓ ତୃତୀୟ ଶ୍ରେଣୀର ଦେବୀ ପ୍ରସାଦ ମହାରଣା ଓ ସ୍ୱସ୍ତି ସମ୍ପୃକ୍ତା ମହାପାତ୍ର।

## ଯୁବ ବିକାଶ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ

ରାହାମା, ୨୭।୧୨(ଶ୍ରୀକାନ୍ତ ଦାସ)

ଓଡ଼ିଶା ସରକାରଙ୍କ ଯୁବବିକାଶ ଯୋଜନା ଆନୁକୂଲ୍ୟରେ ରାହାମାରେ ଥିବା ଶାରଳା ମହାବିଦ୍ୟାଳୟରେ ୫ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ସଙ୍ଗୀତ ଓ ହାସ୍ୟରସ ପ୍ରତିଯୋଗିତାକୁ ନୋଡାଲ ଅଫିସର ମନୋଜ କୁମାର ମହାନ୍ତି ଓ ନବୋଦୟ ବିଦ୍ୟାଳୟ ସଙ୍ଗୀତ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଏହି ଅବସରରେ ନୃତ୍ୟ ଓ ସୁନ୍ଦର ପ୍ରତିଯୋଗିତା, ଓଡ଼ିଆ ଓ ଇଂଲିଶ୍ ତର୍କ, ଚିତ୍ରାଙ୍କନ, ପ୍ରବନ୍ଧ, କାର୍ଟୁନ ଚିତ୍ର, କବିତା ଆବୃତ୍ତି, ଝୋଟି, ମୁରୁଜ ଏବଂ ରୋଷେଇ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ମନୋଜ କୁମାର ମହାନ୍ତି, ଅସୀମ ଅମିତାଭ ଦାଶ, ରମେଶ ଚନ୍ଦ୍ର ମହାପାତ୍ର, ଡା.ତ୍ରୈଲୋକ୍ୟ ମହାପାତ୍ର ଓ କଲେଜର ଅନ୍ୟ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।

## କ୍ରୀଡ଼ାକୁ ଆୟୁଧ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କର

ରଘୁନାଥପୁର,୨୭।୧୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ଯୁକ୍ତ ୨ ଓ ଯୁକ୍ତ ୩ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ୨ଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ପୌରୋହିତ୍ୟ କରି କହିଥିଲେ, କ୍ରୀଡ଼ାକୁ ଆୟୁଧ କରି ଛାତ୍ରୀଛାତ୍ରମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ। ଏହି ପ୍ରତିଯୋଗିତାରେ ଯୁକ୍ତ ୨ ବର୍ଗରେ ଦିଲୀପ କୁମାର ମାଝୀ ଓ ପ୍ରିୟଙ୍କା ସେଠୀ ଏବଂ ଯୁକ୍ତ ୩ ବର୍ଗରେ ସ୍ମୃତିରଞ୍ଜନ ସ୍ୱାଇଁ, ସୌମ୍ୟରଞ୍ଜନ ମଲ୍ଲିକ ଏବଂ ପ୍ରିୟଦର୍ଶିନୀ ସେଠୀ ଚାମ୍ପିୟନ ହୋଇଥିଲେ। ଅଧ୍ୟାପକ ସମରେନ୍ଦ୍ର ମହାନ୍ତି, କେଦାର ମୁଦୁଲି ଓ କ୍ରୀଡ଼ା ଶିକ୍ଷକ ରଜତ କୁମାର ଦାସ ଏହାକୁ ପରିଚାଳନା କରିଥିଲେ।

# ଜଗତ୍‌ସିଂହପୁର ଜିଲ୍ଲାର ୪ ମନ୍ଦିରକୁ ନିମନ୍ତ୍ରଣ

ଜଗତ୍‌ସିଂହପୁର, ୨୭।୧୨ (ପ୍ରମୋଦ କୁମାର ନାୟକ)



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ପୁରୀରୁ ଆସିଥିବା ସେବାୟତମାନଙ୍କ ପାଇଁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ।

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଜାନୁୟାରୀ ୧୭ରେ ଅନୁଷ୍ଠିତ ହେବ। ଏହାକୁ ଭବ୍ୟ ଓ ଦିବ୍ୟ କରିବା ପାଇଁ ଉଦ୍ୟମ ଚାଲିଛି। ତେଣୁ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରମୁଖ ମନ୍ଦିରଗୁଡ଼ିକୁ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା ଏବଂ ଗଡ଼ କୁଜଙ୍ଗର କୁଞ୍ଜବିହାରୀ ମନ୍ଦିରକୁ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ପୁରୀରୁ ସେବାୟତ ଓ ସୁଆରମାନେ ଏହି ନିମନ୍ତ୍ରଣପତ୍ର ଆଣି ଜଗତ୍‌ସିଂହପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବ ପ୍ରସ୍ତୁତି ମୁତାବକ ସେମାନଙ୍କୁ ଆଧ୍ୟାତ୍ମିକ ବାତାବରଣ ଭିତରେ ସ୍ୱାଗତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟା ଓ ହୁଳହୁଳି ଶବ୍ଦ ନିଆରା ପରିବେଶ ସୃଷ୍ଟି କରିଥିଲା। ପରେ ମା'ଶାରଳା ଏବଂ ଗଡ଼ କୁଜଙ୍ଗ କୁଞ୍ଜବିହାରୀ ମନ୍ଦିରରୁ ଆସିଥିବା ସେବକମାନେ ଆଜ୍ଞାମାଳ, ତିଳକ ଓ ଚନ୍ଦନ ଦେଇ ସେବାୟତମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଦାୟିତ୍ୱରେ ଥିବା ପୁରୀ କୃଷି ଜିଲ୍ଲା ଅଧିକାରୀ ସୁଶାନ୍ତ ଦାସ ଉପସ୍ଥିତ ଜନତାଙ୍କୁ ଏହି ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ ଖରିପଡ଼ିଆସ୍ଥିତ ଶ୍ରୀଜଗନ୍ନାଥଙ୍କ ଦାରୁକ୍ଷେତ୍ରକୁ ନିମନ୍ତ୍ରଣ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦଇତାପତି ବିନାୟକ ଦାସ ମହାପାତ୍ର, ବିଜୟକୃଷ୍ଣ ଦାସ ମହାପାତ୍ର ଓ ନୋଡାଲ ଅଫିସର ସୁବୋଧ ହୋତା

### ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ

ପହଞ୍ଚି କମିଟି ଅଧ୍ୟକ୍ଷ ଗଜପତି ମହାରାଜାଙ୍କ ପକ୍ଷରୁ ଏହି ନିମନ୍ତ୍ରଣ କରିଥିଲେ। ଏଥିସହ ବିରିଡି ବ୍ଲକ ଅଢ଼ଙ୍ଗ ମଲ୍ଲୁରାଇସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରରେ ପହଞ୍ଚି ପରିଚାଳନା କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରିଥିଲେ। ସୂଚନାଯୋଗ୍ୟ, ଉତ୍ସବରେ ଯୋଗଦେବା ପାଇଁ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କୁ ନିମନ୍ତ୍ରଣ ପରେ ବିଭିନ୍ନ ଜିଲ୍ଲାରେ ଥିବା ଜଗନ୍ନାଥ ମନ୍ଦିର ଓ ପ୍ରସିଦ୍ଧ ମନ୍ଦିରଗୁଡ଼ିକୁ ନିମନ୍ତ୍ରଣ କରାଯାଉଛି। ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ପ୍ରମୁଖ ଆୟୋଜନ କରିଥିଲେ। ପରେ ସେବାୟତମାନେ ଉପସ୍ଥିତ ଜନତାଙ୍କୁ ମହାପ୍ରଭୁଙ୍କ ତୁଳସୀ ଓ ପ୍ରସାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଧିକାରୀ, ଏସ୍‌ଏଚ୍‌ଜିର ମହିଳା, ଦୁଇ ମନ୍ଦିରରୁ ଆସିଥିବା ସେବକମାନେ ଉପସ୍ଥିତ ଥିଲେ।

# ନାବାଳିକା ବଳାତ୍କାରୀଙ୍କୁ ୧୨ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୨୭।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୨୧ରେ ବଳାତ୍କାର ମାମଲା (ଜିଆର କେସ ନଂ. ୬୯/୨୧) ବିଚାରର ରାୟ ବୁଧବାର ପ୍ରକାଶ ପାଇଛି। ଆଡ଼ହକ ଆଡିଶନାଲ ସେସନ୍ସ ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ଏହି ମାମଲାକୁ ବିଚାର କରି ମାର୍ଶାଘାଇ ଥାନା ଥାଉରି ଗ୍ରାମର ସରୋଜ କୁମାର ନାୟକ ଓରଫ କୁନାଙ୍କୁ ୧୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଜରିମାନା ବାବଦ ୨୦ ହଜାର ଟଙ୍କା, ଅନାଦେୟରେ ଅଧିକ ୧ ବର୍ଷ ଜେଲରେ ରହିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ଏଥିରେ ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ସ୍ପେଶାଲ ପିପି ମନୋଜ କୁମାର ସାହୁ ସୂଚନା ଦେଇଛନ୍ତି ଯେ, ପୀଡ଼ିତା ୨୦୨୧ ମେ ୨୧ ତାରିଖ ରାତିରେ ଘର ବାହାରକୁ ନିତ୍ୟକର୍ମ ପାଇଁ ଆସିଥିଲେ। ଏହି ସମୟରେ କୁନା ଏକ କାରରେ ୨ ଜଣଙ୍କ ସହ ଆସି ତାଙ୍କୁ ଅପହରଣ କରି ନେଇଥିଲେ। ଏଥିସହ କୁନା ନାବାଳିକାଙ୍କୁ କିଛିଦିନ ରଖି ବାରମ୍ବାର ବଳାତ୍କାର କରିଥିଲେ। ଘଟଣା ପରଦିନ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରୁଥିବା ବେଳେ ପୀଡ଼ିତା କୌଣସି ପ୍ରକାର କୁନାଙ୍କ କବଳରୁ ମୁକୁଳି ଆସି ଘରେ ପହଞ୍ଚି ଥିଲେ। ପୋଲିସ ଏହି ଘଟଣାରେ ଅଭିଯୁକ୍ତ କୁନାଙ୍କୁ ଗିରଫ କରିଥିଲା ବୋଲି ସ୍ପେଶାଲ ପିପି ସାହୁ ସୂଚନା ଦେଇଛନ୍ତି।

# 'ରାଜସିଂହାସନ ମିଳିପାରେ, ଛାତ୍ର ଜୀବନ ଆଉ ଫେରିବନି'

### ମୋ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ସମ୍ବିତ ରାଉତରାୟ ଓ ଅନ୍ୟମାନେ।

ପାରାଦୀପ,୨୭।୧୨(ଶରତ ରାଉତ)

ପାରାଦୀପ କଲେଜ ପରିସରରେ ଗତ ୧ରୁ ଚାଲିଥିବା ଯୁବ ଓଡ଼ିଶା ମୋ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଏବଂ ମୁଖ୍ୟ ବକ୍ତାଭାବେ ବିଧାୟକ ସମ୍ବିତ ରାଉତରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, କଲେଜ ସଭାପତି ଅକ୍ଷୟ ପଲ୍ଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ସସ୍ମିତା ଶତପଥୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଏମ୍‌ପି ମଲ୍ଲିକ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଯୋଗୁ ଅନେକ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଆଗକୁ ଆସିଛି। ଭବିଷ୍ୟତରେ ତୁମ ଜୀବନରେ ଏହା ଉପାଦେୟ ହେବ। କଲେଜ ପାଠ ଶେଷ ହେବା ପରେ ଜୀବନର ଗତିପଥ ବଦଳି ଯିବ। ଯେତେବେଳେ ଅବସର ମିଳିବ ଏହି କଲେଜକୁ ଆସି ଭଲମନ୍ଦ କଥା ବୁଝିବ। ସାଙ୍ଗମାନଙ୍କ ସହ ବର୍ଷକୁ ଥରେ ଦୁଇଥର ମିଶିବ। କାରଣ ଭବିଷ୍ୟତରେ ତୁମକୁ ରାଜ ସିଂହାସନ ମିଳିପାରେ କିନ୍ତୁ ଏହି ବାଲ୍ୟ ବା ଛାତ୍ର ଜୀବନ ଆଉ ଫେରିବ ନାହିଁ ବୋଲି ମଲ୍ଲିକ କହିଥିଲେ। ଅଧ୍ୟାପକ ଅକ୍ଷୟ କୁମାର ମିଶ୍ର, ଗଣେଶ୍ୱର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଉପଭୋକ୍ତା ବିବାଦର ସମାଧାନକୁ ଗୁରୁତ୍ୱ



ଜାତୀୟ ଖାଉଟି ଦିବସରେ ସାମିଲ ହୋଇଥିବା ରାଜ୍ୟ ଉପଭୋକ୍ତା ଅଭିଯାନର କର୍ମକର୍ତ୍ତା ଓ ଅନ୍ୟମାନେ।

ରଘୁନାଥପୁର,୨୭।୧୨(ରାଜେନ୍ଦ୍ର ନାରାୟଣ ସିଂହ)

### ଜାତୀୟ ଖାଉଟି ଦିବସରେ ଯୋଗଦେଲେ ରାଜ୍ୟ ଉପଭୋକ୍ତା ଅଭିଯାନର କର୍ମକର୍ତ୍ତା

ଭାରତ ସରକାରଙ୍କ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀସ୍ଥିତ ଯଶୋଭୂମି ଅନ୍ତର୍ଜାତୀୟ ସଭାଗୃହରେ ଜାତୀୟ ଉପଭୋକ୍ତା ଦିବସ-୨୦୨୩ ପାଳିତ ହୋଇଯାଇଛି। ଏଥିରେ ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡ଼ିଶାର ରାଜ୍ୟ ସମ୍ପାଦକ ରଘୁନାଥପୁର ବ୍ଲକ ରେଢୁଆ ଗ୍ରାମର ଗୋବିନ୍ଦ ଓଝା, ସଭାପତି ବିଜୟ କୁମାର ମହାନ୍ତି, ନ୍ୟାଶନାଲ ସର୍ଭିସ ଅର୍ଗାନାଇଜେଶନ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଭାଗୀୟ ମନ୍ତ୍ରୀ ପୀୟୁଷ ଗୋଏଲ ଯୋଗଦେଇ ଜାତୀୟ ଟୋଲ ଫ୍ରି ହେଲ୍ପଲାଇନ ୧୯୫ ଦ୍ୱାରା ୧୭ଟି ଆଞ୍ଚଳିକ ଭାଷାରେ ଉପଭୋକ୍ତାଙ୍କ ବିବାଦ ସମାଧାନ କିପରି ହୋଇପାରୁଛି ସେସମ୍ପର୍କରେ କହିବା ସହ ଅର୍ଗାନିକ ଖାଦ୍ୟ, ପନିପରିବା ଜାଣିବା ପାଇଁ ଆଞ୍ଚଳିକସ୍ତରରେ ପରୀକ୍ଷାଗାର ବ୍ୟବସ୍ଥା, ତ୍ୱରିତ ବିବାଦ ସମାଧାନ ପାଇଁ ଇ-ଫାଇଲିଙ୍ଗ ମାଧ୍ୟମରେ ଅଭିଯୋଗ ଦାୟର ଏବଂ ବିବାଦର ସମାଧାନ ପାଇଁ ମଧ୍ୟସ୍ଥତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଜାତୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ଅଧ୍ୟକ୍ଷ ବିଚାରପତି ଅଶୋକ କୁମାର ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ପାନାଲିଷ୍ଟ ଭାବେ ସିସିଆଇର ଜାତୀୟ ଅଧ୍ୟକ୍ଷ ଅନନ୍ତ ଶର୍ମା ଯୋଗଦେଇ ଦେଶରେ ଖାଉଟି ସୁରକ୍ଷା ପାଇଁ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସଭାରେ ବିଭାଗୀୟ ଶାସନ ସଚିବ ରୋହିତ କୁମାର ସିଂ ସଭାପତିତ୍ୱ କରିଥିବା ବେଳେ। ଯୁଗ୍ମ ସଚିବ ଅନୁପମ ମିଶ୍ର ଧନ୍ୟବାଦ ଦେଇଥିଲେ।

## ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର କର୍ମକର୍ତ୍ତା ଚୟନ

ରଘୁନାଥପୁର,୨୭।୧୨ (ରାଜେନ୍ଦ୍ର ନାରାୟଣ ସିଂହ)

ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ମୃତି ପରିଷଦର ଦିବଂଗତ ପ୍ରତିଷ୍ଠାତା ସଭାପତି ଗଗନ ବିହାରୀ ବିଶ୍ୱାଳ ଓ ସାଧାରଣ ସମ୍ପାଦକ ଇଞ୍ଜିନିୟର କିଶୋର ମହାପାତ୍ରଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସ୍ମୃତି ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ଏପ୍ରିଲ ୨୫ରେ କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା, ପ୍ରତିଭା ସମ୍ବର୍ଦ୍ଧନା ଓ ସ୍ମୃତିସଭା ଆୟୋଜନ କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି ବୈଠକରେ ଆସନ୍ତା ୩ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପରିଷଦର ସଭାପତି ଭାବେ ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ଭାବେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ଉପ ସଭାପତି ଭାବେ କୈଳାସ ଚନ୍ଦ୍ର ମଲ୍ଲିକ , ଭଗବାନ ବିଶ୍ୱାଳ, ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ, ଯୁଗ୍ମ ସମ୍ପାଦକ ଭାବେ ବିଜନ ମହାପାତ୍ର ଓ ଶାନ୍ତନୁ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ସେହିପରି ସହ ସମ୍ପାଦକ ବନମାଳୀ ମହାରଣା, ବିଶ୍ୱଜିତ ଦାଶ, ସଙ୍ଗଠନ ସମ୍ପାଦକ ସୁକାନ୍ତ କୁମାର ଦ୍ୱିବେଦୀ, ସାଂସ୍କୃତିକ ସମ୍ପାଦକ ରାଜକିଶୋର ସାହୁ, ସନ୍ତୋଷ ସାହୁ, ଗାଣମାଧ୍ୟମ ସଂଯୋଜକ ତପନ ରାଉତରାୟ ଓ ତନ୍ମୟ କାନ୍ତ ପଣ୍ଡା, କୋଷାଧ୍ୟକ୍ଷ ରବି ମହାନ୍ତି ଏବଂ ସଂଯୋଜକ ଭାବେ ସ୍ନେହାଂଶୁ ଜେନା ଓ ସୌଭାଗ୍ୟ ରଞ୍ଜନ ସ୍ୱାଇଁଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା ଭାବେ ହିମାଂଶୁ ଆଚାର୍ଯ୍ୟ, ସୁରେନ ରାଉତ, ଭାସ୍କର ଦ୍ୱିବେଦୀ, ସୁଶ୍ରୀ ଗୀତା ରଥ, ଉପେନ୍ଦ୍ର ରଥଙ୍କୁ ନିଆଯାଇଛି। ସେହିପରି କାର୍ଯ୍ୟକାରୀ କମିଟିକୁ ୧୫ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି।

# ମ୍ୟୁନିସିପାଲିଟିସ୍ତରୀୟ ନୂଆ-ଓ ଖେଳ ପ୍ରତିଯୋଗିତା

### ଭାଗ ନେଇଛନ୍ତି ୫୭ ଟିମ୍

ପାରାଦୀପ,୨୭।୧୨(ଶରତ ରାଉତ)




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ରାଜ୍ୟ ସରକାରଙ୍କ ଖେଳ ଓ ଯୁବ ସେବା ବିଭାଗ ପକ୍ଷରୁ ମ୍ୟୁନିସିପାଲିଟିସ୍ତରୀୟ ନୂଆ -ଓ ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ ପୌରାଞ୍ଚଳର ୧୩ ରୁ ୩୫ ବର୍ଷର ଯୁବତୀଯୁବକ ଭାଗ ନେଇଛନ୍ତି। ୫୭ ଟିମ୍ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ପାରାଦୀପର ୩ଟି ଖେଳପଡ଼ିଆ ଯଥା ଗୋପବନ୍ଧୁ ଷ୍ଟାଡ଼ିୟମ,ଏନ୍‌ଏସି ପଡ଼ିଆ ଓ ପିପିଏଲ ଡିଏଭି ସ୍କୁଲ ପଡ଼ିଆରେ ଏହି ମ୍ୟାଚ ହେଉଛି। ଏଥିରେ ଟେନିସ ବଲ୍ କ୍ରିକେଟ, ଫୁଟ୍‌ବଲ, ହକି, କବାଡ଼ି, ଖୋଖୋ, ଭଲିବଲ ଖେଳାଯିବ ବୋଲି ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ବୁଧବାର ଏ ନେଇ ପୌର କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ବିଶ୍ୱାଳଙ୍କ ବ୍ୟତୀତ ଉପାଧ୍ୟକ୍ଷା ଛବିଲତା ରାଉତ, ଭଲିବଲ୍ କୋଚ ସଞ୍ଜୟ ଦାସ, କ୍ରୀଡ଼ା ପ୍ରଶିକ୍ଷକ ରବି ଦାସ ଉପସ୍ଥିତ ଥିଲେ। କ୍ରିକେଟ ମ୍ୟାଚ ଡିସେମ୍ବର ୨୫ ରୁ ଆରମ୍ଭ ହୋଇଥିବାବେଳେ ୩୦ରେ ଶେଷ ହେବ। ଏଥିରେ ବିଜେତା, ଉପବିଜେତା, ରନର୍ସଅପ, ଦ୍ୱିତୀୟ ରନର୍ସଅପଙ୍କ ପାଇଁ ଯଥାକ୍ରମେ ୨୦ ହଜାର,୧୫ ହଜାର, ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବ। ଏଥିରେ ଭଲ ଖେଳିଥିବା ୩ଟିମ୍ ଜିଲ୍ଲା ସ୍ତରରେ ଖେଳିବେ। ସେଠାରେ ଭଲ ପ୍ରଦର୍ଶନ କଲେ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟ ଖେଳିବେ ବୋଲି ସୂଚନା ମିଳିଛି।

# ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ହେଲେ ରାଜ୍ୟର ଉନ୍ନତି ହେବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ବିରିଡ଼ି,୨୭।୧୨(ପ୍ରଶାନ୍ତ କୁମାର ରାଉତ)

ମଣିଷ ଜୀବନ ସହ କ୍ରୀଡ଼ା ଅଙ୍ଗାଙ୍ଗୀଭାବେ ଜଡ଼ିତ। ଏହାଦ୍ୱାରା ମଣିଷର ମନ ଓ ଶରୀର ସୁସ୍ଥ ରହେ । ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି ବୁଧବାର ଯୁବ ଓଡ଼ିଶା ନବୀନ ଓଡିଶା ପକ୍ଷରୁ ବିରିଡି ବ୍ଲକ ମଙ୍ଗୁଲି ମିନିଷ୍ଟାଡିୟମରେ ଆୟୋଜିତ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନୀ ସଭାରେ ଯୋଗଦେଇ ବକ୍ତାମାନେ କହିଛନ୍ତି । ଉତ୍ସବକୁ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲ୍ଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସଭ୍ୟ ଚନ୍ଦ୍ରଶେଖର ଦାଶ, ସରପଞ୍ଚ ନିରଞ୍ଜନ ସେଠୀ, ସମିତିସଭ୍ୟା ଲିଲିମା ଭୋଇ, ହାଜିପୁର ସରପଞ୍ଚ ଆରତୀ ଭୂୟାଁ, ବାସନ୍ଦରା ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ବିଡିଓ ବେବିତା ମଞ୍ଜରୀ ନାୟକ, ବିଏସ୍‌ଏସ୍‌ଓ ଜ୍ୟୋତିର୍ମୟୀ ସ୍ୱାଇଁ, କନିଷ୍ଠ ସହାୟକ ବିଶ୍ୱଜିତ ବିଶ୍ୱାଳ ଯୋଗଦେଇଥିଲେ। ଖେଳ ଶିକ୍ଷକମାନେ ଏହାକୁ ପରିଚାଳନା କରିଥିଲେ ।

# ସୁଧ ବେପାରରୁ ନିବୃତ୍ତ ରହି ଆତ୍ମନିର୍ଭରଶୀଳ ହୁଅନ୍ତୁ

କୁଜଙ୍ଗ,୨୭।୧୨ (ମନୋଜ ପ୍ରଧାନ)

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସରକାର ବିନା ସୁଧରେ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ ଋଣ ପ୍ରଦାନ କରୁଛନ୍ତି ତାକୁ ସୁଧ କାରବାରରେ ନିୟୋଜିତ ନ କରି ବିଭିନ୍ନ ଉତ୍ପାଦ ତିଆରି କରିବା ବା କୃଷି ଉତ୍ପାଦନରେ ବିନିଯୋଗ କରି ଆତ୍ମନିର୍ଭରଶୀଳ ହୁଅ। କୁଜଙ୍ଗ ସୂଚନା କେନ୍ଦ୍ରଠାରେ ଇଣ୍ଡିଆନ ବ୍ୟାଙ୍କ ଓ ବ୍ଲକ ପ୍ରଶାସନ ତରଫରୁ ଆୟୋଜିତ ଋଣ ମେଳାରେ ମୁଖ୍ୟ ଅତିଥିଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ ଏହା କହିଛନ୍ତି। ସେ ଆହୁରି କହିଥିଲେ, ସୁଧ ନେଣ ଦେଣ ହେବାଯୋଗୁ ପରସ୍ପର ମଧ୍ୟରେ କଳିଗୋଳ ହୋଇ ଥାନା ପର୍ଯ୍ୟନ୍ତ କଥା ଯାଉଛି। ଏହି ଅବସରରେ ୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ୩ କୋଟି ଟଙ୍କା ଋଣର ଚେକ୍ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ସରପଞ୍ଚ ବନ୍ଦିତା ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଇଣ୍ଡିଆନ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସଚିକାନ୍ତ ଦାସ ଓ କୁଜଙ୍ଗ ଶାଖାର ପରିଚାଳକ ସୁବ୍ରତ ସାହୁ ପ୍ରମୁଖ ଯୋଗଦେଇ ଥିଲେ ।

# 'ଭଲ ମଣିଷ ହେବାକୁ ହେଲେ ଚରିତ୍ରବାନ୍ ହୁଅ'

ରାହାମା,୨୭।୧୨(ଶ୍ରୀକାନ୍ତ ଦାସ )

ସରସତୀ ଶିଶୁ ବିଦ୍ୟା ମନ୍ଦିର ତାଳପଡା, ରାହାମାର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସକାଳେ ଶୋଭାଯାତ୍ରା କରାଯାଇ ମା'ଶାରଳାଙ୍କ ପୀଠରୁ ଜ୍ୟୋତି ଅଣାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ କ୍ରିୟା ଯୋଗୀ ପରମହଂସ ସ୍ୱାମୀ ପ୍ରଜ୍ଞାନନ୍ଦଙ୍କ ଦ୍ୱାରା ରୌପ୍ୟ ଜୟନ୍ତୀ ପତ୍ରିକା ଉନ୍ମୋଚନ ହୋଇଥିଲା। ସେ ତାଙ୍କ ବକ୍ତବ୍ୟରେ ହିନ୍ଦୁ ସଂସ୍କୃତିର ମହତ୍ତ୍ୱ ବିଷୟରେ ଆଲୋକପାତ କରି କହିଥିଲେ 'ଭଲ ମଣିଷ ହେବାକୁ ହେଲେ ଚରିତ୍ରବାନ୍ ହୁଅ'। ଉକ୍ତ ସଭାରେ ପାରାଦୀପ ବିଧାୟକ ସମ୍ବିତ

### ତାଳପଡ଼ା ସରସତୀ ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ



ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାର ମହତ୍ତ୍ୱ ବିଷୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ବୈଜ୍ଞାନିକ ଓ ପ୍ରବାସୀ ଭାରତୀୟ ଡ. ଅଜୟ କୁମାର ମହାନ୍ତି ଯୋଗଦେଇ ଭାରତୀୟ ସଂସ୍କୃତି ଓ ଶିକ୍ଷାନୀତିର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାର ସଭାପତି କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ, ସମ୍ପାଦକ ଦୀପକ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ ରୌପ୍ୟ ଜୟନ୍ତୀର ବିବରଣୀ ପାଠ କରିଥିଲେ। ଓ ପୂର୍ବ ଛାତ୍ର ପରିଷଦର ସମ୍ପାଦିକା ଲକ୍ଷ୍ମୀପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଚାଷୀଙ୍କ ବିକ୍ଷୋଭ ସତ୍ତ୍ୱେ ଧାନକିଣା ଶୁଭାରମ୍ଭ

## ଆରଏମ୍ଏସି ୟାର୍ଡରେ ଧାନମଣ୍ଡି ଉଦ୍‌ଘାଟିତ

- କଟ୍‌ନି ଛଟ୍‌ନି ବନ୍ଦ ଦାବିରେ ହୋ ହାଲ୍ଲା, ନାରାବାଜି
- ଧାରଣା ଦେଇ ସଚେତନତା ରଥକୁ ଛାଡ଼ିଲେନି
- ଅଭିଯୋଗ ଶୁଣି ସମାଧାନ ନ କରି ଉଦ୍‌ଘାଟନ ପରେ ତାତିଲେ ଚାଷୀ
- ସାମ୍ନା କରି ନ ପାରି ସ୍ଥାନ ଛାଡ଼ି ପଳାଇ ଗଲେ ନୟାଗଡ଼ ବିଧାୟକ

ନୟାଗଡ଼,୨୭।୧୨(ଲୋକନାଥ ମିଶ୍ର)

ଚାଷୀଙ୍କ ବିକ୍ଷୋଭ ଓ ଆନ୍ଦୋଳନ ସତ୍ତ୍ୱେ ନୟାଗଡ଼ ଜିଲାରେ ବୁଧବାରଠାରୁ ଖରିଫ ବିପଣନ ଋତୁ ୨୦୨୩-୨୪ ପାଇଁ ବହୁବିଧ ବଜାର ପ୍ରାଙ୍ଗଣ (ଆରଏମ୍‌ସି ୟାର୍ଡ) ନୟାଗଡ଼ଠାରେ ଧାନ କିଣାର ଶୁଭାରମ୍ଭ ହୋଇଛି। ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଧାନ କ୍ରୟର ଶୁଭାରମ୍ଭ କରିଛନ୍ତି। କଟ୍‌ନି ଛଟ୍‌ନି ବନ୍ଦ ଦାବିର ଅଭିଯୋଗକୁ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଅଣଦେଖା କରି ଧାନ କିଣା ଉଦ୍‌ଘାଟନ ପର୍ବ ଆରମ୍ଭ କରିବାରୁ ଚାଷୀ ଉତ୍ତେଜିତ ହୋଇ ହୋ ହାଲ୍ଲା ଓ ନାରାବାଜି କରିଥିଲେ। ଚାଷୀଙ୍କୁ ସାମ୍ନା କରି ନ ପାରି ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ପରେ ଚାଷୀମାନେ ସଚେତନତା ରଥ ଆଗରେ ଧାରଣା ଦେଇ ପରିକ୍ରମା ପାଇଁ ରଥକୁ ଛାଡ଼ି ନ ଥିଲେ। ଚାଷୀଙ୍କ ଆନ୍ଦୋଳନ ବଢ଼ିବା ଦେଖି ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ଚିନ୍ତା ବଢ଼ି ଯାଇଥିଲା। ଧାନକିଣାର ଶୁଭାରମ୍ଭରେ ଚାଷୀ ଆନ୍ଦୋଳନ ପ୍ରଶାସନର ଅବ୍ୟବସ୍ଥାକୁ ପଦାରେ ପକାଇଛି। ଧାନକିଣା ଶୁଭାରମ୍ଭ ପରେ ଚାଷୀଙ୍କ ପାଇଁ କ'ଣ ସୁବିଧା ରହିଛି ସେ ନେଇ ଏକ ସଭା ହୋଇଥାଏ। ତେବେ ଚାଷୀଙ୍କ ଆନ୍ଦୋଳନକୁ ଦେଖି ପ୍ରଶାସନ ପକ୍ଷରୁ ସଭାକୁ ବାତିଲ କରାଯାଇଥିଲା। କିଛି ସମୟ ପରେ ଚାଷୀ ଆନ୍ଦୋଳନ ପ୍ରତ୍ୟାହାର କରିବାରୁ ସଚେତନତା ରଥ ପରିକ୍ରମା କରିଥିଲା। ଉଦ୍‌ଘାଟନ ସମୟରେ ନୟାଗଡ଼ ବିଧାୟକ ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ, ନୟାଗଡ଼ ସମବାୟ ସମିତି ସମୂହର ସହାକାରୀ ନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ, ଜିଲା ଯୋଗାଣ ଅଧିକାରୀ ବଜେନ୍ଦ୍ର କୁମାର ମହାନ୍ତି, ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭ୍ରରାଜ ସାମନ୍ତରା ଓ ତିଲୋତମା ପ୍ରଧାନ, ବାହାଡାଝୋଲା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁଦାମ ଚରଣ ଜେନା ଓ ଚାଷୀ ନେତା ଗଙ୍ଗାଧର ପଣ୍ଡା, ପ୍ରାଥମିକ ସେବା ସମବାୟ ସମିତି ଡିଆଁପଡ଼ା ସଭାପତି ଦିଲୀପ କୁମାର ହାତୀ ଉପସ୍ଥିତ ଥିଲେ। ଡିଆଁପଡ଼ା ପ୍ରାଥମିକ ସେବା ସମବାୟ ସମିତିର କ୍ରୟ ଅଧିକାରୀ ତଥା ସମ୍ପାଦକ ଭଗବାନ ରାଉତ ୨ ଜଣ ଚାଷୀଙ୍କଠାରୁ ୭୩.୭୧ କୁଇଣ୍ଟାଲ ଧାନ କ୍ରୟ କରିଛନ୍ତି।



ସଚେତନତା ରଥ ଆଗରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

ଏ ନେଇ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି ମହେଶ୍ୱର ଜେନା କହିଛନ୍ତି, ନୟାଗଡ଼ ଜିଲାରେ ବହୁବର୍ଷ ହେଲା ଧାନକିଣାରେ କଟନୀ ଛଟନୀ ଜୋର ଚାଲିଛି। ଆମେ କଟନୀ ଛଟନୀକୁ ବିରୋଧ କରୁଥିଲେ ମଧ୍ୟ ଆମ ଅଭିଯୋଗକୁ ଅଣଦେଖା କରାଯାଉଛି। ଗତବର୍ଷ କଟ୍‌ନି ଛଟ୍‌ନି ନେଇ ବାରମ୍ବାର ଅଭିଯୋଗ ପରେ ନୟାଗଡ଼ ମିଲର ସହ ସମ୍ବଲପୁର ମିଲର ସାମିଲ ହେଲେ। ତେବେ କଟ୍‌ନି ଛଟ୍‌ନି ବନ୍ଦ ହେଲା ନାହିଁ। ଚଳିତବର୍ଷ ଧାନ କିଣା ନେଇ ଆମେ କଟ୍‌ନି ଛଟ୍‌ନି ବନ୍ଦ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲୁ। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକକୁ ଡାକିବେ କହି ଜିଲାପାଳ ଆମକୁ ଡାକି ନ ଥିଲେ। ତେବେ ନଭେମ୍ବର ୧୩ରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ କରି ଦେଇଥିଲେ। ଏଭଳିସ୍ଥଳେ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ସମସ୍ୟା ଅବଗତ କରାଇଲୁ। ଜିଲାପାଳଙ୍କ ସହ ଆଲୋଚନା କରି କହିବେ କହି କିଛି କହିଲେନି। ଡିସେମ୍ବର ୨୭ରେ ଧାନକିଣାର ଶୁଭାରମ୍ଭ ହେବ ବୋଲି ଗଣମାଧ୍ୟମରୁ ଜାଣି ଆସିଥିଲୁ। ଆମ ଅଭିଯୋଗକୁ ଅତିରିକ୍ତ ଜିଲାପାଳ, ଉପଜିଲାପାଳ, କି ଯୋଗାଣ ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କୁ କହିଥିଲୁ। ସେ ସମୟରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ପହଞ୍ଚିବାରୁ ତାଙ୍କୁ ପୁଣି କଟ୍‌ନି ଛଟ୍‌ନି ପରି ସମସ୍ୟା ସହ ଅନ୍ୟ ଅସୁବିଧା ଜଣାଇଲୁ। ସେ କିଛି ଜାଣି ପାରୁନାହାନ୍ତି କହି ଆସ ଆଲୋଚନା କରିବା କହି ଚାଷୀଙ୍କୁ ଡାକିଲେ। ଚାଷୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଧାନକିଣାର ଉଦ୍‌ଘାଟନ ପର୍ବ ଆରମ୍ଭ କଲେ। ଏଣୁ ଆମେ ଆନ୍ଦୋଳନ କରି ନ୍ୟାୟ ମାଗିଲୁ। ଆମେ ନୟାଗଡ଼ ବିଧାୟକଙ୍କୁ କେବଳ ବିରୋଧ କରିନୁ। ଆମେ ଧାନକିଣାର ଅବ୍ୟବସ୍ଥାକୁ ନେଇ ପ୍ରତିବାଦ କରିଥିଲୁ। ଆମ ଦାବି ଅଣଦେଖା କରାଗଲେ ଚଳିତବର୍ଷ ଧାନ କିଣାଇ ଦିଆଯିବନାହିଁ ବୋଲି ସେ କହିଛନ୍ତି। ଚାଷୀ ଅଭିମନ୍ୟୁ ଗୁମାନସିଂ କହିଛନ୍ତି କଟନୀ ଛଟନୀ ବନ୍ଦ କରିବାକୁ ଗତବର୍ଷ ମୁହଁରେ କୁଟା ଓ ହାତ ବାନ୍ଧି ଅନଶନ କଲୁ। ହେଲେ ଆମ ଦାବି କେହି ଶୁଣିଲେନି। ଚଳିତବର୍ଷ ପୁଣି ଆମକୁ ବୋକା ବନାଇ ଧାନକିଣାର ଶୁଭାରମ୍ଭ କରିବାକୁ ଉଦ୍ୟମ କରାଗଲା। ଏଣୁ ଆମେ ଧାନକିଣାର ଉଦ୍‌ଘାଟନକୁ ବିରୋଧ କରିଛୁ। ଆଗାମୀଦିନରେ ଏହା ଭୟଙ୍କର ରୂପ ନେବ। କୃଷକ ନେତା ସନ୍ତୋଷ ପ୍ରଧାନ କହିଛନ୍ତି, ନବ ନିର୍ମାଣ କୃଷକ ସଙ୍ଗଠନ ଓ ଭାଜପାର କର୍ମକର୍ତ୍ତାଙ୍କ ସହ କେତେଜଣ ଚାଷୀ କଟନୀ ଛଟନୀ ବନ୍ଦ କରିବାକୁ ପ୍ରଶାସନିକ ଅଧିକାରୀ ଓ ନୟାଗଡ଼ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ତେବେ ଚାଷୀଙ୍କ ସମସ୍ୟାକୁ ଅଣଦେଖା କରି ଧାନକିଣାର ପର୍ବ ଉଦ୍‌ଘାଟନ କରାଯିବାରୁ ବିକ୍ଷୋଭ, ଧାରଣା, ପ୍ରତିବାଦ ପରି ଘଟଣା ଘଟିଲା। ଧାନକିଣାର ଉଦ୍‌ଘାଟନ ସମୟରୁ ଚାଷୀଙ୍କ ଆନ୍ଦୋଳନକୁ ପ୍ରଶାସନ ଅଣଦେଖା କଲେ ବହୁ ମୂଲ୍ୟ ଦେବାକୁ ପଡ଼ି ପାରେ। ଉପଜିଲାପାଳ ଶକ୍ତି ପ୍ରସାଦ ରାୟଙ୍କୁ ପଚାରିବାରେ ଏଫ୍ଏକ୍ୟୁ ମାନର ଧାନ ଦେଲେ ଚଳିତବର୍ଷ କଟ୍‌ନି ଛଟ୍‌ନି କରାଯିବନି। ଜିଲାରେ ୧୫୩ ପ୍ୟାକ୍ସରେ ୧୬୭ଟି ସ୍ଥାନରେ ଧାନମଣ୍ଡି ଖୋଲିବ। ବୁଧବାରଠାରୁ ଧାନ କିଣା ଆରମ୍ଭ ହୋଇଛି। ଧୀରେ ଧୀରେ ଜିଲାର ସବୁ ସ୍ଥାନରେ ପର୍ଯ୍ୟାୟକ୍ରମେ ଧାନ କିଣାଯିବ। ତେବେ ଚଳିତବର୍ଷ ୧୪ ଲକ୍ଷ ୬୩,୨୩୫ କୁଇଣ୍ଟାଲ ଧାନ କିଣା ଯିବାକୁ ଟାର୍ଗେଟ ରହିଛି ବୋଲି ସେ କହିଛନ୍ତି।

## ମହିଳା ମହାବିଦ୍ୟାଳୟରେ ନୂଆ ଓ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୭।୧୨
(ଅଜୟ କୁମାର ମହାରଣା)

ଖଣ୍ଡପଡା ଯୁକ୍ତ ୨ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ – ଓ ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଓ ଉଦ୍‌ଯାପନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ଖଣ୍ଡପଡା ତହସିଲଦାର ଧୋବେଇ ନାୟକ, ଏବିଡିଓ ସୁବାଷ ଚନ୍ଦ୍ର ସେଠୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ଡ଼ାକ୍ତର ପ୍ରଦୀପ କୁମାର ପାଇକରାୟ, ସ୍ତମ୍ଭକାର ଗିରିଜା ଶଙ୍କର ତରାସିଆ ପ୍ରମୁଖ ଯୋଗଦେଇ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ନୋଡାଲ ଅଫିସର କୃଷ୍ଣପ୍ରିୟା ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ, କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ କାର୍ଯ୍ୟ ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ୭୦ ଛାତ୍ରୀ ପ୍ରତିଯୋଗୀଙ୍କୁ ମାନପତ୍ର, ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଅଂଶ ଗ୍ରହଣ କରିଥିବା ସମସ୍ତ ୩ ଶହ ଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ୪୦୦ ଛାତ୍ରୀ ଅଂଶ ।ଗ୍ରହଣ କରି ଭରପୁର ଉପଭୋଗ କରିଥିଲେ।

## ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଜବତ

### ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ସନ୍ଦେହ

ନୂଆଗାଁ, ୨୭।୧୨(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ମାଇଛେଳି ପଞ୍ଚାୟତ ସଂପଡା ନୂଆସାହି ଗାଁର ଜଣେ ମହିଳା ଗତ ୧୮ ତାରିଖରେ ନିଖୋଜ ହୋଇ ଯାଇଥିଲେ। ୯ ଦିନ ପରେ ବୁଧବାର ଗ୍ରାମ ନିକଟରୁ ଉକ୍ତ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତା ମହିଳା ଜଣକ ହେଲେ ସଂପଡା ନୂଆସାହିର ମୁରଲୀଧର ପ୍ରଧାନଙ୍କ ପତ୍ନୀ ବିଷ୍ଣୁପ୍ରିୟା (୩୫)।

ସଂପଡା ନୂଆସାହି ଗାଁର ମୁରଲିଧର ୧୪ ବର୍ଷ ପୂର୍ବେ ବାଲୁଗାଁ ନିକଟ କୃଷ୍ଣପ୍ରସାଦ ଗ୍ରାମ ବିଷ୍ଣୁପ୍ରିୟା ପ୍ରଧାନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ (୧୦) ଓ ଗୋଟିଏ ଝିଅ (୧୨) ଅଛନ୍ତି। ତେବେ ଅନେକ ସମୟରେ ଛୋଟ ଛୋଟ କଥାକୁ ନେଇ ପତ୍ନୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୁଏ ଏବଂ ପରବର୍ତ୍ତୀ ସମୟରେ ପୁଣି ବୁଝାସୁଝା ହୋଇ ଖୁସିରେ ଚଳନ୍ତି। ଚଳିତ ମାସ ୧୮ ତାରିଖରେ ଖାଇବା ଘଟଣାକୁ ନେଇ ପତ୍ନୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ପତ୍ନୀ ବିଷ୍ଣୁପ୍ରିୟା ରାଗି ଅପରାହ୍ଣ ୨ଟାରେ କେଉଁ ଆଡ଼େ ପଳାଇ ଯାଇଥିଲେ। ଏହାପରେ ଗ୍ରାମବାସୀ ମିଳିମିଶି ବହୁତ ଖୋଜାଖୋଜି କରିଥିଲେ। ପତ୍ତା ନ ମିଳିବାରୁ ବିଷ୍ଣୁପ୍ରିୟାଙ୍କ ବାପ ଘର ଲୋକଙ୍କୁ ଜଣାଇବାରେ ସେମାନେ ମଧ୍ୟ ବିଭିନ୍ନ ସ୍ଥାନ ଖୋଜିଥିଲେ। ସନ୍ଧାନ ନ ମିଳିବାରୁ ୨୦ ତାରିଖରେ ମୁରଲୀଧରଙ୍କ ପକ୍ଷରୁ ବିଷ୍ଣୁପ୍ରିୟା ନିଖୋଜ ଥିବା ନେଇ ଥାନାରେ ଜଣାଇଥିଲେ। ନିଖୋଜ ହେବାର ୮ ଦିନ ବିତି ଯାଇଥିଲେ ମଧ୍ୟ କୌଣସି ସୁରାକ୍ ମିଳି ନ ଥିଲା। ବୁଧବାର ଗାଁର କେତେଜଣ ମହିଳା ସ୍ଥାନୀୟ ଗୋଛି ତୋଟାକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଦୁର୍ଗନ୍ଧ ହେଉଥିବା ଖବର ଗ୍ରାମବାସୀଙ୍କୁ ଦେଇଥିଲେ। ଗ୍ରାମବାସୀ ପହଞ୍ଚି ଦେଖିବାରେ ବିଷ୍ଣୁପ୍ରିୟା ନିଜ ଲୁଗା ବେକରେ ଲଗାଇ ଗୋଟିଏ ଗଛରେ ଝୁଲି ପଡ଼ିଛନ୍ତି। ବିଷ୍ଣୁପ୍ରିୟା କିଛିଦିନ ହେଲା ଗଛରେ ଝୁଲି ଆତ୍ମହତ୍ୟା କରିଥିବାରୁ ମୃତଦେହରୁ ଦୁର୍ଗନ୍ଧ ବାହାରୁ ଥିଲା। ଖବରପାଇ ଥାନା ଏଏସ୍ଆଇ ପୁରୁଷୋତ୍ତମ ପ୍ରଧାନ, କର୍ମଚାରୀଙ୍କ ସମେତ ମହିପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବିଷ୍ଣୁପ୍ରିୟାଙ୍କ ବାପ ଘର ଲୋକଙ୍କୁ ଡକାଇ ପଚାରାଉଚରା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଖବର ଲେଖା ହେବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

## ବିଇଓଙ୍କ ଅଫିସ୍ ଆଗରେ ପାଚିକା ସହାୟିକାଙ୍କ ବିକ୍ଷୋଭ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର




ରଣପୁର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଆଇଟିୟୁର କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ରଣପୁର,୨୭।୧୨ (ସୁକାନ୍ତ କିଶୋର ଡ଼ାକୁଆ)

ନୟାଗଡ଼ ଜିଲା ରଣପୁର ସିଆଇଟିୟୁ ନେତୃତ୍ୱରେ ବୁଧବାର ଶତାଧିକ ପାଚିକା ଓ ସହାୟିକାଙ୍କ ଶୋଭାଯାତ୍ରାରେ ରଣପୁର ପଞ୍ଚୁ ଦୋଳପଡ଼ିଆ ରଘୁଦିବାକର ଶହୀଦ ମଣ୍ଡପଠାରୁ ବାହାରି ବିଭିନ୍ନ ନାରାବାଜି ଦେଇ ରଣପୁର ବଜାର ପରିକ୍ରମା କରିଥିଲେ। ପରେ ରଣପୁର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରିଥିଲେ। ଶ୍ରମିକ ନେତା ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବକ୍ତାମାନେ କେନ୍ଦ୍ରର ମୋଦି ସରକାରଙ୍କ ଶ୍ରମିକ ମାରଣା ନୀତି ଓ ଜନ ମାରଣା ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ପାଚିକା ଓ ସହାୟିକାମାନେ ଯେତେବେଳେ ନିୟମିତ ହେବାକୁ ଦାବି କରୁଛନ୍ତି ଠିକ୍ ସେତିକି ବେଳେ କେନ୍ଦ୍ର ମୋଦି ଓ ରାଜ୍ୟ ନବୀନ ସରକାର ଶ୍ରମିକ ବିରୋଧୀ ନିଷ୍ପତ୍ତିମାନ ଗ୍ରହଣ କରି ଚାଲିଛନ୍ତି। କେରଳ ସରକାର ଦୈନିକ ମଜୁରୀ ୬୫୦ ଟଙ୍କା ପାଚିକାଙ୍କୁ ଦେଲା ବେଳେ ଆମ ରାଜ୍ୟରେ ମାତ୍ର ୪୬ ଟଙ୍କା ଦେବା ଅତ୍ୟନ୍ତ ଦୁଃଖ ଓ ପରିତାପର କଥା। ଏଥିପାଇଁ ପାଚିକା ପରିବାର ବହୁ ସଙ୍କଟ ମଧ୍ୟ ଦେଇ ଗତି କରୁଛନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଏକ ପ୍ରତିନିଧି ଦଳ ବିଇଓଙ୍କୁ ଭେଟି ଏକ ୧୧ ଦଫା ସମ୍ବଳିତ ଦାବି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବା ସହ ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ପାଚିକା ଓ ସହାୟିକାଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀର ମାନ୍ୟତା, ମାସିକ ଦରମା ୨୬ ହଜାର ଟଙ୍କା, ମାସିକ ୧୦ ହଜାର ଟଙ୍କା ପେନସନ, ସାମାଜିକ ସୁରକ୍ଷା, ବର୍ଷକୁ ୧୦ମାସ ନୁହେଁ ୧୨ ମାସର ଦରମା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରିଥିଲେ। ନଚେତ୍ ଆଗାମୀ ୨୦୨୪ ନିର୍ବାଚନରେ ମୋଦି ଓ ନବୀନ ସରକାରକୁ ଉଚିତ ଜବାବ ଦିଆଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଶିକ୍ଷା ଅଧିକାରିଣୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଗଣବିକ୍ଷୋଭରେ ରାଜ୍ୟର ଶ୍ରମିକ ନେତା ସୁରେଶ ସ୍ୱାଇଁ, ଭିକାରୀ ଚରଣ ସାହୁ, ପାଚିକା ସଂଘର ଜିଲା ସଭାପତି ସୁକାନ୍ତି ଜେନା, ସଂଯୁକ୍ତା ସେଠୀ, ପ୍ରଭାତି ବେହେରା, ନିତ୍ୟାନନ୍ଦ ପରିଡା, ଦୁଃଶାସନ ଜେନା, ସୁଶୀଲ ମହାନ୍ତି, ସବ୍ୟସାଚୀ ସେନାପତି, ଗଦାଧର ପ୍ରଧାନ, କୁଳମଣି ପଲେଇ, ରଜତ ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ଯୁବକଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦରକାର

### ଶରଣକୁଳ ମହାବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଶରଣକୁଳ, ୨୭।୧୨(ଦୀପକ କର)

ଶରଣକୁଳ ମହାବିଦ୍ୟାଳୟରେ ବୁଧବାର ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ତଥା ନୟାଗଡ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସତ୍ୟନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଗୋଡ଼ିପଡ଼ା ଜୋନ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଡିଆରୀ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଏଥିରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ପ୍ରଥମେ ଉତ୍ସବକୁ ମୁଖ୍ୟ ଅତିଥି ବିଧାୟକ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ.ବ୍ୟୋମକେଶ ରଥ ବେଦ ପାଠ କାରିଥିଲେ। ବିଧାୟକ ପ୍ରଧାନ ନୂଆ ଓ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କର ଏକ ଅଭିନବ ପଦକ୍ଷେପ ବୋଲି କହିଥିଲେ। ଦେଶର ଯୁବଶକ୍ତିଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ଦ୍ୱାରା ଦେଶର ସାମଗ୍ରୀକ ବିକାଶ ସମ୍ଭବ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଅନ୍ୟ ଅତିଥିମାନେ ସରକାରଙ୍କ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର୍ଥୀଙ୍କର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏଥିରେ ଶରଣକୁଳ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୋଗେଶ୍ୱର ନାୟକ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ରଥ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ନୋଡାଲ ଅଧିକାରୀ ବିଭୂତି ଭୂଷଣ ବେହେରା କାର୍ଯ୍ୟକ୍ରମର ବିବରଣୀ ପଠନ କରିଥିଲେ। ଏହି ପ୍ରତିଯୋଗିତା ଗୁଡିକରେ ଯୁକ୍ତ ୨ ଓ ଯୁକ୍ତ ୩ର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉତ୍ସବ ପରିପ୍ରେକ୍ଷରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ଡ.ମନୋଜିନୀ ଦଳବେହେରାଙ୍କୁ ତାଙ୍କର ପିଏଚଡି ହାସଲ ନିର୍ମିତ ଶିକ୍ଷାଜ୍ୟୋତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ଛାତ୍ରଛାତ୍ରୀଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.ବ୍ୟୋମକେଶ ରଥ ଧନ୍ୟବାଦ ଦେବା ସହ ଶାନ୍ତିପାଠ କରିଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ଅନ୍ୟମାନେ।

## ସେମିରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ



### ୫ମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ଓଡଗାଁ,୨୭।୧୨(ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ମିନି ଷ୍ଟାଡିୟମଠାରେ ଚାଲିଥିବା ୫ମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଓଡ଼ଗାଁ କପର ଅନ୍ତିମ ଲିଗ ମ୍ୟାଚରେ ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ ବରଗଡ଼ ୨–୦ ଗୋଲରେ ସାଇ ଏକାଡେମୀ ବୋକାରୋ ଷ୍ଟିଲ ପ୍ଲାଣ୍ଟ ଝାଡ଼ଖଣ୍ଡକୁ ହରାଇ ୪ର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପ୍ରଥମାର୍ଦ୍ଧର ୫ମିନିଟ୍‌ରେ ବରଗଡ଼ ଦଳ ପକ୍ଷରୁ ୧୭ ନଂ. ଜର୍ସି ଚନ୍ଦୁରା ମୁର୍ମୁ ପ୍ରଥମ ଗୋଲ ସ୍କୋର କରି ଦଳକୁ ଆଗୁଆ ରଖିଥିଲେ। ବହୁ ସଂଘର୍ଷ କରି ମଧ୍ୟ ଝାଡ଼ଖଣ୍ଡ ଦଳ କୌଣସି ଗୋଲ କରିପାରି ନ ଥିଲା। ଦ୍ୱିତୀୟାର୍ଦ୍ଧର ୧୪ତମ ମିନିଟ୍‌ରେ ପୁଣି ବରଗଡ଼ ଦଳର ୮ ନଂ. ଜର୍ସି ମୋରିସ ଦ୍ୱିତୀୟ ଗୋଲ କରି ବିଜୟ ସୂଚକ ଗୋଲ ଦେଇ ବିଜୟ ପାଇଁ ଦଳକୁ ସୁନିଶ୍ଚିତ କରିଥିଲେ। କ୍ରମାଗତ ଭାବେ ୪ ଦିନ ଧରି ଚାଲିଥିବା ଲିଗ ମ୍ୟାଚଗୁଡ଼ିକ ଶେଷ ହୋଇଥିବାବେଳେ ଅନ୍ତିମ ଦୁଇଦିନ ମ୍ୟାଚ ବେଶ ଚିତ୍ତାକର୍ଷକ ଓ ସଂଘର୍ଷପୂର୍ଣ୍ଣ ଥିଲା। ଶ୍ରେଷ୍ଠ ଖେଳାଳି ଭାବେ ୮ ନଂ. ଜର୍ସି ମୋରିସଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଥିଲା। ଆଜିର ଖେଳକୁ ରାଜୁ ମହାନ୍ତି ପରିଚାଳନା କରିଥିବାବେଳେ ଶଶିକାନ୍ତ ଦାସିଆ, ଟୁନୁ ସିଂ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ଓଡ଼ଗାଁ ବିଡିଓ ଜିତେନ୍ଦ୍ର କୁମାର ନାୟକ ଓ ଥାନା ଏସ୍ଆଇ ଚକ୍ରଧର ସିଂ ଅତିଥି ରୂପେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସୁଶାନ୍ତ କୁମାର ପାତ୍ର, ସାର୍ଥକ ଷଡଙ୍ଗୀ, ନରେଶ ପାଣିଗ୍ରାହୀ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ବ୍ଲକ ଅଧ୍ୟକ୍ଷ ତଥା ଟୁର୍ନାମେଣ୍ଟ କମିଟି ସମ୍ପାଦକ ଲୋକନାଥ ସାହୁ ସହସମ୍ପାଦକ ବିଭୁପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁବାର ଟୁର୍ଦାମେଣ୍ଟର ପ୍ରଥମ ସେମିଫାଇନାଲ ଗଣ୍ଡରପୁର ଭୁବନେଶ୍ୱର ଓ ୟୁନାଇଟେଡ଼ ସ୍ପୋର୍ଟସ କ୍ଲବ ବରଗଡ଼ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।

## ୫୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ

### ନୟାଗଡ଼ ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟା

ନୟାଗଡ଼,୨୭।୧୨ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳାର ୪ର୍ଥ ସଂଧ୍ୟା। ୫୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼ ଜମିଥିଲା। ମହୋତ୍ସବ ଲୋକାରଣ୍ୟ ହୋଇ ଉଠିଥିଲା। ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଓ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରତିମା ଦଳବେହେରା, ଜସ୍ମିନ ଦାଶ, ଧର୍ମେନ୍ଦ୍ର କୁମାର ଧଳ ପ୍ରମୁଖ ଉପସ୍ଥିତ ରହିଥିଲେ। ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୦ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ ମୋହୁଛି ଫୁଲର ଗଣେଶ ଓ ଭାଉଟେନ ଉଦ୍ୟାନ ବିଭାଗ ପକ୍ଷରୁ କରାଯାଇଥିବା ଷ୍ଟଲରେ ଫୁଲର ଗଣେଶ ଓ ଭାଉଟେନ ଆକର୍ଷଣ ପାଲଟିଛି। ଏଠାରେ ଗହଳି ଲାଗି ରହୁଛି। ସେଲ୍ଫି ନେବାକୁ ଏଠାରେ ଭିଡ ହେଉଛି। ଫୁଲର ଗଣେଶରେ ଗେଣ୍ଡୁ, ଗୋଲାପ ପରି ଫୁଲରେ ସଜ୍ଜା ଯାଇଛି। ସେହିପରି ଭାଉଟେନରେ ଜଳଉତ୍ସ ପରି ପାଣି ପଡୁଛି। ବିଭିନ୍ନ ପ୍ରକାରର ଲାଇଟରେ ଏହି ଭାଉଟେନ ସୁନ୍ଦର ଲାଗୁଛି।



ମଞ୍ଚରେ ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ନୃତ୍ୟ।

### ମନ ମୋହିଲେ ସିନେ ତାରକା

ଦର୍ଶକଙ୍କ ମନ ମୋହିଲେ ସିନେ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତା। ସେହିପରି ନୟାଗଡ଼ ବର୍ଷା ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୟାଗଡ଼ ବନ୍ଦନା, ପୁରୀର ରଙ୍ଗଶାଳା ପକ୍ଷରୁ ଗଣେଶ ବନ୍ଦନା, ଦେଶାତ୍ମବୋଧକ ଓ ରଙ୍ଗବତୀ, କେନ୍ଦ୍ରାପଡ଼ାର ଗଡମେକର ପାଖୁରୁ ଡାଲଖାଇ, ରସର କେଳି ଓ ପିଙ୍ଗା ଅନ୍ୟତମ ଆକର୍ଷଣୀୟ ଥିଲା। ଜୟବୀର ହନୁମାନ ପାଇକ ସଂଘ ଖୋର୍ଦ୍ଧା ପକ୍ଷରୁ ପାଇକ ଆଖଡ଼ା, ଆଦିତ୍ୟ ଡ୍ୟାନ୍ସ ଗ୍ରୁପ ଭୁବନେଶ୍ୱର ପକ୍ଷରୁ ମଡର୍ଷ ଡ୍ୟାନ୍ସ, ଟ୍ରାକ୍ ସିଙ୍ଗର– କିଶୋର, କୁନ୍ନନ୍ ଓ ସାଥୀଙ୍କ ନୃତ୍ୟ ମଧ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା।

### ମଞ୍ଚ ସମ୍ମୁଖରେ ବିଶୃଙ୍ଖଳା

ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ମଞ୍ଚ ସମ୍ମୁଖରେ ଭିଡ଼ ଜମିବା ମହୋତ୍ସବରେ ସାଧାରଣ ଘଟଣା। ପୋଲିସ ଦେଖି ନ ଦେଖିଲା ପରି ରୁହେ। ପ୍ରତିଦିନ ରାତି ସାଢ଼େ ୧୦ ଟାରୁ ୧୧ଟା୧୫ ପର୍ଯ୍ୟନ୍ତ ମଞ୍ଚ ସମ୍ମୁଖରେ ସାଂସ୍କୃତିକ ନୃତ୍ୟର ତାଳେ ତାଳେ ଅମାନିଆମାନେ ନାଚି ବିଶୃଙ୍ଖଳା ସୃଷ୍ଟି କରି ଆସୁଥିବା ଅଭିଯୋଗ ହୋଇ ଆସୁଛି। ତେବେ ବୁଧବାର ସିନେ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ଯୋଗୁ ପୋଲିସ ମଧ୍ୟ ଭିଡରେ ସାମିଲ ହୋଇ ବିଶୃଙ୍ଖଳା ଦେଖୁଥିଲା। ପୁଣି ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ସହ ଉଦ୍‌ଘୋଷକମାନେ ମଞ୍ଚରେ ଫଟୋ ଉଠାଇ ଯୋଗୁ ବହୁ ସମୟ ପର୍ଯ୍ୟନ୍ତ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା।

### ବଦନାମ କରି ରୋଜଗାର

ମହୋତ୍ସବରେ କିଛି ଲୋକ ଜିଲାପାଳ ଓ ନୟାଗଡ଼ ବିଧାୟକଙ୍କ ଖାସ ଲୋକ ଦର୍ଶାଇ ବଦନାମର ବୋଝ ଲଦି ଭଲ ରୋଜଗାର କରୁଛନ୍ତି। ଜଣେ ବ୍ୟକ୍ତି ମହୋତ୍ସବର ବିଭିନ୍ନ ପ୍ରକାର ଉପକରଣ କିଣାରେ ଫଲସ ବିଲ କରି ଲୁଟି ଚାଲିଛନ୍ତି। ଆଉ ଜଣେ ସମ୍ବର୍ଦ୍ଧିତ କରାଇବା ଦର୍ଶାଇ ହାତ ଚିକଣ କରୁଛନ୍ତି। ଯାହା ତଦନ୍ତ ସାପେକ୍ଷ।

## ସଂକ୍ଷେପରେ

### ଟାଟା ଷ୍ଟିଲ୍ କାରଖାନାରେ ଦୁର୍ଘଟଣା, ଶ୍ରମିକ ମୃତ

କଳିଙ୍ଗନଗର,୨୭।୧୨(ଶୁଭାଶିଷ ରାଉତ): ଯାଜପୁର ଜିଲା କଳିଙ୍ଗନଗର ଟାଟା ଷ୍ଟିଲ କାରଖାନାର ଷ୍ଟିଲ ମେଲଟିଂ ସପ୍ (ଏସଏମଏସ) ସ୍କାଗ୍ ୟାର୍ଡରେ ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ ଟାରେ ଏକ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଶ୍ରମିକଙ୍କ ନାମ ସପନ କୁମାର ଦାସ(୨୮)। ତାଙ୍କ ଘର ବାଲେଶ୍ୱର ଜିଲା କମର୍ଦ୍ଦା ତହସିଲ ଅନ୍ତର୍ଗତ ମହମ୍ମଦପୁର ଗ୍ରାମରେ ।

ସୂଚନା ଅନୁଯାୟୀ, ଭେଣ୍ଡର ପାର୍ଟନର ତଥା ଠିକା ସଂସ୍ଥା ମେସର୍ସ ହିମାଳୟ ଷ୍ଟିଲ ମିଲ୍ସ ଦ୍ୱାରା ସ୍କାଗ୍ ୟାର୍ଡରେ ରକ୍ଷଣାବେକ୍ଷଣ କାର୍ଯ୍ୟରେ ସପନ ନିୟୋଜିତ ଥିଲେ। ଏହି ସମୟରେ ଏକ ଯନ୍ତ୍ରାଂଶ ତାଙ୍କ ଉପରେ ଖସିପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ପ୍ଲାଣ୍ଟ ପରିସରରେ ଥିବା ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଟାଟା ମେଡିକା ଡାକ୍ତରଖାନାକୁ ନିଆଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟିର ଅଭାବ ଏବଂ ଖାମଖିଆଲି ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି । ଏହା ସହ କାମ କରୁଥିବା ସମୟରେ ଠିକା ସଂସ୍ଥା ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି । ଏହି କାରଣରୁ ଅକାଳରେ ଜଣେ ଯୁବକଙ୍କ ଜୀବନ ଗଲା ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଟାଟା ଷ୍ଟିଲ ପକ୍ଷରୁ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରାଯିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ଅବଗତ କରାଯାଇଛି । ତଦନ୍ତ ଚାଲିଛି ବୋଲି ମତ ଦିଆଯାଇଛି । ଏକ ଦାୟିତ୍ୱବାନ କମ୍ପାନୀ ଭାବେ ଟାଟା ଷ୍ଟିଲ କଠୋର ସୁରକ୍ଷା ନିର୍ଦ୍ଦେଶବଳୀ ପାଳନ କରେ । ଏହାର କର୍ମଚାରୀ ଓ ଅଂଶୀଦାରଙ୍କ ସୁରକ୍ଷା, କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଟାଟା ଷ୍ଟିଲ ପକ୍ଷରୁ କୁହାଯାଇଛି ।

### ଫାଇନାଲରେ ଇନ୍ଦୁପୁର ଟିମ୍ କୋତପୁର ପ୍ରିମିୟର ଲିଗ୍ କ୍ରିକେଟ

ଧର୍ମଶାଳା, ୨୭।୧୨ (ବଟକୃଷ୍ଣ ପରିଡ଼ା ): ଧର୍ମଶାଳା ବ୍ଲକ କୋତପୁର ପଞ୍ଚାୟତ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜାଗୁଲାଇ ଖେଳପଡ଼ିଆରେ ଚାଲିଥିବା କୋତପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ସ୍କାନ୍ ଭୁବନେଶ୍ୱରକୁ ୫ ଉଇକେଟ୍‌ରେ ପରାସ୍ତ କରି ଗୋପବନ୍ଧୁ କ୍ରିକେଟ୍ କ୍ଲବ ଇନ୍ଦୁପୁର ଫାଇନଲରେ ପ୍ରବେଶ କରିଛି । ସ୍କାନ୍ କ୍ରିକେଟ କ୍ଲବ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭରରେ ୪ ଉଇକେଟ ହରାଇ ୧୮୨ ରନ କରିଥିଲା। ଦଳ ପକ୍ଷରୁ ମୌର୍ଯ୍ୟ ପ୍ରଶାନ୍ତ ୮୧ ରନ ଓ ଦିବ୍ୟଜ୍ୟୋତି ପ୍ରଧାନ ୪୨ ରନ କରିଥିଲେ। ବିପକ୍ଷ ଇନ୍ଦୁପୁରର ନୟନା ଗୁପ୍ତା ୨ଟି ଉଇକେଟ ନେଇଥିଲେ । ଜବାବରେ ଇନ୍ଦୁପୁରା ଟିମ୍ ବ୍ୟାଟିଂ କରି ୧୭.୩ ଓଭରରେ ୫ ଉଇକେଟ ହରାଇ ୧୮୫ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଗୌରବ ଚୌଧୁରୀ ୬୫ ରନ ଓ ଓମ୍‌କାର ପ୍ରତାପ ସିଂ ୪୦ ରନ କରିଥିଲେ। ବିପକ୍ଷ ଦଳର ପ୍ରତ୍ୟୁଷ ରାଉତରାୟ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଆଜିର ଖେଳକୁ ପ୍ରଭାତ ଜେନା ଓ ସୁଜିତ ଦୀପ୍ତି ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ । ଶୁକ୍ରବାର ଫାଇନାଲ ମ୍ୟାଚ ନିମପୁର ସ୍ପୋର୍ଟସ କ୍ଲବ ଓ ଗୋପବନ୍ଧୁ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ।

# ଟ୍ୟୁଶନ ମାଷ୍ଟରଙ୍କୁ ୨୦ବର୍ଷ ଜେଲ

## ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲା

ଯାଜପୁର ଟାଉନ,୨୭।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ନାବାଳିକା ଛାତ୍ରୀଙ୍କୁ ଟ୍ୟୁଶନ୍ ମାଷ୍ଟର ବଳାତ୍କାର କରିବା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି ଅତିରିକ୍ତ ଜିଲା ଦୌରା ଓ ପୋକ୍‌ସୋ କୋର୍ଟର ବିଚାରପତି ବିଜୟ କୁମାର ଜେନା। ମାମଲାର ବିବରଣୀ ଅନୁଯାୟୀ, କୋରାଇ ଥାନା ଅଞ୍ଚଳର ତୁଳସୀପୁର ଗ୍ରାମର ଟ୍ୟୁଶନ୍ ମାଷ୍ଟର ବିଶ୍ୱନାଥ ବାରିକ ଜଣେ ନାବାଳିକା ଛାତ୍ରୀଙ୍କୁ ଟ୍ୟୁଶନ୍ କରିବାକୁ ଆସୁଥିଲେ। ୨୦୨୧ ମାର୍ଚ୍ଚ ୧୬ରେ ଅନ୍ୟ ଜଣେ ଟ୍ୟୁଶନ୍ ପିଲାକୁ ଘର ବାରଣ୍ଡାରେ ଜଗାଇ ସେ ନାବାଳିକାଙ୍କୁ ବଳାତ୍କାର କରିଥିଲେ । ସେହି ସମୟରେ ଅଭିଯୁକ୍ତ ବିଶ୍ୱନାଥଙ୍କ ଘରେ କୌଣସି ସଦସ୍ୟ ଉପସ୍ଥିତ ନ ଥିଲେ। ପରେ ଅଭିଯୁକ୍ତ ନାବାଳିକାଙ୍କୁ ଶହେ ଟଙ୍କା ଦେଇ ଏହି ଘଟଣାକୁ କାହାରିକୁ ନ କହିବା ପାଇଁ କହିଥିଲେ। ମାତ୍ର ନାବାଳିକ ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କ ପାଖରେ କହିବା ପରେ ଏ ସଂକ୍ରାନ୍ତରେ କୋରାଇ ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ଏକ ମାମଲା(ନଂ.ନ୮୪/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ୧୯ଜଣ ସାକ୍ଷୀଙ୍କ ସାକ୍ଷକୁ ଭିତ୍ତିକରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲା ଆଇନ୍ ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରୀ ଓକିଲ ରାଜେନ୍ଦ୍ର କୁମାର ନାୟକ ପରିଚାଳନା କରିଥିଲେ।

## ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ, ଜରିମାନା

ଯାଜପୁର ଟାଉନ,୨୭।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ନାବାଳିକା ବଳାତ୍କାର ମାମଲା



ନାବାଳିକାଙ୍କୁ ବଳାତ୍କାର କରିଥିବା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ସହ ୫ହଜାର ଟଙ୍କା ଜରିମାନା ପାଇଁ ଆଡହକ୍ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଶରତ ଚନ୍ଦ୍ର ଦେହୁରୀ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ନଭେମ୍ବର ୧୮ରେ ମଙ୍ଗଳପୁର ଥାନା ଖାନନଗର ଅଞ୍ଚଳର ସୁରେଶ ସାହୁ (୩୦) ନାବାଳିକାଙ୍କ ଗ୍ରାମକୁ ଟେଣ୍ଟକାମ କରିବାକୁ ଆସିଥିଲେ। ସେ ରାତିରେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ସେ ଏକାଧିକ ଥର ନାବାଳିକାଙ୍କୁ ବଳାତକାର କରିଥିଲେ । ନାବାଳିକା ଗର୍ଭବତୀ ଥିବା ଜଣାପଡିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବାରୁ ସେ ଘଟଣା ବିଷୟରେ ପ୍ରକାଶ କରି ନ ଥିଲେ। ନାବାଳିକାର ଜେଜେମାଆ ମଙ୍ଗଳପୁର ଥାନାରେ ଲିଖିତ ଏତଲା ଦେବାପରେ ପୋଲିସ ଏକ ମାମଲା (ନଂ.୧୨୪/୨୦୧୭) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର କୋର୍ଟ ୯ଜଣ ସାକ୍ଷୀଙ୍କ ସାକ୍ଷକୁ ଭିତ୍ତିକରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦୟେ ଅଭିଯୁକ୍ତ ଅଧିକ ୬ମାସ ଜେଲଦଣ୍ଡ ଭୋଗ କରିବେ ବୋଲି କୋର୍ଟ ରାୟରେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୋର୍ଟ ଜିଲା ଆଇନ୍ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାଟିକୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ପରିଚାଳନା କରିଥିଲେ।

# ଅଚ୍ୟୁତବସନ୍ତ ପ୍ରିମିୟର ଲିଗ୍ ଉଦ୍‌ଘାଟିତ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ବାଲିଚନ୍ଦ୍ରପୁର,୨୭।୧୨(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତରେ ଚଳିତ ବର୍ଷର କ୍ରିକେଟ୍ ଟୁର୍ନାମେଣ୍ଟ ଅଚ୍ୟୁତବସନ୍ତ ପ୍ରିମିୟରଲିଗ୍ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଇତିଶ୍ରୀ ସାମଲ ଫିତା କାଟି ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସୁବାସ ସିଂହ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନର ଉପସଭାପତି ରମେଶ ପୃଷ୍ଟି ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ସମିତି ସଭ୍ୟା ସ୍ନେହଲତା ସାହୁ, ଅରବିନ୍ଦ ବଳସାମନ୍ତ, ଗଣେଶ୍ୱର ସିଂହ, ପଞ୍ଚାୟତ ବିଜେଡି ସଭାପତି ସୁବୋଧ ବଳସାମନ୍ତ ଯୋଗଦେଇ କୃତି ପ୍ରତିଯୋଗିମାନଙ୍କୁ ଉପହାର ପ୍ରଦାନ କରିଥିଲେ। ଏଥିରେ ପତିତପାବନ ବଳସାମନ୍ତ, ବିଭୁତିଭୂଷଣ ରାଉତ, ନିରଞ୍ଜନ ବଳସାମନ୍ତ ପ୍ରମୁଖ ଜଜ୍ ଭାବେ ଉପସ୍ଥିତ ରହି ମୂଲ୍ୟାଙ୍କନ କରିଥିଲେ।

# ଓଳାଶୁଣୀ ଗୁମ୍ଫା ମହୋତ୍ସବ ପାଇଁ ପ୍ରସ୍ତୁତି

ଚଣ୍ଡିଖୋଲ,୨୭।୧୨(ପ୍ରଦୀପ୍ତ କୁମାର ପୃଷ୍ଟି)

**ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ଉପରେ ହେବ ଆଲୋଚନାଚକ୍ର**

ଅଷ୍ଟାଦଶ ଶତାବ୍ଦୀର ସନ୍ଥ ସାଧକ ମହାପୁରୁଷ ଅରକ୍ଷିତ ଦାସଙ୍କ ପବିତ୍ର ସମାଧି ଦିବସ ଅବସରରେ ଆୟୋଜିତ ହେବ ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ଯାତ୍ରା । ଆସନ୍ତା ଫେବୃୟାରୀ ୬ ରେ ଏହି ମେଳା ଆରମ୍ଭ ହୋଇ ୮ ଦିନ ଧରି ଚାଲିବ। ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ, ପଲାଇ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଳାଶୁଣୀ ବଡ଼ଦାଣ୍ଡ – ଅନନ୍ତ ଗୁମ୍ଫାଠାରେ ଆୟୋଜିତ ହେବ।

ଓଳାଶୁଣୀ ଗୁମ୍ଫା ମହୋତ୍ସବ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ । ଏହାର ଆୟୋଜନ ନେଇ ଟ୍ରଷ୍ଟ ପକ୍ଷରୁ ସୋମବାର ଓଳାଶୁଣୀ ନିକଟସ୍ଥ ପୌରାଣିକ ଗାଙ୍ଗୀପୀଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଖବରଦାତା ତଥା ଉଦୟଗିରି ବୁଦ୍ଧ ମହୋତ୍ସବ ସମିତିର ଆବାହକ ମହେଶ୍ୱର ବଳ ଏଥିରେ ସଭାପତିତ୍ୱ କରିଥିଲେ । ଉତ୍ସବ ପାଳନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ମହୋତ୍ସବ ପାଳନର ଅବ୍ୟବହିତ ପୂର୍ବରୁ ଟ୍ରଷ୍ଟ ଓ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରଠାରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏଥିରେ ବହୁ ବିଶିଷ୍ଟ ସନ୍ଥ ସାଧକ, ଆଧ୍ୟାତ୍ମିକପ୍ରେମୀ, ଗବେଷକ ଓ ବିଦ୍ୱାନମାନେ ଯୋଗଦେଇ ସନ୍ଥ ଅରକ୍ଷିତ ଦାସଙ୍କ ଜୀବନ,ଦର୍ଶନ ଏବଂ ସନ୍ଥଭୁଇଁ ଓଳାଶୁଣୀର ଐତିହ୍ୟ, ସଂସ୍କୃତି ସମ୍ପର୍କରେ ଆଲୋକପାତ କରିବେ ବୋଲି ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ସୂଚନା ଦେଇଥିଲେ । ଡେରାବିଶ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ଟ୍ରଷ୍ଟର ସଦସ୍ୟ ତଥା ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ସାମଲ ,ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମହୋତ୍ସବ କାର୍ଯ୍ୟକ୍ରମ ଏବଂ ଓଳାଶୁଣୀ ପୀଠର ବିକାଶ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ପୁରୀ ପରିକ୍ରମା ପ୍ରକଳ୍ପ ପାଇଁ ମା’ ବିରଜା,ବରାହଙ୍କୁ ନିମନ୍ତ୍ରଣ



ଜଣେ ସେବାୟତଙ୍କୁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଉଛି ।

ଯାଜପୁର ଟାଉନ,୨୭।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଆସନ୍ତା ୧୭ ତାରିଖ ଦିନ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ହେବ । ଦେଶର ବିଭନ୍ନ ମନ୍ଦିରଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଉଛି। ବୁଧବାର ଯାଜପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ବିରଜା, ଛତିଆ ମହାପ୍ରଭୂ ମନ୍ଦିରର ମୁଖ୍ୟ ପୂଜକ ଏବଂ ବରାହ ପୀଠର ମୁଖ୍ୟ ପୂଜକଙ୍କୁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ପୁରୀ ପ୍ରଶାସନ ପକ୍ଷରୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଛି। ନିମନ୍ତ୍ରଣପତ୍ର ନେଇ ଆସିଥିବା ପ୍ରଶାସନମାନଙ୍କୁ ପାରମ୍ପାରିକ ନୃତ୍ୟ, ସଂକୀର୍ତ୍ତନ, ବାଜା ଓ ବାଣରେ ସ୍ୱାଗତ କରାଯାଇଥିଲା। ପୁରୀ ସହକାରୀ ଜିଲାପାଳ ବିବେକାନନ୍ଦ ସାହୁଙ୍କ ସହ ସେବାୟତ ଶିବାନୀ ପ୍ରସାଦ ଦାସ, ରାମାନନ୍ଦ ଦାସ ମହାପାତ୍ର, ଜିତେନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ପହଞ୍ଚି ଥିଲେ । ଯାଜପୁର ବିରଜା ମନ୍ଦିର ସେବାୟତ ସମିତି ସଭାପତି ଦେବୀପ୍ରସାଦ ପାଣି ଓ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ ବରାହ ମନ୍ଦିରରେ ମଧ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା।

# କଳ୍ପନାଦେବୀ ବିଦ୍ୟାନିକେତନ ୧୯୯୪ ବ୍ୟାଚ୍‌ର ବନ୍ଧୁମିଳନ

ବାଲିଚନ୍ଦ୍ରପୁର,୨୭।୧୨(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ଗୋପାଳପୁର ପଞ୍ଚାୟତ ଗଜେନ୍ଦ୍ରପୁରସ୍ଥିତ କଳ୍ପନାଦେବୀ ବିଦ୍ୟାନିକେତନର ୧୯୯୪ ମାଟ୍ରିକ୍ ବ୍ୟାଚର ଏକ ବନ୍ଧୁମିଳନ ଓଳାଶୁଣି ପାହାଡ଼ର ଶୀର୍ଷଦେଶରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପୀଠରେ ରବିବାର ଆୟୋଜନ ହୋଇଥିଲା। ଦୀର୍ଘ ୩୦ ବର୍ଷ ପରେ ଛାତ୍ରଛାତ୍ରୀମାନେ ପରସ୍ପର ମଧ୍ୟରେ ଯୋଗାଯୋଗ କରି ସେଠାରେ ସପରିବାରେ ଏକତ୍ରୀତ ହୋଇଥିଲେ। ବହୁ ବର୍ଷ ପରେ ସାଙ୍ଗ ସାଥୀମାନେ ଭେଟ ହେଉଥିବାରୁ ଅତୀତର ସ୍ମୃତିକୁ ମନେପକାଇ ଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ କୁମାର ପରିଡ଼ା, ନଗେନ୍ଦ୍ର ନାୟକ, ପ୍ରଭାକର ଶାନ୍ତି, ମହେନ୍ଦ୍ର ଶାନ୍ତି ପ୍ରମୁଖ ଉକ୍ତ ବନ୍ଧୁମିଳନରେ ଯୋଗଦେଇ ତାଙ୍କର ପୁରାତନ ଛାତ୍ରୀଛାତ୍ର ଓ ପରିବାର ବର୍ଗଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମଧୁସୁଦନ ଶାନ୍ତି, ରାଜେନ୍ଦ୍ର ଜେନା, ଦେବାଶିଷ ସାମଲ, ଅନିଲ ଜେନା, ଲୋକନାଥ ସେନାପତି, ରାଜେନ୍ଦ୍ର ବାରିକ, ଜଗବନ୍ଧୁ ଦାସ, ସୁବାସ ଚନ୍ଦ୍ର ସେଠୀ, ଅନିଲ କୁମାର ସେଠୀ, ଡ଼ମ୍ବରୁ ଜେନା ପ୍ରମୁଖ ପରିବାର ସହ ବନ୍ଧୁମିଳନରେ ଯୋଗଦେଇଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



ଧର୍ମଶାଳା,୨୭।୧୨(ବଟକୃଷ୍ଣ ପରିଡ଼ା)– ଧର୍ମଶାଳା ବ୍ଲକ କୋତପୁରସ୍ଥିତ ବଜ୍ରଗିରି ଯୁକ୍ତ ୨ କଲେଜରେ ୨୭ ଦିନ ବ୍ୟାପୀ ଚାଲିଥିବା ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ କଲେଜର ଅଧ୍ୟକ୍ଷ ପତିତପାବନ ବଳସାମନ୍ତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଦେବ ପ୍ରସାଦ ବଳ, ଜିଲାପରିଷଦ ସଭ୍ୟ ଚକ୍ରଧର ବେହେରା, ସ୍ଥାନୀୟ ସରପଞ୍ଚ ସୁନାକର ବେହେରା ଯୋଗଦେଇ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠିତ ଖେଳକୁଦ ବାଳିକା ବିଭାଗରେ ସୋନାଲି ଘଡାଇ ଓ ବାଳକ ବିଭାଗରେ କେଦାର ଦାସ ଚାମ୍ପିୟନ ହୋଇଥିଲେ। ଏହି ଉତ୍ସବରେ କଲେଜର ପ୍ରତିଷ୍ଠାତା ସଭ୍ୟମାନେ ଯୋଗଦେଇଥିଲେ । ୨୭ ଦିନ ବ୍ୟାପୀ କଲେଜରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନୋଡାଲ ଅଫିସର ଅଧ୍ୟାପକ ସଞ୍ଜୟ କୁମାର ସାମଲ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ବିରଞ୍ଚି ନାରାୟଣ ବଳସାମନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସୁବାସ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସହିଦ ସ୍ପୋର୍ଟିଂ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

ବରୀ,୨୭।୧୨(ମହେନ୍ଦ୍ର ସ୍ୱାଇଁ)

ବରୀ ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ଅଜାଣ ହାଟ ପଡ଼ିଆଠାରେ ଅନୁଷ୍ଠିତ ସହିଦ ସ୍ପୋର୍ଟିଂ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ ଗୋଲଡେନ ଷ୍ଟାର କ୍ରିକେଟ୍ ଟିମ୍ ଗମୁ ଓ ୱାରିଅର କ୍ରିକେଟ ଟିମ୍ ଚନ୍ଦନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋଲଡେନ ଷ୍ଟାର କ୍ରିକେଟ୍ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୩୬ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଜବାବ୍‌ରେ ୱାରିଅର କ୍ରିକେଟ ଟିମ୍ ୧୮ ଓଭର ଖେଳି ୨୩୭ ରନ ସଂଗ୍ରହ କରି ବିଜେତା ଘୋଷିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୁବନେତା ଅଶୋକ କୁମାର ବେହେରା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।

# ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ରସୁଲପୁର,୨୭।୧୨(ରଞ୍ଜିତ ରାଉତ)

## କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ-ଖଇରାବାଦ ସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ମୁଗୁପାଳ କଲେଜ)ର ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ୨ ଓ ଯୁକ୍ତ ୩ ପିଲାମାନଙ୍କୁ ନେଇ ମାସାଧିକକାଳ ୩୩ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ମଞ୍ଚରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀନାରାୟଣ କର ଅଧକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ମୁଖ୍ୟବକ୍ତା ଭାବରେ ଯୋଜନାର ଜିଲା ନୋଡାଲ ଅଧିକାରୀ ପ୍ରଧାପକ ସୁରେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ଶିବ ଚରଣ ମାଝୀ, ରସୁଲପୁର ବିଡିଓ ଅବନିକାନ୍ତ ସାହୁ, କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଉତ୍କର୍ଷତା ସମ୍ପର୍କରେ ଆଲୋକପାତ କରିବା ସହ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ । ଅଧାପକ ସିଦ୍ଧାର୍ଥ ଶଙ୍କର ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧାପିକା କାଦମ୍ବିନୀ ଦାସ ଅତିଥି ପରିଚୟ ପ୍ରଦାନ ଓ ଅଧାପକ ସୁରେନ୍ଦ୍ର କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ଇତିଶ୍ରୀ ପାଢୀ ଓ ଅନ୍ନପୂର୍ଣ୍ଣା ମହାରଣା ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପକ ସୁରେନ୍ଦ୍ର କୁମାର ପାତ୍ର ସୁରେନ୍ଦ୍ର କୁମାର ପାତ୍ର, ବିଧୁଭୂଷଣ ପଣ୍ଡା, ହେମନ୍ତ ରଣା, ଶତ୍ରୁଘନ ପଣ୍ଡା, ବିନୋଦ ବିହାରୀ ଲେଙ୍କା, ମମତା ବୋଇତାଇ, ଅମରେନ୍ଦ୍ର ସାହୁ, ଅମରେନ୍ଦ୍ର ମଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଚାଳନ କରିବାରେ ସହଯୋଗ କରିଥିଲେ ।

ଏହି ଅବସରରେ କ୍ରୀଡ଼ା ବିଭାଗରେ ଯୁକ୍ତ ୨ର ଚାମ୍ପିୟନ ବାଳିକା ବିଭାଗର ତମନ୍ନା ପ୍ରିୟଦର୍ଶନୀ ସାହୁ, ବାଳକ ବିଭାଗର ସନ୍ତୋଷ କୁମାର ମଲିକ୍, ଯୁକ୍ତ ୩ ବାଳକ ବିଭାଗର ଶୁଭ୍ରାଂଶୁ ଶେଖର ସ୍ୱାଇଁ, ବାଳିକା ବିଭାଗର ସୌଦାମିନୀ ଦାସ, ସାଂସ୍କୃତିକ ବିଭାଗରେ ଯୁକ୍ତ ୨ ବିଭାଗର ଅନ୍ନପୂର୍ଣ୍ଣା ପଣ୍ଡା, ବିଶ୍ୱଜିତ ଜେନା, ଯୁକ୍ତ ୩ ବିଭାଗରେ ବିଶ୍ୱରଞ୍ଜନ ସାହୁ, ଇତିଶ୍ରୀ ପାଢୀ, ସାଇ ଅର୍ପିତା ପଣ୍ଡା ପ୍ରମୁଖଙ୍କୁ ଚାମ୍ପିୟନ ଭାବେ ପୁରସ୍କୃତ କରାଯିବା ସହ ଅନ୍ୟ ସମସ୍ତ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ଏହି ଅବସରରେ କ୍ରୀଡାରେ ବ୍ୟକ୍ତିଗତ ୮ଗୋଟି, ଦଳଗତ ୬ଗୋଟି, ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ୧୩ଗୋଟି, ସାମାଜିକ ୬ଗୋଟିକୁ ମିଶାଇ ମୋଟ ୩୩ଟି ବିଭାଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଦର୍ଶକଙ୍କ ମନ ମୋହିଲା ଗୋଟିପୁଅ ନୃତ୍ୟ,ଷ୍ଟାଇଲ ଡ୍ୟାନ୍ସ

## କୁଆଖିଆ ମହୋତ୍ସବର ଷଷ୍ଠ ସନ୍ଧ୍ୟା

ରସୁଲପୁର,୨୬।୧୨(ରଞ୍ଜିତ ରାଉତ)



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ରସୁଲପୁର ବ୍ଲକ ଅନ୍ତର୍ଗତ ୬୯ତମ ଲକ୍ଷ୍ମୀନାରାୟଣ ଉତ୍ସବର ୧୨ତମ ଦିବସ ଓ ୧୬ତମ କୁଆଖିଆ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଆନନ୍ଦ ଦେଇଛି । ପ୍ରତ୍ୟେକ ସନ୍ଧ୍ୟାରେ ମଞ୍ଚରେ ବିଭିନ୍ନ ମନୋରଂଜନ କାର୍ଯ୍ୟକ୍ରମ ପରିବେଶଣ କରାଯାଉଥିବା ବେଳେ ବୁଧବାର ସନ୍ଧ୍ୟାରେ ମହୋତ୍ସବ ମଂଚରେ ସୃଷ୍ଟି ଗୋଟିପୁଅ ନୃତ୍ୟ ଗ୍ରୁପ୍ ଓ ଷ୍ଟାଇଲ ଡ୍ୟାନ୍ସ ଗ୍ରୁପ,କଟକ ତରଫରୁ ବହୁ ରଙ୍ଗାରଙ୍ଗ କାର୍ଯ୍ୟକ୍ର ଆୟୋଜନ କରାଯାଇଛି । ଗୋଟିପୁଅ ନୃତ୍ୟର ଛନ୍ଦ ଦର୍ଶକମାନଙ୍କ ମନକୁ ବିଶେଷ ପ୍ରଭାବିତ କରିଥିବା ବେଳେ କଟକର ଷ୍ଟାଇଲ୍ ଡ୍ୟାନ୍ସ ଗ୍ରୁପ୍‌ର ନାଚ ଅତ୍ୟନ୍ତ ଆକର୍ଷଣିୟ ହୋଇପାରି ଥିଲା । ଗୋଟିଏ ମଂଚରେ ଦୁଇଟି ଗ୍ରୁପ ପକ୍ଷରୁ ଭିନ୍ନ ସ୍ୱାଦ ଓ ରୁଚିର ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଆନନ୍ଦିତ କରିପାରି ଥିଲା । ଏହଛଡା ସାରଙ୍ଗପୁର ମହୋତ୍ସବ ପଡିଆରେ ଦୋଳିର ସମ୍ଭାର ଦର୍ଶକମାନଙ୍କୁ ବିଶେଷ ଆକର୍ଷିତ କରିଥିବା ବେଳେ ମୀନାବଜାରରୁ ଘରକରଣା ସାମଗ୍ରୀ କିଣାକିଣି କରିବାରେ ମହିଳା ଶ୍ରଦ୍ଧାଳୁମାନେ ମଜି ଯାଇଥିବାର ଦେଖିବାକୁ ମିଳିଛି । ଚାଟ୍, ଗୁପ୍‌ଚୁପ୍, ଚଟପଟି, ଠୁଙ୍କାପୁରୀ ଆଦି ଦୋକାନରେ ମହିଳା ଓ ପିଲାମାନଙ୍କ ଭିଡ ଜମି ଥିବାର ପରିଲକ୍ଷିତ ହେଉଛି । ଅନ୍ୟପକ୍ଷରେ ଲକ୍ଷ୍ମୀନାରାୟଣ ମଞ୍ଚର ମେଲୋଡି, ପ୍ରବଚନ, ଯୋଗ, ପାଲା, ଦାସକାଠିଆ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ପୂଜା ଉତ୍ସବକୁ ବୁଲିବାକୁ ଆସୁଥିବା ଶ୍ରଦ୍ଧାଳୁ, ଦର୍ଶକମାନଙ୍କୁ ଗୋଟିଏ ମଂଚରେ ଏକାଧିକ ମନୋରଞ୍ଜନ କାର୍ଯ୍ୟକ୍ରମରୁ ମଜା ନେବାର ସୁଯୋଗ ମିଳିପାରୁଛି । ଆୟୋଜିତ କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସଭାପତି ରାଜେଶ କୁମାର ସାହୁ, ସଂପାଦକ ଅରୁଣ କୁମାର ରାଉତ, ମହାସଚିବ ଅରୁଣ କୁମାର ସାହୁ, ସାଂସ୍କୃତିକ ସଂପାଦକ ଉମେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । କାର୍ଯ୍ୟକ୍ରମ ଶେଷରେ ମହୋତ୍ସବ ସାଂସ୍କୃତିକ କମିଟି ପକ୍ଷରୁ କୃତି କଳାକାରମାନଙ୍କୁ ସମ୍ମାନ ଜଣାଯିବା ସହ କୁଆଖିଆ ମହୋତ୍ସବର ସ୍ମୃତିରକ୍ଷା ପାଇଁ କମିଟି ପକ୍ଷରୁ ପଦକ୍ଷେପମାନ ଗ୍ରହଣ କରାଯାଉଛି ।

## ସଂକ୍ଷେପରେ

### ଅସହାୟ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା



ରାଜନଗର, ୨୭ା୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ରାଜନଗର ଗାଁର ଦୋଳଗୋବିନ୍ଦ ସାହୁ ଦୀର୍ଘଦିନ ଅସୁସ୍ଥ ରହିବା ପରେ ତାଙ୍କର ମୃତ୍ୟୁ ଘଟିଛି। ଅଭାବ ଅନାଟନରେ ଜୀବନ ବିତାଉଥିବା ଦୋଳଗୋବିନ୍ଦଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ତହସିଲଦାରଙ୍କ କାର୍ଯ୍ୟାଳୟରେ ରାଜନଗର ବିଧାୟକ ଧ୍ରୁବ ସାହୁ ବିପନ୍ନ ପରିବାରଙ୍କୁ ଏହି ସହାୟତା ପ୍ରଦାନ କରିଛନ୍ତି। ରାଜନଗର ତହସିଲଦାର ଅଜୟକୁମାର ମହାନ୍ତି, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ଚିତ୍ତ ରଞ୍ଜନ ଦାସ, ରାଜା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

### ସେମି ଫାଇନାଲରେ ଆଳି ଟାଉନ କ୍ରିକେଟ କ୍ଲବ

ବିପ୍ଲବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘର କ୍ରିକେଟ ଟୁର୍ନାମେଣ୍ଟ

ରାଜକନିକା, ୨୭ା୧୨ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ଡାଳିକାଏନ୍ଦା ଗାଁ ଖେଳ ପଡ଼ିଆରେ ଖେଳାଯାଉଥିବା ବିପ୍ଲବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ଗୁରୁ ବ୍ରଦର୍ଶ ପ୍ରାୟୋଜିତ ୪୮ ତମ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚରେ ଆଳି ଟାଉନ କ୍ରିକେଟ କ୍ଲବ, ଆଳି ଓ କନିକା କ୍ଲବ, ରାଜକନିକା ମଧ୍ୟରେ ଖେଳାଯାଇଥିଲା। ଆଳି ଟାଉନ କ୍ରିକେଟ କ୍ଲବ, ଆଳି ପ୍ରଥମେ ଟସ ଜିତି ଫିଲଡିଂ କରିଥିଲା। କନିକା କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରୀତ ୨୦ ଓଭରରେ ୬ ଉଇକେଟ ହରାଇ ୧୯୧ରନ ସଂଗ୍ରହ କରିଥିଲା। ଜବାବରେ ଆଳି ଟାଉନ କ୍ରିକେଟ କ୍ଲବ ୧୯. ୪ ଓଭରରେ ୫ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଆଳି ଟାଉନ କ୍ରିକେଟ କ୍ଲବ ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ସମ୍ମାନିତ ଅତିଥି ଭାବେ ସିକୋ ପଞ୍ଚାୟତର ସରପଞ୍ଚ ଗଙ୍ଗାଧର ବେହେରା, ହୃଷୀକେଶ ଗୁରୁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ କୁମାର ସୁରେନ, ଡାଳି କାଏନ୍ଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ହୃଦୟ ନାୟକ ଯୋଗ ଦେଇଥିଲେ। ଏହି ଖେଳରେ ଆଳି ଟାଉନ କ୍ରିକେଟ କ୍ଲବ ଆଳିର ଖେଳାଳି ଇକ୍‌ବାଲ ଖାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଅତିଥିମାନେ କରିଥିଲେ। ଏହି ଖେଳକୁ ଅମ୍ପାୟାର ଅମିତ କୁମାର ବିଶ୍ୱାଳ ଓ ବିପ୍ଳବ କୁମାର ବେହେରା ପରିଚାଳନା କରିଥିଲେ। କ୍ଲବର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ ବେହେରା, କୋଷାଧକ୍ଷ କୈଳାସ ଚନ୍ଦ୍ର ସେଠୀ, ଉପସଭାପତି ପ୍ରଶାନ୍ତ ମହଲା, ସହ ସମ୍ପାଦକ ଅଜିତ ଗୁରୁ, କିଶୋର ସ୍ୱାଇଁ, ପରମେଶ୍ୱର ବେହେରା, ଅମିତ ଗୁରୁ, ଲିପନ ମାହୁନ୍ତ, ସାଗର ବେହେରା, ଅସିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନମଣ୍ଡଳୀ ବିଲୋପ ପରେ ପଟ୍ଟାମୁଣ୍ଡାଇ ଅବହେଳିତ

- ସହରରେ ଉନ୍ନତି ନାମରେ ମହାଦୁର୍ନୀତି
- ମୁଖ୍ୟ ବିରୋଧୀ ଅନ୍ତର୍ଦ୍ୱନ୍ଦ୍ୱରେ ବୁଡ଼ି ରହିଛି
- ସୋସିଆଲ ମିଡ଼ିଆରେ ଦେଖାଉଛନ୍ତି ସୁନେଲି ସ୍ୱପ୍ନ

ପଟ୍ଟାମୁଣ୍ଡାଇ, ୨୭ା୧୨ (କଳ୍ପତରୁ ନାୟକ)

ସ୍ୱାଧୀନ ଭାରତରେ ଓଡ଼ିଶାର ଅନ୍ୟତମ ପ୍ରମୁଖ ନିର୍ବାଚନମଣ୍ଡଳୀ ଭାବେ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ସ୍ୱତନ୍ତ୍ର ପରିଚିତି ଲାଭ କରିଥିଲା। ୨୦୦୯ ସୀମା ପୁନଃ ନିର୍ଦ୍ଧାରଣ ପରେ ପଟ୍ଟାମୁଣ୍ଡାଇ ସଂରକ୍ଷିତ ନିର୍ବାଚନଆସନର ବିଲୋପ ଘଟି ପଟ୍ଟାମୁଣ୍ଡାଇ ବ୍ଲକର ୧୯ଟି ପଂଚାୟତ, ପୌରାଂଚଳ ଏବଂ ରାଜନଗର ବ୍ଲକର ୨୯ଟି ପଞ୍ଚାୟତକୁ ନେଇ ନୂତନ ରାଜନଗର ନିର୍ବାଚନମଣ୍ଡଳୀ ଗଠନ କରାଯିବା ସହିତ ୧୨ଟା ପଞ୍ଚାୟତକୁ ନେଇ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ସହିତ ମିଶାଇ ଦିଆଗଲା। ୨ଟା ବ୍ଲକର ୪୮ ପଞ୍ଚାୟତ ଏବଂ ପଟ୍ଟାମୁଣ୍ଡାଇ ପୌରପାଳିକାର ୨୦ଟି ୱାର୍ଡକୁ ନେଇ ଗଠିତ ରଜନଗର ନିର୍ବାଚନମଣ୍ଡଳୀ ରାଜନୀତିର ପଶାପାଲିରେ ପଟ୍ଟାମୁଣ୍ଡଇ ବ୍ଲକ ଓ ପୌରାଞ୍ଚଳକୁ ଅଣଦେଖା କରି ବହୁ ପଛରେ ପକାଇ ଦିଆଯାଉଛି। ରାଜ୍ୟର ଅନ୍ୟ ବ୍ଲକ ଓ ମ୍ୟୁନିସିପାଲଟି ଯେଉଁ ପରି ଭାବେ ବିକାଶ ହୋଇଚାଲିଛି ତାହା ପଟ୍ଟାମୁଣ୍ଡାଇରେ ପରିଲକ୍ଷିତ ହେଉନାହିଁ। ହେଲେ ସୋସିଆଲ ମିଡିଆରେ ଉନ୍ନତିର ସୁନେଲି ସ୍ୱପ୍ନ କେତେଜଣ ଶାସକ ଦଳର ପୃଷ୍ଠ ପୋଷକତା ଲାଭ କରିଥିବା ରାଜନେତା ଦେଖାଇ ଚାଲିଥିବା ବେଳେ ଅର୍ନ୍ତଦ୍ୱନ୍ଦ୍ୱରେ ବୁଡ଼ି ରହିଥିବା ମୁଖ୍ୟ ବିରୋଧୀ ଦଳମାନେ ନୀରବ ଦର୍ଶକ ସାଜିବାରେ ଜନସାଧାରଣଙ୍କ ନିକଟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ କୁହନ୍ତି, ପ୍ରଶାସନିକ ଚକ୍ରାନ୍ତର ଶିକାର ହୋଇ ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ସୀମା ପୁନଃ ନିର୍ଦ୍ଧାରଣରେ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଆସନ ମଧ୍ୟରେ ମିଶାଇ ଦିଆଯାଇଛି। ଫଳରେ ପଟ୍ଟାମୁଣ୍ଡାଇ ତା'ର ସତା ହରାଇ ସବୁ କ୍ଷେତ୍ରରେ ଅବହେଳିତ ହୋଇପଡିଛି। ରାସ୍ତାଘାଟ ଠୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନାନାଦି ସମସ୍ୟା ରହିଥିଲେ ମଧ ଗୁରୁତ୍ୱପୂର୍ଣ ପ୍ରକଳ୍ପରୁ ବାଦ ଦିଆଯାଉଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟ ସବୁ ଫଳକରେ ସୀମିତ ରହିଥିବା ବେଳେ ଉନ୍ନତି କଥା ନା ଶାସକ ଦଳ ନା ବିରୋଧୀ ଦଳ କାହାରି ଚିନ୍ତା ନାହିଁ। ଯେଉଁ କିଛି ଉନ୍ନତିକରଣ କାର୍ଯ୍ୟ ହେଉଛି ତାହା ସରକାରଙ୍କ ପକ୍ଷରୁ ଏକ ଗତାନୁଗତିକ ଧାରାରେ ଚାଲିଛି। ସାଧାରଣ ଭାବେ ରାଜ୍ୟ ସରକାରଙ୍କ ସାମଗ୍ରୀକ ଭାବେ କରାଯାଉଥିବା




ଉନ୍ନତିମୂଳକ କାର୍ଯ୍ୟ ବ୍ୟତିତ ପଟ୍ଟାମୁଣ୍ଡାଇ ପାଇଁ ନା ଶାସକ କିମ୍ବା ବିରୋଧୀଙ୍କର କୌଣସି ସ୍ୱତନ୍ତ୍ର ଦୃଷ୍ଟି ଭଙ୍ଗୀ ନାହିଁ। ଏଭଳି ଆତ୍ମ ପ୍ରବଞ୍ଚନାର ଶିକାର ହେଉଛନ୍ତି ପଟ୍ଟାମୁଣ୍ଡାଇର ଜନସାଧାରଣ। ବୁଦ୍ଧିଜୀବୀ ଅନନ୍ତ ଦାଶ କହିଛନ୍ତି, ଅବହେଳାର ପ୍ରତିଛବି ପଟ୍ଟାମୁଣ୍ଡାଇ ସହରରେ ଜଳଜଳ ହୋଇ ଦେଖାଯାଉଛି। ଏ ନେଇ ଶାସକ ଦଳ ନା ବିରୋଧୀ କେହି ସ୍ୱାର୍ଥ ଭୟରେ ସ୍ୱର ଉଠାଉ ନାହାନ୍ତି। ପଟ୍ଟାମୁଣ୍ଡାଇ ସହରରେ ବହୁବର୍ଷ ହେବ ବସ୍‌ଷ୍ଟାଣ୍ଡ ନ ଥିବାବେଳେ ଚଳିତବର୍ଷ ଅଗଷ୍ଟ ୨୩ରେ ମୁଖ୍ୟମନ୍ତ୍ରୀ ସାମଗ୍ରୀକ ଭାବେ ଶିଳାନ୍ୟାସ କରିଛନ୍ତି। ସେହିପରି ଶିକ୍ଷାନୁଷ୍ଠାନରେ ଶିକ୍ଷକ ଓ କର୍ମଚାରୀ ଅଭାବ, ଚିକିତ୍ସାଳୟରେ ଡାକ୍ତର ସହ କର୍ମଚାରୀ ଅଭାବ, ୩୫ ବର୍ଷର ପୌରପରିଷଦ ଯୋଜନା ଦୃଷ୍ଟିରୁ ଏଠାରେ ନିର୍ମାଣ ହୋଇଥିବା ଇକୋ ଶୌଚାଳୟ, ଭେଣ୍ଡିଂ ଜୋନ ଆଦି ଅପ୍ରାଷଙ୍ଗିକ ହୋଇପଡ଼ିଛି। ବିଭିନ୍ନ ପୋଖରୀ, ଗୋବରୀ ନଦୀ ଜବଦଖଲକାରୀଙ୍କ ଅଧୀନକୁ ଚାଲି ଗଲାଣି। ସହର ଆଲୋକୀକରଣ ଓ ପାର୍କକୁ ଉପଯୋଗୀ କରାଯାଉନାହିଁ। ପଟ୍ଟାମୁଣ୍ଡାଇ ଅଞ୍ଚଳ ଡାକ ବଙ୍ଗଳା ଶ୍ରୀହିନ ହୋଇପଡ଼ିଛି। ସୌନ୍ଦର୍ଯ୍ୟକରଣରେ ଅଣଓସାରିଆ ରାସ୍ତା, ବିଦ୍ୟୁତ୍ ଖୁଣ୍ଟ ଆଦି ବାଧା ସୃଷ୍ଟି କରୁଛି। ପୌରାଞ୍ଚଳରେ ବୁଲା ଗାଈ ଗୋରୁ ବୁଲୁଛନ୍ତି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଭେଣ୍ଡିଂ ଜୋନ, ଶ୍ମଶାନ ଗୃହ, ମଲ୍ଟି ଷ୍ଟୋରେଜ ମାର୍କେଟ କମ୍ପ୍ଲେକ୍ସ ଓ ଯଜ୍ଞ ପଡ଼ିଆର ଉନ୍ନତୀକରଣ କାର୍ଯ୍ୟର ଶୁଭ ଦିଆଯାଇଥିଲା ମଧ୍ୟ ଫଳକରେ ସୀମିତ ହୋଇ ରହିଛି। ଏହାର ଅଗ୍ରଗତି ନେଇ ବିରୋଧୀ ଓ ଶାସକ ଦଳର ନେତାମାନେ ପ୍ରତିବାଦ ନ କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଆରୋପ ପ୍ରତ୍ୟାରୋପରେ ବ୍ୟସ୍ତ ରହୁଛନ୍ତି। ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ ଦପ୍ତରରେ ଯନ୍ତ୍ରୀ ଓ କର୍ମଚାରୀ ଅଭାବରୁ ଠିକ୍ ଢଙ୍ଗରେ କୌଣସି କାର୍ଯ୍ୟ ହେଉନାହିଁ। ଅନ୍ୟ କେତେଗୋଟି କାର୍ଯ୍ୟାଳୟରେ କିରଣି, ଯନ୍ତ୍ରୀ, ଅଫିସରମାନେ ରାଜନେତାଙ୍କୁ ହାତ କରି ବିଭିନ୍ନ ବିଭାଗରେ ୯ରୁ ୧୦ବର୍ଷ ପଡ଼ି ରହି ଅର୍ଥ ହରିଲୁଟ କରିବାରେ ବ୍ୟସ୍ତ ରହୁଛନ୍ତି। ଏ ଦିଗରେ ବିରୋଧୀ ପ୍ରତିବାଦର ସ୍ୱର ଉଠାଉ ନ ଥିବାବେଳେ ଛୋଟ ମୋଟ କଥାକୁ ନେଇ ସୋସିଆଲ ମିଡ଼ିଆରେ ବାଦ ବିବାଦ ଛିଡ଼ା କରୁଛନ୍ତି। ମଙ୍ଗଳବାର ବିଜେଡି ପ୍ରତିଷ୍ଠା ଦିବସରେ ରାଜନଗର ବିଜେଡି ପକ୍ଷରୁ ରାଜନଗରଠାରେ ପାଳନ କରାଯାଇଥିଲା। କିନ୍ତୁ ପଟ୍ଟାମୁଣ୍ଡାଇ ବିଜୁ ପଟ୍ଟନାୟକ ଛକରେ ଥିବା ମୂର୍ତ୍ତିରେ କେହି ଫୁଲମାଳ ନ ଦେବା ନେଇ ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିବା ଘଟଣା ପଟ୍ଟାମୁଣ୍ଡାଇର କାର୍ଯ୍ୟ ପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି।

# କଳା ସଂସ୍କୃତିର ମାଟି ଡେରାବିଶକୁ ଗର୍ବିତ କରିଛି ମହୋତ୍ସବ



କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

## ଡେରାବିଶ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଡେରାବିଶ, ୨୭ା୧୨ (ବେବର୍ତ୍ତା ଅଜୟ ଦାସ)

କଳା ଓ ସଂସ୍କୃତିର ମାଟି ଡେରାବିଶକୁ ଗର୍ବିତ କରିଛି ଡେରାବିଶ ମହୋତ୍ସବ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ ମତବ୍ୟକ୍ତ କରିଛନ୍ତି। ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ଦ୍ୱାଦଶ ଡେରାବିଶ ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ରାଉତରାୟ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ଏଥିସହ ମାଡ଼ିଚାଲ ବକ୍ତବ୍ୟ ଉପସ୍ଥିତ ଯୁବକମାନଙ୍କୁ ଉତ୍ସାହିତ କରିଥିଲା। ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇ ଏହି ମାଟିରେ ଜନ୍ମ ନେଇଥିବା ସଦାଶିବ ରାମାୟଣର ପ୍ରବକ୍ତା ବୈଶ୍ୟ ସଦାଶିବ, ରାଜ୍ୟ ତଥା ରାଜ୍ୟ ବାହାରେ ଉତ୍କଳୀୟ ପାଲା ସଂସ୍କୃତିକୁ ସମୃଦ୍ଧ କରିଥିବା ଅଦ୍ୱିତୀୟ ପାଲାଗାୟକ ତଥା ଗାୟକ ଶିରୋମଣି ସ୍ୱର୍ଗତ ନିରଞ୍ଜନ କର, ସଙ୍ଗୀତ ସମ୍ରାଟ୍ ସ୍ୱର୍ଗତ ଅକ୍ଷୟ ମହାନ୍ତି ଡେରାବିଶ ମାଟିକୁ ନିଜର ପ୍ରତିଭା ବଳରେ ଧନ୍ୟ କରିଥିବା ଗଣେଶ୍ୱର ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିସହ କେନ୍ଦ୍ରାପଡ଼ାର ପ୍ରାଚୀନ ଐତିହ୍ୟ ରାଜା ନରେନ୍ଦ୍ରଙ୍କ ବଡ଼କୋଠା ଭିତରକନିକା ଜିଲାର ଏକ ସ୍ମରଣୀୟ ସ୍ମୃତି ହୋଇଥିବା ବେଳେ ଏହି ପ୍ରାଚୀନ ସ୍ମୃତିକୁ ଡେରାବିଶ ମହୋତ୍ସବ ନୂତନ ଯୁବପିଢ଼ିଙ୍କ ମଧ୍ୟରେ ଉଜ୍ଜୀବିତ ରଖିଛି। ସାଂସ୍କୃତିକ ସଙ୍ଗଠନର କର୍ମକର୍ତ୍ତା ବିପିନ ବିହାରୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାବେଶରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ବୁଦ୍ଧ ସଙ୍ଗଠନ ବୁଦ୍ଧାୟନର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଓ ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଓଳକଣା ମେଳଣ ସହ ଡେରାବିଶର ମା' ଲକ୍ଷ୍ମୀ ଠାକୁରାଣୀଙ୍କ ବିମାନର ପରମ୍ପରା ଏହି ଅଞ୍ଚଳ ପାଇଁ ଏକ ସ୍ମୃତିର ଆଇନା ସଦୃଶ। ସେହିପରି ଗଣକବି ବୈଷ୍ଣବ ପାଣିଙ୍କ ସହ ସଦାଶିବ ରାମାୟଣର ରଚୟିତା ବୈଶ୍ୟ ସଦାଶିବଙ୍କ ସହ ସମ୍ପର୍କ ଉପରେ ସମ୍ମାନିତ ଅତିଥି ସାହୁ ଉଲ୍ଲେଖ କରିଥିଲେ। ତେବେ ଏହି ମହୋତ୍ସବ ସମ୍ପର୍କର ସେତୁବନ୍ଧ ପାଲଟିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶୀତୁଆ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଟଣୀର ନୂପୁର ଧ୍ୱନି ସାଂସ୍କୃତିକ ଅନୁଷ୍ଠାନ, ଡେରାବିଶ ନହଙ୍ଗର ରୟାଲ ଷ୍ଟାର ଡ୍ୟାନ୍ସ ଏକାଡେମୀ, କେନ୍ଦ୍ରାପଡ଼ାର ପିଏମ୍‌ଡିସିଏ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ନୃତ୍ୟଗୀତ ମହୋତ୍ସବକୁ ଉତ୍ସବ ମୁଖର କରିଥିଲା। ଅଧ୍ୟାପକ ଗୋଲକ ମହାଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅନୁପ କୁମାର ରାଉତ ଅତିଥି ପରିଚୟ ଓ ଧରଣୀଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅତୁଲ୍ୟ କୁମାର ରଥ ସଂଯୋଜନା କରିଥିବା ବେଳେ ମରୁତ କୁମାର ସ୍ୱାଇଁ, ସତ୍ୟଜିତ୍ ଲେଙ୍କା, ଶାହାଜାନ୍ ଖାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# କଂଗ୍ରେସ ପକ୍ଷରୁ ରାଜନଗର ଥାନା ଘେରାଉ

ରାଜନଗର, ୨୭ା୧୨ (ଭାସ୍କର ରାଉତରାୟ)

କୌଣସି ଲିଖିତ ଅଭିଯୋଗ ନ ଥାଇ ପୋଲିସ ଜଣେ ଯୁବକଙ୍କୁ ଥାନାକୁ ଉଠାଇ ଆଣିଥିବା ପ୍ରତିବାଦ କରି କଂଗ୍ରେସ କର୍ମୀମାନେ ରାଜନଗର ଥାନା ଆଗରେ ବୁଧବାର ଧାରଣାରେ ବସିଥିଲେ। ବାଲିକଣା ଛକରେ ହୋ ହାଲ୍ଲା ଓ ଗାଳି ଗୁଲଜ କରୁଥିବା ବାଲିକଣା ଗାଁର ଶୈଳେନ୍ଦ୍ର ଦାସଙ୍କୁ ପୋଲିସ ଉଠାଇ ଆଣିଥିଲା। ଏହାର ପ୍ରତିବାଦରେ ଥାନା ଆଗରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଅଶୋକ ବଳ, କେଦାର ସାହୁ, ପାରେଶ୍ୱର ନାୟକ, ଅଲେଖ ବେହେରା, ସହଦେବ ସାହୁ, ମାଗୁଣି ଲେଙ୍କା, ରଞ୍ଜନ ରାଉତ, ଗୌତମ ରାଉତ, ବାଦଲ ବଳ, ଅନିରୁଦ୍ଧ ମଇ, ରବୀନ୍ଦ୍ର ବେହେରା, ଗୋପବନ୍ଧୁ ରାଉଳ, ଅମର ସୂତାର, ସମୀର ସେଠୀ, ବାପିନ ମଳିକ, ବିଚିତ୍ର ମଳିକ, ସରୋଜ ଜେନା, ରମାକାନ୍ତ ଜେନା, ଅଲେଖ ଦାସ, ରବୀନ୍ଦ୍ର ରାଉତ, ସତ୍ୟଜିତ ପାତ୍ର, ବୁବୁ ସାହୁ, ବ୍ଲକ ଛାତ୍ର କଂଗ୍ରେସ ସଭାପତି ସତ୍ୟବ୍ରତ ପାଣି, ସିଦ୍ଧାର୍ଥ ସେଠୀ, ବଦ୍ରି ନାରାୟଣ ରାଉତଙ୍କ ସମେତ ମହିଳା ଓ କଂଗ୍ରେସ କର୍ମୀ ଏହି ଘେରାଉରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ରାଜନଗର ଆଇଆଇସି ଅଜୟ କୁମାର ଜେନାଙ୍କୁ ପଚାରିବାରୁ ବାଲିକଣା ଛକରେ ଗାଳିଗୁଲଜ କରୁଥିବା ଯୁବକଙ୍କୁ ଥାନାକୁ ଆଣିଥିଲୁ। ବେଲବଣ୍ଡରେ ଉକ୍ତ ଯୁବକଙ୍କୁ ଛାଡି ଦେଇଛୁ, ଏ ନେଇ ଥାନାରେ କୌଣସି ମାମଲା କରାଯାଇ ନାହିଁ ବୋଲି ସେ କହିଛନ୍ତି।



ଥାନା ସମ୍ମୁଖରେ ଧାରଣାରତ କଂଗ୍ରେସ କର୍ମୀ।

# ବିକାଶର ସାରଥି ନାରୀ ଶକ୍ତି ନବୀନ ଓଡ଼ିଶାର ଅସଲ ଶକ୍ତି

## ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ ଏବଂ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୨୭ା୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଧକ୍ଷା ଡ. ରାଜଲକ୍ଷ୍ମୀ ମହାନ୍ତିଙ୍କ ପୌରୋହିତ୍ୟ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ କହିଛନ୍ତି, ମହିଳାମାନେ ଆଜି ପଛୁଆ ନାହାନ୍ତି। ଚନ୍ଦ୍ରାୟନଠାରୁ ଆରମ୍ଭ କରିବା ବିମାନ ଚଳାଇବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଆଗୁଆ ହୋଇ ବିକାଶର ମଙ୍ଗ ଧରିଛନ୍ତି। ମିଶନ ଶକ୍ତିକୁ ଆନ୍ଦୋଳନରେ ପରିଣତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ଅସଲ ଶକ୍ତି ପ୍ରଦାନ କରିଛନ୍ତି। ବିକାଶଧାରାରେ ଆଗକୁ ବଢୁଥିବା ଓଡ଼ିଶାକୁ ଯୁବ ଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ କରି ଯୁବଶକ୍ତିର ପୂର୍ଣ୍ଣ ବିନିଯୋଗ ପାଇଁ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିପାଇଁ ଶୃଙ୍ଖଳା, ସମର୍ପଣ ଓ ପ୍ରତିବଦ୍ଧତା ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଇ ଅବସରରେ ବିଧାୟକ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିବା ସହିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉନ୍ନତି ପାଇଁ ୧୦ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ମହିଳା ଡିଗ୍ରୀ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ଦେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୋଡାଲ ଅଫିସର ଅଧ୍ୟାପିକା ରିତା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ପୁଷ୍ପାଞ୍ଜଳି ମହାନ୍ତି, ଅନୁପମା ଦାସ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ସୁକାନ୍ତି ଲେଙ୍କା ଧନ୍ୟବାଦ ଦେଇଥିଲେ। ଏଇ ଅବସରରେ ପାରମ୍ପରିକ ନୃତ୍ୟ, ଫ୍ୟାସନ ସୋ ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକାଅଧ୍ୟାପକ କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ।

# ଅସ୍ତିତ୍ୱ ହରାଉଛି ପୁରାଣ ପ୍ରସିଦ୍ଧ ଗୋବରୀ ନଦୀ

- ଜଳ ଏବେ ଜହର, କ୍ଷେତକୁ ଯାଉନାହିଁ ପାଣି
- ଜବରଦଖଲରେ ଏହାର ଜଳପଥ

କେନ୍ଦ୍ରାପଡ଼ା, ୨୭ା୧୨ (ଜଗନ୍ନାଥ ଧଳ)

ପୁରାଣ ପ୍ରସିଦ୍ଧ ମଧୁସାଗର ତଥା କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଗୋବରୀ ନଦୀ ଏବେ ଜଳଧାରଣ କ୍ଷମତା ହରାଇଛି। ଏହାର ଜଳ ମଧ ଜହର ପାଲଟିଛି। ନଦୀମାର୍ଗ ଏବେ ଜବରଦଖଲକୁ ଚାଲି ଯାଉଥିବାରୁ କୃଷି କ୍ଷେତ୍ରକୁ ଆଉ ପର୍ଯ୍ୟାପ୍ତ ଜଳ ଯୋଗାଇ ହେଉନାହିଁ। ଉନ୍ନତୀକରଣ ଯୋଜନା ଏଠାରେ ଦିଗହରା ହେଉଥିବାରୁ ଏହି ନଦୀ ଏବେ ନିଜର ଅସ୍ତିତ୍ୱ ହରାଉଛି। ଏ ନେଇ ସ୍ଥାନୀୟ ଅଧିବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ସେହିପରି ୨୦୨୨ ମସିହାରେ ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ଜଳ ପରୀକ୍ଷଣରେ ବିଷାକ୍ତ ପଦାର୍ଥ ଅତ୍ୟଧିକ ଥିବା ରିପୋର୍ଟକୁ ଅଣଦେଖା କରାଯାଉଥିବା ସ୍ଥାନୀୟ ଅଧିବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଳସମ୍ପଦ ବିଭାଗ ଆକଳନ ଅନୁଯାୟୀ, ଗୋବରୀର ୧୩୮ କିଲୋମିଟର ଲମ୍ବର ଉଭୟ କୂଳରେ ୭,୬୧୬ ହେକ୍ଟର ଆୟାକଟରେ ଜଳସେଚନ ହୋଇଥାଏ। ସେହିପରି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମାଳିବସା, ତନ୍ତିଆପାଳ, ବେଣାକନ୍ଦା ଓ ବିଜୟନଗରଠାରେ କ୍ରିକ୍ ବନ୍ଧ ଯୋଜନା ପରେ ୪ ହଜାର ହେକ୍ଟର ଜମିରେ ଚାଷ ହୁଏ। ଏଠାରୁ ପାଣି ଆସି ରବି ଫସଲ ୩୨୦୦ ହେକ୍ଟର, ବାଦାମ ୬୦୦ ହେକ୍ଟର କ୍ଷେତରେ ଚାଷ କରାଯାଏ। ଜିଲାର ୮୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ଏହି ପାଣିକୁ ଉପଯୋଗ କରିଥାନ୍ତି। ସେହିପରି ଏହି ଉତ୍ସକୁ ୩୦ ହଜାର ହେକ୍ଟର ଜମିକୁ ଚାଷ ପାଇଁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ବିନିଯୋଗ କରାଯାଏ ବୋଲି ବିଭାଗୀୟ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି।

ଏ ସମ୍ପର୍କରେ ସହରର ସେକ୍ ଅମଜାନ, ଫୋରଡ ଗ୍ରାମର ଟୁନା ସାହୁ, କଂସାରର ନୀଳମାଧବ ମହାପାତ୍ର, ନିରଞ୍ଜନ ପରିଡା ପ୍ରମୁଖ କହିଛନ୍ତି, ଜିଲାରେ ଥିବା ୭ ନଦୀର ଜଳ ଜୀବନଜୀବିକାକୁ ସମୃଦ୍ଧ କରୁଛି। ଏଥିରେ ଗୋବରୀ ନଦୀର ଅବଦାନ ଅଧିକ। ୫ ଦଶନ୍ଧି ପୂର୍ବରୁ ସଡ଼କପଥ ସୁବିଧା ନ ଥିବାରୁ ଗୋବରୀର ଜଳପଥ ପଣ୍ୟଦ୍ରବ୍ୟ ବ୍ୟବସାୟରେ ମୁଖ୍ୟ ମାଧମ ଥିଲା। ସମୁଦ୍ରରୁ ଜମ୍ବୁ ଦେଇ ଗୋବରୀ, ମହାନଦୀ ଜଳପଥରେ କଟକ ପର୍ଯ୍ୟନ୍ତ ପଣ୍ୟଦ୍ରବ୍ୟ କାରବାର ସହ ଯାତାୟାତ ହେଉଥିଲା। ସ୍ୱାଧୀନତା ପରବର୍ତ୍ତୀ କାଳରେ ଏହାର ଉନ୍ନତୀକରଣ କରାଯାଇ ନଦୀଜଳକୁ ଚାଷରେ ବ୍ୟବହାର କରାଗଲା। ଏହା ବ୍ୟତୀତ ବିଭିନ୍ନ ପୁରାଣରୁ ମଧୁସାଗରର ଜନ୍ମ ସହିତ ଗୋବରୀ ନଦୀର କାହାଣୀ ଲୋକମୁଖରେ ପ୍ରଚଳିତ ଅଛି। ତେବେ ଏହି ନଦୀ ଏବେ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ଏଥିରେ ଭାରିମାତ୍ରାରେ କାଡ୍‌ମିୟମ, କ୍ରେମିୟମ ଓ ପଟାସିୟମ ରହିଥିବା ପରୀକ୍ଷଣରୁ ଜଣାପଡିଛି। ଏହି ଜଳକୁ ବ୍ୟବହାର ଦ୍ୱାରା ଚର୍ମ ରୋଗ ସହ ଜଳବାହିତ ରୋଗ ଦେଖାଦେଉଛି। ଗ୍ରାମାଞ୍ଚଳ ଅପେକ୍ଷା ସହର ମଧ୍ୟରେ ଏହାର ଜଳପଥକୁ ସର୍ବାଧିକ ଜବରଦଖଲ କରାଯାଇଛି। ନିକଟରେ ଦୁଇଟି ସାଇଫନ ଦ୍ୱାରା ସହରର ଅଳିଆ ଆବର୍ଜନା ପାଣି ନଦୀକୁ ଛଡ଼ାଯାଇଛି। ସେହିପରି ନଦୀକୂଳବାସୀଙ୍କ ପାଇଖାନା ମଇଳା ନଦୀ ମଧ୍ୟକୁ ଯାଉଛି। ଯାହାଫଳରେ ନଦୀ ଜଳ ପ୍ରଦୂଷିତ ହେବା ସହ ଜବରଦଖଲକାରୀ ନଦୀପଥକୁ ସଙ୍କୁଚିତ କରିଛନ୍ତି। ସେହିପରି ଉନ୍ନତୀକରଣ ନ ହେବାରୁ ନଦୀରେ ବିଲାତି ଦଳ ଭର୍ତ୍ତି ହୋଇଛି; ଯାହା ପାଇଁ କ୍ଷେତକୁ ପାଣି ଯାଇପାରୁନାହିଁ। ତେବେ ପ୍ରଶାସନ ପକ୍ଷରୁ ଜଳକର ଆଦାୟ ହେଉଛି। ଗୋବରୀର ଉନ୍ନତୀକରଣରେ ଜିଲାର ଆର୍ଥିକ ସ୍ଥିତି ସୁଧାର ଆସିବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଏହାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଏହାର ସୁଫଳ ମିଳିବ ବୋଲି ସେ କହିଛନ୍ତି।



ଗୋବରୀ ନଦୀ ଦଳରେ ଭର୍ତ୍ତି ହୋଇଛି।



ଆଉ କେତୋଟି ଦିନ ପରେ ସରିଯିବ ୨୦୨୩ର କ୍ୟାଲେଣ୍ଡର। ବଦଳି ଯିବ ସବୁ କିଛି । ହେଲେ ସ୍ମୃତି ହୋଇ ରହିଯିବ ପୁରୁଣା ବର୍ଷର କଥା । ବିଶେଷ କରି ନୟାଗଡ଼ ଜିଲାରେ ଘଟିଥିବା ପଥର ଖଣି ଦୁର୍ନୀତି, ସାଇବର ଠକଙ୍କ ଦୌରାତ୍ମ୍ୟ, ନକଲି ଡାକସେବକଙ୍କ ଆବେଦନ ଘଟଣା ଚଳିତ ବର୍ଷ ଚର୍ଚ୍ଚାରେ ରହିଥିଲା । ଫସଲ ହାନିରୁ ଚାଷୀଙ୍କ ଆତ୍ମହତ୍ୟା,ପରକୀୟା ପ୍ରୀତିରୁ ସ୍ତ୍ରୀଙ୍କ ମୁଣ୍ଡକାଟ୍, ଟ୍ରାପ୍ କ୍ୟାମେରାରେ କଳା କଲରାପତରିଆ ବାଘ ଚିହ୍ନଟ ହେବା ଘଟଣା ଚଳିତ ବର୍ଷ ଆଲୋଡ଼ନ ସୃଷ୍ଟି କରିଥିଲା । ସାଇ ଟ୍ରଷ୍ଟ ସିଏମ୍‌ଡି ଗିରଫ, ସମ୍ବଲପୁର ମିଲରଙ୍କ ଦ୍ୱାରା ଧାନକିଣା ପରି ଘଟଣା ବି ଏହି ବର୍ଷ ମୁଖ୍ୟ ଖବର ସାଜିଥିଲା ।

# ଖଣି ଲିଜ୍‌ଧାରୀଙ୍କୁ ୫୮ କୋଟି ଜରିମାନା

ନୟାଗଡ଼ ଜିଲା ରଣପୁର ତହସିଲ ମୟୂରଝାଲିଆ ବେଆଇନ ଖଣି ଖନନ ଘଟଣାରେ ଏନ୍‌ଜିଟି କୋଲକତାଙ୍କ ନିର୍ଦ୍ଦେଶ ଅନୁସାରେ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ସୋୟା) ୨ ଖଣି ଲିଜ୍‌ଧାରୀଙ୍କୁ ପରିବେଶ କ୍ଷତିପୂରଣ ବାବଦରେ ୫୮କୋଟି ଟଙ୍କା ଜରିମାନା ଦେବା ପାଇଁ ନୋଟିସ୍ କରିବା ଚଳିତ ବର୍ଷର ବଡ଼ ଖବର ଥିଲା । ମାଙ୍କଡ଼ା ପଥର ଖନନ ଲିଜ୍‌ଧାରୀ ଚମ୍ପାଗଡ଼ ଶ୍ରୀକୃଷ୍ଣନଗରର ସୁଶାନ୍ତ କୁମାର ବରାଡଙ୍କୁ ୧୮ କୋଟି ୫୧ ଲକ୍ଷ ୯୮ ହଜାର ୬୧ ଟଙ୍କା ଓ ଅନ୍ୟତମ ଲିଜ୍‌ଧାରୀ ତଥା ଠିକାଦାର ସଂସ୍ଥା ଅଗ୍ରୱାଲା ଇନଫ୍ରାବିଲ୍ଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କୁ ୪୦ କୋଟି ୨୪ ଲକ୍ଷ ୮୧ ହଜାର ୭୭ ଟଙ୍କା ଅନୁରୂପ ଭାବେ ଜରିମାନା ହୋଇଥିଲା । ସୁଶାନ୍ତ ମୟୂରଝାଲିଆ ମୌଜାର ୪ ଏକର ମାଙ୍କଡ଼ା ପଥର ଖଣି ୫ ବର୍ଷିଆ ଲିଜ୍ ସୂତ୍ରରେ ନେଇଥିଲେ । ଶଶାଙ୍କ ସାଧାରଣ ମାଟି ଖନନ ଓ ପରିବହନ ନିମନ୍ତେ ୨ ଏକର ଜମିରୁ ସାମୟିକ ପରମିଟ୍ ଦିଆଯାଇଥିଲା । ତେବେ ସେମାନେ ନିକଟବର୍ତ୍ତୀ ସ୍ଥାନରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିବା ଏନ୍‌ଜିଟିରେ ଅଭିଯୋଗ ହୋଇଥିଲା ।



## ଜିଲାପାଳଙ୍କୁ ଭୂମି ସମ୍ମାନ

ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କୁ ଜୁଲାଇ ୧୮ରେ ଜାତୀୟ ଭୂମି ସମ୍ମାନରେ ସମ୍ମାନିତ କରିଥିଲେ । ଭୂଲେଖ କାର୍ଯ୍ୟରେ ସଫଳତା ପାଇଁ କେନ୍ଦ୍ର ସରକାର ୯ ରାଜ୍ୟର ୬୮ ଜିଲାପାଳଙ୍କୁ ସମ୍ମାନୀତ କରିବାକୁ ଚୟନ କରିଥିଲେ। ଭୂଲେଖ କାର୍ଯ୍ୟ ଅର୍ଥାତ୍ ଜମି ପଟ୍ଟାର କମ୍ପ୍ୟୁଟରୀକରଣ, ଜମି ରେଜେଷ୍ଟ୍ରେଶନରେ ସ୍ୱଚ୍ଛତା, ଆଧୁନିକ ରେକର୍ଡ ରୁମ୍ ପରିଚାଳନା,ଜମିଜମା କାଗଜପତ୍ରର ସ୍କାନିଂ ଓ କମ୍ପ୍ୟୁଟରୀକରଣ କ୍ଷେତ୍ରରେ ନୟାଗଡ଼ ଜିଲାର ୮ ତହସିଲର କାର୍ଯ୍ୟର ସଫଳତା ଏହି ପୁରସ୍କାର ଆଣିଥିଲା ।

## ଭଦ୍ରକରୁ ନୟାଗଡ଼ ମେମୁ ଟ୍ରେନ

ମାର୍ଚ୍ଚ ୩୧ରେ ଭଦ୍ରକରୁ ନୟାଗଡ଼ ଟାଉନକୁ ଗଡିଥିଲା ମେମୁ ଟ୍ରେନ । କଟକ ରେଳ ଷ୍ଟେଶନରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ତଥା ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସବୁଜ ପତାକା ପତାକା ଦେଖାଇ ଭଦ୍ରକ ନୟାଗଡ଼ ଟାଉନ ମେମୁ ଟ୍ରେନର ଶୁଭାରମ୍ଭ କରିଥିଲେ ।

## ୧୪ ନକଲି ଡାକସେବକ ଆବେଦନକାରୀ

ଡାକସେବକ ପଦବୀ ପାଇଁ ନକଲି ସାର୍ଟିଫିକେଟ ଦେଇ ପୋଷ୍ଟାଲ ଡିଭିଜନରେ ଚାକିରି କରିବା ଖବର ରାଜ୍ୟରେ ଝଡ଼ ସୃଷ୍ଟି କରିଥିଲା । ନୟାଗଡ଼ ପୋଷ୍ଟାଲ ଡିଭିଜନରେ ୧୪ ଡାକସେବକ ଆବେଦନକାରୀ ସନ୍ଦେହ ଘେରକୁ ଆସିଥିଲେ । ଉତ୍ତରପ୍ରଦେଶ, ଝାରଖଣ୍ଡର ସାର୍ଟିଫିକେଟରେ ଆବେଦନ ହୋଇଥିବା ପ୍ରାୟ ୧୪ ସାର୍ଟିଫିକେଟର ଆବେଦନକାରୀ ଭେରିପକେଶନକୁ ନ ଆସି ଚାଲିଯିବା ଘଟଣା ସନ୍ଦେହକୁ ଘନିଭୂତ କରିଥିଲା ।

## ଧାନ କିଣିଲେ ସମ୍ବଲପୁର ମିଲର

ନୟାଗଡ଼ ଜିଲାରେ ୨୦୨୨-୨୩ ଖରିଫ ଚାଷୀ ଓ ଜିଲା ପ୍ରଶାସନର ଟେନଶନ ବଢ଼ାଇଥିଲା । ଧାନ ମଣ୍ଡି ଖୋଲିବା ପରେ ଜିଲାସାରା ନୟାଗଡ଼ ମିଲରଙ୍କ ବିରୋଧରେ ଆନ୍ଦୋଳନ ତେଜିଥିଲା । ମଣ୍ଡିକୁ ଚାଷୀ ଧାନ ଆଣି ବିକ୍ରି କରି ପାରି ନ ଥିଲା । ନୟାଗଡ଼ ମିଲରଙ୍କ କୁଇଣ୍ଟାଲ ପିଛା ୭ରୁ ୧୦ କେଜି କଟ୍‌ନୀଛଟ୍‌ନୀକୁ ଜିଲାସାରା ବିରୋଧ କରାଯାଇଥିଲା । ଧାନମଣ୍ଡିରେ ଧାନ କିଣା ହୋଇ ପାରିଲା ନାହିଁ । ଜିଲା ବ୍ୟାପି ଆନ୍ଦୋଳନ, ବିକ୍ଷୋଭ, ପ୍ରତିବାଦ, ରାସ୍ତାରୋକୋ କରାଯିବା ପରେ ଧାନ କିଣା ବନ୍ଦ ହୋଇ ଯାଇଥିଲା । ଜିଲାପାଳଙ୍କ ବାରମ୍ବାର ପ୍ରଚେଷ୍ଟା ସତ୍ତ୍ୱେ ଧାନ କିଣାରେ ଅଗ୍ରଗତି ଆସିଲା ନାହିଁ । ସରକାର ଜିଲା ପ୍ରଶାସନ ସହ ଆଲୋଚନା କରି ନୟାଗଡ଼ରେ ସମ୍ବଲପୁର ମିଲରଙ୍କୁ ଧାନକିଣାରେ ନିୟୋଜିତ କରିବାକୁ ଉଦ୍ୟମ କଲେ। ଚତୁରତାର ସହ ସମ୍ବଲପୁର ମିଲରଙ୍କୁ ନୟାଗଡ଼ ଜିଲାର ଧାନକିଣାରେ ସାମିଲ କରାଇବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଲେ । ଶେଷରେ ସମ୍ବଲପୁରର ୨୦ ମିଲର ଓ ନୟାଗଡ଼ର ୧୭ ମିଲର ନୟାଗଡ଼ରୁ ଧାନ କିଣିଥିଲେ ।

## ଟ୍ରାପ୍ କ୍ୟାମେରାରେ କଳା କଲରାପତରିଆ ବାଘ



ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ନୟାଗଡ଼ରେ କଳା କଲରାପତରିଆ ବାଘ ଚିହ୍ନଟ ହୋଇଛି । ଏହି ବିରଳ ବାଘର ବଂଶ ନୟାଗଡ଼ ଜଙ୍ଗଲରେ ବଢ଼ି ଚାଲିଛି । ନୟାଗଡ଼ରେ ଗୋଟିଏ ନୁହେଁ ଏକାଧିକ ବାଘ ଥିବା କେତେଜଣ ଦେଖଣାହାରୀ କହିଛନ୍ତି । ୨୦୧୫ରେ ଓ ୨୦୨୧ରେ ବନବିଭାଗର ଟ୍ରାପ୍ କ୍ୟାମେରାରେ ଦଶପଲ୍ଲାର ବାଣୀଗୋଛା (ପଶ୍ଚିମ) ବନାଞ୍ଚଳରେ ପ୍ରଥମେ ଏହି ପ୍ରଜାତିର ବାଘ ନଜରକୁ ଆସିଥିଲା ।

## ଭାଗଚାଷୀଙ୍କ ଆତ୍ମହତ୍ୟା



ରଣପୁର ବ୍ଲକ ଚାନ୍ଦପୁର ଥାନା ଜଙ୍କିଆ ପଞ୍ଚାୟତ ଓସ୍ତପଡା ଗାଁର ଗୋବିନ୍ଦ ସାହୁ(୬୫) ନାମକ ଜଣେ ଭାଗଚାଷୀ ନଭେମ୍ବର ୫ ପୂର୍ବାହ୍ନରେ ଆତ୍ମହତ୍ୟା କରିଥିଲେ। ଧାନ ଫସଲହାନୀ ଯୋଗୁ ଗୋବିନ୍ଦ ପ୍ରାଣ ହରାଇଥିବା ସ୍ତ୍ରୀ ଗେଲି ସାହୁ ଅଭିଯୋଗ କରିଥିଲେ । ଓସ୍ତପଡା ଗାଁର ଗୋବିନ୍ଦ ଜଣେ ଭାଗ ଚାଷୀ । ସେ ଦୁଇ ମାଣ ଜମି ଭାଗ ଚାଷ କରିଥିଲେ । ଧାନ ଚାଷ ପାଇଁ ଧାର କରଜ କରିଥିବା ଟଙ୍କା କିପରି ପରିଶୋଧ କରିବେ ସେ ନେଇ ଚିନ୍ତା ଘାରିଥିଲା । ବିଲ ପାଖରେ ଥିବା ଏକ ଗଛରେ ଗାମୁଛା ବାନ୍ଧି ସେ ଝୁଲିପଡିଥିଲେ ।

## ପରକୀୟା ପ୍ରୀତିରୁ ସ୍ତ୍ରୀ ମୁଣ୍ଡ କାଟ୍



ଚଳିତ ମାସ ୯ ତାରିଖ ସନ୍ଧ୍ୟାରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ବାଣୀଗୋଛା ଥାନାରେ ଜଣେ ଯୁବକ ନିଜ ସ୍ତ୍ରୀଙ୍କ କଟା ମୁଣ୍ଡ ଧରି ଆତ୍ମ ସମର୍ପଣ କରିଥିଲେ । କୁଜାମେଣ୍ଡି ପଞ୍ଚାୟତ ବିଡାପାଜୁ ଗାଁର ଧରିତ୍ରୀ ବାଗ୍‌ଙ୍କୁ ତାଙ୍କ ସ୍ୱାମୀ ଅର୍ଜୁନ ଏପରି ନୃଶଂସ ଭାବେ ହତ୍ୟା କରିଥିଲେ । ଅର୍ଜୁନ ୨୦୧୮ରେ ଧରିତ୍ରୀଙ୍କୁ ବିବାହ କରିଥିଲେ । ହେଲେ ସ୍ତ୍ରୀର ପରକୀୟା ପ୍ରୀତି ସମ୍ପର୍କରେ ଜାଣିବା ପରେ ସେ ହିଂସ୍ର ହୋଇପଡିଥିବା ପୋଲିସକୁ କହିଥିଲେ। ଏହି ଘଟଣା ଚଳିତ ବର୍ଷର ଚର୍ଚ୍ଚାରେ ରହିଥିଲା ।

## ଜେଲ ଗଲେ ସାଇ ଟ୍ରଷ୍ଟ ସିଏମ୍‌ଡି



ମାତୃ ଓ ଶିଶୁ ଖାଦ୍ୟ ନାଁରେ ୧.୩୫ କୋଟି ଠକେଇ ଘଟଣାରେ ଛତିଶଗଡ଼ ରାଜ୍ୟର ଟିକରାପରା ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ବିନୋଦପଡ଼ା ଛକସ୍ଥିତ ସାଇ ଟ୍ରଷ୍ଟ କାର୍ଯ୍ୟାଳୟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି) ଦୀପକ କୁମାର ବରାଡ଼ଙ୍କ ଜାମିନ ନାମଞ୍ଜୁର ପରେ ଜେଲ ଯାଇଛନ୍ତି । ନୟାଗଡ଼ ଟାଉନ ଥାନା ଘଡୁଆଳ ଗାଁର ଦୀପକ ସାଇ ଟ୍ରଷ୍ଟ କାର୍ଯ୍ୟାଳୟ ଖୋଲି ଗରିବ ମହିଳା ଓ ଶିଶୁମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଣ କରି ଆସୁଥିବା ଡିଣ୍ଡିମ ପିଟୁଥିଲେ । ଛତିଶଗଡ଼ର ରାଜଧାନୀ ରାୟପୁରରେ ବେବି ଫୁଡ୍ ପ୍ରୋଜେକ୍ଟର ନାମରେ ୧କୋଟି ୩୫ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବାର ଦେବପୁରୀର କମଲ ନିବାସୀ ସାଇଟ୍ରଷ୍ଟ ଓଡ଼ିଶା ଏବଂ ଛତିଶଗଡ଼ ହେଡ ଅନିଲ କୁମାର ଶ୍ରୀବାସ୍ତବ ଟିକରାପରା ଥାନାରେ ଅଭିଯୋଗ କରିବା ପରେ ଏହି ପଦକ୍ଷେପ ନିଆଯାଇଥିଲା ।

## ମୋବାଇଲ ଆପ୍‌ରେ ୧୦ କୋଟିରୁ ଊର୍ଦ୍ଧ୍ୱ ଲୁଟ୍



ସାଇବର ଠକ ମୋବାଇଲ ଆପ୍‌ରେ ଲୋଭନୀୟ ଅଫର ଦେଇ ନୟାଗଡ଼ ଜିଲାରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେବାରେ ସକ୍ଷମ ହେବା ଘଟଣା ଚଳିତ ବର୍ଷ ଚର୍ଚ୍ଚିତ ଖବର ଥିଲା। ଜମାକାରୀ ୨୫୦୦ ଟଙ୍କା ଜମାକରି ବର୍ଷକରେ ୩ ଲକ୍ଷ ୬୫ ହଜାର ପାଉଥିଲେ । ଏ କଥା ଜଣା ପଡ଼ିବା ପରେ ଜମାକାରୀ ସଂଖ୍ୟା ବଢ଼ି ଚାଲିଥିଲା । ଗାନ୍ଧୀ ଜୟନ୍ତୀର ଅଫର ଥିଲା ୫ ହଜାର ଦେଲେ ୨୪ ଘଣ୍ଟା ପରେ ୬ ହଜାର ମିଳିବ। ଏହି ଲୋଭନୀୟ ଅଫରରେ ନୟାଗଡ଼ ଜିଲାରୁ ପ୍ରାୟ ୪ ହଜାର ଜମାକାରୀ ସାମିଲ ହୋଇଥିଲେ । ହେଲେ ସବୁ ଟଙ୍କା ସାଇବର ଠକଙ୍କ ପକେଟ୍‌କୁ ଚାଲିଯାଇଥିଲା ।

## ପୁଣି ଚିନିକଳ ସମ୍ପତ୍ତି ଆକଳନ



ନୟାଗଡ଼ର ପାଣିପୋଇଲାସ୍ଥିତ ଚିନିକଳ କୋର୍ଟର ଅଡୁଆ ସୂତାରେ ଛନ୍ଦି ହୋଇପଡିଛି। କୋର୍ଟରେ ୮୪୦ କୋଟିର ମାମଲା ଚାଲୁ ରହିଛି । ଚିନିଶିଳ୍ପ ଉପରେ ୩ ବ୍ୟାଙ୍କର ୨୫ କୋଟି ଋଣ ରହଛି । ପୁଣି ଆଖୁଚାଷୀଙ୍କ ପ୍ରାପ୍ୟ ୪ କୋଟି ଟଙ୍କା, ଶ୍ରମିକ ଓ କର୍ମଚାରୀ ମଜୁରୀ ୬କୋଟି ଟଙ୍କା ରହିଛି । ଋଣ ଟଙ୍କା ଫେରି ପାଇବାକୁ ବ୍ୟାଙ୍କ ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲଟି)ରଦ୍ୱାରସ୍ଥହୋଇଥିଲା।ଏନ୍‌ସିଏଲଟି୬ଜଣିଆଟିମ୍‌ସମ୍ପତ୍ତିଆକଳନ କରିଥିବାବେଳେ ପୂର୍ବରୁ ଜିଲା ପ୍ରଶାସନ ୨ଥର ପ୍ରଶାସନ ସମ୍ପତ୍ତି ଆକଳନ କରି ସାରିଛି ।



## ଡିଏଫ୍‌ଓ, ରେଞ୍ଜରଙ୍କୁ ୪ କି.ମି.ଚଲାଇଲେ

ଡିଏଫ୍‌ଓ, ରେଞ୍ଜରଙ୍କୁ ୪ କି.ମି.ଚଲାଇଲେ
ଦଶପଲ୍ଲା ବ୍ଲକ୍ କଳାସଖମଣଠାରୁ କଣାପାଳୁ ପର୍ଯ୍ୟନ୍ତ ୭ କି.ମି. ରାସ୍ତା ନିର୍ମାଣ ପାଇଁ ୭ ଗାଁର ଆଦିବାସୀ ମହିଳା ଏକଜୁଟ୍ ହୋଇ ନୟାଗଡ଼ ଡିଏଫ୍‌ଓ, ଦଶପଲ୍ଲା ରେଞ୍ଜର ଓ ଦଶପଲ୍ଲା ଫରେଷ୍ଟ କର୍ପୋରେଶନର ଏସ୍‌ଡିଏମ୍‌ଙ୍କୁ ୪ କି.ମି. ରାସ୍ତା ଚଳିତ ମାସ ୫ ତାରିଖରେ ଚଲାଇ ଚଲାଇ ନେଇଥିଲେ । ଗାଁରେ ସଭା କରି ୭ ଗାଁର ମୁଖ୍ୟ ଦାବି ରାସ୍ତା ନିର୍ମାଣ ଦାବିକୁ ସଭାରେ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କ ଉପସ୍ଥିତିରେ ପାରିତ କରାଇ ନେଇଥିଲେ । ଏପରିକି ରାସ୍ତା କାମ ଆରମ୍ଭ ହେବ ଓ ଅନ୍ୟ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ବନବିଭାଗର ପଦାଧିକାରୀ, ଅଧିକାରୀ ଓ କର୍ମଚାରୀଙ୍କୁ ସସମ୍ମାନେ ଛାଡିଥିଲେ ।



# କୁବେର ବାବୁ



ସରକାରୀ ଚାକିରି କରିଛନ୍ତି। ଭଲ ଦରମା ମଧ ନେଉଛନ୍ତି। ଏହା ପରେ ମଧ ଦୁର୍ନୀତିରେ ଲିପ୍ତ ହୋଇ ଅମାପ ସମ୍ପତ୍ତିର ଅଧିକାରୀ ହେଉଛନ୍ତି। ଚୋର ଘର ସବୁଦିନ ଅନ୍ଧାର ନ ଥିବା ପରି ଯେତେବେଳେ ଧରାପଡୁଛନ୍ତି ସେତେବେଳେ ସବୁ ଯାଉଛି। ୨୦୨୩ ବର୍ଷରେ ସବ୍‌ଇନ୍ସପେକ୍ଟର, ଇନ୍‌ସ୍ପେକ୍ଟର, ଯନ୍ତ୍ରୀ, କିରାଣି, ଓଏଏସ୍ ଅଧିକାରୀ, ଡିଏଫ୍‌ଓ, କଲେଜ ଅଧକ୍ଷ ଭଳି ବହୁ ସରକାରୀ ବାବୁ ଭିଜିଲାନ୍ସ ସ୍କାନ୍‌ରକୁ ଆସିବା ପରେ ସେମାନଙ୍କ କଳା କାହାଣୀର ଗୁମର ପଦାକୁ ଆସିଥିଲା। ବିଶେଷକରି ନବରଙ୍ଗପୁରର ଅତିରିକ୍ତ ଉପ ଜିଲାପାଳ ପ୍ରଶାନ୍ତ କୁମାର ରାଉତଙ୍କ ଘରୁ ନଗଦ ୩ କୋଟି ଟଙ୍କା ମିଳିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା।

**ପ୍ରସ୍ତୁତି: ସତ୍ୟଜିତ୍ ରାଉତ**

## ସମ୍ପତ୍ତି ଅର୍ଜନ କରିବାରେ ପାରଙ୍ଗମ କୋଟିପତି ଡିଏଫ୍‌ଓ



ରାୟଗଡ଼ା ଜିଲା ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ଥିବା ବିଜୟ କୁମାର ପରିଡ଼ା ସମ୍ପତ୍ତି ଅର୍ଜନ କରିବାରେ ମାହିର ଥିଲେ। ବନୀକରଣ ନାଁରେ ଦୁର୍ନୀତି କରି ଖସିଯାଉଥିଲେ। ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ବିଭିନ୍ନ ସ୍ଥାନରେ ୧୭ ପ୍ଲଟ୍, ଏକାଧିକ କୋଠା, ସୁନା ଅଳଙ୍କାର, ନଗଦ ଟଙ୍କା ଆଦି ବହୁ ସମ୍ପତ୍ତି ଠାବ ହୋଇଥିଲା। ଠାବ ହୋଇଥିବା ସମ୍ପତ୍ତି ଥିଲା ତାଙ୍କ ପ୍ରକୃତ ଆୟର ୨୦୬ ପ୍ରତିଶତ ଅଧିକ। ଅଗଷ୍ଟ ୨୫ରେ ଗିରଫ ହୋଇ ବିଜୟ ଜେଲ ଯାଇଥିଲେ।

## ଆୟୁର୍ବେଦ କଲେଜ ଅଧକ୍ଷଙ୍କ ୨୮ ପ୍ଲଟ୍




ବଲାଙ୍ଗୀର ଜିଲା ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ହସ୍ପିଟାଲ ଅଧକ୍ଷ ସୁଦର୍ଶନ ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। ପୁରୀ ଗୋପବନ୍ଧୁ ଆୟୁର୍ବେଦିକ କଲେଜରେ ଅଧକ୍ଷ ଥିବା ସମୟରେ ପିଲାଙ୍କ ନାମ ଲେଖାରେ ଦୁର୍ନୀତି କରିଥିବା ଜଣାପଡ଼ିବା ପରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ତାଙ୍କ ନାମରେ ୨୮ ପ୍ଲଟ୍ ଥିବା ଜାଣିବାକୁ ମିଳିଥିଲା। ସୁଦର୍ଶନଙ୍କ ବହୁ ସ୍ଥାବର ସମ୍ପତ୍ତି ମଧ ଠାବ ହୋଇଥିଲା। ଏହା ତାଙ୍କ ପ୍ରକୃତ ଆୟଠାରୁ ୧୧୩ ପ୍ରତିଶତ ଅଧିକ ଥିଲା। ଗତ ନଭେମ୍ବର ୧୦ରେ ସେ ଗିରଫ ହୋଇ ଜେଲ ଯାଇଥିଲେ।

## କୋଟିପତି ଖଣି ଅଧିକାରୀ



କୋଟିପତି ଖଣି ଅଧିକାରୀଙ୍କ ଥିଲା ବିପୁଳ ସମ୍ପତ୍ତି। ଭୁବନେଶ୍ୱରରେ ବହୁ ମହଲାବିଶିଷ୍ଟ କୋଠା, କେନ୍ଦୁଝରରେ ଆଉ ୩ କୋଠା ଏବଂ ୫ଟି ପ୍ଲଟ ସହ ଘରୁ ପ୍ରାୟ ନଗଦ ୧.୬୪ କୋଟି ଟଙ୍କା, ୬୫୦ ଗ୍ରାମର ସୁନା ଅଳଙ୍କାର ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା ଭିଜିଲାନ୍ସ ସ୍କାନର୍‌କୁ ଆସିବା ପରେ ତାଙ୍କର ଗୁମର ପଦାକୁ ଆସିଥିଲା। ଠାବ ହୋଇଥିବା ସମ୍ପତ୍ତି ଉମେଶଙ୍କ ପ୍ରକୃତ ଆୟଠାରୁ ୩୬୮ ଶତକଡ଼ା ଅଧିକ ବୋଲି ଭିଜିଲାନ୍ସ କହିଥିଲା। ମାର୍ଚ୍ଚ ୪ରେ ଭିଜିଲାନ୍ସ ଉମେଶଙ୍କୁ ଗିରଫ କରି ଜେଲ ପଠାଇଥିଲା।

## ଚେକ୍, ଫୋନ୍ ପେ’ରେ ଲାଞ୍ଚ

ସରକାରୀ ଅଧିକାରୀମାନେ ଲାଞ୍ଚ ନେବାର ତରିକା ବଦଳାଇଛନ୍ତି। ପୂର୍ବରୁ ସେମାନେ ନଗଦ ଟଙ୍କା ଆକାରରେ ଲାଞ୍ଚ ନେଉଥିଲେ। ହେଲେ ଏବେ ଚେକ୍ ଓ ଡିଜିଟାଲ୍ ପେମେଣ୍ଟ ଆପ୍‌ରେ ଲାଞ୍ଚ ନେଉଛନ୍ତି। ଚେକ୍‌ରେ ଓ ଫୋନ୍ ପେ’ ରେ ଲାଞ୍ଚ ନେଇ ଧରାପଡ଼ିବା ୨୦୨୩ ବର୍ଷରେ ଓଡ଼ିଶା ଭିଜିଲାନ୍ସରେ ପ୍ରଥମ ଘଟଣା ଘଟିଥିଲା, ଯାହା ଚର୍ଚ୍ଚାର ବିଷୟ ହୋଇଥିଲା।

PhonePe

## ୨ ଚେକ୍‌ରେ ୧୨ ଲକ୍ଷ, ଫସିଲେ ତହସିଲଦାର



୪୯ ନଂ ଜାତୀୟ ରାଜପଥ ଜମି ଅଧିଗ୍ରହଣ ପାଇଁ ଆର୍ଥିକ ରାଶି ପ୍ରଦାନ କରିବାକୁ ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ତହସିଲଦାର ଚାର୍ଲସ ନାୟକ ଜଣେ ବ୍ୟକ୍ତିଙ୍କଠାରୁ ଅତି ଚତୁରତାର ସହ ଲାଞ୍ଚ ଗ୍ରହଣ କରିଥିଲେ। ତହସିଲଦାର ଚାର୍ଲସ ୧୨ ଲକ୍ଷ ଟଙ୍କାର ୨ଟି ଚେକ୍ ଗ୍ରହଣ କରିଥିଲେ। ମେ’ ୩୦ରେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ପରେ ସେ ଜେଲ ଯାଇଥିଲେ।

## ଫୋନ୍ ପେ’ରେ ଲାଞ୍ଚ ନେଇ ଟିପିସିଓଡିଏଲ ଅଧିକାରୀ ଗିରଫ



ନଗଦ ଆକାରରେ ଟଙ୍କା ନେଲେ ଧରାପଡ଼ିଯିବାର ଆଶଙ୍କା ଥିବାରୁ ଅଧିକାରୀ ବାଛିଥିଲେ ନୂଆ କୌଶଳ। ମହିଳା ସହଯୋଗୀଙ୍କ ଦ୍ୱାରା ‘ଫୋନ୍‌ପେ’ ଜରିଆରେ ନେଇଥିଲେ ଲାଞ୍ଚ। ଏହି ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ିଥିବା ସମ୍ପୃକ୍ତ ଅଧିକାରୀ ହେଲେ ବିଦ୍ୟୁତ୍ ବିତରଣ ସଂସ୍ଥା ଟିପିସିଓଡିଏଲ୍‌ର ନୟାପଲ୍ଲୀସ୍ଥିତ ଗ୍ରିଭାନ୍ସ ରିଡ୍ରେସାଲ୍ ଫୋରମ୍ (ଜିଆର୍‌ଏଫ୍)ର ଅଫିସର ଆସିଷ୍ଟାଣ୍ଟ ଗ୍ରେଡ୍-୩ ତରୁଣ ରଞ୍ଜନ ନାୟକ। ବିଦ୍ୟୁତ୍ ସଂଯୋଗ ସଂକ୍ରାନ୍ତୀୟ ଅଭିଯୋଗର କେସ୍ ପଞ୍ଜୀକୃତ କରିବାକୁ ଜଣେ ବ୍ୟକ୍ତିଙ୍କଠାରୁ ‘ଫୋନ୍‌ପେ’ରେ ୧୦ ହଜାର ଟଙ୍କା ଲାଞ୍ଚ ନେଇ ତରୁଣ ମେ’ ୨୯ରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ପରେ ତରୁଣଙ୍କୁ କୋର୍ଟ ଚାଲାଣ କରାଯିବା ପରେ ସେ ଜେଲ ଯାଇଥିଲେ।

## ୨.୭୦ ଲକ୍ଷ ଟଙ୍କା ସହ ଧରାପଡ଼ିଲେ ଥାନାଧିକାରୀ



କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧିକାରୀ ସୁଶାନ୍ତ ଶତପଥୀ ୨.୭୦ ଲକ୍ଷ ନଗଦ ଟଙ୍କା ସହ ଭିଜିଲାନ୍ସ ଟିମ୍ ଦ୍ୱାରା ଧରାପଡ଼ିଥିଲେ। ନଭେମ୍ବର ୨୭ରେ ବୈପାରିଗୁଡ଼ାରୁ ଏକ ବସ୍ ଯୋଗେ ସେ କଟକସ୍ଥିତ ଘରକୁ ଆସୁଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ପରେ ତାଙ୍କ ଅଫିସ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଟଙ୍କା ଏବଂ ବୈପାରିଗୁଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସରୁ ମଧ ୩ ଲକ୍ଷ ଟଙ୍କା ମିଳିଥିଲା।

## ଟଙ୍କା ସହ ଧରାପଡ଼ିଥିଲେ ଓଏସ୍‌ଡବ୍ଲ୍ୟୁସି ଗୋଦାମ ଅଧୀକ୍ଷକ



୪ ଲକ୍ଷ ୬୭ ହଜାର ୮୧୦ ଟଙ୍କା ନେଇ ଘରକୁ ଯାଉଥିଲେ। ହେଲେ ତାହା ପୂର୍ବରୁ ଭିଜିଲାନ୍ସ ହାତରେ ପଡ଼ିଥିଲେ। ସେପ୍ଟେମ୍ବର ୮ରେ ଟଙ୍କା ସହ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲ୍ୟୁସି) ପୁରୀ ଜିଲା ନିମାପଡ଼ା ବ୍ଲକ୍ ଗୋଦାମ ଅଧୀକ୍ଷକ ଦେବୀପ୍ରସାଦ ମହାନ୍ତି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ।

## ଜିଏସ୍‌ଟି ଅଧିକାରୀଙ୍କ ଲକର୍‌ରେ ସୁନା ବିସ୍କୁଟ୍





ଜିଏସ୍‌ଟି ମାମଲା ବନ୍ଦ କରିବାକୁ ଜଣେ ବ୍ୟବସାୟୀଙ୍କଠାରୁ ୮୦ ହଜାର ଲାଞ୍ଚ ନେବା ବେଳେ ମାର୍ଚ୍ଚ ୩୧ରେ ସିଟି ଆଣ୍ଡ ଜିଏସ୍‌ଟି (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତ୍ତନ ଏକକ) ପାରାଦୀପ ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ଅଧିକାରୀ ଚିତ୍ତରଞ୍ଜନ ମହାନ୍ତ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କ ପାଖରୁ ବହୁ ସମ୍ପତ୍ତି ସହ ୨ଟି ଲକର୍‌ରୁ ୧ କେଜିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ଜବତ ହୋଇଥିଲା। ଯେଉଁଥିରେ ୨୪ କ୍ୟାରେଟ୍‌ର ୧୯ଟି ସୁନା ବିସ୍କୁଟ୍ ରହିଥିଲା।

## ଅତିରିକ୍ତ ଜିଲାପାଳଙ୍କ ଘରୁ ନଗଦ ୩ କୋଟି

ଜୁନ ୨୩ରେ ଜଣେ ବଡ଼ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ନବରଙ୍ଗପୁରର ଅତିରିକ୍ତ ଉପ ଜିଲାପାଳ ଥିବା ପ୍ରଶାନ୍ତ କୁମାର ରାଉତଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଏହି ଘଟଣାରେ ଆଶ୍ଚର୍ଯ୍ୟ କରିଥିଲା, ପ୍ରଶାନ୍ତଙ୍କ ଘରୁ ମିଳିଥିବା ପୁଳା ପୁଳା ଟଙ୍କା ବିଡ଼ାକୁ ନେଇ। ତାଙ୍କ ଘରୁ ନଗଦ ୩ କୋଟି ୨ ଲକ୍ଷ ୩୦ ହଜାର ୮୦୦ ଟଙ୍କା, ବିପୁଳ ସୁନା ଓ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା, ଯାହା ତାଙ୍କ ପ୍ରକୃତ ଆୟଠାରୁ ୫୦୬ ପ୍ରତିଶତ ଅଧିକ ଥିଲା। ପ୍ରଶାନ୍ତ ଗିରଫ ହୋଇ ଜେଲ ଯିବା ପରେ ରାଜ୍ୟ ସରକାରୀ ତାଙ୍କୁ ବାଧତାମୂଳକ ଅବସର ଦେଇଛନ୍ତି।





## ଛାତ ଡେଇଁ ଖସୁଥିଲେ, ଧରାପଡ଼ିଲେ

ସମ୍ପତ୍ତି ଅର୍ଜନ କରି ବଞ୍ଚୁଥିଲେ ସୌଖୀନ ଜୀବନ। ଭିଜିଲାନ୍ସ ଟିମ୍ ଚଢ଼ାଉ କରିବା ବେଳେ ଛାତ ଡେ଼ଇଁ ଖସିଯିବାକୁ ଚେଷ୍ଟା କରୁଥିଲେ। ହେଲେ କିଛି ଘଣ୍ଟା ପରେ ପଡ଼ୋଶୀଙ୍କ ଘରୁ ଧରାପଡ଼ିଥିଲେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍ଏସ୍) ଭୁବନେଶ୍ୱର ସର୍କଲର ସହକାରୀ ଯନ୍ତ୍ରୀ (ଏଇ) ସୁନୀଲ କୁମାର ପାଢ଼ୀ। ନଭେମ୍ବର ୩୦ରେ ଭିଜିଲାନ୍ସ ଟିମ୍ କରିଥିବା ଏହି ଚଢ଼ାଉରେ ୨ କୋଠା, ୫ ପ୍ଲଟ୍, ମାର୍କେଟ୍ କମ୍ପ୍ଲେକ୍ସ ଠାବ ହୋଇଥିଲା। ନଗଦ ୪ ଲକ୍ଷ ୫ ହଜାର ୩୧୮ ଟଙ୍କା ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଥିଲା। ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ଆୟ ବହିର୍ଭୂତ ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୧୬୮ ପ୍ରତିଶତ ଅଧିକ ଥିବା ଜଣାପଡ଼ିଥିଲା।



# ରେକର୍ଡ ସ୍ତରରେ ସେନ୍‌ସେକ୍ସ

**- ୨୨୦୦୦ ନିକଟବର୍ତ୍ତୀ ନିଫ୍ଟି-୫୦**



**ଭୁବନେଶ୍ୱର,୨୭।୧୨:**

ବର୍ଷ ଶେଷ ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ରେକର୍ଡ ସ୍ତରରେ ପହଞ୍ଚିଛି। ଏପରିକି କ୍ରମାଗତ ୪ର୍ଥ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଫଳରେ ବିଏସ୍‌ଇ ସେନ୍‌ସେକ୍ସ ୭୨,୦୦୦ (୭୨,୦୩୮.୪୩) ଅଙ୍କରେ ରହିଛି। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସ(ବୁଧବାର)ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୦୨ (୭୦୧.୬୩) ପଏଣ୍ଟ ବୃଦ୍ଧି ଘଟି ୭୨,୦୩୮ (୭୨,୦୩୮.୪୩) ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୧୩ (୨୧୩.୪୦) ପଏଣ୍ଟ ବଢ଼ି ୨୧,୬୫୫ (୨୧,୬୫୪.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରିକି ଏନ୍‌ଏସ୍‌ଇ ନିଫ୍ଟି-୫୦ ୨୨,୦୦୦ ଅଙ୍କ ନିକଟବର୍ତ୍ତୀ ହୋଇଛି। ବିଶେଷକରି ବିଏସଇ ସେନ୍‌ସେକ୍ସର ବଜାର ପୁଞ୍ଜି ବୁଧବାର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟି ୩୬୧.୪ ଲକ୍ଷ କୋଟିରେ ପହଞ୍ଚିଛି। ସେହିଭଳି ବିଏସ୍‌ଇ ପଞ୍ଜୀକୃତ କମ୍ପାନୀଗୁଡ଼ିକ ମଧ୍ୟରେ ଓଲ୍‌ଟ୍ରାଟେକ୍ ସିମେଣ୍ଟ, ହିଣ୍ଡାଲ୍‌କୋ ବଜାଜ ଅଟୋ ସର୍ବାଧିକ ୪%ରୁ ଅଧିକ ନିବେଶ ବୃଦ୍ଧି କରିଥିବାବେଳେ ଏଚ୍‌ଡିଏଫସି ବ୍ୟାଙ୍କର ନିବେଶ ମଧ୍ୟ ଉଚ୍ଚ ରହିଛି। ଅପରପକ୍ଷରେ ବୁଧବାର ପୁଞ୍ଜି ବଜାର କାରବାର ଆରମ୍ଭରୁ ବିଏସଇ ସେନ୍‌ସେକ୍ସର ଅଂଶଧନ ବୃଦ୍ଧି ପାଇବାରେ ଲାଗିଥିଲା। ଏପରିକି ପ୍ରାରମ୍ଭିକ ପର୍ଯ୍ୟାୟରେ ବିଏସଇ ସେନ୍‌ସେକ୍ସ ପ୍ରାୟ ୭୨,୦୯୮ ଅଙ୍କରେ ପହଞ୍ଚିଥିଲାବେଳେ କାରବାର ଶେଷ ବେଳେକୁ ବିଏସଇ ସେନ୍‌ସେକ୍ସ ୭୦୨ ପଏଣ୍ଟ ବା ୦.୯୮ % ବୃଦ୍ଧି ଘଟି ପ୍ରାୟ ୭୨.୦୩୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ବିଏସ୍‌ଇ ମିଡକ୍ୟାପ ଇଣ୍ଡେକ୍ସ୦.୪୧% ଏବଂ ବିଏସଇ ସ୍ମଲକ୍ୟାପ ଇଣ୍ଡେକ୍ସ ୦.୨୦% ବୃଦ୍ଧି ଘଟିଥିଲାବେଳେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଇନ୍‌ଫୋସିସ୍, ଭାରତୀ ଏୟାରଟେଲ, ଓଲ୍‌ଟ୍ରାଟେକ ସିମେଣ୍ଟ, ଏଲଆଣ୍ଡ ଟି, ଟାଟା ମୋଟର୍ସ,ଆଇସିଆଇସିଆଇ ବ୍ୟାଙ୍କ, ଏସବିଆଇ , ଆକ୍ସିକ ବ୍ୟାଙ୍କ ଏବଂ ଏମ ଆଣ୍ଡ ଏମ ଭଳି ଅଗ୍ରଣୀ ନିବେଶକ କମ୍ପାନୀର ଶେୟାର ବ୍ୟାପକ ପରିମାଣରେ ବୃଦ୍ଧି ହୋଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୦୨ (୭୦୧.୬୩) ପଏଣ୍ଟ ବଢ଼ି ୭୨,୦୩୮ (୭୨,୦୩୮.୪୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୨୧୩ (୨୧୩.୪୦) ପଏଣ୍ଟ ବୃଦ୍ଧି ଘଟି ୨୧,୬୫୫ (୨୧,୬୫୪.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବୃଦ୍ଧି ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଲାଲ୍‌ଚାନ୍ଦ୍ ଜୁଏଲର୍ସର 'ଏଣ୍ଡ୍ ଅଫ୍ ଇୟର' ଅଫର

**ଭୁବନେଶ୍ୱର,୨୭।୧୨:**
**ଅଭୟ ଦାଶ**




ରାଜ୍ୟର ଅଗ୍ରଣୀ ତଥା ପୂର୍ବଭାରତର ସର୍ବାଧିକ ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ୍ ଜୁଏଲର୍ସର 'ଏଣ୍ଡ୍ ଅଫ୍ ଇୟର' ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଦାୟୀ ବର୍ଷ ୨୦୨୩କୁ ମେଲାଣି ଏବଂ ନବବର୍ଷ ୨୦୨୪କୁ ସ୍ୱାଗତ ସହ ବର୍ଷପୂର୍ତ୍ତି ମଉଜକୁ ଦ୍ୱିଗୁଣିତ କରିବା ପାଇଁ ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହରେ ଲାଲ୍‌ଚାନ୍ଦ୍ ଅନେକ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏପରିକି ଏଠାରେ ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନାଗହଣାର ଗଢ଼ା ମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୬୯୯ ଟଙ୍କା ରଖାଯାଇଛି। ସେହିଭଳି ନୂତନ ବର୍ଷ ସହ ଆଗାମୀ ଉତ୍ସବ ଋତୁକୁ ଧ୍ୟାନରେ ରଖି ଏହି 'ଏଣ୍ଡ୍ ଅଫ୍ ଇୟର' ଅଫରରେ ଗ୍ରାହକଙ୍କୁ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦%, ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦%, ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି। ଏହି ଅଫର କେବଳ ୨୦୨୪ ଜାନୁୟାରୀ ୧ ପର୍ଯ୍ୟନ୍ତ ଉପଲବ୍ଧ। ଲାଲ୍‌ଚାନ୍ଦ୍‌ର ପ୍ରତ୍ୟେକ ଶୋ'ରୁମ୍‌ରେ ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ସୁନା ମୂଲ୍ୟ ମିଳୁଥିବା ନେଇ ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଏସ୍‌ବିଆଇ କାର୍ଡ ଉପଭୋକ୍ତା ପାଇଁ ଲାଲ୍‌ଚାନ୍ଦ୍‌ର ସମସ୍ତ ଷ୍ଟୋରରେ ୫% ଏକ୍ସଟ୍ରା କ୍ୟାଶ୍ ବ୍ୟାକ୍ ଅଫର ପ୍ରଦାନ କରାଯାଉଛି। ଅପରପକ୍ଷରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକଙ୍କ ହିତ ଓ ସତ୍ୟତାକୁ ଅଗ୍ରାଧିକାର ଦେଇ ଦୀର୍ଘ ୩୫ବର୍ଷ ଧରି ମିଡିଆ ସଚେତନତା ଅଭିଯାନ ଚଳାଇ ଆସୁଛି। ସୁନାର ଗୁଣବତ୍ତା ସହ ଲାଲ୍‌ଚାନ୍ଦ୍ ଗ୍ରାହକଙ୍କୁ 'ଅପ୍-ଟୁ' ସ୍କାମ୍ ଏବଂ ସର୍ତ୍ତମୂଳକ କିମ୍ବା ବିଭ୍ରାନ୍ତିକର ଅଫରରୁ ଦୂରେଇ ରହିବା ନେଇ ସଚେତନ କରିଆସୁଛି। ଏଥିସହ ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରିକୁ ଚୟନ କରିବା ପାଇଁ ଗ୍ରାହକଙ୍କୁ ପରାମର୍ଶ ଦେଇ ଆସୁଛି। କେବଳ ସେତିକି ନୁହେଁ, ଭୁବନେଶ୍ୱରଠାରେ ଗ୍ରାହକଙ୍କ ସୁବିଧା ପାଇଁ ମାଷ୍ଟର କ୍ୟାଣ୍ଟିନ୍ ଶୋ'ରୁମ୍‌ର ପଛପାର୍ଶ୍ୱସ୍ଥ ନୂତନ ଦ୍ୱାରଠାରେ ପର୍ଯ୍ୟାପ୍ତ ପାର୍କିଂର ସୁବ୍ୟବସ୍ଥା ସହ ସମ୍ମୁଖ ଦ୍ୱାର ନିକଟରେ ଭାଲେଟ ପାର୍କିଂର ବ୍ୟବସ୍ଥା ରହିଛି।

# ଦିଭିସା ହର୍ବାଲ୍ସ ପକ୍ଷରୁ ଖ୍ରୀଷ୍ଟମାସ୍ ପାଳିତ

**ଭୁବନେଶ୍ୱର,୨୭।୧୨:**





ଦେଶର ଅଗ୍ରଣୀ ହର୍ବାଲ ହେଲ୍‌ଥକେୟାର ୟୁନିଟ୍ (କମ୍ପାନୀ) ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଖ୍ରୀଷ୍ଟମାସ୍ ସମାରୋହ ନିକଟରେ ପାଳିତ ହୋଇଯାଇଛି। କମ୍ପାନୀର ମୁଖ୍ୟାଳୟ ଚଣ୍ଡିଗଡ଼ଠାରେ ଉକ୍ତ ଉତ୍ସବ ଧୁମଧାମରେ ଉଭୟ କର୍ମଚାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ମିଳିତ ଭାବେ ପାଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ନୃତ୍ୟ ଓ ସଙ୍ଗୀତ ଆସର ସହ ବିଭିନ୍ନ ପ୍ରକାର କ୍ରୀଡ଼ାର ଆୟୋଜନ ମଧ୍ୟ ହୋଇଥିଲା। ପରିଶେଷରେ କର୍ମଚାରମାନେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥିଲେ। ଏ ସମ୍ପର୍କରେ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସିଏମ୍‌ଡି ତଥା ଉଦ୍ୟୋଗୀ ଏବଂ ନିବେଶକ ଡ. ସଞ୍ଜୀବ ଜୁନେଜା କହିଥିଲେ, ଖ୍ରୀଷ୍ଟମାସ୍ ଲୋକଙ୍କୁ ପ୍ରେମ ଓ ଭାଇଚାର ସହ ରହିବାର ସନ୍ଦେଶ ଦେଇଥାଏ। ଏପରିକି ପବିତ୍ର ଖ୍ରୀଷ୍ଟମାସ୍ ଉପଲକ୍ଷେ ସେ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ସେହିଭଳି କମ୍ପାନୀର ମାନବ ସମ୍ବଳ ବିଭାଗର ପ୍ରବନ୍ଧକ କହିଥିଲେ, ଏହି ଖ୍ରୀଷ୍ଟମାସ୍ ତ୍ରି ଜୀବନ ଏବଂ ଆଶାର ଏକ ପ୍ରତୀକ ହୋଇଥିବାବେଳେ ଆମେ ସମସ୍ତେ ସେହି ଆଶା ନେଇ ଭଲ କାମ କରିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ, ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପ୍ରମୁଖ ବ୍ରାଣ୍ଡ ଯଥା ଡକ୍ଟର ଅର୍ଥୋ,ରୂପ ମନ୍ତ୍ରା, ସଚ୍ଚି ସହେଲୀ, ପେଟ ସଫା ଓ ଆଇ ମନ୍ତ୍ରା ଭଳି ଅନେକ ବ୍ରାଣ୍ଡ ବଜାରରେ ବେଶ୍ ଲୋକପ୍ରିୟ ଓ ଗୁଣାତ୍ମକ ଉତ୍ପାଦ ଭାବେ ଦୀର୍ଘ ବର୍ଷ ହେବ ସର୍ବଭାରତୀୟ ସ୍ତରରେ ଉପଲବ୍ଧ।

# ଦିନେଶ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ନୂତନ ମହାପ୍ରବନ୍ଧକ

**ଭୁବନେଶ୍ୱର,୨୭।୧୨:**


ଦିନେଶ ପୃଥୀ

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ), ଭୁବନେଶ୍ୱର ମଣ୍ଡଳର ନୂତନ ମହାପ୍ରବନ୍ଧକ ଭାବେ ଦିନେଶ ପୃଥୀ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇସ୍ଥିତ ଏସ୍‌ବିଆଇର କର୍ପୋରେଟ କାର୍ଯ୍ୟାଳୟଠାରେ ମୁଖ୍ୟ ମହାପ୍ରବନ୍ଧକ (ସ୍ୱତନ୍ତ୍ର ପ୍ରକଳ୍ପ) ଭାବେ କାର୍ଯ୍ୟରତ ଥିଲେ। ପୂର୍ବତନ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମାଙ୍କ ସ୍ଥାନରେ ତାଙ୍କର ନିଯୁକ୍ତି ହୋଇଛି। ଶର୍ମା ଏସ୍‌ବିଆଇ ଭୋପାଳ ମଣ୍ଡଳର ମହାପ୍ରବନ୍ଧକ ଭାବେ ସ୍ଥାନାନ୍ତରିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ୧୯୯୧ରେ ପୃଥୀ ଏସ୍‌ବିଆଇର ପ୍ରୋବେସନାରି ଅଫିସର (ପିଓ) ଭାବେ ଯୋଗଦେଇଥିଲେ।

# ଜାନୁୟାରୀରେ ୧୬ ଦିନ ବ୍ୟାଙ୍କ ଛୁଟି

**ଭୁବନେଶ୍ୱର,୨୭।୧୨**

ବର୍ଷ ୨୦୨୪ ଆରମ୍ଭରୁ ବ୍ୟାଙ୍କ କର୍ମଚାରୀମାନେ ଏକ ବଡ ଛୁଟି ପାଉଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ପ୍ରକାଶିତ ଜାନୁୟାରୀ ମାସର ବ୍ୟାଙ୍କ ଛୁଟି ତାଲିକାରେ ବିସ୍ତୃତ ଭାବେ ଦର୍ଶାଯାଇଛି। ୨୦୨୪ ଜାନୁୟାରୀରେ ୨ଟି ଶନିବାର ଏବଂ ୪ଟି ରବିବାର ସମେତ ପ୍ରାୟ ୧୦ଟି ବିଶେଷ ଛୁଟି ସାମିଲ ରହିଛି।

GOVERNMENT OF ODISHA
"e" PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Short Tender Call Notice
E-mail: rbcirclekhurda@gmail.com
Bid Identification No.CCE-Khordha (R&B) Circle-38/2023-24
Memo No.2941, Dt.22.12.2023

No.B-1497: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Temple works as detailed in the table below.
1. Nature of Work: Temple & Building Works, 2. No. of Work: 2 Nos. 3. Tender Cost: Rs.10000.00 (Online). 4. Class of Contractor: B & A Class. 5. Available of Bid document in the website: From 10.00 AM of Dt.27.12.2023 upto 05.00 PM of Dt.03.01.2024 upto 5.00 PM. 6. Date of Opening of Bid: Dt.04.01.2024 at 11.30 AM. 7. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.
Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0047/2324

Government of Odisha
OFFICE OF THE EXECUTIVE ENGINEER, RURAL WORKS DIVISION, JEYPORE
e-Procurement for Road Works
Bid Identification No: EERWJYP-Online-13/2023-24
Letter No.4951 Date:21.12.2023
No.O-1989:01.Name of the Work:Building Works, 02.Total Number of Works: 01 (One) No. 03.Approximate Estimated Cost: Rs.71.35 Lakhs (approximately), 04.Class of Contractor: "B" Class. 05. Period of Completion: within 6 months, 06. Other details:

| Procurement Officer | Bid Identification No. | Sl.No. of work in notice | Availability of Tender online for bidding | | Last date and time of seeking tender clarificaton | Date of Technical Bid |
|---|---|---|---|---|---|---|
| | | | From | To | | |
| Executive Engineer, R.W.Division, Jeypore | Online Tender/13/ RWD-JYP/2023-24 | Sl.No.1 | 30.12.2023 at 11.00 A.M. | 14.01.2024 upto 5.00 PM | 12.01.2024 at 01.30 P.M. | 15.01.2024 at 11.00 A.M. |

Further details can be seen from the website www.tendersodisha.gov.in./nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
* N.B.: Any Addendum or Corrigendum will be available in the website only.
OIPR- 25160/11/0014/2324 Sd./- Executive Engineer, Rural Works Division, Jeypore

No.CAD-3409
obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
No.11466 Date:21.12.2023
File: PCF-941
NOTICE INVITING TENDER

| | | |
|---|---|---|
| 1. | Name of Work | Supply, Installation & Testing & Architecture Engineering & Construction Collection Commercial Single User Annual Subscription Renewal. |
| 2. | Quantity | 5 (Five) |
| 3. | Bid Identification No. | 77/Tender/OBCC/2023-24 |
| 4. | Class of Contractor | Authorised Supplier/ dealer/ Manufacturer |
| 5. | Bid Processing Fee (only in online mode) | Rs.4,720.00 (Including GST) |
| 6. | Date of availability of bid document in e-procurement Portal | From Dt.27.12.2023 |
| 7. | Last date & time of receipt of online Bid | Upto 4.00 PM on 08.01.2024 |
| 8. | Date of Bid Opening | 08.01.2024 at 4.30 PM |

9. Further details can be seen from the e-Procurement portal https://www.tendersodisha.gov.in.
10. OBCC has the right to accept or reject the Notice/ DTCN without assigning any reason thereof.
OIPR-34161/11/0096/2324 Sd./- Sr. Chief General Manager-I

ପୌରପାଳିକା କାର୍ଯ୍ୟାଳୟ,ଢେଙ୍କାନାଳ
ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧
ଇ-ମେଲ୍: dhenkanalm.hud@gmail.com
ପତ୍ର ସଂଖ୍ୟା-5142 ତା.26.12.2023 ରିଖ
ଅଭିବ୍ୟକ୍ତି ପ୍ରକାଶନ (EXPRESSION OF INTEREST)
No.C-2203:ଏତଦ୍ୱାରା ଢେଙ୍କାନାଳ ପୌରାଞ୍ଚଳ ମଧ୍ୟରେ ଥିବା ୨୩ ଗୋଟି ୱାର୍ଡର ମିଶନ ଶକ୍ତି ଗ୍ରୁପ୍ /ବସ୍ତିବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ପୁରୁଣା ବର୍ଜ୍ୟବସ୍ତୁ (Legacy Waste) ପରିଚାଳନା ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା (Implementing Agency/Implementing Partner) ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗ୍ରୁପ୍ /ବସ୍ତିବାସିନ୍ଦା ସଂଗଠନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଣୁ, ଏଥିନିମନ୍ତେ ଆଗ୍ରହୀ ଏବଂ ଯୋଗ୍ୟ ମିଶନ ଶକ୍ତି ଗ୍ରୁପ୍ /ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) ମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା.୦୬.୦୧.୨୦୨୪ ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ସ୍ପିଡ଼ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା ପୌର କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ । ନିର୍ଦ୍ଦିଷ୍ଟ ସମୟସୀମା ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଅଭିବ୍ୟକ୍ତି ପ୍ରକାଶନଟି ତା.୦୬.୦୧.୨୦୨୪ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ମିଶନ ଶକ୍ତି ଗ୍ରୁପ୍ /ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗ୍ରୁପ୍/ବସ୍ତିବାସିନ୍ଦା ସଂଗଠନ ଏବଂ ଜରିଗୋଟାଳି (Rag Pickers) ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନପତ୍ର ଢେଙ୍କାନାଳ ଜିଲ୍ଲା ୱେବସାଇଟ୍ www.dhenkanal.nic.in ଏବଂ ଢେଙ୍କାନାଳ ପୌରପାଳିକା ୱେବସାଇଟ www.dhenkanalmunicipality.com ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାପାର ଉପରେ "ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ (Legacy Waste)" କାର୍ଯ୍ୟର ଆବେଦନ ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ଢେଙ୍କାନାଳ ପୌରପାଳିକା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବା ହେବେ ।
ବି.ଦ୍ର.:- ଯେକୌଣସି ସମୟରେ ବିନା କାରଣ ଦର୍ଶାଅ ଦ୍ୱାରା ଏହି EXPRESSION OF INTEREST କୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ନିକଟରେ ରହିଅଛି ।
ସ୍ୱା./-ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା
OIPR-13146/11/0039/2324

Government of Odisha
Sports & Youth Services Department
Sports Hostel, Bhubaneswar
Email ID:sportshostelbhubaneswar@gmail.com
Quotation/Tender Call Notice
No.536, Dt.22.12.2023
No.TT-36:Sports & Youth Services Department, Government of Odisha invites sealed quotations/ tenders from reputed Travel Agencies/ Tour Operators/ Private Individuals for hiring of Bus on monthly basis for Sports Hostel inmates, Bhubaneswar. The details of the document are available at the below mentioned website.
Website: http://sports.odisha.gov.in.
Interested firms/ parties/ agencies are advised to study the Quotation/ Tender Call Notice carefully before submitting their bids.
Important Dates and Information:
Bid Publication date - 23.12.2023
Pre-Bid meeting date & time - 03.01.2024
Last date and time of submission of proposal -Date 08.01.2024, Time: 03.00 PM.
Opening of the Technical Bid -Date 08.01.2024, Time 04.00 PM
Sd./- Officer-in-Charge
Sports Hostel, Bhubaneswar
OIPR-29001/11/0128/2324

GOVERNMENT OF ODISHA
OFFICE OF THE ADDITIONAL CHIEF ENGINEER
EASTERN MINOR IRRIGATION CIRCLE, KEONJHAR
Tel.No.(06766) 254768, e-Mail ID:seemickeonjhar@yahoo.com
"e" Procurement Notice
Identification No.02 EMIC (KJR/2023-24)
No.A-1079:The Additional Chief Engineer, Eastern Minor Irrigation Circle, Keonjhar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.
1. Name of the Works : Civil Construction Work
2. Total No. of Works : 05 (Five)
3. Estimated Cost : Varies from Rs.90.84 Lakh to 151.21 Lakh (Approx.)
4. Class of Contractor : As mentioned against work
5. Period of Completion : As mentioned against work
6. Date & time of availability of bid document in the portal : 30.12.2023 at 10.00 AM to 11.01.2024 upto 5.00 PM
7. Last date/time for receipt of bid in the portal : 11.01.2024 upto 5.00 PM
8. Date/Time of Opening of Technical Bid : 12.01.2024 at 11.30 AM at Office of the Addl.C.E., Eastern Minor Irrigation Circle, Keonjhar
9. Date/Time of Opening of Financial Bid : 19.01.2024 at 11.30 AM
10. Name & Address of the Officer Inviting the Bid : Addl. Chief Engineer, Eastern Minor Irrigation Circle, Keonjhar
11. Mode of Payment of Bid cost & Bid Security : Online
12. Further details can be seen from the "e" Procurement Portal https://tendersorissa.gov.in.
Sd./- Additional Chief Engineer
Eastern Minor Irrigation Circle, Keonjhar
OIPR-32270/11/0003/2324

VSS INSTITUTE OF MEDICAL SCIENCES & RESEARCH (VIMSAR)
Ayur Vihar, Burla, Sambalpur, Odisha - 768017
Walk-in-Interview for Selection of Medical Physicists and Veterinary Assistant Surgeon in VIMSAR on Contractual Basis
Advt. Notice No. 1201/1202/Director/VIMSAR/Dt.18.12.2023
No. E-666: Applications are invited from eligible candidates to fill up the above mentioned vacant posts at VIMSAR. The details of educational qualification, selection procedure, terms and conditions etc. are published in the institute website: www.vimsar.ac.in.
Date of Walk-in-Interview: 04.01.2024.
Sd./- Director, VIMSAR, Burla
OIPR-11056/11/0001/2324

Government of Odisha
Sports & Youth Services Department
Reference No:--PT1-SYS-SH-SH-0015-2015/ Date:22.12.2023
Request for Proposal
No.TT-35:Sports & Youth Services Department, Government of Odisha invites bids from reputed agencies to the "RFP for Supply of Generic Sport Kits for Athletes of Sports Hostels" DSYS Odisha.
The details of the document are available at the below mentioened website.
Website:https://sports.odisha.gov.in/ https://tendersodisha.gov.in/
Interested firms/parties/agencies are advised to study the RfP document carefully before submitting their bid.
Important Dates and Information:
Date of Publication : 22.12.2023
Last date and time for sending Pre-bid queries: Date: 27.12.2023, Time: 5.00 P.M.
Pre-bid-Meeting- Date:28.12.2023, Time: 11.00 AM
Last date and time of submission of proposal: Date:11.01.2024, Time: 4.00 PM
Opening of the Technical Bid -Date 11.01.2024, Time:5.00 PM
Sd./-
Commissioner-cum-Secretary
OIPR-29001/11/0127/2324

GOVERNMENT OF ODISHA
"e" PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
1st Corrigendum to Bid Identification No. CE-W.B.P.(O) - 37/2023-24
No. B-1495: Following changes are made to the Invitation for the work "Construction of H.L. Bridge over river Brahmani at Talcher connecting Talcher to Khalpal in the District of Agnul under State Plan for the year 2023-24" vide Bid Identifcation No. CE-WBP(O)-37/2023-24.
• The last date of submission of tender is extended upto 5.00 P.M. of Dt. 05.01.2024.
• Bids received online shall be opened at 3.00 P.M. of 06.01.2024.
All other terms and conditions remain unchanged,
Sd./- Chief Engineer
World Bank Project, Odisha
OIPR-34003/11/0078/2324

ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କନ୍ଧମାଳ
SPECIAL DEVELOPMENT COUNCIL, KANDHAMAL
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ
ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର
OFFICE OF THE PROJECT ADMINISTRATOR, ITDA, PHULBANI
ST & SC DEVELOPMENT DEPARTMENT, GOVT. OF ODISHA
Tel.: 06842-254149, E-mail: itdaphulbani@gmail.com
No. 2930 Date: 22.12.2023
TENDER CALL NOTICE
No. CAD-3434: Sealed tenders are invited by Special Development Council (SDC) Kandhamal from the intending reputed/Regd. Firms/Bidders/Supplies Agencies for "Musical Instruments & Dance Costumes" for distribution to the Tribal Cultural & Dance Troupes under Special Development Council of Kandhamal district with following terms and conditions. The detailed tender documents "Annexure-A" will be available in I.T.D.A., Phulbani from 26.12.2023 to 05.01.2024 during office hour or can be downloaded from the district website: www.kandhamal.nic.in. Interested bidders may submit their sealed tender documents in the prescribed format superscribed "Musical Instruments & Dance Costumes" on the cover of the envelope to the Project Administrator, Integrated Tribal Development Agency, Phulbani on or before 05.01.2024 by 5.00 P.M. through Registered Post/Speed Post/Courier service and technical bid will be opened on the next day on 06.01.2024 at 11.00 A.M. in the Conference Hall of PA, I.T.D.A., Phulbani in presence of Firms/Agencies/Dealers or their authorized representatives before the tender committee. The bidders are required to submit Technical Bid and Financial Bid in separate envelopes enclosed in a common envelope superscirbed "Tender for Musical Instruments/Dance Costumes" on the cover of the envelope.
Enclosure: As above
Collector-cum-CEO, SDC, Kandhamal
OIPR-26077/11/0001/2324

TENDER CALL NOTICE
FOR SELECTION OF PRINTING PRESS/FIRMS FOR PRINTING OF LEAFLETS & BOOKLETS
Notice No. 5420 Date: 23.12.2023
No. CAD-3430: Sealed tenders are invited from registered Printing Press/Firms based in Odisha for PRINTING OF LEAFLETS & BOOKLETS for Documentation of achievements of various initiatives at Gram Panchayat and Block level by in Odia Language for the year 2023-24 for generating awareness among citizen & for strengthening mechanism of good goverance. Intending bidders may download the Bid document from the district website. The bid documents containing eligibility criteria and detail terms and conditions of the tender can be downloaded from the website https://sambalpur.nic.in.
The sealed tenders should reach the Office of the "Chief Development Officer-cum-EO, ZP, Sambalpur on or before 29.12.2023 upto 05.00 P.M. by Regd. Post/Speed Post/Courier only and the same will be opened on 30.12.2023 at 11.00 A.M. in the Conference Hall of Zilla Parishad, Sambalpur".
The details of the bidding process are as follows

| Sl. No. | Bidding Schedule | Date and Time |
|---|---|---|
| 1 | Date of Issue | 23.12.2023 |
| 2 | Last Date of submission of Bid | 29.12.2023 upto 5.00 P.M. |
| 3 | Opening of Technical Bid | 30.12.2023 at 11.00 A.M. |
| 4 | Opening of Financial Bid | 30.12.2023 upto 4.00 P.M. |

Bidders are required to submit the technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in third sealed cover super-scribed "TENDER CALL NOTICE FOR SELECTION OF PRINTING PRESS/FIRMS FOR PRINTING OF LEAFLETS & BOOKLETS". The tenders must reach the undersigned on or before 29.12.2023 by 5.00 P.M. through Speed Post/Regd. Post/Courier only in the following address.
Sd./- Collector-cum-CEO
Zilla Parishad, Sambalpur
OIPR-19241/11/0012/2324

See Career Appointment on every Wednesday & Saturday

# ପରଦା

**ଶେଷ ପାଦରେ ଉପନୀତ ୨୦୨୩। ଏ ବର୍ଷ ମନୋରଞ୍ଜନ ଜଗତରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା..**



ବ୍ଲକ୍‌ବଷ୍ଟର ଫିଲ୍ମ 'ଆର୍‌ଆର୍‌ଆର୍'ର ଚର୍ଚ୍ଚିତ ତଥା ଓସ୍କାର ପୁରସ୍କାରପ୍ରାପ୍ତ ଗୀତ 'ନାଟୁ ନାଟୁ'ରେ ଜୁନିୟର ଏନ୍‌ଟିଆର୍ ଏବଂ ରାମଚରଣ।

### 'ନାଟୁ ନାଟୁ'କୁ ଓସ୍କାର

**ବ୍ଲ**କ୍ ବଷ୍ଟର ଫିଲ୍ମ 'ଆର୍‌ଆର୍‌ଆର୍'ର ଶ୍ରୋତାଦୃତ ଗୀତ 'ନାଟୁ ନାଟୁ' ଚଳିତ ବର୍ଷ ଓସ୍କାର ପୁରସ୍କାରରେ ବେଷ୍ଟ ଅରିଜିନାଲ ସଙ୍ଗ୍ ବର୍ଗରେ ପୁରସ୍କୃତ ହୋଇଛି। ଏହାର ସ୍ୱର ସଂଯୋଜନା କରିଥିଲେ ଏମ୍.ଏମ୍. କିରାଭାନି। ଅନ୍ୟପକ୍ଷରେ ଏବର୍ଷ ମଧ୍ୟ ଏହି ଗୀତକୁ ସମାନ ବର୍ଗରେ ଗ୍ରାମୀ ପୁରସ୍କାର ମଧ୍ୟ ମିଳିଛି। ବିଶିଷ୍ଟ ନିର୍ଦ୍ଦେଶକ ଏସ୍.ଏସ୍. ରାଜମୌଳି ଏହାର ନିର୍ଦ୍ଦେଶନା ଦେଇଥିଲେ। ଚିତ୍ରଟିର ମୁଖ୍ୟ ଭୂମିକାରେ ଜୁନିୟର ଏନ୍‌ଟିଆର୍, ରାମଚରଣ, ଅଜୟ ଦେବଗନ, ଆଲିଆ ଭଟ୍ଟ ପ୍ରମୁଖ କଳାକାର ଅଭିନୟ କରିଥିଲେ।

## ସଂଖ୍ୟା ଅଧିକ, ହେଲେ...

**ଏ**ବର୍ଷ ସର୍ବାଧିକ ୪୪ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା। କିନ୍ତୁ ଅଧିକାଂଶ ସିନେମା ଆଶାନୁରୂପ ବିଜ୍‌ନେସ୍ କରିବାରେ ବିଫଳ ହୋଇଥିଲା। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ତଥା ଶୈଳେନ୍ଦ୍ର, ବୁଦ୍ଧାଦିତ୍ୟ ମହାନ୍ତି ଏବଂ ସୂର୍ଯ୍ୟମୟୀଙ୍କ ଅଭିନୀତ 'ଡେଲିଭର ବୟ'କୁ ରାଜ୍ୟ ସରକାର ଟ୍ୟାକ୍ସ ଫ୍ରି ଘୋଷଣା କରିଥିଲେ। କିଛି ବର୍ଷ ଗ୍ୟାପ୍ ପରେ ବଡ଼ ପରଦାରେ ପୁଣି ଥରେ ଅନୁଭବ ମହାନ୍ତି (ଲଭ୍ ଇନ୍ ଲଣ୍ଡନ) ଏବଂ ଅରିନ୍ଦମ ରୟ (ରାମ୍)ଙ୍କୁ ଦେଖିବାକୁ ମିଳିଥିଲା। ଗତବର୍ଷ 'ଦମନ' ପାଇଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା ବାବୁସାନ୍ ପୁଣି ଥରେ ଚଳିତବର୍ଷ 'ମାଲ୍ୟଗିରି' ସିନେମାରେ ନିଜ ଦକ୍ଷତା ଦେଖାଇଥିଲେ। 'ପୁଷ୍କରା' ଫିଲ୍ମରେ ସବ୍ୟସାଚୀଙ୍କ ଭିନ୍ନ ଧରଣର ଭୂମିକାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।



'ମାମା ୱେଡ୍ସ ପାପା' ଫିଲ୍ମରେ ରୀତିଶା–ମୁନି–ଅଭିଷେକ

ଅଭିନେତା ସୋମଦତ୍ତ ଦାସ, ପିଣ୍ଟୁ ନନ୍ଦ, ବିଶିଷ୍ଟ ସିନେ ଏଡିଟର (ଏଡିଟିଂ) ଅଶୋକ ଶର୍ମା, 'ମଲ୍ଲୀ ଜହ୍ନ, ମହାସତୀ ସାବିତ୍ରୀ ଫିଲ୍ମ ପାଇଁ ଗୀତ ରଚନା କରିଥିବା ବିନୋଦିନୀ ଦେବୀ ଏବଂ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସ୍ୱରୂପ ନାୟକ। ଏମାନଙ୍କ ବ୍ୟତୀତ ନିର୍ଦ୍ଦେଶକ ତୃପ୍ତି ବିଶ୍ୱାଳ ଏବଂ ଅପେରା ଜଗତର ଲୋକପ୍ରିୟ କମେଡିଆନ ତଥା 'ଶାଗୁଣା ବସିଛି ଡେଣା ମେଲେଇ'ର ପଦୁ ମହାନ୍ତି ଚରିତ୍ର ପାଇଁ ଚର୍ଚ୍ଚିତ ରବି ଶତପଥୀଙ୍କ ପରଲୋକ ଘଟିଛି।

### ଚିତ୍ତଙ୍କୁ ନୂଆ ଦାୟିତ୍ୱ

**ବି**ଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ତଥା ଥିଏଟର ଜଗତର ଅନ୍ୟତମ ପରିଚିତ ବ୍ୟକ୍ତିତ୍ୱ ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ ଏବର୍ଷ ଏକ ନୂଆ ଦାୟିତ୍ୱ ମିଳିଛି। ପୁଣେସ୍ଥିତ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାର ସେ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଘନଶ୍ୟାମ ମହାପାତ୍ରଙ୍କୁ ଜୟଦେବ ପୁରସ୍କାର

**ବା**ଦବିବାଦର ଅନ୍ତ ଘଟାଇ ଶେଷରେ ୨୦୧୯ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଚଳିତ ବର୍ଷ ପ୍ରଦାନ କରାଯାଇଛି। ପ୍ରଯୋଜକ ତଥା ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ରଙ୍କୁ ସମ୍ମାନଜନକ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥର ଶ୍ରେଷ୍ଠ ସିନେମା ଭାବରେ 'କାଲିର ଅତୀତ', ଶ୍ରେଷ୍ଠ ନିର୍ଦ୍ଦେଶନା ନୀଳ ମାଧବ ପଣ୍ଡା, ଶ୍ରେଷ୍ଠ ଅଭିନେତା ପୀତବାସ ତ୍ରିପାଠୀ, ଶ୍ରେଷ୍ଠ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ରାଜୁ ମିଶ୍ର (ମରଣୋତ୍ତର) ପୁରସ୍କୃତ ହୋଇଛନ୍ତି।



ଘନଶ୍ୟାମ ମହାପାତ୍ର



ସବ୍ୟସାଚୀ ମିଶ୍ର



ଦେବାଶିଷ ପାତ୍ର

### ରାଜ୍ୟ ଟେଲି ପୁରସ୍କାର

ଚଳିତ ବର୍ଷ ୨୦୧୯ ପାଇଁ ଅଷ୍ଟମ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ଶ୍ରେଷ୍ଠ ଟେଲି ଚଳଚ୍ଚିତ୍ର ପ୍ରଯୋଜକ ଭାବରେ ଦେବାଶିଷ ପାତ୍ର (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ନିର୍ଦ୍ଦେଶକ ଅଶ୍ୱିନୀ ଗଡ଼ନାୟକ (କାଳିଆ କରୁଛି ଲୀଳା)ଙ୍କୁ ପୁରସ୍କୃତ କରାଯାଇଛି। ଏହାବ୍ୟତୀତ ଶ୍ରେଷ୍ଠ ଧାରାବାହିକ ପ୍ରଯୋଜକ ଅକ୍ଷୟ କୁମାର ପରିଜା ଏବଂ ଶ୍ରେଷ୍ଠ ଧାରାବାହିକ ନିର୍ଦ୍ଦେଶକ ହିମାଂଶୁ ପରିଜା (ଚଣ୍ଡୀ),ଶ୍ରେଷ୍ଠ ଅଭିନେତା ଜୀବନ ପଣ୍ଡା ଏବଂ ଅଭିନେତ୍ରୀ ଭାବରେ ମଧୁସ୍ମିତା ପ୍ରଧାନଙ୍କୁ ପୁରସ୍କୃତ କରାଯାଇଛି।

### 'ପ୍ରତୀକ୍ଷା'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'କୁ ଚଳିତ ବର୍ଷର ଜାତୀୟ ଚଳଚ୍ଚିତ୍ର ପୁରସ୍କାର (ଶ୍ରେଷ୍ଠ ଓଡ଼ିଆ ଫିଲ୍ମ) ଭାବରେ ପୁରସ୍କୃତ କରାଯାଇଛି।

### ନବାଗତଙ୍କ ଲମ୍ବା ଲାଇନ

**ଚ**ଳିତ ବର୍ଷ ମଧ୍ୟ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଅନେକ କଳାକାର, ପ୍ରଯୋଜକ ଏବଂ ନିର୍ଦ୍ଦେଶକ ମଇଦାନକୁ ଓହ୍ଲାଇଥିଲେ। ପ୍ରମୁଖ ନୂଆ କଳାକାର ହେଉଛନ୍ତି ଅଭିଷେକ ଗିରି (ତୃଷ୍ଣା), ରୀତିଶା (ମାମା ୱେଡ୍ସ ପାପା), ଲିପିକା ସେନାପତି (ତୁ ସେଇ ନୀଳନୟନା), ସତ୍ୟ (କର୍ତ୍ତବ୍ୟ), ଧୀରେନ ତ୍ରିପାଠୀ, ଅର୍ପିତା (ଆଇଆଇସି ଧୀରେନ) ଏବଂ ମହାପ୍ରସାଦ କର, ଦୀପା ମିଶ୍ର (ଆପଣମାନେ ଖୁସି ତ)। ଚଳିତବର୍ଷର ପ୍ରମୁଖ ନବାଗତ ପ୍ରଯୋଜକମାନେ ହେଲେ ଜନ୍ମେଜୟ ଡଗରା (ବାଜିବ ଲୋ ସାହାନାଇ), ସଙ୍ଗୀତା ମହାନ୍ତି (ମନ ମ୍ୟୁଜିୟମ), ଭବାନୀ ପ୍ରସାଦ ମାଝି (ମନସ୍କ), ଜିତେଶ କୁମାର ପରିଡ଼ା (ଟି), ରଜତ ମହାପାତ୍ର, ଜ୍ୟୋତି କିଶୋର ଦାସ (ଅଧୁରା ପ୍ରେମ କାହାଣୀ), ଶ୍ରୁତିରେଖା ମିଶ୍ର (ବାଘ ବଜାରୀ) ଏବଂ ସତ୍ୟଜିତ ବାଗ୍ (କାଇଁଚମାଳି)। ନବାଗତ ନିର୍ଦ୍ଦେଶକମାନଙ୍କ ମଧ୍ୟରେ ଅଛନ୍ତି ସୁରେଶ ପଟ୍ଟନାୟକ (ତୃଷ୍ଣା), ଆଶୁତୋଷ ମହାପାତ୍ର (ବାଜିବ ଲୋ ସାହାନାଇ), ଜିତେନ୍ଦ୍ର ଲେଙ୍କା (ଜହ୍ନ ରାତିର ସାଥୀ) ଏବଂ ମହେଶ ହାଜରା (କାଇଁଚମାଳି)।

### ବିବାହ ବନ୍ଧନ

**ଏ** ବର୍ଷ ଓଡ଼ିଆ ଚଳଚ୍ଚିତ୍ର ସହ ଜଡ଼ିତ କେତେଜଣ ବ୍ୟକ୍ତିବିଶେଷ ଘର ସଂସାର କରିଛନ୍ତି। 'ବିଦ୍ୟାରାଣ' ଫିଲ୍ମର ପ୍ରଯୋଜକ ନିରଞ୍ଜନ ନାୟକ ଚଳିତ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ତାଙ୍କ ବ୍ୟତୀତ ଛୋଟ ପରଦା ତଥା ସିନେମାର ଅନ୍ୟତମ ପରିଚିତା ଅଭିନେତ୍ରୀ ଲିପ୍‌ସା ମିଶ୍ର ମଧ୍ୟ ହାତକୁ ଦି' ହାତ ହୋଇଛନ୍ତି।

### ପରଲୋକରେ

**ଚ**ଳିତବର୍ଷ ଓଡ଼ିଆ ସିନେମା ଏବଂ ଯାତ୍ରା ସହ ଜଡ଼ିତ କେତେଜଣଙ୍କର ପରଲୋକ ଗମନ ହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ପ୍ରଯୋଜକ ଆଲୟ ମହାନ୍ତି, ଟେଲି



ସତୀଶ କୌଶିକ

ରବି ଶତପଥୀ

ଅନୁପମ ଖେର

କିଆରା ଆଡଓ୍ୱାନୀ–ସିଦ୍ଧାର୍ଥ ମାଲହୋତ୍ରା

ଆକାଶ–ଲିପ୍‌ସା

ଓ୍ୱାହିଦା ରହେମାନ

ରଣବୀର କପୁର

'ରାମ୍' ଫିଲ୍ମରେ ଅରିନ୍ଦମ

### ଓ୍ୱାହିଦା ରହେମନଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର

**ବି**ଗତ ଦିନର ବିଶିଷ୍ଟ ଅଭିନେତ୍ରୀ ଓ୍ୱାହିଦା ରହେମନଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯାଇଛି। ଦୀର୍ଘ ୫ ଦଶନ୍ଧି ଅଭିନୟ କ୍ୟାରିୟରରେ ସେ ପ୍ରାୟ ୯୦ଟି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।

**ରଣବୀର କପୁର ଶ୍ରେଷ୍ଠ ଅଭିନେତା :**ଚଳିତ **ବ**ର୍ଷ ପ୍ରଦାନ କରାଯାଇଥିବା ଦାଦା ସାହେବ ଫାଲ୍‌କେ ଅନ୍ତର୍ଜାତୀୟ ଫିଲ୍ମ ପୁରସ୍କାରେ ରଣବୀର କପୁର 'ବ୍ରହ୍ମାସ୍ତ୍ର' ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହୋଇଥିବା ବେଳେ 'କଶ୍ମୀର ଫାଇଲ୍ସ'କୁ ଶ୍ରେଷ୍ଠ ଫିଲ୍ମ ଏବଂ ଅନୁପମ ଖେର୍‌ଙ୍କୁ ମୋଷ୍ଟ ଭର୍ସାଟାଇଲ ଆକ୍ଟର ପୁରସ୍କାର ଦିଆଯାଇଛି।

**ଆଶା ଭୌଁସ୍‌ଲେଙ୍କୁ ଦୀନନାଥ ମଙ୍ଗେସ୍‌କର ପୁରସ୍କାର**



ଆଶା ଭୋସଲେଁ

ଲୋକପ୍ରିୟ ପ୍ରଚ୍ଛଦପଟ୍ଟ ଗାୟିକା ଆଶା ଭୌଁସ୍‌ଲେଙ୍କୁ ଚଳିତବର୍ଷର ଦୀନନାଥ ମଙ୍ଗେସକର ପୁରସ୍କାର ପ୍ରଦାନ କରାଯାଇଛି।

**ବିବାହ ବନ୍ଧନ**

**ଚ**ଳିତ ବର୍ଷ ସୁନୀଲ ସେଟ୍ଟିଙ୍କ କନ୍ୟା ଆଥିୟା କ୍ରିକେଟ ଖେଳାଳି କେ.ଏଲ୍. ରାହୁଲଙ୍କ ସହ ଘର ସଂସାର କରିଛନ୍ତି। ଅନ୍ୟପକ୍ଷରେ ପରିଣିତି ଚୋପ୍ରା ବିବାହ ବନ୍ଧନରେ ଆବଦ୍ଧ ହେବା ସହ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ହାତକୁ ଦି' ହାତ ହୋଇଛନ୍ତି କିଆରା ଆଡଭାନୀ।



ଆଥିୟା ସେଟ୍ଟି

**ଚର୍ଚ୍ଚାରେ ଶାହରୁଖ**

**ବ**ଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଶାହରୁଖ ଖାଁଙ୍କ ପାଇଁ ଚଳିତ ବର୍ଷ ଶୁଭପ୍ରଦ ଥିଲା। ତାଙ୍କ ଅଭିନୀତ 'ପଠାନ୍' ଏବଂ 'ଜୱାନ' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା।



ଶାହରୁଖ ଖାଁ

**ପରପାରିରେ**

**ଏ**ବର୍ଷ ବଲିଉଡ୍‌ର କେତେଜଣ ନାମୀ ତାରକାଙ୍କ ପରଲୋକ ଘଟିଛି। ବିଶିଷ୍ଟ ନିର୍ଦ୍ଦେଶକ ସତୀଶ କୌଶିକ, ପ୍ରଦୀପ ସରକାର, ମଡେଲ ତଥା ଅଭିନେତା ଆଦିତ୍ୟ ସିଂ ରାଜପୁତ, ଧାରାବାହିକ ଅଭିନେତ୍ରୀ ବୈଭବୀ ଉପାଧ୍ୟାୟ, ଟିଭି ଅଭିନେତା ନୀତେଶ ପାଣ୍ଡେ, ବର୍ଷୀୟାନ ଅଭିନେତ୍ରୀ ସୁଲୋଚନା ଲାଟ୍‌କର, 'ମହାଭାରତ' ଧାରାବାହିକର ଶକୁନି ଭୂମିକାରେ ଅଭିନୟ କରିଥିବା ଗୁଫି ପେଣ୍ଟାଲ, ବିଶିଷ୍ଟ ଗୀତିକାର ଦେବ୍ କୋହଲି ଏବଂ 'ଧୁମ୍' ନିର୍ଦ୍ଦେଶକ ସଞ୍ଜୟ ଗାଧ୍‌ଭି ଚଳିତ ବର୍ଷ ମୃତ୍ୟୁବରଣ କରିଛନ୍ତି।

**ଆଲିଆଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର**

**ଚ**ଳିତ ବର୍ଷ ଆଲିଆ ଭଟ୍ଟ ନିଜ ଅଭିନୟ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। 'ଗଙ୍ଗୁବାଈ କାଠିଆୱାଡି' ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ସମ୍ମାନିତ କରାଯାଇଛି। ତାଙ୍କ ବ୍ୟତୀତ ବ୍ଲକ୍ ବଷ୍ଟର 'ପୁଷ୍ପା' ଚଳଚ୍ଚିତ୍ର ପାଇଁ ଅଲ୍ଲୁ ଅର୍ଜୁନ ଶ୍ରେଷ୍ଠ ଅଭିନେତା ଏବଂ 'ରକେଟ୍ରି'କୁ ଶ୍ରେଷ୍ଠ ଫିଚର ଫିଲ୍ମ ଭାବରେ ପୁରସ୍କୃତ କରାଯାଇଛି।

## ବଢ଼ୁଛି ସଂଖ୍ୟା

**ଚ**ଳିତ ବର୍ଷ ଓଡ଼ିଆ ଚଳଚ୍ଚିତ୍ର ରିଲିଜ ସଂଖ୍ୟା ପୂର୍ବାପେକ୍ଷା ବେଶ୍ ବଢ଼ିଛି। ତା'ସହ ନୂଆ ସିନେମା ତିଆରି କରିବାକୁ ପ୍ରଯୋଜକମାନଙ୍କ ମଧ୍ୟରେ ଆଗ୍ରହ କାହିଁରେ କେତେ। ତେବେ ଏବର୍ଷ ପରଦା ଉପରକୁ ଆସିଥିବା ଚଳଚ୍ଚିତ୍ରଗୁଡ଼ିକ ହେଲା 'ତୋର ମୋର କଟି', 'ତୃଷ୍ଣା', 'ପ୍ରସ୍ଥାନମ୍', 'ମାମା ୱେଡ୍ସ ପାପା', 'ବାପା ସୁପରମ୍ୟାନ୍', 'ବାଜିବ ଲୋ ସାହାନାଇ', 'ମନ ମ୍ୟୁଜିୟମ', 'ନାରୀ ନୁହେଁ ତୁ ଅର୍ଦ୍ଧନାରୀ', 'ମନସ୍କ', 'ଡେଲିଭରି ବୟ', 'ଶାୟରୀ ଶାୟରୀ', 'ଧୋ ରେ ବାବୁ ଧୋ', 'ଫାଲ୍‌ଗୁନ ଚୈତ୍ର', 'ଟି', 'ପ୍ରୀତି ବନ୍ଧନ', 'ଶଳା ବୁଢ଼ାର ବଦଲା', ' ଲାଗିଲା ରଙ୍ଗ ଗୋଲାପି ଗୋଲାପି', 'ଲଭ୍ ଇନ୍ ଲଣ୍ଡନ', 'ଗୁଣ୍ଡୁ ଗ୍ୟାଙ୍ଗ୍‌ଷ୍ଟର', 'ପ୍ରିୟେ ତୁ ମୋ ସିଏ', 'ଅଧୁରା ପ୍ରେମ କାହାଣୀ', 'ବାଘ ବଜାରୀ', 'ନିୟତି', 'ଜହ୍ନରାତିର ସାଥୀ', 'ଲଭ୍ ଇମ୍ପସିବୁଲ', 'ତୁ ସେଇ ନୀଳନୟନା', 'ମହର୍ଷି', 'କର୍ତ୍ତବ୍ୟ', 'କସ୍ତୁରୀ', 'ପୁଷ୍କରା', 'କହିଦେ ଥରେ ଆଇ ଲଭ୍ ୟୁ', 'ଶଙ୍କର : ଦ ଡେଷ୍ଟ୍ରୟର', 'ମାଇଣ୍ଡଗେମ୍', 'କାଇଁଚମାଳି', 'ଆଇଆଇସି ଧୀରେନ୍', 'ଡଟ୍‌ପେନ୍', 'ରାଉଡି ରାଜା', 'ମାଲ୍ୟଗିରି', 'ରାମ୍', 'କଟକ : ଶେଷରୁ ଆରମ୍ଭ, ପ୍ରଥମ ଅଧ୍ୟାୟ', 'ପ୍ରଥା', 'ମାଇଁ ସୁଇଟ୍ ହାଉସ ୱାଇଫ', 'ଆପଣମାନେ ଖୁସି ତ', ଓମ୍ ସ୍ୱାହା ।



ଆଲିଆ ଭଟ୍ଟ



'ମାଲ୍ୟଗିରି' ଫିଲ୍ମରେ ବାବୁସାନ୍–ଶିବାନୀ

ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com  ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23.  ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୮/୨୦୨୩  Bhubaneswar, Thursday, December 28/ 2023

# 'ନିଜ ପ୍ରତିଭାକୁ ଚିହ୍ନିବା ଅତ୍ୟନ୍ତ ଜରୁରୀ'

- ସମୟ ହାତଛଡ଼ା କରୁଥିବା ବ୍ୟକ୍ତି କେବେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରେନି
- ଫଳାଫଳ ସମ୍ପର୍କରେ ଅଧିକ ଚିନ୍ତା କରିବା ଅପେକ୍ଷା ନିଜ ପ୍ରସ୍ତୁତିର ପ୍ରକ୍ରିୟା ଉପରେ ଫୋକସ ଆବଶ୍ୟକ

ଭୁବନେଶ୍ୱର, ୨୭।୧୨
(ତପନ ସ୍ୱାଇଁ)

"କେବଳ ଅଭ୍ୟାସ ଦ୍ୱାରା ପରିପୂର୍ଣ୍ଣତା ଆସି ନ ଥାଏ। ଉପଯୁକ୍ତ ଅଭ୍ୟାସ ହିଁ ଜଣକୁ ପରିପୂର୍ଣ୍ଣ ଖେଳାଳି ଭାବେ ଗଢ଼ି ତୋଳିଥାଏ। ପ୍ରତି ଖେଳାଳି ଚାମ୍ପିୟନ ମନୋବୃତ୍ତି ନେଇ ସବୁବେଳେ ଚିନ୍ତା କରିବା ଆବଶ୍ୟକ। ଏହାଦ୍ୱାରା ଚିନ୍ତାଧାରାରେ ଭିନ୍ନତା ଆସିଥାଏ ଏବଂ ସଫଳତା ପାଇବାର ଆକାଂକ୍ଷା ଦୃଢ଼ ହୋଇଥାଏ। ଚାମ୍ପିୟନ ଖେଳାଳି ସବୁବେଳେ ନିଜ ଭାଗ୍ୟ ନିଜେ ଗଢ଼ିବାକୁ ଚେଷ୍ଟା କରିଥାଏ। କାରଣ ଚାମ୍ପିୟନ ହେବାର ଭୋକ ତା' ମନରେ ରହିଥାଏ। ଫଳାଫଳ ସମ୍ପର୍କରେ ବହୁତ ଚିନ୍ତା କରିବା ଅପେକ୍ଷା ନିଜ ପ୍ରସ୍ତୁତିର ପ୍ରକ୍ରିୟା ଉପରେ ଅଧିକ ଫୋକସ ରହିବା ଆବଶ୍ୟକ। ଥରେ ତାହା ଠିକ୍ ହୋଇଗଲେ ସବୁ କାମ ଉପଯୁକ୍ତ ସମୟରେ ଆପେଆପେ ହୋଇଯାଇଥାଏ। କ୍ରୀଡ଼ାବିତ୍ ପାଇଁ ଜଣେ ଭଲ କୋଚ୍ ଓ ମେଣ୍ଟର ଆବଶ୍ୟକ ହୋଇଥାଏ। ମୁଁ ଯେତେବେଳେ ଛୋଟ ଥିଲି ସବୁବେଳେ ଖେଳିବାକୁ ଇଚ୍ଛା କରୁଥିଲି। ସେତେବେଳେ ମୁଁ ଜଣେ କ୍ରିକେଟର ଭାବେ ଜିଲା, ରାଜ୍ୟ ଓ ଦେଶ ପାଇଁ ଖେଳିବାକୁ ଚିନ୍ତା କରୁଥିଲି। ଶେଷରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲି। ମୁଁ କେବେହେଲେ ଚୟନକର୍ତ୍ତା, କୋଚ୍ କିମ୍ବା ଅନ୍ୟ କାହାକୁ ଦୋଷ ଦେଉ ନ ଥିଲି। ସବୁବେଳେ ନିଜର ଦୋଷ ଦେଖୁଥିଲି। ମୁଁ ସବୁବେଳେ ନିଜକୁ ବିଶ୍ଳେଷଣ କରୁଥିଲି। ମୁଁ ନିଜେ ନିଜ କାର୍ଯ୍ୟ ସହ ପ୍ରଦର୍ଶନ ଠିକ୍ କରୁଛି କି ନାହିଁ ତାହାକୁ ପରଖୁଥିଲି। ଭଲ ପ୍ରଦର୍ଶନ ବ୍ୟତୀତ ସେତେବେଳେ ମୋ ମନରେ ଆଉ କିଛି ନ ଥିଲା। ପ୍ରତ୍ୟେକ କ୍ରୀଡ଼ାବିତ୍ ନିଜ ପ୍ରତିଭାକୁ ଚିହ୍ନିବା ଅତ୍ୟନ୍ତ ଜରୁରୀ। ଅନ୍ୟ କିଏ କ'ଣ କରୁଛି ସେ ସମ୍ପର୍କରେ ଚିନ୍ତା କରିବା ଅପେକ୍ଷା ନିଜକୁ ଚିହ୍ନି ସେଥିରେ ଉନ୍ନତି ଆଣିବାକୁ ଉଦ୍ୟମ କରାଯିବା ଆବଶ୍ୟକ। ମୋ ସମୟରେ କପିଳ ଦେବ, ସୁନୀଲ ଗାଭାସ୍କର, ଦିଲୀପ ଭେଙ୍ଗସରକାର ଆଦି ଅନେକ ପ୍ରତିଷ୍ଠିତ ଖେଳାଳି ଥିଲେ, ମାତ୍ର ସେମାନଙ୍କ ପ୍ରଦର୍ଶନ ଉପରେ ଧ୍ୟାନ ନ ଦେଇ ମୁଁ ନିଜ ଉପରେ ଫୋକସ କରି ସଫଳ ହୋଇଥିଲି" ବୋଲି ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦତ୍ତ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ଅତିଥିଭାବେ ଯୋଗଦେଇ ୧୯୮୩ ଦିନିକିଆ କ୍ରିକେଟ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ମଦନ ଲାଲ ପ୍ରକାଶ କରିଛନ୍ତି।


ମଦନ ଲାଲ

ମଦନ ଲାଲ ଆହୁରି କହିଲେ ଯେ ଏବେ କ୍ରୀଡ଼ା ପ୍ରତି ଆଭିମୁଖ୍ୟ ବଦଳିଛି। ପରିବାରବର୍ଗ ନିଜ ପିଲାମାନଙ୍କୁ ଖେଳିବା ପାଇଁ ପ୍ରବର୍ତ୍ତାଉଛନ୍ତି। ମାତ୍ର ସେତେବେଳେ ମୁଁ ୧୦ ବର୍ଷ କ୍ରିକେଟ ଖେଳିବା ପରେ ଯାଇ ମୋ ବାପା ଜାଣିବାକୁ ପାଇଥିଲେ। କ୍ରୀଡ଼ା କେବେହେଲେ କାହାକୁ କ୍ଷତି ପହଞ୍ଚାଏ ନାହିଁ, ସବୁବେଳେ ଫାଇଦା ଦେଇଥାଏ। କ୍ରୀଡ଼ାକୁ କ୍ୟାରିୟର କଲେ ସୁସ୍ଥ ରହିବା ସହ ଜଣେ ପ୍ରତିଷ୍ଠିତ ହୋଇଥାଏ ଏବଂ ଆର୍ଥିକ ଦୃଷ୍ଟିରୁ ଦୃଢ଼ ହୋଇଥାଏ। ତେବେ ଏଥିପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ୧୯୮୩ ବିଶ୍ୱକପ୍ ବିଜୟ ଆମ ପାଇଁ ସବୁଠାରୁ ଖୁସିର ମୁହୂର୍ତ୍ତ ଥିଲା। କାରଣ ଲୋକମାନେ ଆମକୁ ଚାମ୍ପିୟନଭାବେ ସ୍ୱୀକୃତି ଦେଇଥିଲେ। ତା' ଠାରୁ ଆଉ ବଡ଼ ଖୁସି କିଛି ନ ଥିଲା। ଏବେ ସରକାରଙ୍କଠାରୁ ଆରମ୍ଭ କରି ବେସରକାରୀ ସଂସ୍ଥା ଏବଂ ବିଭିନ୍ନ ଦିଗରୁ ଖେଳାଳିଙ୍କୁ ଉତ୍ସାହିତ କରାଯାଉଛି। ତେବେ ତୁମେ ଠିକ୍ ପଥରେ ଅଛ କି ନାହିଁ ତାହା ନିଶ୍ଚିତ କରିବା ଉଚିତ। ସମୟର ସଦୁପଯୋଗ ବହୁ ଜରୁରୀ। ସମୟ ହାତଛଡ଼ା କରୁଥିବା ବ୍ୟକ୍ତି କେବେହେଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରେନାହିଁ। କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ମଧ୍ୟ ଅତି ଜରୁରୀ। ଏବେ ଯେ କୌଣସି ଖେଳରେ ସଫଳତା ପାଇଲେ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରାଯାଉଛି। ଏହା ବହୁତ ଭଲ କଥା। କେନ୍ଦ୍ର ସରକାରଙ୍କ ଖେଲୋ ଇଣ୍ଡିଆ ମଧ୍ୟ ଏକ ଉତ୍ତମ ପଦକ୍ଷେପ। ଏଥିରୁ ଗ୍ରାମାଞ୍ଚଳରୁ ପ୍ରତିଭା ଚିହ୍ନଟ ହୋଇ ଲୋକଲୋଚନକୁ ଆସିପାରୁଛନ୍ତି ବୋଲି ମଦନ ଲାଲ କହିଛନ୍ତି।

## ଦେବାଶିଷଙ୍କ ପାଇଁ ଲଢ଼େଇ କରିଥିଲି

ଭାରତୀୟ କ୍ରିକେଟକୁ ଓଡ଼ିଶାର ଦେବାଶିଷ ମହାନ୍ତି ଓ ଶିବସୁନ୍ଦର ଦାସଙ୍କ ଅବଦାନ ଅତୁଳନୀୟ। ମୁଁ ଯେତେବେଳେ ଜାତୀୟ ଚୟନକର୍ତ୍ତା ଥିଲି ଦେବାଶିଷ ଓ ଶିବସୁନ୍ଦରଙ୍କୁ ଚୟନ କରିଥିଲି। ଦେବାଶିଷ ଜଣେ ଚମତ୍କାର ଆଉଟ ସୁଇଙ୍ଗର। ଶିବସୁନ୍ଦର ଟେକ୍ନିକ୍ ଦୃଷ୍ଟିରୁ ଜଣେ ଉତ୍ତମ ବ୍ୟାଟ୍ସମ୍ୟାନ। ୧୯୯୯ ବିଶ୍ୱକପ୍ ଦଳରେ ଦେବାଶିଷଙ୍କୁ ଚୟନ ପାଇଁ ମୁଁ ଚୟନ କମିଟି ବୈଠକରେ ପାଖାପାଖି ୧ ଘଣ୍ଟା ଲଢ଼େଇ କରିଥିଲି। ମୋ କଥା ରହିଥିଲା ଏବଂ ତାଙ୍କୁ ଚୟନ କରାଯାଇଥିଲା। ଦେବାଶିଷ ମୋ ବନ୍ଧୁ କିମ୍ବା ସମ୍ପର୍କୀୟ ନ ଥିଲେ, ମାତ୍ର ଇଂଲିଶ କଣ୍ଡିଶନରେ ତାଙ୍କ ବୋଲିଂ ଉପାଦେୟ ହେବ ବୋଲି ମୋର ଅନୁଭବ ହୋଇଥିଲା। ପ୍ରତିଭାଙ୍କ କ୍ଷେତ୍ରରେ କେବେହେଲେ ସାଲିସ କରାଯିବା ଉଚିତ ନୁହେଁ ବୋଲି ସେ କହିଥିଲେ।


ଅତିଥିଙ୍କଠାରୁ ଏକଲବ୍ୟ ପୁରସ୍କାର ଗ୍ରହଣ ଅବସରରେ ଦେବାଶିଷ ସାହୁ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

# ଦେବାଶିଷ ସାହୁଙ୍କୁ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୨୭।୧୨
(ତପନ ସ୍ୱାଇଁ)

ଉଦୀୟମାନ ଟେନିସ ପ୍ରତିଭା ଦେବାଶିଷ ସାହୁ ଚଳିତ ବର୍ଷର ସମ୍ମାନଜନକ ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦତ୍ତ ଏହି ପୁରସ୍କାର ଆକାରରେ ଦେବାଶିଷଙ୍କୁ ସମ୍ମାନପତ୍ର, ଫଳକ ସହିତ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରତିଭାସମ୍ପନ୍ନ ଆଥ୍‌ଲେଟ ବାପି ହାଁସଦା ଓ ଭାରୋତ୍ତୋଳିକା ଜ୍ୟୋତ୍ସ୍ନା ସବରଙ୍କୁ ମାନପତ୍ର ସହିତ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ୧୯୮୩ ଦିନିକିଆ କ୍ରିକେଟ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ମଦନ ଲାଲ ମୁଖ୍ୟ ଅତିଥି, ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା ଏନ୍‌ସିଏ କୋଚ୍ ପଓ୍ୱନ ଅଗ୍ରଓ୍ୱାଲ ସମ୍ମାନନୀୟ ଅତିଥି ଏବଂ ଇମ୍ପାକ୍ଟର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଚେୟାରମ୍ୟାନ ବୈଜୟନ୍ତ ପଣ୍ଡା ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ସୟଦ ମକବୁଲ ଅଲୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସିନିୟର ଜେନେରାଲ ମ୍ୟାନେଜର, କର୍ପୋରେଟ ଆଫାୟର୍ସ ତଥା ୩୧ତମ ଏକଲବ୍ୟ ପୁରସ୍କାର କମିଟିର ଆବାହକ କିଶୋର ମୋହନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଓ୍ୱନ ଅଗ୍ରଓ୍ୱାଲ ନିଜ ଖେଳ ଜୀବନ, ସେତେବେଳର ସୁବିଧା ସୁଯୋଗ ଏବଂ ସେ ଭାରତୀୟ ଦଳରୁ ଖେଳିବା ପାଇଁ କିପରି କଠିନ ପରିଶ୍ରମ କରିଥିଲେ ତାହା ଅବତାରଣା କରିଥିଲେ। ଏପରି ପୁରସ୍କାର ଖେଳାଳିମାନଙ୍କୁ ଆଗକୁ ବଢ଼ିବାରେ ବହୁ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ଦେବାଶିଷ କହିଥିଲେ ଯେ, ପୁରସ୍କାର ପାଇବା ଖବରକୁ ସେ ପ୍ରଥମେ ବିଶ୍ୱାସ କରିପାରି ନ ଥିଲେ। ମ୍ୟାଚ ଖେଳିସାରି ଘରକୁ ଫେରିବାପରେ ବାପା ତାଙ୍କୁ ଏ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ଏହି ପୁରସ୍କାର ତାଙ୍କୁ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିବାକୁ ଉତ୍ସାହିତ କରିବ।

# କିଟ୍ ମହିଳା ବିଚ୍ ଭଲିବଲ ଦଳକୁ ବ୍ରୋଞ୍ଜ

ଭୁବନେଶ୍ୱର, ୨୭।୧୨
(ତପନ ସ୍ୱାଇଁ)

ଚେନ୍ନାଇରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଭଲିବଲ ଚାମ୍ପିୟନଶିପ୍‌ରେ କିଟ୍ ମହିଳା ବିଚ୍ ଭଲିବଲ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ପ୍ରଥମରୁ ୪ର୍ଥ ପୋଜିଶନ ପାଇଁ ଅନୁଷ୍ଠିତ ଲିଗ୍ ରାଉଣ୍ଡରେ କିଟ୍ ମହିଳା ଦଳ ୨-୦ରେ ଭିଇଏଲ୍‌ଏସ୍ ବିଶ୍ୱବିଦ୍ୟାଳୟକୁ ହରାଇଥିବାବେଳେ କର୍ବାଗମ୍ ୟୁନିଭର୍ସିଟି ଆଣ୍ଡ ଏସ୍‌ଆର୍‌ଏମ୍ ଆଇଏସ୍‌ଟି ନିକଟରୁ ହାରି ଯାଇଥିଲା। ପୂର୍ବରୁ ଅନୁଷ୍ଠିତ ଗ୍ରୁପ୍ ମ୍ୟାଚରେ କିଟ୍ ଦଳ ମାଡ୍ରାସ ବିଶ୍ୱବିଦ୍ୟାଳୟକୁ ୨-୦ ଓ ଗୁଜରାଟର ପାରୁଲ ବିଶ୍ୱବିଦ୍ୟାଳୟକୁ ୨-୦ରେ ପରାସ୍ତ କରିଥିଲା। ଆଶା ମୁଣ୍ଡାରୀ ଓ ଶିବାନୀ ପ୍ରିୟଦର୍ଶିନୀ କିଟ୍ ଦଳର ସଦସ୍ୟା ଥିଲେ। ସଙ୍ଗିତା ଟପ୍ପୋ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ।



ପଦକ ସହ ଆଶା ମୁଣ୍ଡାରୀ ଓ ଶିବାନୀ ପ୍ରିୟଦର୍ଶିନୀ।

# ଆଜିଠୁ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୭।୧୨
(ସରୋଜ ଜେନା)

ଐତିହାସିକ କଳିଙ୍ଗ ଷ୍ଟାଡିୟମର ଜିମ୍ନାଷ୍ଟିକ୍ସ ସେଣ୍ଟରରେ ଗୁରୁବାର ଠାରୁ ଆରମ୍ଭ ହେବ ଜାତୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ ଚାମ୍ପିୟନଶିପ୍। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟ, ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ଏବଂ ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଥିବା ବେଳେ ୭୫୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ୨୮-୩୦ ଡିସେମ୍ବର ଜୁନିୟର ବର୍ଗର ଟୁର୍ନାମେଣ୍ଟ ଖେଳାଯିବାକୁ ଥିବା ବେଳେ ୨-୪ ଜାନୁୟାରୀ ମଧ୍ୟରେ ସିନିୟର ଚାମ୍ପିୟନଶିପ୍ ଆୟୋଜିତ ହେବ। ୫୫୦ ଜଣ ଆଥଲେଟ, ୧୨୦ ସପୋର୍ଟ ଷ୍ଟାଫ୍ ଓ ୧୦୦ ଅଫିସିଆଲଙ୍କୁ ସାମିଲ ହେବେ। ରାଜ୍ୟ ସରକାର ଜିମ୍ନାଷ୍ଟିକ୍ସକୁ ବର୍ତ୍ତମାନ ଗୁରୁତ୍ୱର ସହ ଗ୍ରହଣ କରୁଥିବା ବେଳେ ଏକ ଜାତୀୟ ଚାମ୍ପିୟନଶିପ୍ ଆୟୋଜନ କରିବା ଆମ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣା। ଓଡ଼ିଶାରେ ଜିମ୍ନାଷ୍ଟ ପ୍ରତିଭା ଭରି ରହିଥିବା ବେଳେ ଏଭଳି ପ୍ରତିଯୋଗିତା ସେମାନଙ୍କ ପାଇଁ ଶିଖିବାର ମାଧ୍ୟମ ହେବ ବୋଲି ସେ ମତ ଦେଇଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ବାଂଲାଦେଶ

ନାପିଏର, ୨୭।୧୨ (ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍‌କୁ ୫ ଉଇକେଟରେ ଜିତି ନେଇଛି ବାଂଲାଦେଶ। ନ୍ୟୁଜିଲାଣ୍ଡ ୨୦ ଓଭରରେ ୯ ଉଇକେଟ ହରାଇ ୧୩୪ ରନ୍ କରିଥିଲା। ଜବାବରେ ବାଂଲାଦେଶ ୧୮.୪ ଓଭରରେ ୫ ଉଇକେଟ ହରାଇ ୧୩୭ ରନ୍ କରି ବିଜୟୀ ହୋଇଥିଲା।

ଟସ୍ ହାରି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ଶୋରିଫୁଲ ଇସଲାମ ଓ ମେହଦୀ ହସନ ମିଳିତ ଭାବରେ ୫ ଉଇକେଟ ନେବାରୁ ନ୍ୟୁଜିଲାଣ୍ଡ ବ୍ୟାଟର ହାତଖୋଲା ଶଟ୍ ଖେଳି ପାରି ନ ଥିଲେ। ମେହଦୀ ହସନ୍ ପ୍ରଥମ ଓଭରରେ ଟିମ୍ ଶେଫର୍ଟଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ୍ କରିଥିଲେ। ଦ୍ୱିତୀୟ ଓଭରରେ ଶୋରିଫୁଲ ଇସଲାମ ଦୁଇଟି ଉଇକେଟ ନେବାରୁ ନ୍ୟୁଜିଲାଣ୍ଡ ୧ ରନ୍‌ରେ ୩ ଉଇକେଟ ହରାଇଥିଲା। ତେବେ ଜିମି ନିଶାମ ୪୮ ରନ କରି ନ୍ୟୁଜିଲାଣ୍ଡର ସମ୍ମାନ ରଖିଥିଲେ। ବାଂଲାଦେଶ ପକ୍ଷରୁ ଶୋରିଫୁଲ୍ ଇସଲାମ ୩ ଉଇକେଟ ନେଇଥିଲେ। ଜବାବରେ ଲିଟନ ଦାସଙ୍କ ଅପରାଜିତ ୪୨ ରନ୍ ବଳରେ ବାଂଲାଦେଶ ୮ ବଲ୍ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୩୪/୯ (ଜିମି ନିଶାମ-୪୮, ମିଚେଲ ସାଣ୍ଟନର-୨୩, ମାର୍କ ଚାପମାନ-୧୯, ଶୋରିଫୁଲ ଇସଲାମ-୩/୨୬, ମେହଦୀ ହସନ-୨/୧୪, ମୁସ୍ତାଫିଜୁର ରେହମାନ-୨/୧୫)। ବାଂଲାଦେଶ ୧୮.୪ ଓଭରରେ ୧୩୭/୫ (ଲିଟନ୍ ଦାସ-୪୨*, ସୌମ୍ୟ ସରକାର-୨୨, ମେହଦୀ ହସନ-୧୯*, ଜିମି ନିଶାମ-୧/୭, ମିଚେଲ ସାଣ୍ଟନର-୧/୧୬, ଟିମ୍ ସାଉଦି-୧/୧୬)।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

**କ୍ଲବ-୭୩ ସୁବର୍ଣ୍ଣ ଜୟନ୍ତୀ ଫୁଟବଲ**

ଭୁବନେଶ୍ୱର, ୨୭।୧୨
(ତପନ ସ୍ୱାଇଁ)

କ୍ଲବ-୭୩ର ସୁବର୍ଣ୍ଣ ଜୟନ୍ତି ପାଳନ ଅବସରରେ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ସତ୍ୟବ୍ରତ ମହାପାତ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ଗୁରୁବାର ପ୍ରଥମ ସେମିଫାଇନାଲରେ କିଶୋର କ୍ଲବ-ସନ୍‌ରାଇଜ୍ କ୍ଲବ ଏବଂ ଦ୍ୱିତୀୟ ସେମିରେ ରାଇଜିଂ ଷ୍ଟୁଡେଣ୍ଟ ଓ ଇଣ୍ଡିପେଣ୍ଡେଣ୍ଟ କ୍ଲବ ମଧ୍ୟରେ ମୁକାବିଲା ହେବ। ଦିବସର ପ୍ରଥମ ମ୍ୟାଚରେ କଟକର ଇଣ୍ଡିପେଣ୍ଡେଣ୍ଟ କ୍ଲବ ବିଜୟୀ ହୋଇଛି। ଏହି ଦଳ ୨-୧ ଗୋଲରେ ଫୁଲବାଣୀ ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମହମ୍ମଦ ଆଫ୍ରିଦୀ ୫ମ ଓ ବିକାଶ ପରିହାରି ୬୨ତମ ମିନିଟରେ ଏବଂ ପରାଜିତ ଦଳର ଲିଓନ ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଇଣ୍ଡିପେଣ୍ଡେଣ୍ଟ କ୍ଲବର ବିକାଶ ପରିହାରୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସ୍ପୋର୍ଟ୍ସ ଏମ୍ପୋରିୟମ ଏମ୍‌ଡି ରୌନକ ଧୁପର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଆଶୀର୍ବାଦ କାନୁନ୍‌ଗୋ, ପ୍ରଦୀପ୍ତ ନାୟକ, ସୁବ୍ରତ ପୁରୋହିତ ଓ ଅରୁଣ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ ଚନ୍ଦ୍ର ମହାନ୍ତି ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ଦିବସର ଦ୍ୱିତୀୟ ମ୍ୟାଚରେ କଟକର ସନ୍‌ରାଇଜ୍ କ୍ଲବ ୫-୧ ଗୋଲରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ବାପୁନି ବିନ୍ଧାଣୀ ୩୬ ଓ ୫୯ତମ ମିନିଟରେ ୨ଟି ଏବଂ ଇମାନୁଏଲ୍ ୧୭ଶ, ଆର୍ନୋଲ୍ଡ ୪୫ ଓ ଜିତୁ ମୁଦୁଲି ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସମ୍ବଲପୁର ଏକାଡେମୀର ରାଇସନ ମାରାଣ୍ଡି ୪୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ବାପୁନି ବିନ୍ଧାଣୀଙ୍କୁ ଅତିଥି ଶିଳ୍ପପତି ସନ୍ତୋଷ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ବିକାଶ ପରିହାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ଏଲ୍‌ଗାରଙ୍କ ଶତକରେ ଦକ୍ଷିଣ ଆଫ୍ରିକା ଦୃଢ଼

ସେଞ୍ଚୁରିୟନ୍, ୨୭।୧୨

ଡିନ୍ ଏଲଗାରଙ୍କ ଶତକ ବଳରେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଦୃଢ଼ ସ୍ଥିତିରେ ଦକ୍ଷିଣ ଆଫ୍ରିକା। ଭାରତର ପ୍ରଥମ ଇନିଂସ ସ୍କୋର ୨୪୫ ରନ୍ ଜବାବରେ ଦକ୍ଷିଣ ଆଫ୍ରିକା ଷ୍ଟମ୍ପ ସୁଦ୍ଧା ୫ ଉଇକେଟରେ ୨୫୬ରନ୍ ସଂଗ୍ରହ କରିଛି। ଖରାପ ଆଲୋକ କାରଣରୁ ଖେଳ ବନ୍ଦ ହେବା ବେଳେ ଦକ୍ଷିଣ ଆଫ୍ରିକା ୧୧ ରନ୍‌ରେ ଆଗୁଆ ରହିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୦୮/୮ରୁ ଖେଳ ଆରମ୍ଭ କରି ଭାରତ ଆଉ ୩୭ ରନ୍ ଯୋଡି ୨ ଉଇକେଟ ହରାଇଥିଲା। ପୂର୍ବଦିନ ୭୦ ରନ୍‌ରେ ଅପରାଜିତ ଥିବା ଲୋକେଶ ରାହୁଲ ଆଉ ୩୧ ରନ ଯୋଡିବା ସହ ଟେଷ୍ଟ କ୍ରିକେଟରେ ଅଷ୍ଟମ ଶତକ ପୂରଣ କରିଥିଲେ। ୧୩୭ ବଲ୍ ଖେଳି ସେ ୧୪ ଚୌକା ଓ ୪ ଛକା ମାରିଥିଲେ। ସିରାଜ (୫)ଙ୍କ ସହ ନବମ ଉଇକେଟରେ ୪୭ ରନ୍ ଯୋଡିଥିଲେ ରାହୁଲ। ଅନ୍ୟମାନଙ୍କ ମଧ୍ୟରେ ବିରାଟ କୋହଲି ୩୮, ଶ୍ରେୟସ୍ ଆୟର ୩୧ ଓ ଶାର୍ଦ୍ଦୂଳ ଠାକୁର ୨୪ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ୫ ଉଇକେଟ ନେଇଥିବା ବେଳେ ନାନ୍ଦ୍ରେ ବର୍ଜର ୩, ମାର୍କୋ ଜାନସେନ୍ ଓ ଜେରାଲ୍ଡ କୋଜି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଦକ୍ଷିଣ ଆଫ୍ରିକା ଇନିଂସ ଆରମ୍ଭ କରିବା ସହିତ ଚତୁର୍ଥ ଓଭରରେ ଓପନର ଏଡେନ୍ ମାରକ୍ରମ(୫)ଙ୍କ ଉଇକେଟ ହରାଇଥିଲା। ଓପନର ଡିନ୍ ଏଲଗାର କିନ୍ତୁ ଚମତ୍କାର ବ୍ୟାଟିଂ କରି ୧୩୯ ରନ୍‌ରେ ଅପରାଜିତ ଅଛନ୍ତି। ଟୋନି ଡି ଜୋର୍ଜି(୨୮)ଙ୍କ ସହ ଏଲଗାର ୯୩ ରନ୍ ଯୋଡିଥିଲେ। ମାତ୍ର ଦୁଇ ଓଭର ମଧ୍ୟରେ ଡି ଜୋର୍ଜି ଓ କିଗାନ ପିଟରସନ୍(୨)ଙ୍କୁ ଆଉଟ କରିଥିଲେ ଯଶପ୍ରୀତ ବୁମରା। ତେବେ ପଦାର୍ପଣକାରୀ ଡେଭିଡ୍ ବେଡିଙ୍ଗହାମ(୫୬)ଙ୍କୁ ସାଥୀ କରି ଏଲଗାର ୧୩୧ ରନ୍ ଯୋଡିଥିଲେ। ଏଲ୍‌ଗାର ୧୬୮ ବଲ୍ ଖେଳି ୨୧ ଚୌକା ସହିତ ୧୧୫ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଚା ପାନ ବିରତି ପରେ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇ ଭାରତକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ। ଗୁରୁବାର ସକାଳୁ ଦକ୍ଷିଣ ଆଫ୍ରିକା ଟେଲ ଏଣ୍ଡରଙ୍କୁ ଶୀଘ୍ର ଆଉଟ କରିବାକୁ ଭାରତ ପ୍ରୟାସ କରିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୬୭.୪ ଓଭରରେ ୨୪୫/୧୦ (ଲୋକେଶ ରାହୁଲ-୧୦୧, କାଗିସୋ ରାବାଡା-୫/୫୯, ନାନ୍ଦ୍ରେ ବର୍ଜର-୩/୫୦, ମାର୍କୋ ଜାନସେନ୍-୧/୫୦, ଜେରାଲ୍ଡ କୋଜି-୧/୭୪)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୬୬ ଓଭରରେ ୨୫୬/୫ (ଡିନ୍ ଏଲଗାର-୧୪୦*, ଡେଭିଡ୍ ବେଡିଙ୍ଗହାମ-୫୬, ଟୋନି ଡି ଜୋର୍ଜି-୨୮, ଯଶପ୍ରୀତ୍ ବୁମରା-୨/୪୮, ମହମ୍ମଦ ସିରାଜ-୨/୬୩, ପ୍ରସିଦ୍ଧ କ୍ରିଷ୍ଣା-୧/୬୧)।




ଶତକ ହାସଲ ପରେ ଡିନ୍ ଏଲଗାର ଓ ଲୋକେଶ ରାହୁଲ।

### ସେଞ୍ଚୁରିୟନରେ ରାହୁଲଙ୍କ ସେଞ୍ଚୁରି ରେକର୍ଡ

ଲୋକେଶ ରାହୁଲ ଏକ ନିଆରା ରେକର୍ଡ ନିଜ ନାମରେ କରିଛନ୍ତି। ପ୍ରଥମ ବିଦେଶୀ ଖେଳାଳି ଭାବରେ ସେ ସେଞ୍ଚୁରିୟନରେ ଦୁଇଟି ସେଞ୍ଚୁରି (ଶତକ) ହାସଲ କରିଛନ୍ତି। ଟେଷ୍ଟରେ ଏହା ରାହୁଲଙ୍କ କ୍ୟାରିୟରର ୧୭ତମ ଶତକ। ପୂର୍ବରୁ ୨୦୨୧ରେ ସମାନ ଗ୍ରାଉଣ୍ଡରେ ରାହୁଲ ଏକ ଶତକ ହାସଲ କରିଥିଲେ। ଏହା ସହିତ ଏସୀୟ ବ୍ୟାଟରଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକା ମାଟିରେ ସର୍ବାଧିକ ଶତକ ହାସଲରେ ସେ ବିରାଟ କୋହଲିଙ୍କ ସମକକ୍ଷ ହୋଇଛନ୍ତି। ସଚିନ୍ ତେନ୍ଦୁଲକର ସର୍ବାଧିକ ୫ ଶତକ ହାସଲ କରିଥିବା ବେଳେ ଆଖ୍ତାର ମେହମୁଦ, ଥିଲନ ସମରବୀରା ଓ ବିରାଟ କୋହଲି ଦୁଇଟି ଲେଖାଏ ଶତକ ହାସଲ କରିଛନ୍ତି। ପଞ୍ଚମ ଭାରତୀୟଉଇକେଟ କିପର ଭାବରେ ଏସିଆ ବାହାରେ ଶତକ ରେକର୍ଡ କରିଛନ୍ତି ରାହୁଲ। ରିଷଭ ପନ୍ତ ଏସିଆ ବାହାରେ ୪ ଶତକ ହାସଲ କରିଥିବା ବେଳେ ବିଜୟ ମଞ୍ଜ୍ରେକର, ଅଜୟ ରାତ୍ରା ଓ ରିଦ୍ଧିମାନ ଶାହା ଗୋଟିଏ ଲେଖାଏ ଶତକ ହାସଲ କରିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ